# ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ଜୁନ୍ ୧୩ /୨୦୧୯ (୧୬+୪ ପୃଷ୍ଠା) Rayagada, Thursday, June 13 / 2019 ★

୯ମ ଭାଗ ୧୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




## '୮୩'ରେ ଦୀପିକା ପାଦୁକୋନ

ଚଳଚ୍ଚିତ୍ର '୮୩'ରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ନିଆଯାଇଛି। ଏହି ଚଳଚ୍ଚିତ୍ରରେ ସେ ସ୍ୱାମୀ ରଣବୀର ସିଂଙ୍କ ସହ ଅଭିନୟ କରିବେ। ୦୮

## ଆମିରଙ୍କୁ ୫ ଉଇକେଟ

୧୪ ଅଷ୍ଟ୍ରେଲିଆ ବିପକ୍ଷରେ ପାକିସ୍ତାନ ଦ୍ରୁତ ବୋଲର ମହମ୍ମଦ ଆମିର ଦମ୍ଦାର ପ୍ରଦର୍ଶନ କରି ୫ ଉଇକେଟ ସଫଳତା ପାଇଛନ୍ତି।








# ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ନିର୍ଯାତନା

- ଏନ୍‌ଏଚ୍‌ଆର୍‌ସି, ଥାନାରେ ଏସ୍‌ଆଇଙ୍କ ଅଭିଯୋଗ
- ଦୁର୍ନୀତି ନେଇ ମୁହଁ ଖୋଲିଲେ ଅନ୍ୟ କେତେଜଣ ଯବାନ

ଭୁବନେଶ୍ୱର,୧୨।୬(ବ୍ୟୁରୋ)
ଚନ୍ଦକାସ୍ଥିତ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ଦିଆଯାଉଛି ନିର୍ଯାତନା। ଅଭିଯୋଗ କଲେ ମିଳୁଛି ଚାକିରି ନେଇଯିବାର ଧମକ। ଏଠାରେ ଟ୍ରେନିଂ ନେଉଥିବା ପୋଲିସ ଏସ୍‌ଆଇ ବିଶ୍ୱଜିତ୍ ବେହେରା ଟ୍ରେନିଂ କମାଣ୍ଡାଣ୍ଟ ତଥା ଆଇପିଏସ୍ ଅଧିକାରୀ ଅନିରୁଦ୍ଧ ସିଂଙ୍କ ବିରୋଧରେ ଆଣିଛନ୍ତି ଏପରି ଅଭିଯୋଗ। ଏନେଇ ସେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିସହିତ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଓ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟକୁ ଅଭିଯୋଗ ପଠାଇଛନ୍ତି। ପୃଷ୍ଠା-୪

# ୪୨ ଡିଗ୍ରୀ ଖରାରେ ଦୌଡ଼ାଇଲେ

## ମହିଳା ଅଫିସରଙ୍କ ସମେତ ୨୪ରୁ ଊର୍ଦ୍ଧ୍ୱ ଅଚେତ

- ଆମ୍ବୁଲାନ୍ସ ଡ୍ରାଇଭର ନ ଥିଲେ, ସ୍କୁଟିରେ ବୁହାହେଲେ
- ଲାଗିଲା ଅକ୍ସିଜେନ, ସାଲାଇନ୍; ଚାପା ଉତ୍ତେଜନା

ଭୁବନେଶ୍ୱର,୧୨।୬(ବ୍ୟୁରୋ)
ଚନ୍ଦକାସ୍ଥିତ ଏସ୍‌ଓଜି ଟ୍ରେନିଂ ସେଣ୍ଟରରେ ବୁଧବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। ୪୨.୪ ଡିଗ୍ରୀ ଖରାରେ ଟ୍ରେନିଂ ଚାଲିଥିଲାବେଳେ ଜଣେ ମହିଳା ପୋଲିସ ଅଫିସରଙ୍କ ସମେତ ୨୪ରୁ ଊର୍ଦ୍ଧ୍ୱ ଅଚେତ ହୋଇପଡିଥିଲେ। ଆମ୍ବୁଲାନ୍ସ ବଦଳରେ ସେମାନଙ୍କୁ ସ୍କୁଟିରେ ବୋହି ଟ୍ରେନିଂ ସେଣ୍ଟର ପରିସର ହସ୍ପିଟାଲକୁ ଅଣାଯାଇଥିଲା। ତୁରନ୍ତ ଅକ୍ସିଜେନ ଓ ସାଲାଇନ୍ ଲଗାଯାଇ ଚିକିତ୍ସା କରାଯାଇଥିଲା। ତେବେ ଏହି ଘଟଣାକୁ ନେଇ ସେଠାରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଉପରିସ୍ଥ ଅଧିକାରୀଙ୍କୁ ଦାୟୀ କରି ଅସୁସ୍ଥ ଟ୍ରେନି ଯବାନ ଓ ପୋଲିସ ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଚନ୍ଦକାସ୍ଥିତ ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି) ଟ୍ରେନିଂ ସେଣ୍ଟରରେ ସକାଳ ସାଢ଼େ ୫ଟାରୁ ସାଢ଼େ ୯ଟା ଓ ଅପରାହ୍ନ ସାଢ଼େ ୩ଟାରୁ ସାଢ଼େ ୬ଟା ରେଗୁଲାର ଟ୍ରେନିଂ ହୁଏ। ୫ କେଜି ଓଜନର ବନ୍ଧୁକ ଓ ୧୦ କେଜି ଓଜନର ସାମଗ୍ରୀ ଥିବା ବ୍ୟାଗ୍ କାନ୍ଧ ଓ ପିଠିରେ ଲଦି ଟ୍ରେନିଂ ନେବାକୁ ପଡେ। ପୂର୍ବରୁ ସମସ୍ତ ଯବାନ ଓ ମାଓବାଦୀ ଅଞ୍ଚଳରେ କାର୍ଯ୍ୟରତ ପୋଲିସ ଅଫିସରଙ୍କୁ ଏହି ଟ୍ରେନିଂ ଦିଆଯାଇଥାଏ। ଏବେ ସମସ୍ତ ପୋଲିସ ଅଧିକାରୀଙ୍କ ପାଇଁ ଏସ୍‌ଓଜି ଟ୍ରେନିଂ ବାଧ୍ୟତାମୂଳକ କରାଯାଇଛି। ବୁଧବାର ସକାଳେ ରେଗୁଲାର ଟ୍ରେନିଂ ପରେ ସ୍ୱତନ୍ତ୍ର ଟ୍ରେନିଂ ଆରମ୍ଭ ହୋଇଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଏସ୍‌ଓଜି ଯବାନ, ୭ଜଣ ଡିଏସ୍‌ପି ର୍‍ୟାଙ୍କର ମହିଳା ପୋଲିସ ଅଧିକାରୀ ଓ ୩୦ଜଣ ପୋଲିସ ଏସ୍‌ଆଇ ଥିଲେ। ବୁଧବାର ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୪୨.୪ ଡିଗ୍ରୀ ରହିଥିଲାବେଳେ ସକାଳ ୯ଟାରୁ ପ୍ରବଳ ତାତି ଅନୁଭୂତ ହୋଇଥିଲା। ସ୍ୱତନ୍ତ୍ର ଟ୍ରେନିଂ ବେଳକୁ ତାପମାତ୍ରା ଆହୁରି ବଢ଼ିଯାଇଥିଲା। ଝାଞ୍ଜିରେ ମୁହଁ ପୋଡ଼ିଗଲା ଭଳି ଲାଗୁଥିଲା। ଦୌଡୁଥିବାବେଳେ ପ୍ରଥମେ କେତେଜଣ ଅସୁସ୍ଥ ଅନୁଭବ କରୁଥିବା ନେଇ ଟ୍ରେନିଂ ଅଫିସରଙ୍କୁ ଜଣାଇଥିଲେ। ହେଲେ ଉପରିସ୍ଥ ଅଫିସର କିଛି ନ ଶୁଣି ଦୌଡ଼ିବାକୁ କହିଥିଲେ। ଫଳରେ ଜଣକ ପରେ ଜଣେ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ଅଧିକାଂଶ ଅଚେତ ହୋଇପଡିଥିଲେ। ତୁରନ୍ତ ସେମାନଙ୍କୁ ହସ୍ପିଟାଲ ନେବାକୁ ଆମ୍ବୁଲାନ୍ସ ଆଣିବାକୁ ଉପସ୍ଥିତ ଅଧିକାରୀମାନେ ଫୋନ୍ କରି କାର୍ଯ୍ୟାଳୟକୁ ଜଣାଇଥିଲେ। ହେଲେ ଡ୍ରାଇଭର ନ ଥିବାରୁ ଆମ୍ବୁଲାନ୍ସ ଆସିପାରି ନ ଥିଲା। ପରେ ସ୍କୁଟି, ବାଇକ୍ ଓ ଅନ୍ୟ ପୃଷ୍ଠା-୪


ଡ୍ରାଇଭର ନଥିବାରୁ ଆମ୍ବୁଲାନ୍ସ ଅକାମୀ: ଅସୁସ୍ଥଙ୍କୁ ଦୁଇଚକିଆରେ ଡାକ୍ତରଖାନା ନିଆଯାଉଛି।

# ପୋଲିସ-ମାଓବାଦୀ ଗୁଳି ବିନିମୟ

- ଖସିଗଲେ ରାମକ୍ରିଷ୍ଣାଙ୍କ ସହ ଅନ୍ୟ ଟପ୍ କ୍ୟାଡର
- ବନ୍ଧୁକ, ବିସ୍ଫୋରକ ସହ କିଟ୍‌ବ୍ୟାଗ ଜବତ

ମାଲକାନଗିରି/ଚିତ୍ରକୋଣ୍ଡା, ୧୨।୬(ଡି.ଏନ୍.ଏ.)
କିଛିଦିନର ନୀରବତା ପରେ ପୁଣି ମାଲକାନଗିରି ଜିଲା ସୀମାନ୍ତରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ତେବେ ଏହି ଗୁଳି ବିନିମୟରେ ପୋଲିସକୁ ଚକମା ଦେଇ ମାଓବାଦୀ ଟପ୍ କ୍ୟାଡର ନେତା ରାମକ୍ରିଷ୍ଣା ଓ ଚଲପତି ଖସି ଯାଇଛନ୍ତି। ଆନ୍ଧ୍ର ଓଡିଶା ସୀମାନ୍ତବର୍ତ୍ତୀ ଚିତ୍ରକୋଣ୍ଡା ଥାନାଠାରୁ ୨୫ କିଲୋମିଟର ଦୂର ବିଶାଖାପାଟଣା ଜିଲା ଗୁଡେଡ୍ଡୁ ଥାନା ଅନ୍ତର୍ଗତ ବାଣ୍ଡିରେଉ ଚପାକୋଣ୍ଡା ଅଞ୍ଚଳରେ ଆନ୍ଧ୍ର-ଓଡିଶା ବର୍ଡର ଜୋନାଲ କମିଟିର ଏକ ବଡ ଧରଣର ବୈଠକ ଚାଲୁଥିବା ଏବଂ ଏଠାରେ ରାମକ୍ରିଷ୍ଣା, ଚଲପତିଙ୍କ ଭଳି ବହୁ ଟପ୍ କ୍ୟାଡର ନେତା ଡେରା ପକାଇଥିବା ଆନ୍ଧ୍ର ଗୋଇନ୍ଦା ବିଭାଗ ତଥ୍ୟ ଦେଇଥିଲା। ଏହାକୁ ଭିତ୍ତି କରି ଗ୍ରେହାଉଣ୍ଡ ପକ୍ଷରୁ ବୁଧବାର ରାତିରୁ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ତେବେ ଚପାକୋଣ୍ଡା ଜଙ୍ଗଲକୁ ପୋଲିସ ଆସିବା ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲା। ପୋଲିସ ମଧ୍ୟ ଏହା ପ୍ରତି ଜବାବ ଦେଇଥିଲା। ପୋଲିସର ପାଲଟା ଜବାବକୁ ପ୍ରତିହତ କରି ନ ପାରି ଲାଲବାହିନୀ ଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲା। ତେବେ ଏଠାରେ ମାଓବାଦୀ କେନ୍ଦ୍ରୀୟ କମିଟି-ନେତା ରାମକ୍ରିଷ୍ଣା ଓ ଚଲପତି ଥିଲେ। ଉଭୟେ ଖସି ପୃଷ୍ଠା-୪






## ଆଜିର ସମ୍ପାଦକୀୟ

**ଅଣ୍ଡା ଓ ହୃଦ୍‌ରୋଗ**

## ଆଜିର ମନ୍ତବ୍ୟ

ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ ଅସ୍ତ୍ର ତ୍ୟାଗ କରି ଆଲୋଚନାର ଟେବୁଲକୁ ଆସିବା ଉଚିତ।
**-ସତ୍ୟପାଲ ମଲିକ, ଜମ୍ମୁ-କଶ୍ମୀର ରାଜ୍ୟପାଳ**

## କିଛି ତଥ୍ୟ

ଦେଶରେ ଏବେ ୬.୯୫ କୋଟି ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ ବଣ୍ଟାଯାଇଛି। **-କୃଷି ମନ୍ତ୍ରଣାଳୟ**


NECC NATIONAL EGG CO-ORDINATION COMMITTEE 12.06.2019 Vencobb CHICKEN


| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 122 | 187 | 197 |
| CTC | 122 | 187 | 197 |
| DKL | 119 | 183 | 193 |
| BDK | 120 | 184 | 194 |
| BLS | 117 | 180 | 190 |
| ANG | 119 | 183 | 193 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


- ନ୍ୟାୟ ପାଉନାହାନ୍ତି ବଳାତ୍କୃତା

# ଆଇନକୁ ପାଳୁନାହାନ୍ତି ସରକାର

କଟକ ଅଫିସ, ୧୨।୬
ବଳାତ୍କାର ଶିକାର ହେଉଥିବା ପୀଡ଼ିତାମାନଙ୍କୁ ନ୍ୟାୟ ମିଳୁନାହିଁ। ଏମାନଙ୍କ ପାଇଁ ଆଇନରେ ସଂଶୋଧନ ଅଣାଯାଇଥିଲା। ପୂର୍ବରୁ ପୀଡ଼ିତାମାନଙ୍କୁ ସିଆର୍‌ପିସିର ୩୫୭ ଧାରା ଅନୁଯାୟୀ କୋର୍ଟଙ୍କ ରାୟ କ୍ରମେ କ୍ଷତିପୂରଣ ରାଶି ମିଳୁଥିଲା। ମାତ୍ର ୨୦୦୯ରେ କେନ୍ଦ୍ର ସରକାର ସିଆର୍‌ପିସିର ୩୫୭ ଧାରା ସହିତ 'କ'କୁ ଯୋଡ଼ିଥିଲେ। ଏହି ଆଇନକୁ ୨୦୧୬ରେ ସମଗ୍ର ଦେଶରେ ଲାଗୁ କରାଯାଇଥିଲା। ଏହି ଆଇନକୁ ଆଧାର କରି ରାଜ୍ୟ ସରକାର ଓଡ଼ିଶା ପୀଡ଼ିତା କ୍ଷତିପୂରଣ ଯୋଜନା (ଓଡ଼ିଶା ଭିକ୍ଟିମ କମ୍ପେନ୍‌ସେସନ ସ୍କିମ୍)୨୦୧୮ ପ୍ରଣୟନ କରିଥିଲେ। ଏଥିପାଇଁ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ଆଇନ ଅନୁଯାୟୀ ବଳାତ୍କାର ଶିକାର ହୋଇଥିବା ପୀଡ଼ିତାମାନଙ୍କୁ ଘଟଣା ଘଟିବାର ୨ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ୪ରୁ ୭ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଗଣବଳାତ୍କାର ଶିକାରମାନଙ୍କୁ ୫ରୁ ୧୦ ଲକ୍ଷ ଟଙ୍କା ଏବଂ ବଳାତ୍କାର ଓ ହତ୍ୟା ପାଇଁ ପୀଡ଼ିତା ପରିବାରକୁ ୯ରୁ ୧୭ ଲକ୍ଷ ଟଙ୍କା, ଗଣବଳାତ୍କାର ଓ ହତ୍ୟା ପାଇଁ ୧୦ରୁ ୨୦ ଲକ୍ଷ ଟଙ୍କା ଦେବାର ଆଇନରେ ଉଲ୍ଲେଖ ରହିଛି। କିନ୍ତୁ ଏବେ ଏହି ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ଫଳରେ ବଳାତ୍କାର ପୀଡ଼ିତାମାନେ ଗୋଟେପଟେ ପୃଷ୍ଠା-୪








# ବାର୍ କାଉନ୍‌ସିଲ ଅଧ୍ୟକ୍ଷାଙ୍କୁ ହତ୍ୟା

## କୋର୍ଟ ଭିତରେ କାଣ୍ଡ ଭିଆଇବା ପରେ ନିଜକୁ ଗୁଳି କଲେ ସହକର୍ମୀ ଓକିଲ

ଆଗ୍ରା,୧୨।୬(ପି.ଟି./ଆଇଏଏନ୍‌ଏସ୍)
ଉତ୍ତରପ୍ରଦେଶର ତାଜନଗରୀ ଆଗ୍ରାରେ ବୁଧବାର ଘଟିଛି ଏକ ଅଭାବନୀୟ ଘଟଣା। ରାଜ୍ୟ ବାର୍ କାଉନ୍‌ସିଲର ପ୍ରଥମ ମହିଳା ଅଧ୍ୟକ୍ଷ ଦରବେଶ ଯାଦବଙ୍କୁ ଏକ କୋର୍ଟ ପରିସରରେ ଜଣେ ଆଇନଜୀବୀ ଗୁଳିକରି ହତ୍ୟା କରିଛନ୍ତି। ଏହି କାଣ୍ଡ ଭିଆଇବା ପରେ ଅଭିଯୁକ୍ତ ମନୀଷ୍ ଶର୍ମା ନିଜେ ନିଜକୁ ଗୁଳିକରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଏକ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଏଟା ନିବାସୀ ଦରବେଶ ଯାଦବ ଦୁଇଦିନ ତଳେ ଉତ୍ତରପ୍ରଦେଶର ପ୍ରୟାଗରାଜରେ ବାର୍ କାଉନ୍‌ସିଲ ଅଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ବୁଧବାର ତାଙ୍କୁ ଆଗ୍ରା ସିଭିଲ କୋର୍ଟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇ ବିଜୟ ଶୋଭାଯାତ୍ରା କରାଯାଇଥିଲା। ଅପରାହ୍ନ ପ୍ରାୟ ୩ଟାରେ ସେ ବରିଷ୍ଠ ଓକିଲ ଅରବିନ୍ଦ କୁମାର ମିଶ୍ରଙ୍କ ଚାମ୍ବରକୁ ସମର୍ଥନ ପାଇଁ ଧନ୍ୟବାଦ ଦେବାକୁ ଯାଇଥିଲେ। ଦରବେଶଙ୍କ ପୃଷ୍ଠା-୪


ଦରବେଶ ଯାଦବ






ଇସ୍‌ଲାମାବାଦ ପାକିସ୍ତାନରେ ଆତଙ୍କବାଦର ମୂଳୋତ୍ପାଟନ ନ କରିବା ଯାଏ ଭାରତ ସହ ଉଚ୍ଚସ୍ତରୀୟ ବୈଠକର କିଛି ସୁଫଳ ମିଳିବ ନାହିଁ।

-ହୁସେନ୍ ହକ୍କାନି, ଆମେରିକାରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରଦୂତ



## ସଂକ୍ଷେପରେ

### ସନ୍ ୱେଇଡୋଙ୍ଗ୍ ଚାଇନା ରାଷ୍ଟ୍ରଦୂତ



ବେଜିଂ,୧୨।୬(ପି.ଟି.): ବରିଷ୍ଠ କୂଟନୀତିଜ୍ଞ ସନ୍ ୱେଇଡୋଙ୍ଗଙ୍କୁ ଚାଇନା ଭାରତରେ ରାଷ୍ଟ୍ରଦୂତ ଭାବେ ନିଯୁକ୍ତି ଦେଇଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଚାଇନାରେ ଭାରତର ରାଷ୍ଟ୍ରଦୂତ ଥିବାବେଳେ ତାଙ୍କ ସହ ଦକ୍ଷିଣ ଏସିଆ ବ୍ୟାପାର ବିଶେଷଜ୍ଞ ୱେଇଡୋଙ୍ଗ୍ ଘନିଷ୍ଠ ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ପାକିସ୍ତାନ ରାଷ୍ଟ୍ରଦୂତ ଥିବା ୱେଇଡୋଙ୍ଗ୍ ସମ୍ପ୍ରତି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟର ନୀତି ଓ ଯୋଜନା ବିଭାଗ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ବହିର୍ବ୍ୟାପାର ଉପମନ୍ତ୍ରୀ ଭାବେ ନିକଟରେ ନିଯୁକ୍ତି ପାଇଥିବା ଲୁଓ ଝାଓହୁଇଙ୍କ ସ୍ଥାନରେ ସେ ଅବସ୍ଥାପିତ ହେବେ।

### ବନ୍ଧୁକ ଦେଖାଇ ଦୁଇ ନାବାଳିକା ଭଉଣୀଙ୍କୁ ଗଣବଳାତ୍କାର

ମୁଜାଫରନଗର,୧୨।୬(ପି.ଟି.)-: ଉତ୍ତରପ୍ରଦେଶର କାସେରୱା ଗ୍ରାମରେ ଦୁଇଜଣ ନାବାଳିକା ଭଉଣୀଙ୍କୁ ବନ୍ଧୁକ ଦେଖାଇ ବଳାତ୍କାର କରାଯାଇଛି। ଜଣକର ବୟସ ୧୩ ଓ ଅନ୍ୟ ଜଣକ ୧୫ ବର୍ଷର। ଆଖିଚାଷ କରାଯାଇଥିବା ଏକ ଜମିକୁ ମଙ୍ଗଳବାର ସନ୍ଧ୍ୟାରେ ଉଭୟେ ତାଙ୍କ ମା'ଙ୍କୁ ଭେଟିବା ପାଇଁ ଯାଉଥିବାବେଳେ ୪ ଯୁବକ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଚିତ୍କାର କଲେ ଗୁଳି କରି ହତ୍ୟାକରିବା ପାଇଁ ଧମକ ଦେବା ପରେ ସେମାନେ ଦୁହିଁଙ୍କୁ ଗଣବଳାତ୍କାର କରିଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

### ଛାତ୍ରଙ୍କୁ ପିଟି ମାରିଦେଲେ ସହପାଠୀ: ୫ ଗିରଫ

ଦେଓରିଆ(ୟୁପି),୧୨।୬(ଆଇଏଏନ୍ଏସ୍): ଉତ୍ତରପ୍ରଦେଶର ଦେଓରିଆ ଜିଲାର ମାଲୋବର ଗ୍ରାମରେ ଜଣେ ଛାତ୍ରଙ୍କୁ ତାଙ୍କ ସହପାଠୀମାନେ ନିର୍ଘୁମ୍ ପିଟିବା ସହ ବାଇକ ମଡାଇ ମାରିଦେଇଛନ୍ତି। ଏହି ଘଟଣାରେ ପୋଲିସ ୫ ଛାତ୍ରଙ୍କୁ ଗିରଫ କରିଛି। ମୃତ ଛାତ୍ର ରଞ୍ଜିତ ସିଂଙ୍କୁ ତା'ର ସହପାଠୀମାନେ ଉଲଗ୍ନ କରି ରଡ୍‌ରେ ପିଟୁଥିବା ମୋବାଇଲ ଫୋନ ଫୁଟେଜ୍‌ରୁ ଦେଖିବାକୁ ମିଳିଛି। କୋଚିଂ କ୍ଲାସ୍‌ରେ ଆଗ ଧାଡ଼ିରେ ବସିବାକୁ ନେଇ ରଞ୍ଜିତ ସହ ସହପାଠୀମାନଙ୍କ ବଚସା ହୋଇଥିଲା। ସେମାନେ ରଞ୍ଜିତକୁ ଉକ୍ତ ବିଲ୍ଡିଂରୁ ଠେଲିଦେବା ସହ ରଡ୍ ଓ ଲାଠିରେ ମାଡ ମାରିଥିଲେ। ସେ ସଂଜ୍ଞାହୀନ ହୋଇ ପଡିଯିବାରୁ ଆକ୍ରମଣକାରୀମାନେ ତାଙ୍କ ଉପରେ ବାଇକ ମଡାଇ ମାରିଦେଇଥିଲେ ବୋଲି ପୋଲିସ କହିଛି। ହସ୍ପିଟାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ତିନି ତଲାକ୍ ବିଲ୍‌କୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୧୨।୬(ଆଇଏଏନ୍ଏସ୍): ସଂସଦର ଆଗାମୀ ଅଧିବେଶନରେ ସରକାର ତିନି ତଲାକ୍ ବିଲ୍ ଆଣିବେ। ଏଥିରେ ଏକକାଳୀନ ତିନି ତଲାକ୍ ପାଇଁ ତିନିବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଜରିମାନା ଦଣ୍ଡ ବ୍ୟବସ୍ଥା ରହିଛି। ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ବିଲ୍, ୨୦୧୯କୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି।

ଇତିହାସର ଆଇନାରେ

### ଜୁନ୍ ୧୩ର ପ୍ରମୁଖ ଘଟଣା

୧୯୮୨ ଜୁନ୍ ୧୩ରେ ଫାହଦ୍ ବିନ୍ ଅବଦୁଲାଜିଜ୍ ଅଲ ସୁଦ୍ ସାଉଦି ଆରବର ରାଜା ହୋଇ ୨୦୦୫ ପର୍ଯ୍ୟନ୍ତ ଶାସନ କରିଥିଲେ। ସାଉଦିର ପ୍ରତିଷ୍ଠାତା ଇବନ୍ ସୁଦଙ୍କର ୪୫ ପୁଅ ମଧ୍ୟରୁ ଫାହଦ୍ ଅନ୍ୟତମ। ଭାଇ ଖଲିଦଙ୍କ ମୃତ୍ୟୁ ପରେ ସେ ଦେଶର ଶାସନ ଭାର ଗ୍ରହଣ କରିଥିଲେ।

୧୯୯୭ ଜୁନ୍ ୧୩ରେ ଦିଲ୍ଲୀର ଉପହାର ସିନେମା ହଲ୍‌ରେ ଅଗ୍ନିକାଣ୍ଡ ଘଟି ୫୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଅପରାହ୍ଣ ୫ଟା ୧୦ରେ ଅଗ୍ନିକାଣ୍ଡ ଘଟିଥିଲା, ଯେତେବେଳେ ହଲ୍‌ରେ ଲୋକମାନେ ହିନ୍ଦୀ ଚଳଚ୍ଚିତ୍ର 'ବର୍ଡର' ଦେଖୁଥିଲେ।

# 'ବାୟୁ' ଉଠାଇବ ୧୦ ଫୁଟ ଜୁଆର

## ୫୦୦ ଗାଁରୁ ୩ ଲକ୍ଷ ଲୋକ ସ୍ଥାନାନ୍ତରିତ

ନୂଆଦିଲ୍ଲୀ, ୧୨।୬

ଆରବ ସାଗରରେ ବାତ୍ୟା 'ବାୟୁ' ଉଗ୍ରରୂପ ଧାରଣ କରିବା ସହ ଗୁଜରାଟ ଉପକୂଳ ଆଡ଼କୁ ମୁହାଁଇବାରେ ଲାଗିଛି। ଗୁରୁବାର ସକାଳେ ଏହା ଉପକୂଳ ଅଞ୍ଚଳରେ ମାଡ଼ହୋଇ ତାଣ୍ଡବ ରଚିବ ବୋଲି କୁହାଯାଉଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଘଣ୍ଟାକୁ ୧୫୫ରୁ ୧୭୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଛି। ଗୁଜରାଟ ଛଡ଼ା ଏହି ବାତ୍ୟା ମହାରାଷ୍ଟ୍ର ଓ କର୍ଣ୍ଣାଟକ ଉପକୂଳରେ ପ୍ରବଳ ବର୍ଷା ସହ କ୍ଷତି ପହଞ୍ଚାଇପାରେ ବୋଲି ଦର୍ଶାଯାଇଛି। ଗୁଜରାଟର ପୋର୍‌ବନ୍ଦର ଓ ଡିଉ ମଝିରେ ବାତ୍ୟା ମାଡ଼ହେବାର ଆଶଙ୍କା ରହିଛି। ଏଠାରେ ହାଇଆଲର୍ଟ ଜାରି କରାଯାଇଛି। ସମ୍ଭାବ୍ୟ କ୍ଷୟକ୍ଷତିକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟ ଲାଗି ୫୨ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସଜାଗ ରଖାଯାଇଛି। ଗୁଜରାଟରେ କେବଳ ୪୦ ଏନ୍‌ଡିଆର୍‌ଏଫ୍ ଟିମ୍ ରହିବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବାୟୁ'କୁ ନେଇ ଟୁଇଟ୍ କରିବା ସହ ସମସ୍ତଙ୍କ ନିରାପତ୍ତା କାମନା କରିଛନ୍ତି।

ଉପକୂଳ ଅଞ୍ଚଳ ସୌରାଷ୍ଟ୍ର, ମୋର୍ବି, ଭାବନଗର, ଜୁନାଗଡ଼, ଗିର୍ ସୋମନାଥ, ଜାମ୍‌ନଗର, ଦ୍ୱାରକା, କଚ୍ଛ, ପୋର୍‌ବନ୍ଦର, ରାଜକୋଟ ଓ ଆମ୍‌ରେଲି ଜିଲାର ୫୦୦ ଗ୍ରାମରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ପ୍ରକାଶ। ବାତ୍ୟା ସମୟରେ ସମୁଦ୍ର ଅଶାନ୍ତ ରହିବ ଓ ୧୦ ଫୁଟ ଉଚ୍ଚର ଜୁଆର ଉଠିବାର ଆଶଙ୍କା କରାଯାଉଛି। ଏହି ସମୟରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ପରାମର୍ଶ ଦିଆଯାଇଛି। ୧୦ଟି ଜିଲାରେ ସତର୍କତା ଜାରି କରାଯାଇଥିବାବେଳେ ବାତ୍ୟା ଲ୍ୟାଣ୍ଡଫଲ୍ କରିବା ପରେ ଦୁର୍ବଳ ହୋଇପଡ଼ିବ। ତଥାପି ଦୁଇଦିନ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ସେପଟେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଓ ସମୀକ୍ଷା ବୈଠକ କରାଯାଇଛି। ନୂଆଦିଲ୍ଲୀର ନର୍ଥ ବ୍ଲକରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କମିଟିର ବୈଠକ କେନ୍ଦ୍ର ଗୃହ ସଚିବ ରାଜୀବ ଗୌଭାଙ୍କ ନେତୃତ୍ୱରେ ବୁଧବାର ହୋଇଥିଲା। ବାତ୍ୟା ପରିଚାଳନା ଓ ପ୍ରସ୍ତୁତି ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା। ବାତ୍ୟା ଲାଗି ସେନା ସଜାଗ ଥିବା ଜଣାପଡ଼ିଛି। ହେଲିକପ୍ଟର, ମେଡିକାଲ ଟିମ୍ ସହ ରିଲିଫ ଓ ଉଦ୍ଧାର ଲାଗି ସମସ୍ତ ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି।




ଅହମଦାବାଦରେ ଏନ୍‌ଡିଆର୍‌ଏଫ୍ ଟିମ୍ ପକ୍ଷରୁ ପ୍ରସ୍ତୁତି ଚାଲିଛି।

- ରିଲିଫ୍ ଓ ଉଦ୍ଧାର ଲାଗି ଏନ୍‌ଡିଆର୍‌ଏଫ୍ ପ୍ରସ୍ତୁତ
- ୧୭୦ କିମି ବେଗରେ ପବନ ବହିବା ଆଶଙ୍କା
- ପୋର୍‌ବନ୍ଦର ଓ ଡିଉରେ ହାଇଆଲର୍ଟ

# ଜୁଲାଇ ୧୫ରେ ଚନ୍ଦ୍ରୟାନ-୨

ବେଙ୍ଗାଲୁରୁ,୧୨।୬(ପି.ଟି.)



ଜୁଲାଇ ୧୫ରେ ଭାରତ ତାହାର ଦ୍ୱିତୀୟ ଚନ୍ଦ୍ର ମିଶନ 'ଚନ୍ଦ୍ରୟାନ-୨' ଲଞ୍ଚ କରିବାକୁ ଯାଉଛି। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସ୍ପେସ୍‌ପୋର୍ଟରୁ ଏହା ଉତ୍କ୍ଷେପଣ ହୋଇ ସେପ୍ଟେମ୍ବର ୬ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିବ ବୋଲି ବୁଧବାର ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପକ୍ଷରୁ କୁହାଯାଇଛି। ଜୁଲାଇ ୧୫ ରାତି ୨ଟା ୫୧ ମିନିଟରେ ଉତ୍କ୍ଷେପଣ ହେବାକୁ ଥିବା ୩,୮୯୦ କିଲୋଗ୍ରାମ ଓଜନ ବିଶିଷ୍ଟ ଚନ୍ଦ୍ରୟାନ-୨ରେ ଅର୍ବିଟର, ଲ୍ୟାଣ୍ଡର (ବିକ୍ରମ) ଏବଂ ରୋଭର(ପ୍ରଜ୍ଞାନ) ରହିଥିବା ଇସ୍ରୋ ଅଧ୍ୟକ୍ଷ କେ. ଶିବନ କହିଛନ୍ତି। ଏହି ଦ୍ୱିତୀୟ ଚନ୍ଦ୍ର ମିଶନରେ ଖର୍ଚ୍ଚ ହେବ ୯୭୮ କୋଟି ଟଙ୍କା। ସେଥିରୁ ୩୭୫ କୋଟି ଟଙ୍କା ହେଭି ରକେଟ ଜିଏସ୍‌ଏଲ୍‌ଭି-ମାର୍କ୩ରେ ଖର୍ଚ୍ଚ ହେବ। ମିଶନରେ ମୋଟ ୧୪ଟି ପ୍ଲେଲୋଡ୍ ରହିଛି। ସେଥିରୁ ଅର୍ବିଟରରେ ୮ଟି,ଲ୍ୟାଣ୍ଡରରେ ୪ ଏବଂ ରୋଭରରେ ୨ଟି ପ୍ଲେଲୋଡ ରହିଛି। ଅର୍ବିଟର ଚନ୍ଦ୍ରର କକ୍ଷପଥରେ ଅବସ୍ଥାପିତ ହେବାକୁ ଥିବାବେଳେ ଲ୍ୟାଣ୍ଡର(ବିକ୍ରମ) ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଅବତରଣ କରିବ।

**ଖର୍ଚ୍ଚ ହେବ ୯୭୮ କୋଟି**

### ସିଆର୍‌ପିଏଫ୍‌କୁ ଟାର୍ଗେଟ

# ୫ ଯବାନ ଶହୀଦ

ଶ୍ରୀନଗର,୧୨।୬

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ବୁଧବାର ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଆତଙ୍କବାଦୀଙ୍କ ଗୁଳି ଓ ଗ୍ରେନେଡ୍ ମାଡ଼ରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ୫ ଯବାନ ଶହୀଦ ହୋଇଥିବାବେଳେ ଅନ୍ୟ ୨ ଆହତ ହୋଇଛନ୍ତି। ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଅନନ୍ତନାଗର କେ.ପି. ରୋଡ୍‌ରେ ସିଆର୍‌ପିଏଫ୍‌ର ଏକ ପାଟ୍ରୋଲିଂ ଟିମ୍ ଉପରେ ୨ ଆତଙ୍କବାଦୀ ଅତର୍କିତ ଆକ୍ରମଣ କରିଥିଲେ। ଅଟୋମେଟିକ୍ ରାଇଫଲରେ ଘନଘନ ଗୁଳିବର୍ଷା ସହ ସେମାନଙ୍କ ଉପରକୁ ଗ୍ରେନେଡ୍ ମାଡ଼ କରିଥିଲେ। ଏଥିରେ ୫ ଯବାନ ଶହୀଦ ହୋଇଛନ୍ତି। ଅନନ୍ତନାଗ ଥାନାର ଏସ୍‌ଏଚ୍‌ଓ ଅର୍ଶଦ ଅହମ୍ମଦଙ୍କ ସମେତ ଆଉ ଜଣେ ପୋଲିସ କର୍ମୀ ଆହତ ହୋଇଛନ୍ତି। ଜବାବୀ କାର୍ଯ୍ୟାନୁଷ୍ଠାନରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି।

### ଭାଜପା ସଂସଦୀୟ ଦଳ କାର୍ଯ୍ୟକାରିଣୀ ଗଠିତ

# ଲୋକ ସଭାରେ ମୋଦି ନେତା, ରାଜନାଥ ଉପନେତା

ନୂଆଦିଲ୍ଲୀ,୧୨।୬(ପି.ଟି.)

ଭାଜପା ସଂସଦୀୟ ଦଳ କାର୍ଯ୍ୟକାରିଣୀ କମିଟି ବୁଧବାର ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକ ସଭାରେ ଏହାର ନେତା ହୋଇଥିବାବେଳେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କୁ ଉପନେତା ନିଯୁକ୍ତ କରାଯାଇଛି। ସେହିପରି ରାଜ୍ୟ ସଭାରେ କେନ୍ଦ୍ରମନ୍ତ୍ରୀ ଥାୱର ଚାନ୍ଦ୍ ଗେହଲଟଙ୍କୁ ନେତା ଏବଂ ପୀୟୂଷ ଗୋୟଲଙ୍କୁ ଉପନେତା ନିଯୁକ୍ତ କରାଯାଇଛି। ପୂର୍ବରୁ ରାଜ୍ୟ ସଭାରେ ନେତା ଥିବା ଅରୁଣ ଜେଟ୍‌ଲୀ ସ୍ୱାସ୍ଥ୍ୟଗତ କାରଣରୁ ଏଥିରୁ ଅବ୍ୟାହତି ନେବାକୁ ଅନୁରୋଧ କରିଥିଲେ। ଭାଜପା ସଂସଦୀୟ କାର୍ଯ୍ୟକାରିଣୀ କମିଟିରେ ୩ ଜଣ ଓଡିଆ ଏମ୍‌ପିଙ୍କୁ ନିଆଯାଇଛି। ସେମାନେ ହେଲେ ସୁରେଶ ପୂଜାରୀ, ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ୍ ଓରାମ। ବରଗଡ଼ ଏମ୍‌ପି ପୂଜାରୀଙ୍କୁ ଲୋକ ସଭାରେ ଓଡିଶା, ମଣିପୁର ଏବଂ ତେଲେଙ୍ଗାନା ପାଇଁ ହୁଇପ୍ (ସଚେତକ) ନିଯୁକ୍ତ କରାଯାଇଛି। ସେହିପରି ଜୁଏଲ୍ ଲୋକ ସଭାରୁ ଏବଂ ଧର୍ମେନ୍ଦ୍ର ରାଜ୍ୟ ସଭାରୁ ସଂସଦୀୟ କମିଟିରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ଭାଜପା ସଂସଦୀୟ ଦଳ କାର୍ଯ୍ୟକାରିଣୀ କମିଟିରେ ସ୍ଥାନ ଦିଆଯାଇଛି। ସଞ୍ଜୟ ଜୟସ୍ୱାଲଙ୍କୁ ମୁଖ୍ୟ ହୁଇପ୍ ନିଯୁକ୍ତ କରାଯିବା ସହ ପ୍ରଥମ ଥର ଲାଗି ୩ ମହିଳା ଏମ୍‌ପିଙ୍କୁ ହୁଇପ୍ ନିଯୁକ୍ତ କରାଯାଇଛି। ଏହାବ୍ୟତୀତ ୧୫ ଜଣ ଲୋକ ସଭାରେ ହୁଇପ୍ ନିଯୁକ୍ତ ହୋଇଛନ୍ତି। ଲୋକ ସଭାରୁ ଭାଜପା ସଂସଦୀୟ ଦଳ କାର୍ଯ୍ୟକାରିଣୀରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ନୀତିନ ଗଡକରୀ, ରବିଶଙ୍କର ପ୍ରସାଦ, ଅର୍ଜୁନ ମୁଣ୍ଡା, ନରେନ୍ଦ୍ର ସିଂ ତୋମରଙ୍କୁ ନିଆଯାଇଥିବାବେଳେ ରାଜ୍ୟ ସଭାରୁ ଜେ.ପି. ନଡ୍ଡା, ଓମ୍‌ପ୍ରକାଶ ମାଥୁର, ନିର୍ମଳା ସୀତାରାମନ ଏବଂ ପ୍ରକାଶ ଜାଭଡେକରଙ୍କୁ ନିମନ୍ତ୍ରିତ ସଦସ୍ୟ ରଖାଯାଇଛି। ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟଙ୍କୁ ଦଳର ସଂସଦୀୟ କାର୍ଯ୍ୟାଳୟ ପ୍ରଭାରୀ ଏବଂ ବାଲସୁବ୍ରମଣ୍ୟମ୍ କୁମାରସ୍ୱଙ୍କୁ ସଚିବ ଭାବେ ପୁନଃ ନିର୍ବାଚିତ କରାଯାଇଛି। ବରିଷ୍ଠ ନେତା ଲାଲ୍‌କୃଷ୍ଣ ଆଡଭାନୀ ଏବଂ ମୁରଲୀ ମନୋହର ଜୋଷୀ ଏମ୍‌ପି ନ ଥିବାରୁ ପ୍ରଥମ ଥର ଲାଗି ସେମାନଙ୍କୁ କମିଟିରେ ସ୍ଥାନ ମିଳିନାହିଁ। ସେହିପରି ଅରୁଣ ଜେଟ୍‌ଲୀ ଏବଂ ସୁଷମା ସ୍ୱରାଜ ମଧ୍ୟ କମିଟିରେ ନାହାନ୍ତି। ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ୧୬ ତାରିଖରେ ଭାଜପା ସଂସଦୀୟ କାର୍ଯ୍ୟକାରିଣୀ କମିଟିର ପ୍ରଥମ ବୈଠକ ବସିବ। ଏହା ବ୍ୟତୀତ ସେହିଦିନ ସରକାର ଏକ ସର୍ବଦଳୀୟ ବୈଠକ ମଧ୍ୟ ଡାକିଛନ୍ତି।

**କମିଟିରେ ୩ ଓଡ଼ିଆ ଏମ୍‌ପି**

**ସୁରେଶ ପୂଜାରୀଙ୍କୁ ସଚେତକ ଦାୟିତ୍ୱ**

### ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ୬ ମାସ ବଢ଼ିଲା

ନୂଆଦିଲ୍ଲୀ,୧୨।୬

ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଆଉ ୬ ମାସ ବଢ଼ାଇବା ଲାଗି କେନ୍ଦ୍ର କ୍ୟାବିନେଟ ବୁଧବାର ନିଷ୍ପତ୍ତି ନେଇଛି। ଏହା ଜୁନ୍ ୨୦ରୁ ଆରମ୍ଭ ହେବାକୁ ଯାଉଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି। ୨୦୧୮ ଜୁନ୍ ୨୦ରୁ ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଓ ଡିସେମ୍ବରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତିରେ ଉନ୍ନତି ଆସି ନ ଥିବାରୁ ଏହାକୁ ଆଉ ୬ ମାସ ବଢ଼ାଇବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ ବୈଠକ ବସି ଅନୁମୋଦନ କରାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସ୍ୱୀକୃତି ପରେ ଏହା କାର୍ଯ୍ୟକାରୀ ହେବ।

### ଭାଜପାରେ ମିଶିବେ ଗୋଆର ୧୦ କଂଗ୍ରେସ ବିଧାୟକ

ପଣଜୀ, ୧୨।୬(ପି.ଟି.)

ଗୋଆ କଂଗ୍ରେସର ୧୦ ଜଣ ବିଧାୟକ ଭାଜପା ସହ ମିଶିବାକୁ ଆଗ୍ରହୀ ଥିବା ପ୍ରଦେଶ ଭାଜପା ମୁଖ୍ୟ ବିନୟ ତେନ୍ଦୁଲ୍‌କର ପ୍ରକାଶ କରିଛନ୍ତି। ତେବେ ବିଧାନସଭାରେ ଭାଜପା ସଂଖ୍ୟାଗରିଷ୍ଠ ଥିବାରୁ ସେମାନଙ୍କୁ ଗ୍ରହଣ କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ଆମେ ଆମ ସହଯୋଗୀଙ୍କୁ ନେଇ ପୂରା କାର୍ଯ୍ୟକାଳ ଶେଷ କରିବାକୁ ସକ୍ଷମ। ତେଣୁ କଂଗ୍ରେସ ବିଧାୟକଙ୍କୁ ଆମେ ଦଳରେ ନେଲୁନାହିଁ ବୋଲି ତେନ୍ଦୁଲ୍‌କର୍ କହିଛନ୍ତି।

# କଂଗ୍ରେସ କୋର୍ କମିଟି ଭାଙ୍ଗିଲା

ନୂଆଦିଲ୍ଲୀ,୧୨।୬(ଆଇଏଏନ୍ଏସ୍)



**ରାହୁଲ ଦଳ ଅଧ୍ୟକ୍ଷ ରହିବେ**

ରାହୁଲ ଗାନ୍ଧୀ କଂଗ୍ରେସ ଦଳର ଅଧ୍ୟକ୍ଷ ରହିବେ ବୋଲି ଦଳ ପକ୍ଷରୁ ବୁଧବାର କୁହାଯାଇଛି। ଲୋକ ସଭା ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପରେ ଦଳର କୋର୍ କମିଟିକୁ ଭାଙ୍ଗିଦିଆଯାଇଛି। ବୁଧବାର କୋର୍ କମିଟି ସଦସ୍ୟମାନଙ୍କ ବୈଠକରେ ଝାଡଖଣ୍ଡ, ମହାରାଷ୍ଟ୍ର, ହରିୟାଣା ଏବଂ ଜମ୍ମୁ-କଶ୍ମୀରରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ରାହୁଲ ଦଳର ଅଧ୍ୟକ୍ଷ ଥିଲେ, ଅଛନ୍ତି ଓ ରହିବେ ବୋଲି ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ କଂଗ୍ରେସ ମୁଖପାତ୍ର ରଣଦୀପ୍ ସିଂ ସୁର୍ଜେୱାଲା କହିଛନ୍ତି। ସୂଚନାଯୋଗ୍ୟ ନିର୍ବାଚନରେ ଦଳର ପରାଜୟ ପରେ ଅଧ୍ୟକ୍ଷ ପଦ ଛାଡିବା ପାଇଁ ରାହୁଲ ଇଚ୍ଛା ପ୍ରକାଶ କରିଥିଲେ। କୋର୍ କମିଟି ବୈଠକରେ ମଧ୍ୟ ସେ ଯୋଗ ଦେଇନାହାନ୍ତି। ଏପରିକି ତାଙ୍କ ମାଆ ତଥା ଉପା ଅଧ୍ୟକ୍ଷ ସୋନିଆ ଗାନ୍ଧୀ ନିଜ ନିର୍ବାଚନ ମଣ୍ଡଳୀ ରାଏବରେଲି ଗସ୍ତରେ ଯାଇଥିବାରୁ ସେ ମଧ୍ୟ କୋର୍ କମିଟି ବୈଠକରେ ଯୋଗଦେଇ ନ ଥିଲେ। ବୁଧବାରର ବୈଠକରେ ବରିଷ୍ଠ ନେତା ତଥା କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଏ.କେ. ଆଣ୍ଟୋନୀ ଅଧ୍ୟକ୍ଷତା କରିଥିଲେ।

ଲୋକ ସଭା ନିର୍ବାଚନରେ ଦଳର ପରାଜୟ ଲାଗି ନିଜକୁ ଦାୟୀ କରି ରାହୁଲ ଗାନ୍ଧୀ କଂଗ୍ରେସ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବାକୁ ଚାହିଁଥିଲେ ହେଁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ଉକ୍ତ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲା। ନିର୍ବାଚନ ପୂର୍ବରୁ ଗଠନ ହୋଇଥିବା ସମସ୍ତ କମିଟିର କାର୍ଯ୍ୟକାଳ ଫଳାଫଳ ବାହାରିବା ସହ ଶେଷ ହୋଇଯାଇଛି। ଏବେ ଦଳରେ କୌଣସି କୋର୍ ଗ୍ରୁପ୍ ନାହିଁ ବୋଲି ସୁର୍ଜେୱାଲା କହିଛନ୍ତି। ପୂର୍ବ କୋର୍ ଗ୍ରୁପ୍‌ର ସଦସ୍ୟମାନେ ବୁଧବାର ଅଣଆନୁଷ୍ଠାନିକ ବୈଠକ କରି ଆଗାମୀ ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ ବୋଲି ସେ ସୂଚନା ଦେଇଛନ୍ତି।

# ମୁକୁଳିଲେ ପ୍ରଶାନ୍ତ କନୋଜିଆ

ଲକ୍ଷ୍ନୌ,୧୨।୬: ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଦିନକ ପରେ ଲକ୍ଷ୍ନୌ ଜେଲରୁ ମୁକୁଳିଛନ୍ତି ଖବରଦାତା ପ୍ରଶାନ୍ତ କନୋଜିଆ। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଆପତ୍ତିଜନକ ପୋଷ୍ଟିଂ କରି ଜେଲ ଯାଇଥିବା ପ୍ରଶାନ୍ତଙ୍କୁ ତୁରନ୍ତ ମୁକ୍ତ କରିବା ପାଇଁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଯୋଗୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜେଲରେ ୪ ରାତି ବିତାଇଥିବା ପ୍ରଶାନ୍ତ ବୁଧବାର ୨୦ ହଜାର ଟଙ୍କାର ଦୁଇ ଜାମିନଦାର ଓ ସମ ପରିମାଣର ବ୍ୟକ୍ତିଗତ ବଣ୍ଡରେ ମୁକୁଳିଛନ୍ତି। ଲକ୍ଷ୍ନୌସ୍ଥିତ ବିଚାର ବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍ ପ୍ରଶାନ୍ତଙ୍କୁ ଜାମିନ ପ୍ରଦାନ କରି ଜେଲକୁ ରିଲିଜ୍ ଅର୍ଡର ପଠାଇଦେଇଥିଲେ।



# ପାକିସ୍ତାନ ଉପରେ ଉଡ଼ିବନି ପ୍ରଧାନମନ୍ତ୍ରୀଙ୍କ ବିମାନ

ନୂଆଦିଲ୍ଲୀ,୧୨।୬(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଂଘାଇ ସହଯୋଗ ସଂଗଠନ (ଏସସିଓ) ସମ୍ମିଳନୀରେ ଯୋଗଦେବା ଲାଗି ଗୁରୁବାର କିର୍‌ଗିଜସ୍ଥାନ ରାଜଧାନୀ ବିଶ୍‌କେକ୍ ଯିବାକୁ ଥିବାବେଳେ ତାଙ୍କ ବିମାନ ପାକିସ୍ତାନ ଉପରେ ଉଡିପାରିବନି। ସେ ଓମାନ, ଇରାନ ଏବଂ କେତେକ କେନ୍ଦ୍ରୀୟ ଏସିଆ ଦେଶ ଅତିକ୍ରମ କରି ବିଶ୍‌କେକ୍‌ରେ ପହଞ୍ଚିବେ। ମୋଦିଙ୍କ ବିମାନକୁ ପାକିସ୍ତାନ ଆକାଶରେ ଉଡାଣ ପାଇଁ ଅନୁମତି ଦେବାକୁ ଭାରତ ଇସ୍‌ଲାମାବାଦକୁ ଅନୁରୋଧ କରିଥିଲା। ତେବେ ପାକ୍ କର୍ତ୍ତୃପକ୍ଷ ଏଥିପାଇଁ ଅନୁମତି ଦେଇନାହାନ୍ତି।



ପୋଲାଣ୍ଡର ଜାଗନରେ ନାଟୋ ପକ୍ଷରୁ ସମରାଭ୍ୟାସ ଚାଲିଥିବାବେଳେ ଲିଓପାର୍ଡ ଯୁଦ୍ଧ ଟ୍ୟାଙ୍କରେ କୌଶଳ ପ୍ରଦର୍ଶନ କରୁଛନ୍ତି ଜର୍ମାନୀ ସଶସ୍ତ୍ର ବଳ।

### କୋଲକାତାରେ ବିକ୍ଷୋଭ ଶୋଭାଯାତ୍ରାବେଳେ ହିଂସା

# ପୋଲିସ-ଭାଜପା କର୍ମୀ ଖଣ୍ଡଯୁଦ୍ଧ

କୋଲକାତା,୧୨।୬

କୋଲକାତାରେ ବୁଧବାର ଭାଜପାର ବିକ୍ଷୋଭ ଶୋଭାଯାତ୍ରା ହିଂସାତ୍ମକ ରୂପ ନେଇଛି। ଭଜପା କର୍ମୀମାନେ ରାଜ୍ୟ ପୋଲିସ ମୁଖ୍ୟାଳୟ ଲାଲ୍‌ବଜାର ଅଭିମୁଖେ ବିକ୍ଷୋଭ ଶୋଭାଯାତ୍ରାରେ ଯିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲା। ବିକ୍ଷୋଭକାରୀଙ୍କୁ ଅଟକିବାକୁ ବାରମ୍ବାର ଅନୁରୋଧ କରି ବିଫଳ ହେବା ପରେ ପୋଲିସ ଲାଠିଚାଳନା କରିବା ସହ ଲୁହବୁହା ବାଷ୍ପ ଏବଂ ପାଣି ମାଡ଼ କରିଥିଲା। ଭାଜପା କର୍ମୀମାନେ ପୋଲିସ ଉପରକୁ ଢେଲା ଓ ପାଣି ବୋତଲ ମାଡ଼ କରିଥିଲେ। କେତେଜଣ ଭାଜପା କର୍ମୀ ସେଠାରେ ଧାରଣାରେ ବସି ରହିବା ଦେଖାଯାଇଥିଲା।

ନିର୍ବାଚନ ପରେ କୋଲକାତାର ବିଭିନ୍ନ ସ୍ଥାନରେ ଉତ୍ତେଜନା ବୃଦ୍ଧିପାଉଥିବାରୁ ପରିସ୍ଥିତିକୁ ଶାନ୍ତ କରିବା ଲାଗି ରାଜ୍ୟପାଳ କେଶରୀ ନାଥ ତ୍ରିପାଠୀ ଗୁରୁବାର ରାଜ୍ୟର ୪ ପ୍ରମୁଖ ଦଳର ନେତୃବୃନ୍ଦଙ୍କ ବୈଠକ ଡାକିଛନ୍ତି। ଶାସକ ତୃଣମୂଳ କଂଗ୍ରେସ, ଭାଜପା, ସିପିଏମ୍ ଏବଂ କଂଗ୍ରେସ ଦଳର ପ୍ରତିନିଧିମାନେ ଉକ୍ତ ବୈଠକରେ ଯୋଗଦେବେ।

ଶନିବାର ବଶିରହାଟ ଅଞ୍ଚଳରେ ଦୁଇଜଣ ଭାଜପା କର୍ମୀଙ୍କୁ ହତ୍ୟା କରାଯାଇଥିଲା। ଗତ କିଛି ସପ୍ତାହ ହେଲା ଲାଗିରହିଥିବା ସଂଘର୍ଷରେ ଅନେକ କର୍ମୀଙ୍କ ମୃତ୍ୟୁ ହେଲାଣି । ଏହାର ପ୍ରତିବାଦରେ ଭାଜପା ଆଜି ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିଲା। ଏଥିରେ ଭାଜପାର ସମସ୍ତ ୧୮ ଜଣ ନବନିର୍ବାଚିତ ଏମ୍‌ପି, ଦଳର ରାଜ୍ୟ ସଭାପତି ଦିଲୀପ ଘୋଷ ଏବଂ ରାଜ୍ୟ ପ୍ରଭାରୀ କୈଳାସ ବିଜୟବର୍ଗୀୟ, ମୁକୁଲ ରୟ ପ୍ରମୁଖ ଯୋଗ ଦେଇଥିଲେ। କର୍ମୀମାନେ ବାରିକେଡ୍ ଭାଙ୍ଗିବା ସମ୍ଭାବନା ଥିବାରୁ ଏହାର ମୁକାବିଲା ପାଇଁ ସକାଳୁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ରାଜ୍ୟର ସ୍ଥିତିକୁ ନେଇ କେନ୍ଦ୍ର ସରକାର ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଆଡଭାଇଜରୀ ଜାରି କରିଥିଲା। ତା ପରଦିନ ରାଜ୍ୟପାଳ ତ୍ରିପାଠୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟି ରାଜ୍ୟ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। କେନ୍ଦ୍ର ସରକାର ଦଙ୍ଗା ସୃଷ୍ଟିକରିବା ସହ ତାଙ୍କ ସରକାରକୁ ଭାଙ୍ଗିଦେବା ଲାଗି ଉଦ୍ୟମ କରୁଥିବା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି।



ଭାଜପାର ଶୋଭାଯାତ୍ରାକୁ ପୋଲିସ ବାଧା ଦେବାରୁ କର୍ମୀମାନେ ଧାରଣାରେ ବସିଛନ୍ତି।

**ସର୍ବଦଳୀୟ ବୈଠକ ଡାକିଲେ ରାଜ୍ୟପାଳ**

# ମାଡ଼ି ଆସୁଛି 'ବାୟୁ'

## ସହାୟତା ଲୋଡ଼ିଲା ଗୁଜରାଟ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ଗତ ମେ ୩ ତାରିଖରେ ସାମୁଦ୍ରିକ ଝଡ ଫନୀ ଦୁର୍ଦ୍ଦଶା ଭୋଗିଛି ଓଡିଶା। ଏଥିଯୋଗୁ ବହୁ କ୍ଷୟକ୍ଷତି ହୋଇଛି। ତେବେ ଓଡିଶା ସରକାରଙ୍କ ଆଗୁଆ ପଦକ୍ଷେପ ଯୋଗୁ ଧନଜୀବନ ହାନିକୁ ଅନେକାଂଶରେ ରୋକାଯାଇ ପାରିଛି। ରାଜ୍ୟ ସରକାରଙ୍କ ବାତ୍ୟା ପ୍ରସ୍ତୁତିକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଥିଲା। ଆରବ ସାଗରରେ ଆଉ ଏକ ବାତ୍ୟା 'ବାୟୁ' ଗୁଜରାଟ ଉପକୂଳ ଆଡକୁ ମାଡି ଆସୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହି ସାମୁଦ୍ରିକ ଝଡ ଗୁଜରାଟ ଉପକୂଳରେ ମାଡ ହେବ ବୋଲି ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ବାତ୍ୟା ପ୍ରକୋପରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଗୁଜରାଟ ସରକାର ଓଡିଶା ସରକାରଙ୍କ ସହାୟତା ଲୋଡିଛନ୍ତି। ବାତ୍ୟା ମୁକାବିଲା ପାଇଁ କି ପ୍ରକାର ପୂର୍ବ ପ୍ରସ୍ତୁତି କରିଥିଲେ ସେ ନେଇ ଗୁଜରାଟ ମୁଖ୍ୟ ଶାସନ ସଚିବ ଜଗଦୀପ ନାରାୟଣ ସିଂ ଓଡିଶା ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ସହିତ ଟେଲିଫୋନରେ କଥା ହୋଇଛନ୍ତି। ବୁଧବାର ସଚିବାଳୟଠାରେ ଗଣମାଧ୍ୟମକୁ ସୂଚନା ଦେଇ ପାଢୀ କହିଛନ୍ତି ଯେ ଗୁଜରାଟ ତଟ ଆଡକୁ ବାତ୍ୟା 'ବାୟୁ' ଆସୁଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏ ନେଇ ଗୁଜରାଟ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଗୁଜରାଟ ମୁଖ୍ୟ ଶାସନ ସଚିବ ବାତ୍ୟା ପ୍ରସ୍ତୁତି ନେଇ ଓଡିଶା ଆପଣାଇଥିବା ପ୍ରସ୍ତୁତି ବିଷୟରେ କଥା ହୋଇଛନ୍ତି। ବାତ୍ୟା ମୁକାବିଲା ନେଇ ସହାୟତା କରିବାକୁ ଗୁଜରାଟ ସରକାରଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ଓଡିଶା ସରକାରଙ୍କ ପକ୍ଷରୁ ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଗତ ୨୦ ବର୍ଷ ଭିତରେ ଓଡିଶା ମହାବାତ୍ୟାଠାରୁ ଆରମ୍ଭ କରି ଫାଇଲିନ, ହୁଦ୍‌ହୁଦ, ତିତ୍‌ଲି ଏବଂ ଫନୀ ଭଳି ବାତ୍ୟାର ସମ୍ମୁଖୀନ ହୋଇଛି। ବାତ୍ୟା ପୂର୍ବରୁ ଲୋକମାନଙ୍କୁ ସ୍ଥାନାନ୍ତର କରିବା ଏବଂ ପୁନରୁଦ୍ଧାର ଓ ଥଇଥାନ ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ ସରକାରୀ ଅଧିକାରୀମାନେ ଓଡିଶା ସରକାରଙ୍କ ସହ ବାତ୍ୟା ମୁକାବିଲା ନେଇ ବାରମ୍ବାର ଯୋଗାଯୋଗରେ ଅଛନ୍ତି। ଫନୀ ସମୟରେ ଓଡିଶା ସରକାର ବିପର୍ଯ୍ୟୟ ପରିଚାଳନା କରିବାକୁ କେଉଁ ସବୁ ପଦ୍ଧତି ଅବଲମ୍ବନ କରିଥିଲେ ସେ ନେଇ ଅଧିକାରୀମାନେ ଆଲୋଚନା କରିଛନ୍ତି। ବାତ୍ୟା ଫନୀ ପରବର୍ତ୍ତୀ ରିଲିଫ ଓ ପୁନରୁଦ୍ଧାର ପାଇଁ ଗୁଜରାଟ ସରକାର ଓଡିଶାକୁ ୫ କୋଟି ଟଙ୍କାର ସହାୟତା ଦେଇଥିଲେ।

### ଆକାଶରୁ ଅଗ୍ନିବର୍ଷା, ସିଝୁଛି ଓଡ଼ିଶା

# ୪୫ ଡିଗ୍ରୀ ଟପିଲା ୬ ସହର

ଭୁବନେଶ୍ୱର,୧୨।୬(ବ୍ୟୁରୋ)

## ଆଉ ୩ ଦିନ କଲବଲ କରିବ ତାତି

ଓଃ କି ତାତି। ବାହାରେ ଘଡିଏ ରହି ହେଉ ନାହିଁ। ଆକାଶରୁ ସତେ ଯେମିତି ଅଗ୍ନି ବର୍ଷୁଛି। ଦେହ ମୁହଁ ଜଳି ପୋଡି ଯାଉଛି। ପଥଚାରୀଙ୍କ ମୁହଁରୁ ଏମିତି ଶବ୍ଦ ଆପଣା ଛାଏଁ ବାହାରି ଆସୁଛି। ପ୍ରଚଣ୍ଡ ଗ୍ରୀଷ୍ମରେ ଆଉଟୁ ପାଉଟୁ ହେଉଛି ସାରା ରାଜ୍ୟ। ମଣିଷ ଠାରୁ ଆରମ୍ଭ କରି ପଶୁ ପକ୍ଷୀ ପ୍ରଚଣ୍ଡ ଖରାରେ ହନ୍ତସନ୍ତ ହେଉଛନ୍ତି। ପାରଦ ଉପରମୁହାଁ ହେଉଥିବାରୁ ବେଳକୁ ବେଳ ପରିବେଶ ଅଧିକ ଉତ୍ତପ୍ତ ହେବାରେ ଲାଗିଛି। ସକାଳ ୭ଟା ହେବା ମାତ୍ରେ ମାଡି ଆସୁଛି ଭୟଙ୍କର ଖରା। ସଞ୍ଜ ନଇଁବା ଯାଏ ସୂର୍ଯ୍ୟଙ୍କ ପ୍ରକୋପରୁ ମିଳୁନି ନିସ୍ତାର। ଖରା ଚାଲିଗଲେ ମଧ୍ୟ ପରିବେଶ ଉତ୍ତପ୍ତ ରହୁଛି। ବୁଧବାର ରାଜ୍ୟର ୧୫ଟି ସହରର ପାରଦ ଖାଇଁ ଖାଇଁ କରି ପକାଇଛି। ସେସବୁ ସହରର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ଥିବା ବେଳେ ୬ଟି ସହର ତାତି ୪୫ ଡିଗ୍ରୀ ସେଲସିୟସ ଉପରକୁ ଚାଲି ଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୫.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ତାଳଚେର ୪୫.୩, ହୀରାକୁଦ ୪୫.୨, ସୋନପୁର ୪୫.୨, ଝାରସୁଗୁଡା ୪୫, ଟିଟିଲାଗଡ ୪୫, ସୁନ୍ଦରଗଡ ୪୪.୫, ଅନୁଗୋଳ ୪୩.୯, ମାଲକାନଗିରି ୪୨.୬, ବଲାଙ୍ଗୀର ୪୨.୫, ଭବାନୀପାଟଣା ୪୧.୮, କେନ୍ଦୁଝର ୪୦.୯, ଚାନ୍ଦବାଲି ୪୦.୮ ଏବଂ କଟକରେ ସର୍ବୋଚ୍ଚ ତାପମାତ୍ରା ୪୦.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ଭୁବନେଶ୍ୱର ସବୁଠୁ ତତଲା ସହରରେ ପରିଣତ ହୋଇଛି। ଏଠାରେ ପାରଦ ୪୨.୪ ଡିଗ୍ରୀକୁ ଛୁଇଁଛି। ଦିନ ତମାମ ସହର ପ୍ରଚଣ୍ଡ ଗ୍ରୀଷ୍ମ ବଳୟ ମଧ୍ୟରେ ରହିଥିଲା। ରାସ୍ତାଘାଟ ଶୂନ୍‌ଶାନ ହୋଇ ଯାଇଥିଲା। ସହରରେ ସତେଯେମିତି ଲୁ ବହୁଥିଲା। କେବଳ ଗ୍ରୀଷ୍ମ ନୁହେଁ ଗୁଳୁଗୁଳି ମଧ୍ୟ ଜନଜୀବନକୁ ବେହାଲ କରିଛି। ଆର୍ଦ୍ରତା ୮୦ ପ୍ରତିଶତ ଉପରେ ରହୁଥିବାରୁ ଦେହମୁଣ୍ଡରୁ ଗମ୍‌ଗମ୍ ହୋଇ ଝାଳ ବୋହୁଛି। ପ୍ରଚଣ୍ଡ ଗ୍ରୀଷ୍ମ ଆହୁରି ୩ ଦିନ କଲବଲ କରିବ ବୋଲି ପାଣିପାଗ ବିଭାଗ ସତର୍କ କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୭ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବା ନେଇ ରେଡ୍ ଆଲର୍ଟ ଜାରି କରାଯାଇଛି। ସେହି ଜିଲାଗୁଡିକ ହେଲା ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ବରଗଡ, ସୋନପୁର, ବଲାଙ୍ଗୀର, ନୂଆପଡା, କଳାହାଣ୍ଡି, ବୌଦ୍ଧ, ଢେଙ୍କାନାଳ, କେନ୍ଦୁଝର, ଯାଜପୁର, କଟକ, ଖୋର୍ଦ୍ଧା ଏବଂ ଭଦ୍ରକ । ଏହି ସମୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ଗଜପତି, ଗଞ୍ଜାମ, ରାୟଗଡା, ଜଗତ୍‌ସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡବର୍ଷା ହେବାର ସମ୍ଭାବନା ରହିଛି।

# କଟକ ସହର: ବର୍ଷାଜଳ ନିଷ୍କାସନ ଉପରେ ଗୁରୁତ୍ୱ

## ପ୍ରତି ଘରକୁ ମିଳିବ ଡଷ୍ଟବିନ୍

**ଭୁବନେଶ୍ୱର,୧୨।୬(ବ୍ୟୁରୋ):** କଟକ ସହରରେ ବର୍ଷାଦିନେ ଜଳ ନିଷ୍କାସନର ସୁପରିଚାଳନା ଉପରେ ରାଜ୍ୟ ପ୍ରଶାସନ ଗୁରୁତ୍ୱ ଦେଇଛି। ଏ ସଂକ୍ରାନ୍ତରେ ଏକ ସମୀକ୍ଷା ବୈଠକ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଅଧ୍ୟକ୍ଷତାରେ ବୁଧବାର ସଚିବାଳୟରେ ଅନୁଷ୍ଠିତ ହୋଇଯାଇଛି। ବର୍ଷାଦିନେ କଟକ ସହରର ଖାଲୁଆ ଅଞ୍ଚଳରେ ଯେପରି ଜଳ ଜମା ହୋଇ ନ ରୁହେ, ସେଥିପ୍ରତି ଦୃଷ୍ଟି ଦିଆଯିବ। ବର୍ଷା ଆସିବା ପୂର୍ବରୁ ନାଳନର୍ଦ୍ଦମା ସଫେଇ କାର୍ଯ୍ୟ ସାରିବା ପାଇଁ କଟକ ମହାନଗର ନିଗମ(ସିଏମ୍‌ସି)କୁ ମନ୍ତ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି କଟକ ସହରର ପ୍ରତି ଘରକୁ ଅଳିଆ ଜମା କରିବା ପାଇଁ ଡଷ୍ଟବିନ୍ ଯୋଗାଇ ଦିଆଯିବ ବୋଲି ଜଣାପଡିଛି। ବାକି ରହିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ଯଥାଶୀଘ୍ର ସାରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସାମୁଦ୍ରିକ ଝଡ ଫନୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ପ୍ରକଳ୍ପର ପୁନଃନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସହରରେ ବାକିଥିବା ଜାଇକା, ରେଲ୍‌ୱେ, ଜଙ୍ଗଲ, ଜଳସମ୍ପଦ ଭିତ୍ତିଭୂମି କାର୍ଯ୍ୟ ତୁରନ୍ତ ସାରିବା ଉପରେ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି।

### ଅସ୍ୱାଭାବିକ ମୁଣ୍ଡ ସହ ବଞ୍ଚୁଥିଲେ ୧୫ ବର୍ଷୀୟ ଶିବଶଙ୍କର

# ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସ ପଠାଗଲା

କୋରାପୁଟ/ଜୟପୁର, ୧୨।୬(ସ୍ୱ.ପ୍ର./ଡି.ଏନ୍.ଏ.)



ଶିବ ଶଙ୍କରଙ୍କୁ ହସ୍ପିଟାଲ ନିଆଯାଉଛି ।

- ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ହେବ ଅସ୍ତ୍ରୋପଚାର
- ଖର୍ଚ୍ଚ ବହନ କରିବ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି

ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସ୍‌କେ) ଜରିଆରେ ଅସ୍ୱାଭାବିକ ମୁଣ୍ଡ ସହ ଜୀବନ ବିତାଉଥିବା ୧୫ ବର୍ଷୀୟ ଶିବଶଙ୍କର ପରଜାଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ବୁଧବାର ଦିଲ୍ଲୀ ପଠାଯାଇଛି। ଶିବଶଙ୍କରଙ୍କ ମୁଣ୍ଡ ଅସ୍ୱାଭାବିକ ଭାବେ ବଢୁଥିବା ନେଇ କେହି ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିବା ପରେ ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଶିବଙ୍କ ଚିକିତ୍ସା ପାଇଁ କୋରାପୁଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଆସିଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ କହିବା ପରେ ଏହି ବ୍ୟବସ୍ଥା ହୋଇପାରିଛି।

ଉଲ୍ଲେଖଯୋଗ୍ୟ ଯେ, କୋରାପୁଟ ଜିଲା ଜୟପୁର ବ୍ଲକ ରଣ୍ଡାପଲ୍ଲୀ ପଞ୍ଚାୟତର ବୈରାଗୀ ମଠ ଗ୍ରାମର ଦିନ ମଜୁରିଆ ଟୁନା ପରଜା ଓ ସାମୀ ପରଜାଙ୍କ ପୁଅ ଶିବଶଙ୍କର (୧୪)ଙ୍କ ପିଲାଟି ଦିନରୁ ମୁଣ୍ଡ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଥିଲା। ଜୟପୁର ଓ କୋରାପୁଟରେ ତାଙ୍କର ଚିକିତ୍ସା ସତ୍ତ୍ୱେ କୌଣସି ସୁଫଳ ମିଳି ନଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ଏହି ବାଳକର ଚିକିତ୍ସା ପାଇଁ ନିଜ ରିଲିଫ ପାଣ୍ଠିରୁ ସମସ୍ତ ଖର୍ଚ୍ଚ ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ଶିବଶଙ୍କରଙ୍କୁ ସୋମବାର ଉଦ୍ଧାର କରି କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ନେଇଥିଲା। ସେଠାରୁ ବୁଧବାର ତାଙ୍କୁ କଟକ ଶିଶୁ ଭବନ ଓ ପରେ ଦିଲ୍ଲୀସ୍ଥିତ ଅଲ ଇଣ୍ଡିଆ ମେଡିକାଲ ସାଇନ୍ସ (ଏମ୍‌ସ)କୁ ପଠାଯିବାର ବ୍ୟବସ୍ଥା କରାଯାଇଥିଲା। ତାଙ୍କର ଅସ୍ତ୍ରୋପଚାର ଓ ଅନ୍ୟ ଖର୍ଚ୍ଚ ଆରବିଏସ୍‌କେ ଦ୍ୱାରା କରାଯିବା ପାଇଁ କୋରାପୁଟ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ। ଆରବିଏସ୍‌କେର ଜିଲା ସଂଯୋଜକ ବିଭୁ ରଞ୍ଜନ ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଅସୁସ୍ଥ ଶିବଶଙ୍କରଙ୍କ ସହ ତାଙ୍କ ବାପା, ମା ଏବଂ ରାବଣାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଚୌଧୁରୀ ଚିତ୍ତରଞ୍ଜନ ବୁଧବାର ସନ୍ଧ୍ୟାରେ ଆମ୍ବୁଲାନ୍ସ ଯୋଗେ କଟକ ଶିଶୁଭବନ ଯାତ୍ରା କରିଥିଲେ।

# ୧୯ ନାଗ ସାପ ଉଦ୍ଧାର


ଉଦ୍ଧାର ହୋଇଥିବା ନାଗସାପ ।

ପାପଡାହାଣ୍ଡି,୧୨।୬(ଡି.ଏନ.ଏ):

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ସଦର ମହକୁମାର ଶୈଳବାଳା ପଟ୍ଟନାୟକଙ୍କ ବାଡିରୁ ବୁଧବାର ସନ୍ଧ୍ୟାରେ ୧୯ ନାଗ ସାପ ଉଦ୍ଧାର କରାଯାଇଛି। ସେଥିରେ ମା' ସହ ୧୮ଟି ନାଗ ସାପ ଛୁଆ ରହିଛନ୍ତି। ଉଦ୍ଧାର ବେଳେ ଗୋଟିଏ ନାଗସାପ ଛୁଆର ମୃତ୍ୟୁ ଘଟିଛି। ତେବେ ଆଉ ଅଧିକ ସାପ ଛୁଆ ରହିଥିବା ସନ୍ଦେହ କରି ଉଦ୍ଧାର କାର୍ଯ୍ୟ ଜାରି ରହିଛି। କିଛି ଦିନ ତଳେ ଶୈଳବାଳାଙ୍କ ପୁଅ ଶୀତୁ ସାପ କାତି ଦେଖି ବାଡିରେ ସାପ ଥିବା ସନ୍ଦେହ କରିଥିଲେ। ବୁଧବାର ତାଙ୍କ ଘରେ କାମ କରୁଥିବା ବନ୍ଧୁ ଭତରା ବାଡି ଭିତର ଏକ ଗାତରେ ସାପ ବାହାରିବା ଦେଖି ଶୀତୁଙ୍କୁ ଖବର ଦେଇଥିଲେ । ଶୀତୁ ଏ ସମ୍ପର୍କରେ ପାପଡାହାଣ୍ଡିର ସାପ ଧରାଳି ବିଜୟ ମହାନ୍ତିଙ୍କୁ ଖବର ଦେଇଥିଲେ। ବିଜୟ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହାୟତାରେ ସାପ ଗୁଡିକୁ ଉଦ୍ଧାର କରାଯାଇଥିଲା। ପ୍ରଥମେ ଛୁଆ ସାପ ଓ ପରେ ମା' ସାପକୁ ଉଦ୍ଧାର କରାଯାଇଥିଲା। ସାପଗୁଡିକୁ ଜଙ୍ଗଲରେ ଛଡାଯିବ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:...................................
ଜନ୍ମ ତାରିଖ: ..............................


ଅର୍ପନ୍‌ରାଜ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଓଡ଼ିଶା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପଠାଇବା ଆବଶ୍ୟକ।


# ଟ୍ରେଲର ପଛରେ ପିଟିଲା ପିକ୍‌ଅପ୍, ୨ ମୃତ

**ଚଣ୍ଡିଖୋଲ,୧୨।୬(ଡି.ଏନ୍.ଏ.)**

୧୬ ନଂ ଜାତୀୟ ରାଜପଥର ବଡ଼ଚଣା ଥାନା ଅନ୍ତର୍ଗତ ହାଟକରଣା ଛକ ନିକଟରେ ବୁଧବାର ଟ୍ରେଲରକୁ ପିକଅପ୍ ଭ୍ୟାନ୍ ପଛପଟୁ ଧକ୍କା ଦେବାରୁ ୨ ଜଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଅନ୍ତର୍ଗତ ଚନ୍ଦକା ଥାନା ଅଧୀନ ମହୁଲ ଗ୍ରାମର ଗାଡ଼ି ଚାଳକ ନମ୍ୟକାନ୍ତ ଛୋଟରାୟ (୩୩) ଓ ତାଙ୍କ କକା ସଚ୍ଚିଦାନନ୍ଦ ଛୋଟରାୟ (୩୬)। ଖବରପାଇ ବଡ଼ଚଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି। ପ୍ରକାଶ ଯେ, ପିକଅପ୍ ଭ୍ୟାନ୍ ଚଣ୍ଡିଖୋଲରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ଅସାବଧାନତା ଯୋଗୁ ଜାତୀୟ ରାଜପଥ ପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରେଲରକୁ ପଛପଟୁ ଧକ୍କା ଦେଇଥିଲା। ତେବେ ଘଟଣାସ୍ଥଳରେ ପିକଅପ ଭ୍ୟାନରେ ଥିବା ୨ ଜଣଙ୍କର ମୃତ୍ୟୁ ଘଟିଛି।


ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍।

# ଫୋକସ୍ ପାହ୍ୟା ଦାବିକୁ ନେଇ ରାଜନୀତି

- **କଂଗ୍ରେସର ସମର୍ଥନ**
- **ଭାଜପାର ବିରୋଧ**

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାତ୍ୟା ଫନି ପ୍ରଭାବିତ ଓଡ଼ିଶାକୁ ଫୋକସ୍ ରାଜ୍ୟର ମାନ୍ୟତା ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଙ୍ଗଳବାର ସାକ୍ଷାତ ବେଳେ ଦାବି କରିଛନ୍ତି। ବିଜେଡି ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ଦାବିକରିଆସୁଥିଲେ। ଫୋକସ୍ ରାଜ୍ୟ ମାନ୍ୟତା ଦାବି କରିବା ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସ ଏହାକୁ ସମର୍ଥନ କରିଥିବାବେଳେ ଭାଜପା ପକ୍ଷରୁ ଏହାକୁ ବିରୋଧ କରାଯାଇଛି।

କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଫୋକସ୍ ରାଜ୍ୟ ଦାବିକୁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ ଏହି ଦାବି ଯୁକ୍ତିଯୁକ୍ତ। ନବୀନଙ୍କ ଦାବିକୁ ମୁଁ ପୂର୍ଣ୍ଣ ସମର୍ଥନ କରୁଛି। ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ହୋଇଥିବାରୁ ଏହି ଦାବି ଯଥାର୍ଥ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସେ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରି କହିଛନ୍ତି ଯେ ନବୀନ ଯେତେବେଳେ କେନ୍ଦ୍ର ମନ୍ତ୍ରୀ ଥିଲେ ଓ ଭାଜପା ସହିତ ମିଶି ଶାସନ କରୁଥିଲେ ସେତେବେଳେ ମଧ୍ୟ ଏହି ଦାବି ଉଠାଇ ପାରିଥାଆନ୍ତା। ସେ କାହିଁକି ଏହି ଦାବି ଉଠାଇ ନ ଥିଲେ ତାହାର ଜବାବ ଦେବା ଦରକାର ବୋଲି ମଧ୍ୟ ସେ କହିଛନ୍ତି। ଏହାର ଭୌଗୋଳିକ ଅବସ୍ଥିତି ଯୋଗୁ ଓଡ଼ିଶା ବାରମ୍ବାର ପ୍ରାକୃତିକ ବିପତ୍ତି ଦ୍ୱାରା କ୍ଷତିଗ୍ରସ୍ତ ହେଉଛି। ଓଡ଼ିଶାକୁ ସ୍ପେଶାଲ ଫୋକସ୍ ଷ୍ଟେଟ ମାନ୍ୟତା ଦେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ନିକଟରେ ଦାବି କରିଛନ୍ତି। ତେବେ ଭାଜପା ଏହାକୁ ନାଟକବାଜି ବୋଲି କହିଛି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି କରି ଆସୁଥିବା ବିଜେଡି ଏବେ ସ୍ୱତନ୍ତ୍ର ଫୋକସ୍ ରାଜ୍ୟ ପାହ୍ୟା ଦାବି କରୁଛି। ଏହା ବିଜେଡିର ଆଉ ଏକ ଡ୍ରାମା ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ବିଜେଡି ସରକାର ରାଜ୍ୟର ବିକାଶ ପ୍ରତି ଧ୍ୟାନ ଦେବା ଦରକାର। ରାଜ୍ୟବାସୀଙ୍କ ମଙ୍ଗଳ ପାଇଁ କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ରାଜ୍ୟରେ ଠିକ୍ ଭାବରେ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ବିଜେଡି ସରକାର ସେଉଁ ଫୋକସ୍ ପାହ୍ୟା ଦାବି କରୁଛି ସେମିତି କିଛି ବାସ୍ତବରେ ନାହିଁ। ଫନୀର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିବାରେ ଅବହେଳା କଲେ ଆମେ ତାକୁ ଜନସାଧାରଣଙ୍କ ଦୃଷ୍ଟିକୁ ଆଣିବୁ ବୋଲି ସେ କହିଛନ୍ତି।

## ନେପାଳ ଦୁର୍ଘଟଣାରେ ୨ ଓଡ଼ିଆଙ୍କ ମୃତ୍ୟୁ ଘଟଣା

# ଧର୍ମେନ୍ଦ୍ରଙ୍କ ଚିଠି ପରେ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ସାକ୍ଷାତ୍ କଲେ ସମ୍ବିତ୍

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ଓଡ଼ିଆ ତୀର୍ଥଯାତ୍ରୀମାନେ ଥିବା ଏକ ବସ୍ ସୋମବାର ନେପାଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଦୁଇଜଣ ଓଡ଼ିଆଙ୍କ ମୃତ୍ୟୁ ହେବା ସହ ୨୧ଜଣ ଆହତ ହୋଇଥିଲେ। ୨ ମୃତକ ବିଜୟ କୁମାର ଦେଶ, ଚରଣ ବିଶ୍ୱାଳ ଯଥାକ୍ରମେ ପୁରୀ ଓ ଖୋର୍ଦ୍ଧା ଜିଲାର ହୋଇଥିବାବେଳେ କେତେଜଣ ଆହତ ମଧ୍ୟ ଏହି ଦୁଇ ଜିଲାର। ଆହତମାନଙ୍କ ଚିକିତ୍ସା ସହ ସେମାନଙ୍କୁ ସୁରକ୍ଷିତ ଭାବେ ଘର ଫେରାଇ ଆଣିବା ଏବଂ ମୃତଦେହ ଆଣିଯିବା ପ୍ରସଙ୍ଗରେ ସହଯୋଗ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବହିର୍ବ୍ୟାପାର ମନ୍ତ୍ରୀ ସୁବ୍ରମଣ୍ୟମ୍ ଜୟଶଙ୍କରଙ୍କୁ ଚିଠି ଲେଖିଥିଲେ। ଏହାର ଦିନକପରେ ଏହି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ଜୟଶଙ୍କରଙ୍କୁ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ର ସାକ୍ଷାତ କରିଛନ୍ତି। ଜୟଶଙ୍କରଙ୍କ ସହ ଆଲୋଚନା କରିବା ପରେ ସମ୍ବିତ କହିଛନ୍ତି, ଆମ ଦୁଇଜଣ ଓଡ଼ିଆ ଭାଇ ତୀର୍ଥ ପାଇଁ ଯାଇ ଜୀବନ ହରାଇଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଘଟଣା ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ ଅବଗତ କରାଇ ହସ୍ତକ୍ଷେପ ଲୋଡ଼ିଥିଲେ। ତାଙ୍କୁ ଆଉଥରେ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛି। ସେ ନିଜେ ଫୋନ୍ ଯୋଗେ ନେପାଳ ଅଧିକାରୀଙ୍କ ସହ ଆଲୋଚନା କଲେ। ମୃତକ ଏବଂ ଆହତଙ୍କ ଲାଗି ଯାହା ଆବଶ୍ୟକ ପଡ଼ିବ ସେସବୁ ଯୋଗାଇ ଦେବା ଲାଗି ମନ୍ତ୍ରଣାଳୟକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ମୃତଶରୀର ନେପାଳରୁ ଫେରିବା ପରେ ଓଡ଼ିଶା ଯିବ, ଯାହାସବୁ ଆବଶ୍ୟକ ପଡ଼ିବ ସେସବୁ ସହଯୋଗ ଯୋଗାଇ ଦେବି ବୋଲି ସମ୍ବିତ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଆଇନକୁ ପାଲୁନାହାନ୍ତି ...

କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଥିବାବେଳେ ଅନ୍ୟପଟେ ଘଟଣାକୁ ନେଇ ମାନସିକ ସ୍ତରରେ ଦୁର୍ବଳ ହୋଇ ଜୀବନ ହାରିବା ଭଳି ଘଟଣାମାନ ଘଟୁଛି। ଉଦାହରଣ ଭାବେ କୁଲ୍ଲି ଘଟଣାକୁ ଦେଖିଲେ ଏହା ପ୍ରମାଣିତ ହେଉଛି। କାରଣ କୁଲ୍ଲି ପୀଡ଼ିତା ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କୁ ମାତ୍ର ୫୦ ହଜାର ଟଙ୍କାର କ୍ଷତିପୂରଣ ରାଶି ମିଳିଥିଲା। ତାହା ପୁଣି ଓଡ଼ିଶା ମାନବାଧିକାର କମିଶନଙ୍କ ଆଦେଶ ଅନୁଯାୟୀ ମିଳିଥିଲା।

ଗତ ୩ ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୩୦ରୁ ଅଧିକ ବଳାତ୍କାର, ଗଣବଳାତ୍କାର ଓ ବଳାତ୍କାର ପରେ ହତ୍ୟା ଭଳି ଘଟଣା ଘଟିଛି। କିନ୍ତୁ ଏହି ପୀଡ଼ିତା କିମ୍ବା ତାଙ୍କ ପରିବାରବର୍ଗଙ୍କୁ ସରକାର କ୍ଷତିପୂରଣ ରାଶି ଦେବାରେ ସକ୍ଷମ ହୋଇନାହାନ୍ତି। ସରକାରଙ୍କ ଏଭଳି ଅବହେଳାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ ଦାସ ରାଜ୍ୟ ମାନବାଧିକାର କମିଶନ(ଓଏଚଆରସି)ଙ୍କ ନିକଟରେ ମାମଲା ରୁଜୁ କରିଛନ୍ତି। ସେ ପିଟିସନରେ ଦର୍ଶାଇଛନ୍ତି, ନୟାଗଡ଼, ଭୁବନେଶ୍ୱର, କଟକ, କୋରାପୁଟ ଆଦି ଅଞ୍ଚଳରେ ଇତିମଧ୍ୟରେ ୩୦ ପାଖାପାଖି ଘଟଣା ଘଟିଛି। ପ୍ରତ୍ୟେକ ଘଟଣାକୁ ଅନୁଶୀଳନ କରିବାରୁ ଜଣାପଡ଼ିଛି ଯେ, ଏଥିପ୍ରତି ସରକାର ଆଦୌ ଯତ୍ନବାନ୍ ନାହାନ୍ତି। ଫଳରେ ଜଣେ ପୀଡ଼ିତା ତାଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଉଦାହରଣ ଦେଇ ଦାସ କହିଛନ୍ତି, ଗତ ଏପ୍ରିଲ ୧୯ରେ ଭୁବନେଶ୍ୱରର ଖଣ୍ଡଗିରି ଥାନା ଅଞ୍ଚଳରେ ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଏହି ଘଟଣାରେ ପୋଲିସ ବୀରେନ୍ଦ୍ର ପ୍ରଧାନ(୪୫) ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲା। ଏ ନେଇ ଖଣ୍ଡଗିରି ଥାନାରେ ଏକ ମାମଲା(ନଂ.୧୮୪/୧୯) ରୁଜୁ ହୋଇଥିଲା। ମାତ୍ର ଅଦ୍ୟାବଧି ସମ୍ପୃକ୍ତ ପୀଡ଼ିତାଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇନାହିଁ।

ସେହିପରି ଗତ ୭ ତାରିଖରେ ମର୍କତନଗର ଥାନା ଅଞ୍ଚଳରେ ଆଉ ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୮୪/୧୯) ରୁଜୁ କରିଥିଲା। ଏଥିସହ ଉକ୍ତ ଘଟଣାରେ ସମ୍ପୃକ୍ତ ରମେଶ ମହାରଣା ନାମକ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିନ୍ତୁ ପୀଡ଼ିତାଙ୍କୁ କ୍ଷତିପୂରଣ ରାଶି ମିଳି ନ ଥିବା ଜୟନ୍ତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଏପ୍ରିଲ ୨୭ ତାରିଖରେ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଓ ହତ୍ୟା ପରେ ଜଙ୍ଗଲରେ ପୋତି ଦିଆଯାଇଥିଲା। ହେଲେ ମୃତା ପୀଡ଼ିତାଙ୍କ ପରିବାରକୁ ଆଇନ ଅନୁଯାୟୀ ୧୦ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ରାଶି ମିଳିବା କଥା। କିନ୍ତୁ ଅଦ୍ୟାବଧି ଉକ୍ତ ପରିବାରକୁ କ୍ଷତିପୂରଣ ମିଳି ନ ଥିବାରୁ ଜୟନ୍ତ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ କରିଛନ୍ତି। ପୀଡ଼ିତାମାନଙ୍କୁ ନ୍ୟାୟଦେବା ସହିତ ମାନସିକ ସ୍ତରରେ ସୁଦୃଢ଼ କରିବା ଓ ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଆଇନ ପ୍ରଣୟନ କଲେ। କିନ୍ତୁ ସରକାରୀ କାର୍ଯ୍ୟାଳୟରେ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏହି ଆଇନ ପୀଡ଼ିତା କିମ୍ବା ସେମାନଙ୍କ ପରିବାର ପାଖରେ ପହଞ୍ଚ ପାରୁ ନ ଥିବା ଜୟନ୍ତ ଅଭିଯୋଗ କରିଛନ୍ତି।

ବଳାତ୍କାର ପୀଡ଼ିତାମାନଙ୍କୁ କ୍ଷତିପୂରଣ ରାଶି ମିଳିବାରେ ବିଳମ୍ବ ହେବା ସମ୍ପର୍କରେ ଆଇନସେବା ପ୍ରାଧିକରଣର ପାରାଲିଗାଲ ଭଲ୍ୟୁଣ୍ଟିୟର ଶର୍ମିଷ୍ଠାରାଣୀ ନନ୍ଦ କୁହନ୍ତି, ପୀଡ଼ିତା କିମ୍ବା ସେମାନଙ୍କ ପରିବାର ଆବେଦନ କରିବାରେ ବିଳମ୍ବ କରୁଛନ୍ତି। ଏପରି କି ଆବଶ୍ୟକ କାଗଜପତ୍ର ମଧ୍ୟ ଦାଖଲ କରିବାରେ ଅନେକ ତ୍ରୁଟି କରୁଛନ୍ତି। ଅନେକ କ୍ଷେତ୍ରରେ ବଳାତ୍କାର ଘଟଣା ପରେ ପୀଡ଼ିତାଙ୍କ ପରିବାର ମାମଲାର ଫଇସଲା ନିଜ ସ୍ତରରେ କରିଦେଉଥିବାରୁ ଏଭଳି ପରିସ୍ଥିତି ଉପୁଜୁଛି। ଆଇନସେବା ପ୍ରାଧିକରଣଙ୍କ ପ୍ୟାନେଲ ଆଡଭୋକେଟ ମାନସ ରଞ୍ଜନ ତ୍ରିପାଠୀ କୁହନ୍ତି, ଅନେକ ସମୟରେ ପୀଡ଼ିତାମାନେ ମତ ବଦଳାଉଛନ୍ତି। ତ୍ରିପାଠୀ ନିଜ ଅନୁଭୂତିରୁ କୁହନ୍ତି, ସେ ପାଖାପାଖି ୫୦ଟି ମାମଲା ପରିଚାଳନା କରିବା ସମୟରେ ଏଭଳି ପରିସ୍ଥିତିରେ ସାମ୍ନା କରିଛନ୍ତି। ତେଣୁ ପୀଡ଼ିତା ମତ ବଦଳାଇବା ଦ୍ୱାରା ମାମଲାଟି ଦୁର୍ବଳ ହେବା ସହିତ ଆଉ ଏକ ସମସ୍ୟା ସୃଷ୍ଟି କରୁଛି। ମୁଖ୍ୟତଃ ଅଧିକାଂଶ କ୍ଷେତ୍ରରେ ପୀଡ଼ିତାମାନେ ଅଭିଯୁକ୍ତଙ୍କ ସହିତ ଫଇସଲା କରୁଥିବାରୁ ସମସ୍ୟା ଉପୁଜୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଆଇନରୁ ଫାଇଦା ନେବାକୁ ମଧ୍ୟ କେତେକଣ ଚେଷ୍ଟା କରୁଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି।

## ଏୟାରଜି ଟ୍ରେନିଂ ...

ଥାନାରେ ବିଶ୍ୱଜିତ୍ କରିଥିବା ଅଭିଯୋଗ ଅନୁସାରେ, ସେ କେନ୍ଦୁଝର ଜିଲା ଘଟଗାଁ ଥାନାର ଏଏସ୍‌ଆଇ ଭାବେ କାର୍ଯ୍ୟ କରୁଛନ୍ତି। ଆର୍ମ୍ସ ଆଣ୍ଡ ଏକ୍ସପ୍ଲୋସିଭ୍ସ ଟାକ୍‌ଟିକ୍ସ (ଏଇଟି) ଟ୍ରେନିଂ ପାଇଁ ଚନ୍ଦକା ଏୟାରଜି ସେଣ୍ଟରକୁ ଆସିଥିଲେ। ଟ୍ରେନିଂ ସମୟରେ ପୁରା ଜିଲା ନିମ୍ନୋଚ୍ଚ ବାତ୍ୟା ଫୁଟିରେ ଯାଉଥିଲେ। ଏହି ସମୟରେ ଅଣ୍ଟାରେ ଗୁରୁତର ଆଘାତ ଲାଗିବାରୁ ନିମାପଡ଼ା ସିଏଚ୍‌ସିରେ ଚିକିତ୍ସିତ ହୋଇଥିଲେ। କଷ୍ଟ ଅନୁଭବ କରୁଥିବାରୁ ଫେରିବା ପରେ ଏୟାରଜି ଟ୍ରେନିଂ ସେଣ୍ଟର ହସ୍ପିଟାଲରେ ଡାକ୍ତରଙ୍କୁ ଦେଖାଇଥିଲେ। କୌଣସି ଶାରୀରିକ ପରିଶ୍ରମ ଓ ଅଣ୍ଟା ଉପରେ ଚାପ ପଡ଼ିବା ଭଳି କାର୍ଯ୍ୟ ନ କରିବାକୁ କହି ୩ଦିନ ବିଶ୍ରାମ ନେବାକୁ ମେଡିକାଲ ଅଫିସର ପରାମର୍ଶ ଦେଇଥିଲେ।

୧୧ ତାରିଖ ସକାଳେ ଟ୍ରେନିଂ ଅଫିସର ତାଙ୍କୁ ଦୌଡ଼ାଇବା ସହ ତାଙ୍କୁ କେତେକ ବ୍ୟାୟାମ କରିବାକୁ କହିଥିଲେ। ହେଲେ ଡାକ୍ତର ମନା କରିଥିବା କହିବାରୁ ସେ ଏ ସମ୍ପର୍କରେ ଟ୍ରେନିଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କୁ ଜଣାଇଥିଲେ। ଏହାପରେ ସେ ତାଙ୍କୁ ଏୟାରଜି କମାଣ୍ଡାଣ୍ଟ ଅନିରୁଦ୍ଧ ସିଂଙ୍କ ନିକଟକୁ ନେଇଥିଲେ। ଘଟଣା ସମ୍ପର୍କରେ ବିଶ୍ୱଜିତ୍ ସବୁକିଛି ଜଣାଇଥିଲେ ମଧ୍ୟ କମାଣ୍ଡାଣ୍ଟ ସିଂ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଥାନା ପୋଲିସ ସବୁ ଦେଶଦ୍ରୋହୀ, ମାଓିଷ୍ଟ ଖାଉଛ ବୋଲି କହି ଉତ୍ତେଜିତ ହୋଇପଡ଼ିଥିଲେ। ଏପରିକି ଚାକିରିରୁ ବାହାର କରିଦେବାକୁ ଧମକ ଦେଇଥିଲେ। ସେଠାରେ ଅନ୍ୟ ଉଚ୍ଚ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ବିଶ୍ୱଜିତ୍ ମାନସିକ ଯନ୍ତ୍ରଣା ପାଇବା ସହ ଏ ସମ୍ପର୍କରେ ଆଡିଶନାଲ ଡିଜି ଟ୍ରେନିଂ ଓ ଆଇଜି ପର୍ସୋନେଲଙ୍କୁ ଭେଟିବାକୁ ଏୟାରଜି କମାଣ୍ଡାଣ୍ଟ ସିଂଙ୍କୁ ଦରଖାସ୍ତ ଦେଇଥିଲେ। ହେଲେ ଦିନକ ବିତିଯାଇଥିଲେ ମଧ୍ୟ ସେ ଏଥିପାଇଁ ଅନୁମତି ଦେଇ ନ ଥିଲେ। ୧୨ ତାରିଖରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ କମାଣ୍ଡାଣ୍ଟ ସିଂ ସେଠାରେ ପହଞ୍ଚି ତାଙ୍କୁ ବିଶ୍ରାମ ନ ଦେବାକୁ ଡାକ୍ତରଙ୍କୁ କହିବା ସହ ଚାକିରିରୁ ବହିଷ୍କାର କରିବାକୁ ପୁଣି ଧମକ ଦେଇଥିଲେ ବୋଲି ବିଶ୍ୱଜିତ୍ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିବେଦନ କରିଛନ୍ତି।

ଅନ୍ୟପକ୍ଷରେ ବିଶ୍ୱଜିତ୍‌ଙ୍କ ଏପରି ଅଭିଯୋଗ ଓ ବୁଧବାର ଟ୍ରେନିଂ ସମୟରେ ୨୪ରୁ ଊର୍ଦ୍ଧ୍ୱ ଅସୁସ୍ଥ ହେବା ପରେ ଖବର ସଂଗ୍ରହ ପାଇଁ ଟ୍ରେନିଂ ସେଣ୍ଟରକୁ ଯାଇଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ କେତେଜଣ ଯବାନ ମୁହଁ ଖୋଲିଛନ୍ତି। ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେଠାରେ ଚାଲିଥିବା ଦୁର୍ନୀତି ବିଷୟରେ ନାମ ଗୋପନ ରଖି କହିଛନ୍ତି ଯେ, ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ କେତେଜଣ ଅଧିକାରୀ ଓ କର୍ମଚାରୀ ଜୋକି ଦଖଲ କରି ରାଜ୍ କରୁଛନ୍ତି। ଦାୟିତ୍ୱରେ ଥିବା ନିର୍ଦ୍ଦିଷ୍ଟ ଅଧିକାରୀ ଟ୍ରେନି ପିଲାଙ୍କ ପାଇଁ ଆସୁଥିବା ଖାଦ୍ୟ ଏବଂ ପୋଷାକ ଟଙ୍କାକୁ ବାଟମାରଣା କରୁଛନ୍ତି। ଏ ନେଇ ମୁହଁ ଖୋଲିଲେ ଅତ୍ୟାଚାର କରାଯାଉଛି। ଚାକିରି ନେଇଯିବାକୁ ଧମକ ଦିଆଯାଉଛି।

ଏୟାରଜି ଟ୍ରେନିଂ କମାଣ୍ଡାଣ୍ଟ ଅନିରୁଦ୍ଧ ସିଂ କୁହନ୍ତି, ବିଶ୍ୱଜିତ୍‌ଙ୍କ ଅଭିଯୋଗ ଠିକ୍ ନୁହେଁ। ସେ ଗତକାଲି ୩ କିମି ଦୌଡ଼ିବା ପରେ ଅଣ୍ଟାରେ ଯନ୍ତ୍ରଣା ହେଉଥିବା ବାହାନା କରି ହସ୍ପିଟାଲରେ ଥିଲେ। ବୁଧବାର ତାଙ୍କୁ ହସ୍ପିଟାଲରେ ଭେଟିବାବେଳେ ବିଶ୍ୱଜିତ୍‌ଙ୍କୁ ତାଗିଦ୍ କରିବାରୁ ସେ ଯୁକ୍ତିତର୍କ କରିଥିଲେ। ସସ୍ପେଣ୍ଡ କରିଦେବାକୁ କହିବାରୁ ସେ ମିଛିମିଛି ଥାନାରେ ଏପରି ଅଭିଯୋଗ ଆଣିଥିବା ସିଂ କହିଛନ୍ତି। ଅନ୍ୟପକ୍ଷରେ ଦୁର୍ନୀତି ଓ ଅନ୍ୟ ଅଭିଯୋଗ ସମ୍ପର୍କରେ ଡିଜିପି ଆର୍.ପି. ଶର୍ମାଙ୍କୁ ଜଣାଇବାରୁ ସେ ଏହା ଉପରେ ତଦନ୍ତ କରାଯିବ ବୋଲି କହିଛନ୍ତି।

## ପୋଲିସ-ମାଓବାଦୀ...

ଯାଉଥିବା କୁହାଯାଉଛି। ଗୁଳି ବିନିମୟ ପରେ ପୋଲିସ ମାଓବାଦୀ ଶିବିରରୁ ଏଟିଏମ୍‌ ରାଇଫଲ, ୧୪ଟିକିଟ ବ୍ୟାଗ, ୨ଟିମୋବାଇଲ ଫୋନ୍, ଲାଣ୍ଡମାଇନ, ବିସ୍ଫୋରକ ତାର ଚାବି, ମେଡିକାଲ କିଟ ଓ ପୁସ୍ତିକା ଜବତ କରିଛି। ଘଟଣା ପରେ ସର୍ଚ୍ଚ ଅପରେଶନକୁ ଜୋରଦାର କରାଯାଇଛି। ସୂଚନାଯୋଗ୍ୟ ଯେ, ତ୍ରିକୋଣା ଷ୍ଟ୍ରିଙ୍ଗଜୋନରେ ମାଓବାଦୀମାନେ ଗତ କିଛିଦିନ ଧରି ବେଶ ସକ୍ରିୟ ଅଛନ୍ତି। ଏବେ ସେମାନେ ନିଜର ସ୍ଥାନ ପରିବର୍ତ୍ତନ କରିଛନ୍ତି। ଏହି ଘଟଣା ପରେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ହାଇ ଆଲର୍ଟ ଜାରି କରାଯାଇଛି।

## ବାର୍ କାଉନ୍‌ସିଲ...

ଘନିଷ୍ଠ ସହଯୋଗୀ ମନୀଷ ଶର୍ମା ମଧ୍ୟ ସେଠାକୁ ଯାଇଥିଲେ। କୌଣସି କଥାକୁ ନେଇ ଦରବେଶ ଓ ମନୀଷଙ୍କ ମଧ୍ୟରେ ବିବାଦ ହୋଇଥିଲା। ମନୀଷ ଏଥିରେ ଉତ୍ତେଜିତ ହୋଇ ନିଜ ଲାଇସେନ୍ସପ୍ରାପ୍ତ ପିସ୍ତଲରୁ ଖୁବ୍ ନିକଟରୁ ଲଗାତର ୩ଟି ଗୁଳି ଦରବେଶଙ୍କ ଉପରକୁ ଚଳାଇଥିଲେ। ପରେ କେହି କିଛି ଚିନ୍ତା କରିବା ପୂର୍ବରୁ ସେ ନିଜକୁ ଗୁଳିକରି ଦେଇଥିଲେ। ଗୁଳିବିଦ୍ଧ ଦରବେଶଙ୍କୁ ନିକଟସ୍ଥ ପୁଷ୍ପାଞ୍ଜଳି ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ମନୀଷଙ୍କୁ ଲୋଟସ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସେ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଘଟଣା ସ୍ଥଳରୁ ପିସ୍ତଲକୁ ଜବତ କରି ତଦନ୍ତ ଜାରି ରଖିଥିବା ଆଗ୍ରା ସିଟି ଅତିରିକ୍ତ ଏସ୍‌ପି ପ୍ରଶାନ୍ତ ବର୍ମା କହିଛନ୍ତି।

## ୪୨ ଡିଗ୍ରୀ ଖରାରେ ...

ଗାଡ଼ିରେ ସେମାନଙ୍କୁ ଟ୍ରେନିଂ ସେଣ୍ଟର ପରିସରସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ହସ୍ପିଟାଲରେ ୨୦ ଏୟାରଜି ଯବାନ, ୩ଜଣ ଏଏସ୍‌ଆଇ ଓ ଜଣେ ମହିଳା ଡିଏସ୍‌ପିଙ୍କୁ ଅକ୍ସିଜେନ, ସାଲାଇନ୍ ଦିଆଯାଇ ଚିକିତ୍ସା ଆରମ୍ଭ ହୋଇଥିବାବେଳେ ଅନ୍ୟ କେତେଜଣ ସାମାନ୍ୟ ଅସୁସ୍ଥଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଥିଲା। ଘଟଣା ସମ୍ପର୍କରେ ଏୟାରଜି ଟ୍ରେନିଂ କମାଣ୍ଡାଣ୍ଟ ଅନିରୁଦ୍ଧ କୁମାର ସିଂଙ୍କୁ ପଚାରିବାରୁ ସେ କହିଲେ, ମାଓବାଦୀଙ୍କ ସହ ଲଢ଼ିବାକୁ ଆମକୁ ସେପରି ଦକ୍ଷ ହେବାକୁ ପଡ଼ିବ। ତେଣୁ ଯବାନ ଓ ପୋଲିସ ଅଧିକାରୀଙ୍କୁ କଡ଼ା ଟ୍ରେନିଂ ଦେବାକୁ ପଡୁଛି। ବୁଧବାର ଟ୍ରେନିଂ ସମୟରେ ଗରମ ଓ ଝାଳୁଆ ଟିକେ ଅଧିକ ଥିଲା। ୧୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ହୋଇପଡ଼ିବାରୁ ସେମାନଙ୍କୁ ତୁରନ୍ତ ଚିକିତ୍ସା କରାଯାଇଥିଲା। ଏବେ ସେମାନେ ସୁସ୍ଥ ଅଛନ୍ତି।

# ମେ ସୁଦ୍ଧା ରାଜସ୍ୱ ସଂଗ୍ରହ ୧୯% ବୃଦ୍ଧି

**ସଚିବସ୍ତରୀୟ ବୈଠକ ଅନୁଷ୍ଠିତ**

**ଭୁବନେଶ୍ୱର,୧୨।୬(ବ୍ୟୁରୋ)**

ଚଳିତ ଆର୍ଥିକ ବର୍ଷର ଗତ ମେ ମାସ ଶେଷ ସୁଦ୍ଧା ଓଡ଼ିଶା ରାଜସ୍ୱ ସଂଗ୍ରହରେ ୧୯ପ୍ରତିଶତ ଅଭିବୃଦ୍ଧି ଘଟିଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏନେଇ ଆଲୋଚନା ହୋଇଛି। ବିଭିନ୍ନ ବିଭାଗର ରାଜସ୍ୱ ପରିଚାଳନା କାର୍ଯ୍ୟ ସମୀକ୍ଷା କରି ମୁଖ୍ୟ ଶାସନ ସଚିବ ଜୁନ ଓ ଜୁଲାଇରେ ବଜେଟ ବିନିଯୋଗ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବାକୁ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ଅଗ୍ରାଧିକାର ଭିତ୍ତିରେ ବାର୍ଷିକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ମଧ୍ୟ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରି ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀ କହିଛନ୍ତି ଯେ, ଏଥିପାଇଁ କାର୍ଯ୍ୟାଳୟରେ ୩୦୬ ମାନାଙ୍କ ଚିହ୍ନଟ କରାଯାଇଛି। ଏଗୁଡ଼ିକରେ ପ୍ରାୟ ୧୮ଟି ବିଭାଗର କାର୍ଯ୍ୟ ଅନ୍ତର୍ଭୁକ୍ତ। ତେଣୁ ଓଡ଼ିଶା ପାଇଁ ପ୍ରଯୁଜ୍ୟ ଲକ୍ଷ୍ୟଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକ ହାସଲ ନିମନ୍ତେ ସମୟ ଅନୁସୂଚିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବାର୍ଷିକ ବଜେଟ ଆସନ୍ତା ୨୮ରେ ଉପସ୍ଥାପନ କରାଯିବ ବୋଲି ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା କହିଛନ୍ତି। ଏଥିଲାଗି ନିଜନିଜ ବିଭାଗର ନୂଆ ପଦକ୍ଷେପ ବିଷୟରେ ତୁରନ୍ତ ଅର୍ଥ ବିଭାଗକୁ ଅବଗତ କରାଇବାକୁ ସେ କହିଛନ୍ତି। ବିଭିନ୍ନ ସରକାରୀ ବିଭାଗ, ସ୍ୱୟଂଶାସିତ ସଂସ୍ଥା ଏବଂ ସାଧାରଣ ଉଦ୍ୟୋଗଗୁଡ଼ିକ ନିଜ ବିଭାଗ ପାଇଁ ଆବଶ୍ୟକ କ୍ରୟ ଅନ୍‌ଲାଇନ୍ ମାଧ୍ୟମରେ ଅର୍ଥାତ୍ 'ଜେମ୍ ପୋର୍ଟାଲ୍' ଦ୍ୱାରା କରିବାକୁ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଏଥିଲାଗି ଆବଶ୍ୟକ ତାଲିମ ଓ ସହାୟତା କୋଷାଗାର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଥିବା ଜେମ୍ ପୋର୍ଟାଲ୍ ୟୁନିଟ୍ ଯୋଗାଇବ। ବର୍ତ୍ତମାନ ସୁଦ୍ଧା ଏହି ପୋର୍ଟାଲରେ ୯୧୮ଟି ବ୍ୟବହାରକାରୀ ସଂସ୍ଥା ପଞ୍ଜିକୃତ ହୋଇଛନ୍ତି।

ଚଳିତ ମାସ ଶେଷସୁଦ୍ଧା ରାଜସ୍ୱ ସଂଗ୍ରହ ପୂର୍ବବର୍ଷର ଏହି ସମୟ ଅପେକ୍ଷା ବଢ଼ିଛି। ୨୦୧୮ ମେ ସୁଦ୍ଧା ରାଜସ୍ୱ ସଂଗ୍ରହ ୫୪୬୭ କୋଟି ଟଙ୍କା ହୋଇଥିଲା। ଚଳିତ ବର୍ଷ ମେ ସୁଦ୍ଧା ଏହା ୬୫୦୫ କୋଟିଟଙ୍କାକୁ ବୃଦ୍ଧି ପାଇଛି। ଗତବର୍ଷଠାରୁ ଏଥର ୧୦୩୮ କୋଟି ଟଙ୍କା ଅଧିକ ରାଜସ୍ୱ ଆଦାୟ ହୋଇଛି। ଏଥି ମଧ୍ୟରୁ ନିଜସ୍ୱ ଟିକସ ବାବଦରେ ୪୨୫୬ କୋଟି ଟଙ୍କା ସଂଗ୍ରହ ହୋଇ ୧.୯୫% ଏବଂ ଅଣଟିକସ ବାବଦରେ ୨୨୪୭ କୋଟି ଟଙ୍କା ସଂଗ୍ରହ ହୋଇ ୪୩.୨୧% ବୃଦ୍ଧି ହୋଇଛି। ଅଣଟିକସ ରାଜସ୍ୱ ବାବଦରେ ଇସ୍ପାତ ଓ ଖଣି ବିଭାଗର ଖଣି ରୟାଲଟିରେ ସର୍ବାଧିକ ୫୧.୮୧% ଏବଂ ଜଳ ସମ୍ପଦ ବିଭାଗ ଶିଳ୍ପ ପାଇଁ ଜଳ ଯୋଗାଣରେ ୧୭.୨୨% ବୃଦ୍ଧି ଘଟିଛି। ନିର୍ବାଚନ ଆଚରଣ ବିଧି ଯୋଗୁ ଗତ ମାସରେ ଯୋଜନା ଓ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ପରିମାଣ ପୂର୍ବ ବର୍ଷ ତୁଳନାରେ କମ୍ ରହିଛି। ମେ ଶେଷସୁଦ୍ଧା ଯୋଜନା ବାବଦରେ ବଜେଟ ବିନିଯୋଗ ୮୭୬୭ କୋଟି ହୋଇଛି, ଯାହା ପୂର୍ବ ବର୍ଷ ଏହି ସମୟ ତୁଳନାରେ ୧୯ପ୍ରତିଶତ କମ୍ ବୋଲି ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଭୁଆ, ଗଞ୍ଜାମ

**ମେଷ** - ଆଜି ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଆପଣଙ୍କ ଯାତ୍ରାରେ ଲକ୍ଷ୍ୟ ପୂରଣ କରାଇବ। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ହେତୁ ପାରିବାରିକ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ କୌଣସି କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ମାଳିନିକଦ୍ୱାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇପିବାର ସମ୍ଭାବନା ରହିଛି।

**ବୃଷ** - ଶେଷ କରିବାକୁ ଭାବୁଥିବା କାମଟି ବିଭିନ୍ନ ସମସ୍ୟା ହେତୁ ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇଯାଇପାରେ। ଶୁକ୍ର ପ୍ରଭାବରୁ କଳା, ସାହିତ୍ୟ, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଓ ଏଜେନ୍ସିରୁ ଖୁସି ରହିବେ। ବିବାଦୀୟ ଘଟଣାରେ ଅଯଥା ବିଭିନ୍ନ ମନ୍ତବ୍ୟ ଦେଇ ପରୋକ୍ଷ ଶତ୍ରୁତା ସୃଷ୍ଟି କରିପାରନ୍ତି। ଆଜିର ବନ୍ଧୁମିଳନ, ମନୋରଞ୍ଜନ, ଯାତ୍ରା ପ୍ରଭୃତି ପ୍ରୀତିଦାୟକ ରହିବ।

**ମିଥୁନ** - ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ଆଜି ଯାହା କରନ୍ତୁନା କାହିଁକି କୌଣସି କାମରେ ପଛକୁ ହଟିବେ ନାହିଁ। ପିଲାଙ୍କ ଅଭିଯୋଗକୁ ଅବହେଳା ଅଣ୍ଡଶା କରିବା ଆଗାମୀ ପାଇଁ ସମସ୍ୟାର କାରଣ ହୋଇପାରେ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି।

**କର୍କଟ** - କେନ୍ଦ୍ରସ୍ଥ ଚନ୍ଦ୍ର ଯୋଗୁ ନୂତନ କର୍ମୋଦ୍ୟମ କ୍ଷେତ୍ରରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପ୍ରକାଶନ, ପ୍ରଶାସନ, ଯାନବାହନ, ସରକାରୀ ପରିସମିତି ତଥା ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବା କାରଣରୁ ମନ ପ୍ରଫୁଲ୍ଲିତ ହୋଇଯିବ। ଅର୍ଥ ସମ୍ପର୍କରେ କେନ୍ଦ୍ରକରି ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ସିଂହ** - ରବି ଦଶମ କେନ୍ଦ୍ରରେ ଥିବାରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହାୟତା ଅବଶ୍ୟ ଲାଭ କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସଦ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ କରିପାରେ। ଆନୁଷ୍ଠାନିକ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କଳା, ନୃତ୍ୟ ଓ ସଙ୍ଗୀତ ସମାରୋହରେ ନିଜକୁ ପ୍ରତିଷ୍ଠିତ କରାଇପାରିବେ।

**କନ୍ୟା** - ତୃତୀୟ ଅଷ୍ଟମାଧିପ ମଙ୍ଗଳ ରାଶ୍ୟାଧିପତିଙ୍କ ସହ ଅବସ୍ଥାନ କରି ସ୍ୱାସ୍ଥ୍ୟ ଓ ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିପାରେ। ଆର୍ଥିକ ସାହାଯ୍ୟ ଓ ସହଯୋଗ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିବେ। ନିଜର କୌଣସି ତ୍ରୁଟି ନ ଥିଲେ ମଧ୍ୟ ଆତ୍ମୀୟସ୍ୱଜନଙ୍କ ଭୁଲ ବିଚାର ପାଇଁ ଚିନ୍ତା ବଢ଼ିପାରେ। ଆଇନ ଅଦାଲତରୁ ସୁଫଳ ପାଇବେ।

**ତୁଳା** - କର୍ମାଧିପ ନିଜ ରାଶିରେ ଅନ୍ୟ ଗ୍ରହର ଦୃଷ୍ଟି ଆଚ୍ଛାଦିତରେ ରହୁଥିବାରୁ ଆଜି ନିଜର ମନ ଅନୁଯାୟୀ କାମ କରିବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ସତର୍କତା ଅଭାବରେ ଯାନବାହନ ଚାଳନାରେ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆଲୋଚନା କ୍ଷେତ୍ର କିମ୍ବା ସଭାସମିତିରେ ନିଜର ପ୍ରାଧାନ୍ୟତା ବଜାୟ ରହିବ।

**ବିଛା** - ଆପଣଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମହତ୍ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଓ ଅଷ୍ଟମସ୍ଥ ରବି କାର୍ଯ୍ୟକୁ ଏପଟ ସେପଟ କରିଦେଇପାରେ। ଅପ୍ରିୟ ସତ୍ୟକଥା ପ୍ରକାଶ କରିବା ଦ୍ୱାରା ଭଲ ସମ୍ପର୍କ ଥିବା ବ୍ୟକ୍ତିମାନେ ଭୁଲ୍ ଧାରଣା ପୋଷଣ କରିପାରନ୍ତି। ଆବଶ୍ୟକତା ପୂରଣ ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ବାଧ୍ୟହେବେ।

**ଧନୁ** - ଏକାଦଶ ଚନ୍ଦ୍ର ପ୍ରଭାବରୁ ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ କର୍ମକ୍ଷେତ୍ରର ସ୍ଥିତି ପ୍ରାୟତଃ ଭଲ ରହିବ। ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ବୁଧ ନକ୍ଷତ୍ରରୁ ବୃହସ୍ପତି ପ୍ରଭାବରୁ ଜଞ୍ଜାଳ ବୃଦ୍ଧି ପାଇବ, ଯାହା ଦୁଷ୍ଚିନ୍ତାର କାରଣ ହୋଇପାରେ। ପୁରାତନ ରୋଗରେ କଷ୍ଟ ପାଇବେ। ପ୍ରତିଯୋଗିତାରେ ସଫଳତା ହାସଲ ସହ ପ୍ରଶଂସିତ ହୋଇପାରନ୍ତି।

**ମକର** - ଆଜି ଚନ୍ଦ୍ରଙ୍କ ଶୁଭସଂସ୍ଥାନରୁ ଯେଉଁ କାମରେ ହାତ ଦେବେ ମଧ୍ୟ ସେଥିରେ ସଫଳତା ନିଶ୍ଚିତ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ବନ୍ଧୁମାନଙ୍କ ସହ ଆଜି ମନୋମାଳିନ୍ୟ ପ୍ରତିଦ୍ୱନ୍ଦ୍ୱ ହେବ। ସହକର୍ମୀ କିମ୍ବା ବନ୍ଧୁଙ୍କ ସାହାଯ୍ୟ ଲାଭକରି କାମଗୁଡ଼ିକୁ ତ୍ୱରାନ୍ୱିତ କରିପାରିବେ। ନୂତନ ବସ୍ତ୍ର, ଯାନବାହନ, ଯାନ୍ତ୍ରିକ ଜିନିଷ କିମ୍ବା ଉପଢୌକନ ଲାଭ ଯୋଗ ରହିଛି।

**କୁମ୍ଭ** - ରବିଙ୍କ ଚତୁର୍ଥଭାବ ସ୍ଥିତି ପରିବାର, ଲୋକସମ୍ପର୍କ ଓ କର୍ମସଂସ୍ଥାନ ପ୍ରତି କିଛିଟା ବ୍ୟତିକ୍ରମ ସୃଷ୍ଟି କରିବାର ଆଶଙ୍କା ରହିଛି। ଘରୋଇ କ୍ଷେତ୍ରରେ ନିଜ ଲୋକମାନେ ଅକାରଣରେ ସମସ୍ୟା ସୃଷ୍ଟି କରିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ ସକାଶେ କର୍ମ ପରିବର୍ତ୍ତକୁ ବ୍ୟାପକ କରିପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନରେ ଲାଭାଂଶ ମାନ୍ଦା ହେବନାହିଁ।

**ମୀନ** - ଅଷ୍ଟମସ୍ଥ ଚନ୍ଦ୍ର ଯୋଗୁ ଆପଣଙ୍କ ପୂର୍ବ ସ୍ଥିରୀକୃତ କାମକୁ ଯଥା ସମୟରେ ସମ୍ପନ୍ନ କରିବା କଷ୍ଟକର ହେବ। ଟେନସନ୍ ଲାଗି ରହିବା କାରଣରୁ ଆଲୋଚନା, ସଭାସମିତି, ପ୍ରଶାସନ, ବିଦ୍ୟାଳୟ, ଗୁପ୍ତପ୍ରବେଶ ଓ ବିଭାଗୀୟ ସମ୍ମୁଖୀନ ହେବେ। ସନ୍ଦେହ କିମ୍ବା ଭୁଲ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହୋଇପାରେ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ସର୍ବସମ୍ମତ ନିର୍ଜଳା ଏକାଦଶୀ ଗୁରୁବାର, ଲକ୍ଷ୍ମୀନାରାୟଣ ବ୍ରତ, ଶ୍ରୀମନ୍ଦିରରେ ରୁକ୍ମିଣୀ ହରଣ ଏକାଦଶୀ ଓ ବିବାହ ମହୋତ୍ସବ, ଜୁନ୍ ୧୩ ତାରିଖ, ରାଶି ନକ୍ଷତ୍ର- ଦିବା ଘ୦୧।୪୫ମି. ପର୍ଯ୍ୟନ୍ତ ଚିତ୍ରା/ସ୍ୱାତୀ, ଅନ୍ୟ ବ୍ରତୋପବାସ, ବିବାହ, ଗୃହପ୍ରବେଶ ଓ ବିବାହ ପାଣିଗ୍ରହଣ ପାଇଁ ଶୁଭଦିନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୦୧।୦୬ମି. ଗତେ ଘ୦୨।୪୫ମି. ମଧ୍ୟେ ଅମୃତବେଳା। ଦିବା ଘ୦୭।୪୮ମି. ମଧ୍ୟେ ଘ୦୨।୪୫ମି. ଗତେ, ଘ୦୩।୦୩ମି. ମଧ୍ୟେ ମାହେନ୍ଦ୍ରବେଳା।


**classifieds Everyday**
0674-2580101, 2549302

real estate
**SALE**
Ready 2BHK/3BHK flats sales at Chandrasekharpur, Patia- 7008346486, 9437192512. D-66565

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଡେରି ଥାଇ sqft.550/- , Xavier University- 250/-, 6371922931
D-66705

**GENERAL SALE**
Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66368

**ଇଣ୍ଡିଆନଅଏଲ ଅଧିକାରୀଙ୍କୁ ପିଏଚ୍.ଡି ଉପାଧି**



Based Safety ...

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ ହେଉଥିବା ବିଜ୍ଞାପନକୁ ଭିତ୍ତି କରି ପାଠକ କୌଣସି ଶିକାର ହେଉଥିବା ଆଉ ଦୃଷ୍ଟିକୋଣରେ ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।



## ଜିଲା ଚିଠି
### କଟକ

# ଗୁହାଳ ଖୋଜା

କଟକରେ ଏବେ ଗୁହାଳ ଖୋଜା ଚାଲିଛି। ସାଧାରଣତଃ ଗାଁଗହଳିରେ ବର୍ଷାଦିନ ପୂର୍ବରୁ ଜାଳକାଠକୁ ସାଇତି ରଖିବା ପାଇଁ ଲୋକେ ଭାଡ଼ି (ଅସ୍ଥାୟୀ କୁଡ଼ିଆ) ନିର୍ମାଣ କରିଥାନ୍ତି। ସେଥିରେ ଜାଳକୁ ବର୍ଷାଦାଉରୁ ରକ୍ଷା କରିଥାନ୍ତି। ଏହାବାଦ୍ ମୁଗ ବୋଡି (ମୁଗ ଶୁଖିଲା ପତ୍ର)କୁ ଗୋରୁଙ୍କୁ ବର୍ଷା ଦିନେ ଖାଇବାକୁ ଦେବା ପାଇଁ ମଧ ଭାଡ଼ି ତିଆରି ହୋଇଥାଏ। କିନ୍ତୁ ଏହି ଭାଡ଼ିଗୁଡ଼ିକ ଏବେ ଗୁହାଳର ମାନ୍ୟତା ପାଉଛି। ରାତାରାତି ଜାଳ ଓ ବୋଡି ଭାଡ଼ିଗୁଡ଼ିକ ଗୁହାଳ ପାଲଟିବା ପଛରେ ଫନୀ ବାତ୍ୟାର ହାତ ରହୁଛି। କାରଣ ଫନୀରେ ଭାଙ୍ଗିଯାଇଥିବା ଗୁହାଳଗୁଡ଼ିକ ପାଇଁ ସରକାର ଗୁହାଳ ପିଛା ୨୧ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଉଛନ୍ତି। ତେଣୁ ଏହି ଅର୍ଥ ହାତେଇବା ପାଇଁ ଘରେ ଗୋରୁ ଥାଆନ୍ତୁ କି ନ ଥାନ୍ତୁ କିନ୍ତୁ ଗୁହାଳ ଥିବା ଦର୍ଶାଯାଉଛି। ଜାଳ, ବୋଡିଭାଡ଼ିକୁ ଗୁହାଳ ଦର୍ଶାଇବାରେ ଲୋକମାନଙ୍କୁ ଭରପୂର ସହାୟତା ଯୋଗାଉଛନ୍ତି ତହସିଲର କର୍ମଚାରୀମାନେ। ଯେହେତୁ ୨୧ହଜାର ଟଙ୍କା ସହାୟତା ମିଳିବ ତେଣୁ ସେଥିରୁ ଯଦି ୫ରୁ ୧୦ହଜାର ବାଟରେ ଖର୍ଚ୍ଚ ହେଉଛି, ସେଥିପ୍ରତି ନକଲି ଗୁହାଳଧାରୀମାନେ ଚିନ୍ତା କରୁନାହାନ୍ତି। ତେଣୁ ତହସିଲ କର୍ମଚାରୀମାନେ ଗାଁ ଗାଁ ବୁଲି ଗୁହାଳ ଖୋଜୁଥିବାବେଳେ ଗୁହାଳ ମାଲିକ ହେବା ପାଇଁ ଲୋକମାନଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି। ରାତି ପାହିଲେ ବିଭିନ୍ନ ତହସିଲ ଅଫିସ୍‌ରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳୁଛି। କେବଳ ସେତିକି ନୁହେଁ ଜିଲା ଜରୁରିକାଳୀନ ବିଭାଗ କାର୍ଯ୍ୟାଳୟରେ ତାହାଠୁ ଅଧିକ ଦରଖାସ୍ତର ଭିଡ଼। ଏହି କ୍ରମରେ ଦେଖିଲେ କଟକ ଜିଲାରେ ବର୍ତ୍ତମାନ ସୁଦ୍ଧା ୨୮ହଜାର ୭୫ଟି ଗୁହାଳ ଚିହ୍ନଟ କରାଯାଇଛି। ଏହି ଗୁହାଳଗୁଡ଼ିକ ପାଇଁ ୫ କୋଟି ୮୯ ଲକ୍ଷ ୫୭ହଜାର ୫୦୦ ଟଙ୍କାର ସହାୟତା ରାଶି ଆବଶ୍ୟକ ଥିବା ଜିଲା ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି। ବାସ୍ତବରେ ସେହି ୨୮ହଜାର ୭୫ ଗୁହାଳ ଭିତରେ ଗୋରୁ ରହୁଥିଲେ ନା ଜାଳକାଠ ଆଦି ରହୁଥିଲା ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ। ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ପ୍ରକୃତ ହିତାଧିକାରୀ ଏହାର ଫାଇଦା ପାଇ ନ ଥାନ୍ତି। ମୁଖ୍ୟତଃ ଫନୀ ଯଦି କାହାର ସର୍ବାଧିକ କ୍ଷତି କରିଛି, ତେବେ ପରିବେଶର କରିଛି, ଯାହାର ପରିଣାମ ସମସ୍ତଙ୍କୁ ତତ୍କାଳ ଭୋଗିବାକୁ ପଡ଼ିଛି। ମେ'ର ପ୍ରଚଣ୍ଡ ଉତ୍ତାପକୁ ଦେଖି ପରିବେଶ ବିଜ୍ଞାନୀମାନେ ସିଧାସଳଖ ଫନୀରେ ଉଜୁଡିଯାଇଥିବା ସବୁଜିମାକୁ ଦାୟୀ କରିଥିଲେ। ସରକାର ଏବେ ଫନୀ କ୍ଷୟକ୍ଷତିର ଭରଣା ପାଇଁ ତତ୍ପର ହୋଇଛନ୍ତି। ସରକାର ଯେତିକି ତତ୍ପର, ଫନୀରୁ ଫାଇଦା ମାରିବାକୁ ଅନେକ ସରକାରୀ ଅଧିକାରୀ, ନେତା ଓ ଲୋକେ ମଧ ଅଧିକ ତତ୍ପର ହୋଇଉଠିଛନ୍ତି। ହେଲେ ପ୍ରତିବାଦ କରିପାରୁ ନ ଥିବା ପରିବେଶ ନିଜର ଉଜୁଡ଼ା ନଗ୍ନ ରୂପକୁ ଧରି ମୂକପ୍ରାୟ ଛିଡ଼ା ହୋଇଥିବା ବେଳେ ସଚେତନ ଲୋକମାନେ ଗୁହାଳ ଖୋଜାକୁ ଦେଖି ମୁଣ୍ଡରେ ହାତଦେଇ ବସିବାକୁ ବାଧ ହେଉଛନ୍ତି।

– ନିର୍ମଳ ପଣ୍ଡା

# ଲୁଟ୍ ଟଙ୍କାରେ ପ୍ରେମିକାଙ୍କୁ ଦାମୀ ଉପହାର

## ପ୍ରେମିକ ଗିରଫ, ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଜବତ

କେନ୍ଦ୍ରାପଡା ଅଫିସ୍, ୧୨।୬



ପ୍ରକାଶ ଦାସ

ଚୋରି, ଡକାୟତି ଟଙ୍କାରେ ପ୍ରେମିକାଙ୍କୁ ଉପହାର ଦେବା ଭଳି ବହୁ ଘଟଣା ଟିଭି ସିରିଏଲ ଓ ସୋସିଆଲ ମିଡିଆରେ ଦେଖିବାକୁ ମିଳେ। ହେଲେ ଏଭଳି ଏକ ସମାନ ଘଟଣା କେନ୍ଦ୍ରାପଡ଼ା ଜିଲାରେ ଘଟିଛି। ପ୍ରେମିକାଙ୍କୁ ଖୁସି କରିବାକୁ ଯାଇ ଲୁଟ୍ ଟଙ୍କାରେ ସୁନା ଗହଣା କିଣି ଦେବା ପରେ ପୋଲିସ ଜାଲରେ ପଡ଼ିଛନ୍ତି ପ୍ରେମିକ। ପ୍ରେମିକା ଘରୁ ପୋଲିସ ଦାମୀ ଉପହାର ଜବତ କରିବା ସହ ପ୍ରେମିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତିଶେଖର ସୂଚନା ଦେବା ପରେ ସବୁଆଡେ ଏହି ଘଟଣାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅଭିଯୁକ୍ତ ହେଲେ ଡେରାବିଶ ଥାନା ସବଳଙ୍ଗ କଣିପଡ଼ାର ପ୍ରକାଶ ଦାସ।

ସୂଚନା ମୁତାବକ, ଗତ ୪ ତାରିଖରେ ପ୍ରକାଶଙ୍କ ଗାଡ଼ିଡିକିରୁ ୭, ୭୬, ୨୧୨ ଟଙ୍କା ଚୋରି ହୋଇଯାଇଥିବା ସେ ୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ସେ ଅଭିଯୋଗରେ ଦର୍ଶାଇଥିଲେ ଯେ, ସେ ତରାଣ୍ଡୋସ୍ଥିତ ଏନ୍‌ଟେକ୍ସ ଟ୍ରାନ୍ସପୋର୍ଟେଶନ ସର୍ଭିସର ସୁପରଭାଇଜର ଭାବେ କାର୍ଯ୍ୟ କରନ୍ତି। ଗତ ୪ ତାରିଖରେ ଅଫିସର ୭, ୭୬, ୨୧୨ ଟଙ୍କା ବ୍ୟାଙ୍କରେ ଜମା କରିବାକୁ ଯାଇଥିଲେ। ହେଲେ ସର୍ଭର ନ ଥିବାରୁ ସେଦିନ ଟଙ୍କା ଜମା ହୋଇପାରି ନ ଥିଲା। ବ୍ୟାଙ୍କରୁ ଫେରି ଅଫିସରେ ପହଞ୍ଚିବା ପରେ ଗାଡ଼ି ଡିକି ଖୋଲିବା ବେଳକୁ ସେଥିରେ ଟଙ୍କା ନ ଥିବା ସେ ଜାଣିବାକୁ ପାଇଥିଲେ ବୋଲି ପ୍ରକାଶ ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ତେବେ ସେ ଯେଉଁ ବାଇକ୍ ନେଇ ବ୍ୟାଙ୍କ ଯାଇଥିଲେ, ସେ ଗାଡ଼ିର ଡିକି ଭଙ୍ଗା ଯାଇ ନ ଥିବା ଜଣାପଡ଼ିବା ପରେ ପୋଲିସର ପ୍ରକାଶଙ୍କ ଉପରେ ସନ୍ଦେହ ହୋଇଥିଲା। ତେବେ ତଦନ୍ତ ସମୟରେ ପ୍ରକାଶଙ୍କ ନିକଟରୁ ୪୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ସହ ଏକ ଆଲମିରା, ଏୟାରକୁଲର ଆଦି ପୋଲିସ ଜବତ କରିଥିଲା। ଏଥିସହ ସେହି ଲୁଟ୍ ଟଙ୍କାରେ ପ୍ରକାଶ ତାଙ୍କ ପ୍ରେମିକାଙ୍କୁ ଦେଇଥିବା ଦାମୀ ସୁନା ଅଳଙ୍କାର ମଧ ତଦନ୍ତ ବେଳେ ପୋଲିସ ହାତରେ ଲାଗିଥିଲା। ଫଳରେ ପୋଲିସ ପ୍ରକାଶଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତିଶେଖର ଓ ଥାନା ଅଧିକାରୀ କାବୁଲି ବାରିକ ସୂଚନା ଦେଇଛନ୍ତି।




# ଗ୍ରାମସଭାରେ ଗଣ୍ଡଗୋଳ, ଜଣେ ମୃତ, ୪ ଗିରଫ

ଛେଣ୍ଡିପଦା,୧୨।୬(ନି.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାହାଲସାହି ପଞ୍ଚାୟତ ଗୋହିରାପଶିରେ ମଙ୍ଗଳବାର ରାତି ୯ଟାରେ ଗ୍ରାମସଭା ଚାଲିଥିବାବେଳେ ଗଣ୍ଡଗୋଳ ଘଟି ସ୍ଥାନୀୟ ଅଞ୍ଚଳର ଅନାମ ଖିଲାରଙ୍କ ମୃତ୍ୟୁ ହୋଇଛି।

ଘଟଣାରୁ ଜଣାପଡିଛି, ଗୋହିରାପଶି ଗ୍ରାମରେ ଗ୍ରାମସଭା ଚାଲିଥିଲା। ତେବେ କୌଣସି କଥାକୁ ନେଇ ଅନାମଙ୍କ ସହିତ ଗ୍ରାମର କେତେଜଣ ଯୁବକଙ୍କ ଯୁକ୍ତିତର୍କ ହୋଇଥିଲା। ପରେ ଉଭୟ ପକ୍ଷଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଅନାମ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅନାମଙ୍କ ପୁଅ ଜଗବନ୍ଧୁଙ୍କ ଅଭିଯୋଗକ୍ରମେ ଛେଣ୍ଡିପଦା ପୋଲିସ ଏକ ମାମଲା ରୁଜୁ କରି ଗୋହିରାପଶି ଗ୍ରାମର ସଭାପତି ଚୈତନ୍ୟ ଖିଲାର, ନାଲୁ ସେନାପତି, ବିଦ୍ୟାଧର ଭୁତିଆ, ଘନ ଖିଲାରଙ୍କୁ ଗିରଫ କରି ବୁଧବାର ଅନୁଗୋଳ କୋର୍ଟଚାଲାଣ କରିଛି।

# କଙ୍ଗାରୁକୋର୍ଟରେ ପରିବାର ସଦସ୍ୟ ଦଣ୍ଡିତ

- ଖଟବିଦ୍ୟାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ
- ଆକ୍ରମଣରେ ୩ ଆହତ

ନୟାଗଡ଼ ଅଫିସ,୧୨।୬

ନୟାଗଡ଼ ଜିଲା ରଣପୁର ଥାନା ରାଜସୁନାଖଳା ପଞ୍ଚାୟତର କୋଟଗଡ଼ ଗ୍ରାମରେ କଙ୍ଗାରୁ କୋର୍ଟ କରି ଏକ ପରିବାରକୁ ଦଣ୍ଡିତ କରାଯାଇଛି। ଖଟବିଦ୍ୟା ମାଧ୍ୟମରେ ଉକ୍ତ ପରିବାରକୁ ଦୋଷୀ ସାବ୍ୟସ୍ତ କରାଯାଇ ଆକ୍ରମଣ କରାଯାଇଛି। ଏଥିରେ ୩ଜଣ ଆହତ ହୋଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପରିବାର ଲୋକେ ବୁଧବାର ଏସ୍‌ପିଙ୍କୁ ଭେଟିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ମେ' ୧୮ ତାରିଖରେ କୋଟଗଡ଼ ଗ୍ରାମର ଭାସ୍କର ଦୋରାଙ୍କ ଘରୁ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ଆଲମିରା ଭାଙ୍ଗି ସମସ୍ତ ଅଳଙ୍କାର ଓ ଟଙ୍କା ନେଇ ପଳାଇ ଥିଲେ। ଏ ନେଇ ଭାସ୍କର ରାଜସୁନାଖଳା ଫାଣ୍ଡିରେ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରିଥିଲେ ମଧ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଥିଲା। ଭାସ୍କର ଏ ନେଇ ଗ୍ରାମରେ ଜଣାଇଥିଲେ। ଗାଁ ଲୋକେ କଙ୍ଗାରୁ କୋର୍ଟ କରି ଚୋର ଧରିବା ପାଇଁ ଖଟ ବୁଲାଇବାକୁ ନିଷ୍ପତ୍ତି ନେଇଥିଲେ। ସେହି ଅନୁଯାୟୀ ଗତ ୧୦ ତାରିଖରେ ଗ୍ରାମରେ ଖଟ ବୁଲାଯାଇଥିଲା। କିଛି ସମୟ ଖଟ ବୁଲିବା ପରେ ଗ୍ରାମର ଗୀତାଞ୍ଜଳି ଦୋରାଙ୍କ ଘରେ ଲାଗିଥିଲା। ତେଣୁ ସେ ଚୋରି କରିଥିବା ସନ୍ଦେହ କରି ରାତି ୮ଟାରେ ଗୀତାଞ୍ଜଳିଙ୍କ ଘରକୁ ସ୍ଥାନୀୟ କେତେଜଣ ଭଦ୍ରଲୋକ ଯାଇ ପଚରାଉଚରା କରିଥିଲେ। ଗୀତାଞ୍ଜଳି ଚୋରି କରି ନ ଥିବା କହିଥିଲେ। ପରଦିନ ଅର୍ଥାତ୍ ୧୧ ତାରିଖରେ ଗ୍ରାମରେ ଆଉଥରେ ବୈଠକ ବସିଥିଲା। ଉକ୍ତ ବୈଠକରେ ମଧ ଗୀତାଞ୍ଜଳି ଚୋରି କରି ନ ଥିବା ପ୍ରକାଶ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଭାସ୍କରଙ୍କ ସହ ଅନ୍ୟମାନେ ଉଠି ପଳାଇବାରୁ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ଅପରାହ୍ନ ୨ଟା ୩୦ରେ ଭାସ୍କର, ସ୍ତ୍ରୀ ଦମୟନ୍ତୀ, ଭାଇ କୁସୁନି ଓ ତାଙ୍କ ସ୍ତ୍ରୀ ଗୋଲାପ ଗୀତାଞ୍ଜଳିଙ୍କ ଘରକୁ ଆସିଥିଲେ। ସମସ୍ତେ ଲୁହାରଡ୍ ଓ କଟୁରିରେ ଗୀତାଞ୍ଜଳ, ତାଙ୍କ ନଣନ୍ଦ ତୁଳସୀ ଦୋରା, ଭଉଣୀ ଟୁକୁନି ଦୋରାଙ୍କୁ ଆକ୍ରମଣ କରିଥିଲେ। ସମସ୍ତେ ଏଥିରେ ଆହତ ହୋଇଥିଲେ। ସେହି ରାତିରେ ଆହତମାନେ ରାଜସୁନାଖଳା ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ।

ଜୀବନ ପ୍ରତି ବିପଦ ଥିବାରୁ ଗୀତାଞ୍ଜଳିଙ୍କ ପରିବାର ସଦସ୍ୟମାନେ ଏଣେତେଣେ ଲୁଚିଛପି ରହୁଛନ୍ତି। ବୁଧବାର ଗୀତାଞ୍ଜଳି ଓ ତାଙ୍କ ପରିବାର ଲୋକେ ଏସ୍‌ପିଙ୍କୁ ଅବଗତ କରିବାକୁ ଆସିଥିଲେ । ହେଲେ ଏସ୍‌ପି ଅନୁପସ୍ଥିତ ଥିବାରୁ ତାଙ୍କ ସହ ଦେଖା ହୋଇପାରି ନ ଥିଲା। ଉଭୟ ଦମୟନ୍ତୀ ଓ ଗୀତାଞ୍ଜଳିଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ରଣପୁର ଥାନା ଅଧିକାରୀ ବୈଦ୍ୟନାଥ ଭୋଇ ପ୍ରକାଶ କରିଛନ୍ତି। ଦମୟନ୍ତୀଙ୍କ ଅଭିଯୋଗକୁ ଆଧାର କରି ଥାନାରେ ଏକ ମାମଲା(ନଂ.୧୨୮/୧୯) ରୁଜୁ ହୋଇଛି। ଗୀତାଞ୍ଜଳିଙ୍କ ପରିବାର ଲୋକେ ତାଙ୍କୁ ଆକ୍ରମଣ କରିଥିବା ଦମୟନ୍ତୀ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଗୀତାଞ୍ଜଳିଙ୍କ ଅଭିଯୋଗକୁ ଆଧାର କରି ଅନ୍ୟ ଏକ ମାମଲା(ନଂ୧୨୯/୧୯) ରୁଜୁ ହୋଇଛି । ଦିନ ଦ୍ୱିପ୍ରହରରେ ଖଟବିଦ୍ୟା ମାଧ୍ୟମରେ ଜଣଙ୍କୁ ନିର୍ଯାତନା ଦେବା ଓ ମାଡ଼ ମାରିବା ଘଟଣା ଜିଲା ପୋଲିସର ପାରିଲାପଣିଆ ପ୍ରତି ଅଙ୍ଗୁଳିନିର୍ଦ୍ଦେଶ କରୁଛି।



ଗ୍ରାମରେ ଖଟ ବୁଲାଯାଉଛି।

# ପୋଷ୍ଟାଲ ବାଲଟ୍ ମତ: ହିଞ୍ଜିଳିରେ ମୁଖ୍ୟମନ୍ତ୍ରୀ ପଛୁଆ

## ୭ କ୍ୟାବିନେଟ୍, ୫ ରାଷ୍ଟ୍ରପାହ୍ୟା(ସ୍ୱାଧୀନ) ମନ୍ତ୍ରୀ ପଛରେ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ସଦ୍ୟ ସମାପ୍ତ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେଡି ଦୁଇ-ତୃତୀୟାଂଶରୁ ଅଧିକ ଆସନରେ ବିଜୟୀ ହୋଇଛି। ଏହା ସତ୍ତ୍ୱେ ଅଧିକାଂଶ ନିର୍ବାଚନମଣ୍ଡଳୀରେ ପୋଷ୍ଟାଲ ବାଲଟରୁ ସଂଗୃହୀତ ହୋଇଥିବା ଭୋଟରେ ବିଜେଡି ଭାଜପାଠାରୁ ପଛରେ ରହିଥିବା ଜଣାପଡିଛି । ଏମିତି କି ଦୁଇଟି ଆସନରୁ ନିର୍ବାଚନ ଲଢୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହିଞ୍ଜିଳିରେ ପୋଷ୍ଟାଲ ବାଲଟ୍‌ରେ ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟଙ୍କଠାରୁ ପଛୁଆ ରହିଥିଲେ। କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି, କ୍ୟାବିନେଟ୍‌ର ବହୁ ସଦସ୍ୟ ନିର୍ବାଚନ ଜିତିଥିଲେ ବି ଡାକ ଯୋଗେ ଆସିଥିବା ଭୋଟରେ ପଛରେ ଅଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନ କର୍ମଚାରୀ, ବିଶେଷ ଭାବେ ଶିକ୍ଷା ବିଭାଗର କର୍ମଚାରୀ ପୋଷ୍ଟାଲ ବାଲଟ୍‌ରେ ଭୋଟ ଦେଇଥାନ୍ତି। ଅନ୍ୟ ବର୍ଗ ଅପେକ୍ଷା ଏହି ବର୍ଗକୁ ଅଧିକ ସଚେତନ ବୋଲି କୁହାଯାଇଥାଏ। ତେଣୁ ଚଳିତ ବିଧାନସଭାରେ ରାଜ୍ୟର ଅପେକ୍ଷାକୃତ ଶିକ୍ଷିତ ଓ ସଚେତନ ବର୍ଗ ବିଜେଡିକୁ ପସନ୍ଦ କରୁ ନ ଥିବା ପରିଲକ୍ଷିତ ହୋଇଛି।

ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ ହିଞ୍ଜିଳିରୁ ନବୀନ ୧୫୬ଟି ପୋଷ୍ଟାଲ ଭୋଟ ପାଇଛନ୍ତି। ହେଲେ ଭାଜପା ପ୍ରାର୍ଥୀ ପୀତାମ୍ବର ସେହି ଆସନରୁ ୧୭୭ ଖଣ୍ଡ ପୋଷ୍ଟାଲ ଭୋଟ ପାଇଛନ୍ତି। ସେହିପରି ବିଜେପୁର ଆସନରୁ ନବୀନ ପୋଷ୍ଟାଲ ଭୋଟ୍‌ରେ ଆଗୁଆ ରହିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଆସନରୁ ୪୩୮ଟି ପୋଷ୍ଟାଲ ଭୋଟ ପାଇଛନ୍ତି। ସେହି ସିଟ୍‌ରୁ ଭାଜପା ପ୍ରାର୍ଥୀ ସନାତନ ଗଡତିଆ ୩୯୪ ଖଣ୍ଡ ପୋଷ୍ଟାଲ ଭୋଟ ପାଇଛନ୍ତି। ନବୀନଙ୍କ କ୍ୟାବିନେଟ୍‌ରେ ସ୍ଥାନ ପାଇଥିବା ଏକାଧିକ ପ୍ରଭାବଶାଳୀ ମନ୍ତ୍ରୀ ନିଜ ନିଜ ବିଧାନସଭା କ୍ଷେତ୍ରରେ ପୋଷ୍ଟାଲ ଭୋଟରେ ପଛୁଆ ରହିଛନ୍ତି। ସେମାନେ ହେଉଛନ୍ତି- ନିରଞ୍ଜନ ପୂଜାରୀ(ସୋନପୁର), ବିକ୍ରମ କେଶରୀ ଆରୁଖ(ଭଞ୍ଜନଗର), ପଦ୍ମନାଭ ବେହେରା (ବୀରମହାରାଜପୁର), ସୁଶାନ୍ତ ସିଂ(ଭଟଳି), ଅରୁଣ ସାହୁ(ନୟାଗଡ଼), ସୁଦାମ ମାରାଣ୍ଡି (ବାଙ୍ଗିରିପୋଷୀ), ପ୍ରଫୁଲ୍ଲ ମଲ୍ଲିକ (କାମାକ୍ଷାନଗର)। ହାତଗଣତି କ୍ୟାବିନେଟ୍ ମନ୍ତ୍ରୀ ପୋଷ୍ଟାଲ ବାଲଟ୍‌ରେ ଆଗୁଆ ରହିଛନ୍ତି। ସେମାନେ ହେଉଛନ୍ତି –ରଣେନ୍ଦ୍ର ପ୍ରତାପ ସ୍ୱାଇଁ(ଆଠଗଡ), ପ୍ରତାପ ଜେନା (ମାହାଙ୍ଗା) ଏବଂ ନବ କିଶୋର ଦାସ (ଝାରସୁଗୁଡା)। ସେହିଭଳି ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପାଇଥିବା ପ୍ରେମାନନ୍ଦ ନାୟକ (ତେଲକୋଇ), ପଦ୍ମିନୀ ଦିଆନ୍ (କୋଟପାଡ), ଦିବ୍ୟଶଙ୍କର ମିଶ୍ର (ଜୁନାଗଡ), ଜ୍ୟୋତି ପାଣିଗ୍ରାହୀ (ସିମୁଳିଆ), ସମୀର ରଞ୍ଜନ ଦାଶ (ନିମାପଡା) ନିଜ ନିର୍ବାଚନମଣ୍ଡଳୀରେ ମତଦାନ ହୋଇଥିବା ପୋଷ୍ଟାଲ ବାଲଟ୍‌ରେ ପଛୁଆ ରହିଛନ୍ତି। ସେହିପରି ଜଗନ୍ନାଥ ସାରକା (ବିଷମକଟକ), ରଘୁନନ୍ଦନ ଦାସ (ବାଲିକୁଦା-ଏରସମା), ତୁଷାରକାନ୍ତି ବେହେରା (କାକଟପୁର) ଏବଂ ଅଶୋକ ପଣ୍ଡା (ଭୁବନେଶ୍ୱର-ଏକାମ୍ର) ପୋଷ୍ଟାଲ ବାଲଟ୍‌ରେ ଆଗୁଆ ରହିଛନ୍ତି। ମୋଟ ଉପରେ କହିବାକୁ ଗଲେ ମୁଖ୍ୟମନ୍ତ୍ରୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହିଞ୍ଜିଳି ଆସନକୁ ମିଶାଇ ମନ୍ତ୍ରିମଣ୍ଡଳର ସଦସ୍ୟ ପ୍ରତିନିଧିତ୍ୱ କରୁଥିବା ମୋଟ ୧୩ଟି ଆସନରେ ପୋଷ୍ଟାଲ ବାଲଟ୍‌ରେ ପଛୁଆ ରହିଛି। କେବଳ ଟିଟିଲାଗଡ ଆସନରେ ପୋଷ୍ଟାଲ ବାଲଟ୍ ସମ୍ପର୍କିତ ତଥ୍ୟ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ଉପଲବ୍ଧ ନାହିଁ। ମନ୍ତ୍ରିମଣ୍ଡଳରେ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିବିଶେଷ (ଯେଉଁମାନେ ପୋଷ୍ଟାଲ ବାଲଟ୍‌ରେ ପଛୁଆ ରହିଛନ୍ତି), ସେମାନଙ୍କ ନିର୍ବାଚନମଣ୍ଡଳୀର ତଥ୍ୟ ପାର୍ଶ୍ୱରେ ପ୍ରଦାନ କରାଗଲା।

| ବିଧାନସଭା ନାମ | ବିଜେଡିର ପୋଷ୍ଟାଲ ଭୋଟ | ଭାଜପାର ପୋଷ୍ଟାଲ ଭୋଟ |
|---|---|---|
| ହିଞ୍ଜିଳି | ୧୫୬ | ୧୭୭ |
| ଭଟଳି | ୨୮୧ | ୩୭୯ |
| ବାଙ୍ଗିରିପୋଷୀ | ୧୫୪ | ୨୭୨ |
| ଭଞ୍ଜନଗର | ୧୨୧ | ୨୩୦ |
| ସୋନପୁର | ୨୧୩ | ୩୬୮ |
| ବୀରମହାରାଜପୁର | ୧୫୬ | ୨୨୫ |
| କାମାକ୍ଷାନଗର | ୪୦୪ | ୬୫୯ |
| ନୟାଗଡ଼ | ୪୪ | ୧୩୭ |
| ତେଲକୋଇ | ୯୨ | ୨୨୪ |
| ନିମାପଡ଼ା | ୧୦୬ | ୧୫୧ |
| ସିମୁଳିଆ | ୨୫୦ | ୨୭୧ |
| ଜୁନାଗଡ଼ | ୨୬୫ | ୪୫୪ |
| କୋଟପାଡ଼* | ୮୨ | ୧୭୪ |

*ଏହି ଆସନରେ ବିଜେଡି ପ୍ରାର୍ଥିନୀ କଂଗ୍ରେସ ପ୍ରାର୍ଥୀଙ୍କ ପୋଷ୍ଟାଲ ଭୋଟ (୧୫୮ଖଣ୍ଡ) ଠାରୁ ମଧ ପଛରେ ରହିଛନ୍ତି।

# ବିଚକ୍ଷଣ ସଂସଦୀୟ ତଥ୍ୟ

ସୁନୀତ୍ ମିଶ୍ର
ଭୁବନେଶ୍ୱର, ୧୨।୬

ଓଡିଶା ବିଧାନସଭାର ପ୍ରାୟ ୧ବର୍ଷ ଜୀବନକାଳ ଥିବା ସତ୍ତ୍ୱେ ୨୦୦୪ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିନ୍ନ ନିଷ୍ପତ୍ତି ନେଇଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ବର୍ଷକ ଆଗରୁ ଗୃହର ମୁଖ୍ୟଭାବେ ବିଧାନସଭା ଭାଙ୍ଗି ଏକାସଙ୍ଗେ ଲୋକ ସଭା ସହିତ ବିଧାନସଭା ନିର୍ବାଚନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଫଳରେ ବିଜେଡି ତା'ର ସୁଫଳ ଏ ପର୍ଯ୍ୟନ୍ତ ପାଇଆସୁଛି। ଗତ ନିର୍ବାଚନରେ ମଧ ଏହାର ଏକ ସ୍ପଷ୍ଟ ଝଲକ ଦେଖିବାକୁ ମିଳିଛି। ୨୦୧୯ ସାଧାରଣ ନିର୍ବାଚନର ଫଳାଫଳ ପ୍ରକାଶ ପାଇବା ସହିତ ବିଜୁ ଜନତା ଦଳ(ବିଜେଡି) ରାଜ୍ୟରେ ୫ମ ପାଳି ପାଇଁ ସରକାର ଗଠନ କରିଛି। ସେହିପରି ପ୍ରଥମ ଥର ଲାଗି ଭାଜପା ମୁଖ୍ୟ ବିରୋଧୀ ଦଳ ଆସନରେ ବସିବାକୁ ଯାଉଛି। ଅନ୍ୟପଟେ ଦୀର୍ଘଦିନ ହେବ ମୁଖ୍ୟ ବିରୋଧୀ ଦଳ ଭୂମିକା ତୁଲାଇ ଆସୁଥିବା କଂଗ୍ରେସ ତୃତୀୟ ସ୍ଥାନକୁ ଖସିଆସିଛି। ଯଦି ଏହି ତଥ୍ୟକୁ ବାଦ୍ ଦିଆଯାଇ କେବଳ ଲୋକ ସଭା ଆସନର ଫଳାଫଳକୁ ଭିନ୍ନ ଭାବେ ଦେଖାଯାଏ ତେବେ ଏହାର ଏକ ନୂଆ ଚିତ୍ର ସାମ୍ନାକୁ ଆସୁଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡିଶାର ପ୍ରତ୍ୟେକ ଲୋକ ସଭା କ୍ଷେତ୍ରରେ ୭ଟି ଲେଖାଏ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଅର୍ଥାତ୍ ୨୧ ଏମ୍‌ପି ଆସନକୁ ୭ରେ ଗୁଣନ କଲେ ୧୪୭ ବିଧାନସଭା ଆସନ ହେଉଛି। ଯଦି କେବଳ ଲୋକ ସଭା ଆସନ ଫଳାଫଳକୁ ହିସାବକୁ ନିଆଯାଏ, ତେବେ ବିଜେଡି ଜିତିଥିବା ୧୨ ଲୋକ ସଭା ଆସନଗୁଡିକର କିଛି ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି। କେନ୍ଦୁଝରର ନବନିର୍ବାଚିତ ବିଜେଡି ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ତାଙ୍କ ଲୋକ ସଭା କ୍ଷେତ୍ରର ୭ ବିଧାନସଭା ଆସନ ମଧ୍ୟରୁ ୫ଟିରେ ବିଜୟୀ ହୋଇଥିଲେ ମଧ ଦୁଇଟି ଆସନ ତଥା ପାଟଣା ଏବଂ କେନ୍ଦୁଝରରେ ପରାଜିତ ହୋଇଛନ୍ତି। ଭଦ୍ରକରୁ ନବନିର୍ବାଚିତ ବିଜେଡି ଏମ୍‌ପି ମଞ୍ଜୁଲତା ମଣ୍ଡଳ ସୋର ଏବଂ ଧାମନଗର ବିଧାନସଭା ଆସନରେ ପରାଜିତ ହୋଇଛନ୍ତି। ଯାଜପୁରର ନବନିର୍ବାଚିତ ଏମ୍‌ପି ଶର୍ମିଷ୍ଠା ସେଠୀ କିନ୍ତୁ ତାଙ୍କ ଲୋକ ସଭା ଆସନ ଅନ୍ତର୍ଗତ ସମସ୍ତ ବିଧାନସଭା କ୍ଷେତ୍ରରେ ବିଜୟୀ ହୋଇପାରିଛନ୍ତି। ଢେଙ୍କାନାଳ ଏମ୍‌ପି ମହେଶ ସାହୁ ପରଜଙ୍ଗ ଏବଂ ପାଲଲହଡା ଆସନରେ ପରାଜୟର ମୁହଁ ଦେଖିଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ମାଝୀ ନିଜ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉମରକୋଟ, ନବରଙ୍ଗପୁର, କୋଟପାଡ଼ ଏବଂ ମାଲକାନଗିରି ବିଧାନସଭା ଆସନରେ ପରାଜିତ ହୋଇଛନ୍ତି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ତାଙ୍କ ଲୋକ ସଭା ଆସନ ଅନ୍ତର୍ଗତ ସବୁ ବିଧାନସଭା କ୍ଷେତ୍ରରେ ବିଜୟୀ ହୋଇଛନ୍ତି। ସେହିପରି କଟକ ଏମ୍‌ପି ଭର୍ତ୍ତୃହରି ମହତାବ ବାରବାଟୀ-କଟକ ଏବଂ ଚୌଦ୍ୱାର-କଟକ ଆସନରେ ପରାଜିତ ହୋଇଛନ୍ତି। ହେଲେ କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ତାଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସବୁ ବିଧାନସଭା କ୍ଷେତ୍ରରେ ବିଜୟ ହାସଲ କରିଛନ୍ତି। ଅନୁରୂପଭାବେ ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ ମଧ ତାଙ୍କ କ୍ଷେତ୍ରରେ ଯାଉଥିବା ସମସ୍ତ ବିଧାନସଭା ଆସନରେ ବିଜୟୀ ହେବାରେ ସଫଳ ହୋଇଛନ୍ତି। ପୁରୀ ଏମ୍‌ପି ପିନାକୀ ମିଶ୍ର କିନ୍ତୁ ନିଜ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୭ ବିଧାନସଭା କ୍ଷେତ୍ର ମଧ୍ୟରୁ ୨ଟି ଆସନ ଯଥା ପୁରୀ ଓ ବ୍ରହ୍ମଗିରିରେ ପରାଜୟ ସ୍ୱାଦ ଚାଖିଛନ୍ତି। ଆସ୍କା ଏମ୍‌ପି ପ୍ରମିଳା ବିଷୋୟୀ ତାଙ୍କ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୟୀ ହୋଇଛନ୍ତି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ନିଜ କ୍ଷେତ୍ର ଅନ୍ତର୍ଗତ ୫ ବିଧାନସଭା ଆସନରେ ବିଜୟୀ ହୋଇଥିଲା ବେଳେ ପାରଳାଖେମୁଣ୍ଡି ଓ ମୋହନା ଆସନରେ ପରାଜିତ ହୋଇଛନ୍ତି।

ସେହିପରି ଭାଜପାର ୮ ଏମ୍‌ପି କ୍ଷେତ୍ରକୁ ଯଦି ଲକ୍ଷ୍ୟ କରାଯାଏ, ତେବେ ଏଥର ଦଳ ବରଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ମୟୂରଭଞ୍ଜ, ବାଲେଶ୍ୱର, ବଲାଙ୍ଗୀର, କଳାହାଣ୍ଡି ଏବଂ ଭୁବନେଶ୍ୱର ଆସନରେ ବିଜୟ ବାନା ଉଡାଇଛି। ସେଥିମଧ୍ୟରୁ ବରଗଡ଼ ଲୋକ ସଭା ଆସନରୁ ସୁରେଶ ପୂଜାରୀ ଏମ୍‌ପି ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ କ୍ଷେତ୍ର ଅନ୍ତର୍ଗତ ୭ ବିଧାନସଭା ଆସନ ମଧ୍ୟରୁ ସେ ବିଜେପୁରରେ ପରାଜିତ ହୋଇଛନ୍ତି। ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ତାଙ୍କ କ୍ଷେତ୍ର ଅନ୍ତର୍ଗତ ବଣାଇ ବିଧାନସଭା ଆସନରେ ପରାଜିତ ହୋଇଛନ୍ତି।

ସେହିପରି ସମ୍ବଲପୁର ଏମ୍‌ପି ନୀତୀଶ ଗଙ୍ଗଦେବ ତାଙ୍କ କ୍ଷେତ୍ର ଅନ୍ତର୍ଗତ ରେଢାଖୋଲ, ଆଠମଲ୍ଲିକ ଏବଂ ଛେଣ୍ଡିପଦା ଆସନରେ ପରାଜୟର ସ୍ୱାଦ ଚାଖିଛନ୍ତି। ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ ନିଜ କ୍ଷେତ୍ର ଅନ୍ତର୍ଗତ ବାଙ୍ଗିରିପୋଷୀ, ଉଦଳା ଏବଂ ମୋରଡ଼ା ବିଧାନସଭା ଆସନରେ ପରାଜିତ ହୋଇଛନ୍ତି। ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ନିଜ କ୍ଷେତ୍ର ମଧ୍ୟରେ ଆସୁଥିବା ଜଳେଶ୍ୱର, ଭୋଗରାଇ ଏବଂ ବସ୍ତା ବିଧାନସଭା ଆସନରେ ପରାଜିତ ହୋଇଛନ୍ତି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ନିଜ ନିର୍ବାଚନମଣ୍ଡଳୀ ଭିତରେ ଆସୁଥିବା ବୀରମହାରାଜପୁର, ସୋନପୁର ଏବଂ ବଲାଙ୍ଗୀର ଆସନରେ ପରାଜୟ ମୁହଁ ଦେଖିଛନ୍ତି। କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ବିଜୟୀ ହୋଇଥିଲେ ମଧ ନିଜ କ୍ଷେତ୍ର ଭିତରେ ଆସୁଥିବା ନୂଆପଡ଼ା ଏବଂ ଲାଞ୍ଜିଗଡ଼ ଆସନରେ ପରାଜିତ ହୋଇଛନ୍ତି। ବସନ୍ତ ଗତଥର ବିଧାୟକ ଭାବେ ଜିତିଥିବା ନିଜ ନିର୍ବାଚନମଣ୍ଡଳୀ ନୂଆପଡ଼ାରେ ତୃତୀୟ ସ୍ଥାନରେ ରହିଛନ୍ତି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ନିଜ କ୍ଷେତ୍ର ମଧ୍ୟରେ ଆସୁଥିବା ଜୟଦେବ ବିଧାନସଭା କ୍ଷେତ୍ରରେ ପରାଜିତ ହୋଇଛନ୍ତି। କଂଗ୍ରେସର ଏକମାତ୍ର ଏମ୍‌ପି ଭାବେ ସପ୍ତଗିରି ଉଲାକା କୋରାପୁଟ ଆସନରୁ ବିଜୟୀ ହୋଇଛନ୍ତି। ଉଲାକା କିନ୍ତୁ ନିଜ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୪ଟି ଆସନରେ ବିଜୟୀ ହୋଇଥିବା ବେଳେ ବିଷମକଟକ, କୋରାପୁଟ ଏବଂ ପଟ୍ଟାଙ୍ଗୀ ବିଧାନସଭା ଆସନରେ ପରାଜିତ ହୋଇଛନ୍ତି। ଏ ସମସ୍ତ ତଥ୍ୟକୁ ଦେଖିଲେ, ନବରଙ୍ଗପୁର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ପ୍ରଦୀପ ମାଝୀ ଏହି କ୍ଷେତ୍ର ଅନ୍ତର୍ଗତ କୋଟପାଡ ଏବଂ ନବରଙ୍ଗପୁର ବିଧାନସଭା ଆସନରେ ବିଜୟୀ ହୋଇଛନ୍ତି। ଅନ୍ୟପଟେ ବ୍ରହ୍ମପୁର ଲୋକ ସଭା ଆସନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଭି. ଚନ୍ଦ୍ରଶେଖର ନାଇଡୁ ଏହି କ୍ଷେତ୍ର ଅନ୍ତର୍ଗତ ମୋହନା ବିଧାନସଭା ଆସନରେ ବିଜୟୀ ହୋଇଛନ୍ତି। ଏହିପରି ସର୍ବମୋଟ ୭ଟି ଆସନରେ କଂଗ୍ରେସ ବିଜୟୀ ହୋଇଛି। ଅନ୍ୟସମସ୍ତ ବିଧାନସଭା କ୍ଷେତ୍ରରେ ବିଜେଡି ହରାଇଥିବା ଆସନ ଭାଜପା ଖାତାକୁ ଏବଂ ଭାଜପା ହରାଇଥିବା ଆସନ ବିଜେଡି ଖାତାକୁ ଚାଲିଯାଇଛି। ଉପରୋକ୍ତ ସଂସଦୀୟ ନିର୍ବାଚନ ଫଳାଫଳ ତଥ୍ୟକୁ ଯଦି ହିସାବ କରାଯାଏ, ତେବେ ବିଜେଡି ମୋଟ ୮୮, ଭାଜପା ୫୨ ଏବଂ କଂଗ୍ରେସ ୭ଟି ବିଧାନସଭା ଆସନରେ ବିଜୟୀ ହୋଇଛନ୍ତି।

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି– ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ଅଣ୍ଡା ଓ ହୃଦ୍‌ରୋଗ

ଆମ ରକ୍ତରେ ଥିବା କୋଲେଷ୍ଟରୋଲ ହେଉଛି ଏକ ପ୍ରକାର ଚର୍ବି ପରି ଉପାଦାନ। ଏହା ଆମ ଶରୀର ଦ୍ୱାରା ଉତ୍ପନ୍ନ ହୁଏ (ଯକୃତ ଦ୍ୱାରା ୭୫%)। ଅବଶିଷ୍ଟ ଆସେ ଆମ ଖାଦ୍ୟରୁ। କୋଲେଷ୍ଟରୋଲ ଆମ ଶରୀରର ପ୍ରତ୍ୟେକ କୋଷରେ ଥାଏ ଏବଂ ଖାଦ୍ୟ ହଜମ କରିବାରେ, ଭିଟାମିନ୍ ଡି ସୃଷ୍ଟି କରିବାରେ, କୋଷ ପ୍ରଚାର ନିର୍ମାଣ କରିବାରେ ଏବଂ କେତେକ ହର୍ମୋନ ତିଆରି କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏହାର ଆବଶ୍ୟକତା ଥିଲେ ବି ଅଧିକ କୋଲେଷ୍ଟରୋଲ ଆମ ଧମନୀକୁ କ୍ଷତି ପହଞ୍ଚାଇଥାଏ ଏବଂ ହୃଦ୍‌ରୋଗ ସୃଷ୍ଟି କରେ।

ଆମ ରକ୍ତରେ ଥିବା କୋଲେଷ୍ଟରୋଲ ଆପେ ଆପେ ଗତି କରେ ନାହିଁ। ଏହା ପ୍ରୋଟିନ ସହ ବାନ୍ଧିହୋଇ ରକ୍ତସ୍ରୋତରେ ଗତି କରେ। ଲିପୋପ୍ରୋଟିନ୍ ମୁଖ୍ୟତଃ ଦୁଇପ୍ରକାର: ଉଚ୍ଚ ସାନ୍ଦ୍ରତାବିଶିଷ୍ଟ ଲିପୋପ୍ରୋଟିନ୍ (ଏଚ୍‌ଡିଏଲ୍) ଓ ନିମ୍ନ ସାନ୍ଦ୍ରତାବିଶିଷ୍ଟ ଲିପୋପ୍ରୋଟିନ୍ (ଏଲ୍‌ଡିଏଲ୍)। ଏଚ୍‌ଡିଏଲ୍ କୋଲେଷ୍ଟରୋଲକୁ ଆମ ଧମନୀରୁ ବାହାର କରି ପୁଣି ଯକୃତରେ ନେଇ ପହଞ୍ଚାଇଦିଏ। ଏଲ୍‌ଡିଏଲ୍ କୋଲେଷ୍ଟରୋଲକୁ ଖରାପ କୋଲେଷ୍ଟରୋଲ କୁହାଯାଏ କାରଣ ଏହା କୋଲେଷ୍ଟରୋଲକୁ ଆଣି ରକ୍ତବାହିନୀ ବା ଧମନୀରେ ଛାଡ଼ିଦିଏ। ଅତିରିକ୍ତ ଏଲ୍‌ଡିଏଲ୍ କୋଲେଷ୍ଟରୋଲ ରକ୍ତନାଳୀ କାନ୍ଥରେ ଜମା ହୋଇ ପ୍ଲାକ୍ ବା ଫଳକ ସୃଷ୍ଟି କରେ। ଏହି ପ୍ଲାକ୍ ଧମନୀର ବାଟ ବନ୍ଦ କରିଦେଇପାରେ। ଫଳରେ ତା' ଭିତରଦେଇ ଆଉ ସୁବିଧାରେ ରକ୍ତପ୍ରବାହ ହୋଇପାରେ ନାହିଁ, ଯାହାଦ୍ୱାରା ହୃଦ୍‌ଘାତ ଓ ବ୍ରେନ୍ ଷ୍ଟ୍ରୋକ୍ ହୋଇପାରେ। ଉଚ୍ଚମାତ୍ରାର କୋଲେଷ୍ଟରୋଲ ଥିଲେ ବି ସାଧାରଣତଃ ତା'ର ଲକ୍ଷଣ ବାହାରକୁ ଜଣାପଡ଼େ ନାହିଁ। ଫଳରେ ହଠାତ୍ ହାର୍ଟ ଆଟାକ୍‌ର ବିପଦ ଦେଖାଦେଇପାରେ। ଏହାର ଗୋଟିଏ ଲକ୍ଷଣ ହେଉଛି ଆପଣଙ୍କ କର୍ନିଆ (ଆଖିର ସ୍ୱଚ୍ଛପଟଳ)ରେ ଚର୍ବିର ଧୂସର–ଧଳା ରେଖା ଦେଖାଯାଏ। ଆପଣଙ୍କ ବୟସ ଯଦି ୪୦ରୁ କମ୍ ତେବେ ଏହା ବିପଜ୍ଜନକଭାବେ ଅତି ଉଚ୍ଚମାତ୍ରାର କୋଲେଷ୍ଟରୋଲର ସୂଚନା ଦିଏ।

ବଂଶାନୁକ୍ରମିକ ଗୁଣ ଭାବେ ଆପଣଙ୍କ ଧମନୀରେ ଅଧିକ କୋଲେଷ୍ଟରୋଲ ଜମା ହୋଇପାରେ। ଏପର୍ଯ୍ୟନ୍ତ ଆମ ପରିବାରରେ କେହି ହୃଦ୍‌ଘାତରେ ମରିନାହାନ୍ତି। କିନ୍ତୁ ମୋ ଆଖିରେ ଈଷତ୍ ହଳଦିଆ ମିଶା ଧଳା ପ୍ୟାଚ୍ ଦେଖିବାକୁ ମିଳୁଛି, ଯାହା ମୋର ଅତିରିକ୍ତ କୋଲେଷ୍ଟରୋଲର ସୂଚନା ଦିଏ। ଏହା ମୋର ୪୦ରୁ ୫୦ ବର୍ଷ ବୟସ ଭିତରେ ଜମା ହୋଇଛି। ପ୍ରୌଢ଼ ବୟସରେ ଏହା ହୁଏ ଏବଂ ପୁରୁଷଙ୍କ ଅପେକ୍ଷା ମହିଳାଙ୍କଠାରେ ବେଶି ଦେଖାଯାଏ। ମୋ ମାଆ ଓ ଜେଜେମାଆଙ୍କ ଆଖିରେ ବି କୋଲେଷ୍ଟରୋଲର ଲକ୍ଷଣ ଦେଖାଯାଇଥିଲା। ମୁଁ କମ୍ ତେଲଯୁକ୍ତ ନିରାମିଷ ଖାଦ୍ୟ ଖାଇବା ସହ ନିୟମିତ ବ୍ୟାୟାମ କରୁଥିଲେ ମଧ୍ୟ ମୋ ଶରୀରରେ ଅଧିକ କୋଲେଷ୍ଟରୋଲ ସୃଷ୍ଟି ହୋଇଛି। ଏକ ପରିବର୍ତ୍ତିତ ଜିନ୍ ଯୋଗୁ ବଂଶଗତ ଭାବେ ଏହି ସମସ୍ୟା ଦେଖାଦେଇଥାଏ। ଏହା ୫୫ ବର୍ଷ ବୟସ ପୂର୍ବରୁ ହୃଦ୍‌ରୋଗ ସୃଷ୍ଟି କରେ। କିନ୍ତୁ ମୁଁ ସେ ବୟସ ଅତିକ୍ରମ କରିସାରିଲିଣି। ମାଆବାପାଙ୍କଠାରୁ ଜେନିଟିକ୍ ମ୍ୟୁଟେଶନର ଅଧିକାରୀ ହୋଇଥିଲେ ୧୨% ମହିଳାଙ୍କଠାରେ ୫୦ ବର୍ଷ ବୟସ ପୂର୍ବରୁ ହୃତ୍‌ପିଣ୍ଡରେ ରକ୍ତସଞ୍ଚାଳକ ଧମନୀରେ ରୋଗ ହୁଏ ଏବଂ ୭୪% ମହିଳାଙ୍କଠାରେ ଏହା ୭୪ ବର୍ଷ ପରେ ହୁଏ। ପ୍ରାୟ ୮୫% ପ୍ରଭାବିତ ପୁରୁଷଙ୍କ କ୍ଷେତ୍ରରେ ୬୦ ବର୍ଷ ବୟସ ପୂର୍ବରୁ ହୃଦ୍‌ଘାତ ହୁଏ। କିନ୍ତୁ ଉପଯୁକ୍ତ ଖାଦ୍ୟ ଓ ବ୍ୟାୟାମ ଦ୍ୱାରା ଏହାକୁ ରୋକାଯାଇପାରେ। ବୟସ୍କଙ୍କଠାରେ ପ୍ରତି ଡେସିଲିଟର ରକ୍ତ ପିଛା ୨୦୦ ମିଲିଗ୍ରାମ୍‌ରୁ କମ୍ କୋଲେଷ୍ଟରୋଲ ରହିବା ଉଚିତ। ୨୦୦ରୁ ୨୩୯ ମିଲିଗ୍ରାମ୍ ଭିତରେ ହେଲେ ବିପଦର ସୀମାରେ ପହଞ୍ଚିଗଲା ଏବଂ ୨୪୦ ମିଲିଲିଟର ବା ତା'ଠୁ ଅଧିକ ହେଲେ ବିପଜ୍ଜନକ ଭାବେ ତାହା ଅତି ଉଚ୍ଚମାତ୍ରା ବୋଲି ବୁଝିବାକୁ ହେବ। ଏଲ୍‌ଡିଏଲ୍ କୋଲେଷ୍ଟରୋଲ ୧୦୦ ମିଗ୍ରା/ଡେଲିରୁ କମ୍ ରହିବା ଉଚିତ। ୧୦୦ରୁ ୧୨୯ ଭିତରେ ରହିଲେ ସୁସ୍ଥସବଳ ଲୋକଙ୍କ ପାଇଁ ଗ୍ରହଣୀୟ। କିନ୍ତୁ ହୃଦ୍‌ରୋଗ ସମ୍ଭାବନା ଥିବା ଲୋକଙ୍କ ପାଇଁ ବିପଦ ସଙ୍କେତ। ୧୩୦ରୁ ୧୫୯ ଭିତରେ ରହିଲେ ବିପଦର ସୀମାକୁ ଆସିଗଲା ଏବଂ ୧୬୦ରୁ ୧୮୯ ମିଗ୍ରା/ଡେଲି ଭିତରେ ରହିଲେ ବିପଜ୍ଜନକଭାବେ ଉଚ୍ଚମାତ୍ରା ବୋଲି ବୁଝିବାକୁ ହେବ। ଏଚ୍‌ଡିଏଲ୍ କୋଲେଷ୍ଟରୋଲର ସ୍ତର ୬୦ ମିଲିଗ୍ରାମ୍‌ରୁ ଅଧିକ ହେବା ଉଚିତ। କିନ୍ତୁ ପ୍ରତି ଡେସିଲିଟର ରକ୍ତ ପିଛା ୪୦ ମିଲିଗ୍ରାମ୍‌ରୁ କମ୍ ରହିଲେ ତାହା ହୃଦ୍‌ରୋଗର କାରଣ ହୋଇପାରେ।

କୋଲେଷ୍ଟରୋଲ କେବଳ ପ୍ରାଣିଜ ଖାଦ୍ୟ ଯଥା ଅଣ୍ଡା, କ୍ଷୀର, ଲହୁଣି, ଛେନା, ମାଂସ, ମାଛ, କୁକୁଡ଼ାମାଂସ ଏବଂ ପାମୋଲିନ୍ ଓ ନଡ଼ିଆତେଲ ପ୍ରଭୃତି ହାଇଡ୍ରୋଜେନେଟେଡ୍ ତୈଳରୁ ଆସେ। ଯେଉଁମାନେ ମାଛ, ମାଂସ, ଅଣ୍ଡା ପ୍ରଭୃତି ଖାନ୍ତି, ସେମାନଙ୍କଠାରେ କୋଲେଷ୍ଟରୋଲ ଅଧିକ ଥାଏ। ଅଧିକ ଚର୍ବିଯୁକ୍ତ ଖାଦ୍ୟ ଖାଇଲେ ଆମ ଯକୃତ କୋଲେଷ୍ଟରୋଲର ପରିମାଣ ବଢ଼ାଇଦିଏ। ଏଲ୍‌ଡିଏଲ୍ କୋଲେଷ୍ଟରୋଲର ପରିମାଣ ବୃଦ୍ଧି ପାଇଲେ ହୃଦ୍‌ରୋଗ ଓ ଡାଇବେଟିସ୍‌ର ଆଶଙ୍କା ଅଧିକ ରହେ।

ଖାଦ୍ୟ ସହ କୋଲେଷ୍ଟରୋଲ ପରିମାଣର କିପରି ସମ୍ପର୍କ ରହିଛି ତାହା ଉପରେ ହାର୍ଭାର୍ଡ ହେଲ୍‌ଥ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ ପାଇଛି। ଯେଉଁସବୁ ଖାଦ୍ୟ ଖରାପ କୋଲେଷ୍ଟରୋଲର ମାତ୍ରା କମାଇବାରେ ସାହାଯ୍ୟ କରେ ସେଗୁଡ଼ିକ ମଧ୍ୟରେ ଅଛି: ଓଟ୍, ବାର୍ଲି, ଗୋଟା ଶସ୍ୟ, ବିନ୍, ବାଦାମ ପ୍ରଭୃତି ମଞ୍ଜି, ସୂର୍ଯ୍ୟମୁଖୀ ତେଲ, ଫଳ (ସେଓ, ଅଙ୍ଗୁର, ଷ୍ଟ୍ରବେରୀ, କମଳା ପ୍ରଭୃତି), ସୋୟାବିନ୍ ଓ ତନ୍ତୁବହୁଳ ଖାଦ୍ୟ (କୌଣସି ପ୍ରାଣିଜ ଖାଦ୍ୟରେ ତନ୍ତୁ ନ ଥାଏ)। ଚର୍ବିଜାତୀୟ ଖାଦ୍ୟ ଖାଇବା କମାଇଦେଲେ ଆମର କୋଲେଷ୍ଟରୋଲର ସ୍ତର ଠିକ୍ ରହେ। କିନ୍ତୁ ଯେଉଁସବୁ ଖାଦ୍ୟରେ ସାଚୁରେଟେଡ୍ ଫ୍ୟାଟ୍ (ମାଂସ, କ୍ଷୀରଜାତ ଖାଦ୍ୟ, ପ୍ରକ୍ରିୟାକୃତ ଖାଦ୍ୟ ପ୍ରଭୃତି) ବା ଟ୍ରାନ୍ସ ଫ୍ୟାଟ୍ (କେତେକ ଭଜା ହୋଇଥିବା ଓ ପ୍ରକ୍ରିୟାକୃତ ଖାଦ୍ୟ) ଅଛି ତାହାକୁ ବର୍ଜନ କରନ୍ତୁ। ଅତିରିକ୍ତ ଓଜନ (ମେଦବହୁଳତା) ମଧ୍ୟ ଏଲ୍‌ଡିଏଲ୍ କୋଲେଷ୍ଟରୋଲର ସ୍ତର ବଢ଼ାଇବାରେ ସାହାଯ୍ୟ କରେ।

ଅନ୍ୟ ଯେଉଁସବୁ କାରଣ ପାଇଁ କୋଲେଷ୍ଟରୋଲର ମାତ୍ରା ବୃଦ୍ଧି ପାଇପାରେ ସେଗୁଡ଼ିକ ମଧ୍ୟରେ ଅଛି: ଡାଇବେଟିସ୍ (ଏହା ବି ଏକ ଜୀବନଶୈଳୀଜନିତ ରୋଗ), ଯକୃତ ଓ ବୃକ୍କ ରୋଗ, ପଲିସିଷ୍ଟିକ୍ ଓଭାରୀ ସିଣ୍ଡ୍ରୋମ୍ ଓ ଷ୍ଟେରଏଡ୍।

ଯଦି ଆପଣ ତନ୍ତୁବହୁଳ ଖାଦ୍ୟ ଏବଂ ତଟକା ଫଳ ଓ ପନିପରିବା ଖାଉଥାନ୍ତି, ତେବେ ଆପଣଙ୍କ ଦେହରେ କୋଲେଷ୍ଟରୋଲ ନିୟନ୍ତ୍ରିତ ମାତ୍ରାରେ ରହିବ। ଶାରୀରିକ କାର୍ଯ୍ୟକଳାପ ମଧ୍ୟ ଆପଣଙ୍କ ଓଜନ ଠିକ୍ ରଖିବାରେ ସାହାଯ୍ୟ କରେ। ପ୍ରତିଦିନ ଏକଘଣ୍ଟା ବ୍ୟାୟାମ କଲେ ଓଜନ କମିବା ସହ ହୃତ୍‌ପିଣ୍ଡ ଠିକ୍ ରହେ। ଏହା ଏଲ୍‌ଡିଏଲ୍ କୋଲେଷ୍ଟରୋଲର ପରିମାଣକୁ କମାଇବା ସହ ଭଲ କୋଲେଷ୍ଟରୋଲର ପରିମାଣକୁ ବଢ଼ାଇବାରେ ସାହାଯ୍ୟ କରେ।

ନର୍ଥୱେଷ୍ଟର୍ନ ୟୁନିଭର୍ସିଟିର ପ୍ରତିଷେଧୀ ଔଷଧ ବିଭାଗ ଏବଂ ଶିକାଗୋର ଫେନ୍‌ବର୍ଗ ସ୍କୁଲ୍ ଅଫ୍ ମେଡିସିନ୍‌ର ଗବେଷକମାନେ ୨୯,୦୦୦ ଲୋକଙ୍କ ଉପରେ ୧୭ ବର୍ଷରୁ ଅଧିକ କାଳ ଗବେଷଣା କରି ତାଙ୍କ ଗବେଷଣାର ଫଳାଫଳ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରିଛନ୍ତି। ଏଥିରୁ ଜଣାପଡ଼ିଛି ଯେ ଅଣ୍ଡା ଖାଉଥିବା ଲୋକମାନଙ୍କଠାରେ ହୃଦ୍‌ରୋଗର ଆଶଙ୍କା ଅଧିକ ଥାଏ। କାରଣ ପ୍ରତ୍ୟେକ ଅଣ୍ଡାରେ ଥାଏ ୧୮୬ ମିଲିଗ୍ରାମ୍ କୋଲେଷ୍ଟରୋଲ। ଏହା ଆପଣ ଖାଦ୍ୟରେ ଦୈନିକ ଯେତିକି ଖାଇବା କଥା ତା'ଠୁ ୧୨୪% ଅଧିକ। ସପ୍ତାହକୁ ୩/୪ଟି ଅଣ୍ଡା ଖାଇଲେ ହୃଦ୍‌ରୋଗ ଆଶଙ୍କା ୩.୨% ଏବଂ ତଜ୍ଜନିତ ମୃତ୍ୟୁ ଆଶଙ୍କା ୪.୪% ବୃଦ୍ଧି ପାଏ। ଏହାଠାରୁ ଆଉ ଟିକେ ଅଣ୍ଡା ଅଧିକ ଖାଇଲେ ହୃଦ୍‌ରୋଗ ଓ ତଜ୍ଜନିତ ମୃତ୍ୟୁ ଆଶଙ୍କା ୬ରୁ ୮% ବୃଦ୍ଧି ପାଏ। ତେବେ ସପ୍ତାହକୁ କେତୋଟି ଅଣ୍ଡା ଖାଇବା ନିରାପଦ? ଗୋଟିଏ ବି ଖାଇବା ନିରାପଦ ନୁହେଁ।

Email: gandhim@nic.in

# ସିସିଫସ୍ ନୁହେଁ, କୃଷ୍ଣଚୂଡ଼ା



ସୁଧିରାଜ ରାଉତ

ଆଜି ରବିବାର ଅଫିସ ଛୁଟି, କାମର ବୋଝ ନାହିଁ, ଅଫିସରଙ୍କ ନାଲିଆଖି ନାହିଁ, ନିଜ ଇଚ୍ଛାରେ ଆଜି ମୁଁ ରଜା...। ଏମିତି ଭାବି ଭାବି ବିଛଣାରୁ ଉଠି ନ ଥାଏ ମା' ଆଉ ସ୍ତ୍ରୀର କଥା ଫିଙ୍ଗାଫିଙ୍ଗି ଆରମ୍ଭ ହୋଇଗଲା ଏବଂ ଏହା କିଛି ସମୟ ମଧ୍ୟରେ ଭୟଙ୍କର ଘୂର୍ଣ୍ଣିର ରୂପ ନେଲା। ବର୍ତ୍ତମାନ ମୁଁ ବିଛଣାରୁ ନ ଉଠି, ଶବ୍ଦଟିଏ ନ କହି ମଧ୍ୟ ମା' ଆଉ ସ୍ତ୍ରୀ ମଧ୍ୟରେ ଝୁଲୁଥିବା ତ୍ରିଶଙ୍କୁ। ରାଜା ହେବାର ସ୍ୱପ୍ନ ଭଙ୍ଗ ହେବା ପରେ ମନେ ପଡୁଥିଲା ଗ୍ରୀକ୍ ପୁରାଣର ରାଜା ସିସିଫସ୍‌ଙ୍କ କଥା। ରାଜା ସିସିଫସ୍ ଜୀବନତମାମ ଯେତିକି ପୁଣ୍ୟ କରିଥିଲେ ତା'ଠାରୁ ଅଧିକ ପାପ କରିଥିଲେ। ମୃତ୍ୟୁ ପରେ ଯମରାଜା ସିସିଫସ୍‌ଙ୍କୁ ପଚାରିଲେ, ତୁମେ ପ୍ରଥମେ ପୁଣ୍ୟ ଭୋଗ କରିବ ନା ପାପ? ସବୁ ବୁଝିସାରି ସିସିଫସ୍ କହିଲେ, ମୁଁ ଆଗ ପୁଣ୍ୟ ଭୋଗ କରିବାକୁ ଚାହେଁ। ଯମରାଜା କହିଲେ, କୁହ ତୁମେ କ'ଣ ଚାହଁ? ରାଜା କହିଲେ, ମୁଁ ଦେଖିବାକୁ ଚାହେଁ ମୋ ମୃତ୍ୟୁ ପରେ ମୋ ରାଜ୍ୟର ଅବସ୍ଥା। ଯମରାଜା କାନ୍ଥଆଡ଼େ କିଛି ସମୟ ଚାହିଁ ରହିଲେ। ପରଦା ଭଳି କାନ୍ଥରେ ଦୃଶ୍ୟମାନ ହେଲା ସିସିଫସ୍‌ଙ୍କ ରାଜ୍ୟର ବିଭିନ୍ନ ଦୃଶ୍ୟ। ପ୍ରଜାମାନେ କହୁଥାନ୍ତି, ଭଲହେଲା ପାପୀ ଦୁରାଚାରୀ ମରିଗଲା। ପୁତ୍ରମାନେ ପିତୃଅର୍ଜିତ ସମ୍ପଦକୁ ନେଇ କଳହ କରୁଥାନ୍ତି, ଆଉ ସ୍ତ୍ରୀ ଜଣେ ଅମାତ୍ୟଙ୍କ ପ୍ରେମରେ ମସ୍‌ଗୁଲ...। ଯମଲୋକରେ ଥାଇ ବି ରାଜାଙ୍କ କ୍ରୋଧର ପାରଦ ଶୀର୍ଷକୁ ଛୁଇଁଲା। ଯମଙ୍କୁ ଅନୁରୋଧ କଲେ, ମୋ ବଳକା ପୁଣ୍ୟବଳରେ ମୋତେ କିଛି ଦିନ ପାଇଁ ମର୍ତ୍ତ୍ୟକୁ ଫେରାଇ ଦିଅନ୍ତୁ, ଏମାନଙ୍କୁ ଉଚିତ ଶିକ୍ଷା ଦେଇଆସିବି। ଯମ ବହୁ କଷ୍ଟରେ ରାଜି ହେଲେ ଏବଂ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଫେରି ଆସିବାକୁ ତାଗିଦ କଲେ। ଏଥର କଫିନ ଫିଟାଇ ରାଜା ସିସିଫସ୍ ପୁନଃ ଜିଇଉଠିଲେ। ରାଜାଙ୍କୁ ଦେଖି ପ୍ରଜାମାନେ ଜୟଗାନରେ ପ୍ରକମ୍ପିତ କଲେ ଚତୁର୍ଦ୍ଦିଗ, ପୁତ୍ରମାନେ ପିତାଙ୍କୁ ପାଇ ଖୁସିରେ ନାଚିବାକୁ ଲାଗିଲେ ଆଉ ସ୍ତ୍ରୀ କାନ୍ଦିଉଠି କହିଲେ– କେମିତି ବଞ୍ଚିଥାନ୍ତି କୁହ ତୁମ ବିନା? ରାଜା ଭୁଲିଗଲେ ଫେରିବାର ଅଭିପ୍ରାୟ ଏବଂ ଭୁଲିଗଲେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଫେରିବାର ତାଗିଦ। ପୁନଶ୍ଚ ଯମ ଆସି ବାନ୍ଧିନେଲେ। ଏହାର ପରିଣାମ ସ୍ୱରୂପ ସିସିଫସ୍‌ଙ୍କୁ ଦଣ୍ଡବିଧାନ ହେଲା– ଏକ ବିଶାଳ ପଥରକୁ ଠେଲି ଠେଲି ପାହାଡ଼ର ଶିଖରକୁ ନେବାକୁ ହେବ, ଶିଖରରେ ପହଞ୍ଚିବା ମାତ୍ରେ ପଥର ସ୍ୱତଃ ଫେରିଆସିବ ପାଦଦେଶକୁ। ପୁନଶ୍ଚ ପଥରଟିକୁ ଠେଲି ପାହାଡ଼ର ଶିଖରକୁ ନେବାକୁ ହେବ... ଅନନ୍ତ ସମୟ ପର୍ଯ୍ୟନ୍ତ ରାଜା ସିସିଫସ୍ ଏହା କରିଚାଲିଛନ୍ତି।

ବିଛଣାରେ ପଡ଼ିରହି ନିଜକୁ ଲାଗୁଥାଏ ମୁଁ ବି ଜଣେ ଅସହାୟ ସିସିଫସ୍। ଜୀବନରୂପୀ ପଥରକୁ ଗଡ଼ାଇ ଚାଲିଛି ଦିନରୁ ରାତି, ଜନ୍ମରୁ ମୃତ୍ୟୁ, ମୃତ୍ୟୁରୁ ଜନ୍ମ...। ସ୍ତ୍ରୀ ପାଟିକଲା କ'ଣ ଏଠି ଗାଲୁଆଙ୍କ ଭଳି ପଡ଼ିଛ, କିଛି ଶୁଭୁନାହିଁ ତୁମକୁ? କିଛି ନ କହି ନିତ୍ୟକର୍ମ ଶେଷ କରି ନିକଟ ଚା' ଦୋକାନ ଖଟିକୁ ଚାଲିଗଲି ଏଇ ଆଶାନେଇ ଯେ, କିଛି ସମୟ ବାହାରେ ରହି ଫେରିବା ପରେ ମା', ସ୍ତ୍ରୀ ସାଧାରଣ ଅବସ୍ଥାକୁ ଫେରିଆସିବେ। ଦୁଇ ଘଣ୍ଟା ପରେ ଫେରି ଦେଖିଲି– ଝଡ଼ କରାଳ ରୂପ ନେବାରେ ଲାଗିଛି। ସ୍ତ୍ରୀ ଟିଫିନ୍ ଥୋଇଦେଇ ଚାଲିଗଲା। ନିଜକୁ ପ୍ରଶ୍ନ କରୁଥିଲି– କିଛି ବି କାରଣ ନ ଥାଇ, ଅଭାବ ନ ଥାଇ, ସମସ୍ୟା ନ ଥାଇ କାହିଁକି ମଣିଷ ଜୀବନର ଶାନ୍ତ ଉପବନକୁ ଅଶାନ୍ତ ଘୂର୍ଣ୍ଣିରେ ବିନଷ୍ଟ କରେ? କାହିଁକିର ଅସହାୟତା ଉପରେ ଠିଆହୋଇ ଶୁଣୁଥାଏ ମା', ସ୍ତ୍ରୀର ଶବ୍ଦ ସମର। ଏଠି କିଛି କହିବା ଅର୍ଥ ଏପଟେ ବ୍ରହ୍ମହତ୍ୟା ସେପଟେ ଗୋହତ୍ୟା। ତେଣୁ ମୁଁ ଏବେ ନୀରବଦ୍ରଷ୍ଟା। ଭାବିଲି ଏ ଦୁହେଁ ଲାଗିଥାନ୍ତୁ ମୁଁ ଯାଉଛି ଛାତ ଉପରେ ପାଟି କରୁ ନ ଥିବା, ଅଭିଯୋଗ କରୁ ନ ଥିବା, ଅଭିମାନ କରୁ ନ ଥିବା ଫୁଲଗଛଗୁଡ଼ିକ ସହ ସମୟ କାଟିବି। ଅନାବନା ଘାସ କାଢ଼ିଦେଇ ଗଛ ମୂଳକୁ ଖୁସେଇ ଦେଉଥାଏ। ମା' ଆସି ପାଟିକଲା– ତୋତେ ଦିଶୁନାହିଁ ଏମିତି ନୀରବ ଠାକୁର କାହିଁକି ହୋଇଛୁ, ସେ କ'ଣ କ'ଣ କହୁଛି ତୋତେ ଶୁଭୁନାହିଁ? କହିଲି– ମୋତେ ଶାନ୍ତିରେ ଗୋଟିଏ ଘଣ୍ଟା, ଗୋଟିଏ ଦିନ ବଞ୍ଚିବାକୁ ଦିଅ।

ସକାଳୁ ଖାଇନାହିଁ, ଖରାବେଳେ ନ ଖାଇ ଶୋଇପଡ଼ିଲି। ଚାରିଟା ବେଳକୁ ପ୍ରବଳ ପବନ ବହିବାକୁ ଲାଗିଲା। ଅଧଘଣ୍ଟାର କାଳବୈଶାଖୀ ସବୁକିଛି ଛିନ୍‌ଛତ୍ର କରି ଚାଲିଗଲା। ମୁଁ ମୋ ସବୁଦିନିଆ ସାନ୍ଧ୍ୟଭ୍ରମଣରେ ବାହାରିପଡ଼ିଲି। ମୋ ଛୋଟ ସହରର ରାସ୍ତାଘାଟରେ ଡାଳପତ୍ର ଭାଙ୍ଗି ପଡ଼ିଛି, କାହାର ଘର ଟିଣ ଉଡ଼ିଯାଇଛି, କେଉଁଠି ଇଲେକ୍ଟ୍ରି ପୋଲ ବାଙ୍କିଯାଇଛି...। ସହର ଡେଇଁ କିଲୋମିଟରରୁ ଅଧିକ ହେବ ସେଇ କୃଷ୍ଣଚୂଡ଼ା ଛକ ପାଖେ ପହଞ୍ଚିଲି। କାଳବୈଶାଖୀରେ ଭାଙ୍ଗିପଡ଼ିଛି କୃଷ୍ଣଚୂଡ଼ାର ଅନେକ ଡାଳକେନା, କୁଢ଼କୁଢ଼ ଫୁଲ, କଢ଼ ବିଛେଇ ହୋଇପଡ଼ିଛି ତଳେ, ଚାରିଆଡ଼େ। ଗଛକୁ ଚାହିଁଲି ଲାଗିଲା ଶହଶହ ନାଲିଓଠରେ କୃଷ୍ଣଚୂଡ଼ା ମୋତେ ଚାହିଁ ହସୁଥାଏ..., ସତେଅବା କିଛି ବି ଘଟିନି। ମୁଁ ଗଛକୁ ଚାହିଁଥାଏ। ସୂର୍ଯ୍ୟ ଅସ୍ତଗାମୀ। ହଠାତ୍ ଅନୁଭବ କଲି ଏକ ପବିତ୍ର ଛୁଆଁରେ, ଆନନ୍ଦର ବହଳିଆ ସ୍ପର୍ଶରେ ମୋ ଭିତରେ ବହୁଥିବା କାଳବୈଶାଖୀ ବନ୍ଦ ହୋଇଗଲା। ମୋ ହାତ ଦୁଇ ଶାନ୍ତି ପ୍ରଶାନ୍ତିରେ ଯୋଡ଼ିହୋଇଗଲା କୃଷ୍ଣଚୂଡ଼ା ଗଛକୁ ଚାହିଁ। ଅସ୍ତ ସୂର୍ଯ୍ୟ ଯେଉଁଳି କହୁଥାଏ, କାଳବୈଶାଖୀ ହେଉ, ରୁଦ୍ରର ପ୍ରଚଣ୍ଡ ତାପ ହେଉ, ଢୋ ଢୋ ବର୍ଷା ହେଉ କୃଷ୍ଣଚୂଡ଼ା ପାଇଁ ସବୁ ଋତୁ ହସିବାର ଋତୁ, ଆନନ୍ଦର ଋତୁ। ଅସ୍ତସୂର୍ଯ୍ୟ ପୁଣି କହୁଥାଏ– ଜୀବନ ଏଠି ସିସିଫସ୍ ଭଳି ଅସହାୟ ନୁହେଁ ବନ୍ଧୁ! କୃଷ୍ଣଚୂଡ଼ା ଭଳି ଆନନ୍ଦ ଆଉ ହସର ପସରା।

ମୋ– ୯୪୩୭୬୪୧୪୧୩

## ଏଇ ଭାରତରେ

ଭାରତ ଏକ କୃଷିପ୍ରଧାନ ଦେଶ। ଦେଶର ଅଧିକାଂଶ ଅଞ୍ଚଳର ଚାଷଜମି ମୌସୁମୀବାୟୁ ଜନିତ ବର୍ଷାଜଳ ଉପରେ ନିର୍ଭର କରେ। ଏହାଦ୍ୱାରା ଭଲ ଫସଲ ହେବ ବୋଲି ଆଶା କରାଯାଏ। ତେବେ ବର୍ଷା ଆଗମନ ପାଇଁ ଭାରତର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପରମ୍ପରା ପାଳିତ ହୋଇଥାଏ। କିନ୍ତୁ ଏଥିପାଇଁ ମହିଳାମାନେ ହଳ କରିବା କଥା ନିଆରା ନିଶ୍ଚୟ। ଇନ୍ଦ୍ରଦେବଙ୍କୁ ଖୁସି କରିବା ପାଇଁ ଉତ୍ତରପ୍ରଦେଶର ଦୋଲପୁରରେ ରାତିରେ ମହିଳାମାନେ ହଳ କରନ୍ତି। ଏହି ପରମ୍ପରା ଏଠାରେ ପୁରାତନ କାଳରୁ ଚଳିଆସୁଛି। ବର୍ଷା ଅଭାବରେ ଏଭଳି କରାଯାଇଥାଏ ବୋଲି ଲୋକେ କୁହନ୍ତି। ଏହାଦ୍ୱାରା ଇନ୍ଦ୍ରଦେବ ସନ୍ତୁଷ୍ଟ ହୋଇ ବର୍ଷା କରାଇଥାନ୍ତି। ଏହି ଅଞ୍ଚଳରେ ଅଧିକାଂଶ ସମୟରେ ମରୁଡ଼ି ପଡ଼ିଥାଏ। ତେଣୁ ଲୋକେ ଏଭଳି ପରମ୍ପରା ପାଳନ କରିଆସୁଛନ୍ତି। ମହିଳାମାନେ ହଳ କରିବା ସମୟରେ ଭକ୍ତି ସଙ୍ଗୀତ ଗାନ କରନ୍ତି। ସେହିପରି ବୁନ୍ଦେଲଖଣ୍ଡ, ଗୁଜରାଟର ନିମାର ଅଞ୍ଚଳରେ ଥିବା ଖରଗାଓଁରେ ମଧ୍ୟ ମହିଳାମାନେ ଏଭଳି କରିଥାନ୍ତି। ରାତିରେ ହଳ କରିବା ସମୟରେ ମହିଳା ତଥା ପ୍ରାପ୍ତବୟସ୍କା ଯୁବତୀ ମୁଣ୍ଡରେ ଓଢ଼ଣା ଦେଇ ନ ଥାନ୍ତି। ଏହା ଦ୍ୱାରା ବର୍ଷା ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି।

## ଚିରନ୍ତନୀ

ସ୍ୱଦେଶ ବିଦେଶ ସୀମାରେଖା ନାହିଁ ମାନେ
ଚାଲିଛି ଚମକି କି ଭୀଷଣ ଅଭିଯାନେ!
ସବୁ ଜାତି ରୂପ ସବୁ ନରନାରୀ ଏକ
ସବୁ ଭାଷାଭାଷୀ ଗାଉଛି କେବଳ
ମଣିଷ ଜାତିର ଟେକ।

(ଅଗଣିତ ଆଗୁଆନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | 7 | | | | | 1 | | | | | | C | |
| | E | D | | | 7 | | | | | 4 | C | 3 | 1 | 5 |
| C | 1 | | | | | | | | | | B | | 7 | 8 |
| B | | 6 | 2 | | | 0 | | | 7 | | | | | |
| | | | | | 4 | | | | 6 | | | B | | D |
| | | | | | | | | C | | | | | | 2 |
| 7 | | | | 4 | D | | | 5 | | A | 0 | | 9 | |
| | 5 | | 0 | 8 | | | | | | 2 | | | 3 | |
| 0 | A | | | | 2 | 8 | | | C | | 6 | | | |
| | | | | | | | 6 | | | 1 | D | C | | |
| 9 | | | | | | | | B | | | | 0 | A | |
| | | | | D | | 3 | | | | B | | | | 7 |
| | | C | | | | | 7 | | A | D | | | 2 | B |
| 6 | | | | | E | | A | | 2 | 3 | 5 | 9 | | |
| 8 | | | 7 | | B | | D | | E | C | | 1 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | B | 7 | A | 3 | 6 | 2 | E | C | 9 | 8 | D | 1 | 0 | 5 |
| 8 | 0 | 3 | D | C | 2 | A | 9 | 5 | B | 1 | E | 7 | 6 | 4 |
| A | 6 | 5 | 7 | 9 | 1 | 4 | D | 0 | 3 | C | 2 | B | 8 | E |
| D | 9 | C | B | E | 5 | 1 | 6 | 8 | 7 | 0 | 4 | A | 2 | 3 |
| E | 1 | 2 | 8 | 0 | 4 | B | 7 | 3 | A | 5 | 6 | C | 9 | D |
| C | 5 | 0 | 6 | D | A | 7 | 4 | 1 | 8 | E | 3 | 9 | B | 2 |
| 9 | 8 | A | 1 | B | E | 6 | 3 | D | 2 | 4 | 5 | 0 | C | 7 |
| 6 | D | 4 | 0 | 5 | C | 9 | 2 | B | 1 | 7 | A | E | 3 | 8 |
| B | 2 | 1 | 3 | 4 | 7 | 8 | 0 | E | 6 | 9 | C | 5 | D | A |
| 7 | 3 | E | 2 | 8 | 9 | C | 5 | A | 0 | D | B | 6 | 4 | 1 |
| 3 | A | 8 | 9 | 1 | 0 | D | C | 6 | E | 2 | 7 | 4 | 5 | B |
| 1 | E | B | 4 | 6 | 8 | 5 | A | 2 | C | 3 | 0 | D | 7 | 9 |
| 0 | 4 | 6 | E | A | D | 3 | 8 | 7 | 5 | B | 9 | 2 | 1 | C |
| 2 | C | D | 5 | 7 | B | E | 1 | 9 | 4 | 6 | 8 | 3 | A | 0 |
| 5 | 7 | 9 | C | 2 | 3 | 0 | B | 4 | D | A | 1 | 8 | E | 6 |

ଗତକାଲିର ଉତ୍ତର



ଅଭୟ ସୁତାର

# ପାଖେଇ ଆସୁଛି ପ୍ରଳୟ

ଏବେ ବିଶ୍ୱ ପରିବେଶରେ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଛି। ପରିବେଶ ପ୍ରଦୂଷଣ ଯୋଗୁ ପୃଥିବୀ ପୃଷ୍ଠରୁ ଅନେକ ଜାତିର ପ୍ରାଣୀ ଓ ଉଦ୍ଭିଦ ଲୋପ ପାଇଗଲେଣି। ଯେଉଁମାନେ ରହିଛନ୍ତି, ସେମାନେ ପ୍ରଚଣ୍ଡ ଉତ୍ତାପ, ଖାଦ୍ୟ ଓ ପାଣି ଅଭାବରେ ଅସହ୍ୟ କଷ୍ଟ ଭୋଗ କରୁଛନ୍ତି। ବିଗତ ୧୦ ବର୍ଷ ଧରି ଏ ସମ୍ପର୍କରେ ବହୁ ଅନୁଧ୍ୟାନ ଓ ଆଲୋଚନା ହେବା ପରେ ଏବେ ଜାତିସଂଘ ତରଫରୁ ପୃଥିବୀର ସବୁ ଦେଶକୁ ଏ ବାବଦରେ ସୂଚନା ଦିଆଯାଇଛି।

ସୂଚନାର ସାରମର୍ମ ହେଲା, ବିଗତ ୧୯୯୫ ମସିହାରୁ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ପାଉଛି। ଏପରି କି ମେରୁ ଅଞ୍ଚଳରେ ଉତ୍ତାପ ବୃଦ୍ଧି ଯୋଗୁ ବରଫ ତରଳି ସମୁଦ୍ରର ଜଳସ୍ତର ବୃଦ୍ଧି ପାଉଛି। ଏହି ପ୍ରକ୍ରିୟା ଯୋଗୁ ନିକଟ ଭବିଷ୍ୟତରେ ମାଳଦ୍ୱୀପ ଭଳି କେତେକ ଦ୍ୱୀପାଞ୍ଚଳ ରାଷ୍ଟ୍ର ବାଂଲାଦେଶ ଓ ଭାରତର ମୁମ୍ବାଇ ଆଦି ସହରରେ ସମୁଦ୍ର ଜଳ ପ୍ରବେଶ କରି ବିଶେଷ କ୍ଷତି ଘଟାଇବ। ଏଥିରେ ଅନେକ ଧନଜୀବନ କ୍ଷୟକ୍ଷତି ଓ ଜୀବଜନ୍ତୁଙ୍କ ପ୍ରାଣହାନି ଘଟିବା ସହିତ ପ୍ରାୟ ୫ ନିୟୁତ ଲୋକଙ୍କୁ ଅପସାରଣ କରି ଅନ୍ୟତ୍ର ଥଇଥାନ କରିବାକୁ ହେବ। ପୁଣି ସମୁଦ୍ର କୂଳେ କୂଳେ ଥିବା ବିସ୍ତୃତ ଅଞ୍ଚଳର ଲୁଣାଜଙ୍ଗଲ ପାଣିରେ ବୁଡ଼ିଯାଇ ନଷ୍ଟ ହେବ ଓ ସମୁଦ୍ର ପାଣିର ଉତ୍ତାପ ବୃଦ୍ଧି ଯୋଗୁ ଅନେକ ସାମୁଦ୍ରିକ ଜୀବଙ୍କର ପ୍ରାଣହାନି ଘଟିବ। ସାମୁଦ୍ରିକ ବାତ୍ୟା ପ୍ରଭାବରେ ପଶ୍ଚିମଘାଟ ପର୍ବତମାଳା ଅଞ୍ଚଳରେ ଅନେକ ଜୀବଜନ୍ତୁଙ୍କର ମୃତ୍ୟୁ ହେବ।

ଆଫ୍ରିକା ମହାଦେଶରେ ଏହି ପାରିବେଶିକ ବିପର୍ଯ୍ୟୟ ବିଶେଷ କ୍ଷୟକ୍ଷତି କରିବ। ପ୍ରିଟୋରିଆ ବିଶ୍ୱବିଦ୍ୟାଳୟର ଅନୁଧ୍ୟାନ ଅନୁସାରେ, ଉତ୍ତାପ ବୃଦ୍ଧି ଓ ବୃଷ୍ଟିପାତର ଅନିୟମିତତା ଯୋଗୁ ଏହି ମହାଦେଶରେ ଯଥାକ୍ରମେ ୨୫ ଓ ୪ ବିଲିୟନ ଡଲାର ମୂଲ୍ୟର ଖାଦ୍ୟଶସ୍ୟ ଉତ୍ପାଦନ ହ୍ରାସ ପାଇବ। ଏଥିସହିତ ପାଣିର ଘୋର ଅଭାବ ପଡିବ। ତେଣୁ ଅନେକ ବୃକ୍ଷଲତା ଓ ଜୀବଜନ୍ତୁ ବିଲୀନ ହେବେ। ପ୍ରାୟ ଛଅଲକ୍ଷ ବର୍ଗ କିଲୋମିଟର ଅଞ୍ଚଳର ଚାଷଜମି ଫସଲ ଉତ୍ପାଦନ ପାଇଁ ଅକାମୀ ହୋଇଯିବ। ଉଗାଣ୍ଡା, ତାଞ୍ଜାନିଆ ଓ କେନିଆର ଅନେକ ପର୍ବତମାଳାର ବରଫ ତରଳି ଯିବ ଓ ସମୁଦ୍ରର ଜଳପତ୍ତନ ବୃଦ୍ଧିପାଇବ। ଇଜିପ୍ଟ ଓ ଗିନିର ସମୁଦ୍ରକୂଳ ଅଞ୍ଚଳରେ ସମୁଦ୍ରର ଜଳପତ୍ତନ ବୃଦ୍ଧି ଯୋଗୁ ବିଶେଷ ବିପଦପୂର୍ଣ୍ଣ ଅବସ୍ଥା ସୃଷ୍ଟି ହେବ।

ଜାତିସଂଘର ବୈଜ୍ଞାନିକମାନେ କହନ୍ତି, ଆବହମାନ କାଳରୁ ହିମାଳୟ ପର୍ବତମାଳାରେ ଆଚ୍ଛାଦିତ ହୋଇ ରହିଥିବା ବରଫ ଏବେ ତରଳୁଛି ଓ ୨୦୩୫ ବେଳକୁ ସବୁ ବରଫ ତରଳିଯିବ। ଫଳରେ ହିମାଳୟରୁ ବାହାରିଥିବା ଗଙ୍ଗା ଓ ଯମୁନା ନଦୀରେ ଅଧିକ ଜଳ ପ୍ରବାହିତ ହୋଇ ବନ୍ୟା ବିପ୍ଳାତ ଘଟିବ। ତା'ପରେ ଏହି ନଦୀ ଦୁଇଟି ଶୁଷ୍କ ହୋଇଯିବେ, କାରଣ ଏହି ନଦୀଗୁଡିକୁ ବର୍ଷା ଦିନ ପରେ ଆଉ ଜଳ ପ୍ରବେଶ କରିବ ନାହିଁ। ଏହାଫଳରେ ନଦୀ ଦୁଇଟିର ଅବବାହିକା ଅଞ୍ଚଳରେ ବାସ କରୁଥିବା ଲୋକମାନେ ଅଶେଷ ଜଳକଷ୍ଟ ଭୋଗ କରିବେ।

ହିମାଳୟରେ ବରଫ ତରଳିଯିବା ଯୋଗୁ ଉତ୍ତରଭାରତରେ ଶୀତଦିନିଆ ବୃଷ୍ଟିପାତ କମିଯିବ। ୨୦୨୦ ବେଳକୁ ଉତ୍ତର ଭାରତରେ ଆଉ ଶୀତଋତୁ ହେବ ନାହିଁ ଓ ସେ ସମୟରେ ଜାନୁୟାରୀ ମାସରେ ଉତ୍ତାପ ୪୦ ଡିଗ୍ରୀ ସେଲସିୟସରେ ପହଞ୍ଚିବ। ସେହିପରି ଜଳ ଓ ବର୍ଷାଭାବ ଯୋଗୁ ଗଙ୍ଗାନଦୀର ଉର୍ବର ଅବବାହିକା ଅଞ୍ଚଳ କାଳକ୍ରମେ ଅନୁତ୍ପାଦକ ଅଞ୍ଚଳରେ ପରିଣତ ହେବ। ବିଶେଷଜ୍ଞଙ୍କ ହିସାବ ଅନୁସାରେ, ଆସନ୍ତା ୩୦ ବର୍ଷ ମଧ୍ୟରେ ସେହି ଅଞ୍ଚଳରେ କୃଷି ଉତ୍ପାଦନ ୩୦ ଭାଗ କମିଯିବ। ଗୋଚର ଜମିସବୁ ଟାଙ୍ଗରା ପଡିଆ ପାଲଟି ଯିବେ ଓ ଖାଦ୍ୟାଭାବରୁ ୨୫ ପ୍ରତିଶତ ପ୍ରାଣୀସମ୍ପଦ ନଷ୍ଟହେବ।

ବୈଜ୍ଞାନିକଙ୍କ ମତରେ ଜଳାଭାବ, ଉତ୍ତାପ ବୃଦ୍ଧି ଓ ଜଳବାୟୁରେ ପରିବର୍ତ୍ତନ ଯୋଗୁ ମଶାବଂଶ ବୃଦ୍ଧି ପାଇବ। ଏହାର ପ୍ରଭାବରେ ଡେଙ୍ଗୁ ଓ ମ୍ୟାଲେରିଆର ପ୍ରକୋପ ଅଧିକ ହେବ। ବନ୍ୟା ଓ ମରୁଡି ପ୍ରଭାବରେ କଲେରା ଓ ଝାଡା ରୋଗ ବ୍ୟାପକ ହେବ ଓ ଏଥିରେ ଅନେକ ଲୋକଙ୍କର ମୃତ୍ୟୁ ଘଟିବ। ବିଶ୍ୱର ଏହି ଉତ୍ତାପ ବୃଦ୍ଧି ଯୋଗୁ ଭାରତରେ ଏବେ ଅନେକ ପାରିବେଶିକ ବିପର୍ଯ୍ୟୟ ସୃଷ୍ଟି ହେଲାଣି। ବିଗତ ୧୦ ବର୍ଷ ମଧ୍ୟରେ ଉତ୍ତରପଶ୍ଚିମ ଅଞ୍ଚଳରେ କ୍ରମାଗତଭାବେ ମୂଷଳ ଧାରାରେ ବର୍ଷା ହେବା ଯୋଗୁ ଅନେକଥର ପ୍ରବଳ ବନ୍ୟାବିପ୍ଳାତ ସୃଷ୍ଟି ହୋଇଛି। ସେହିପରି ପୂର୍ବାଞ୍ଚଳରେ ବର୍ଷାର ପ୍ରକୋପ ଅସାଧାରଣ ଭାବେ ବୃଦ୍ଧିପାଇଛି। ୨୦୦୫ ଜୁଲାଇ ୨୬ ଓ ୨୭ ତାରିଖରେ ମୁମ୍ବାଇ ସହରରେ ୯୪୪ ମିଲିମିଟର ବର୍ଷା ଯୋଗୁ ୧୦୦୦ ଲୋକଙ୍କର ପ୍ରାଣହାନି ଘଟିବା ସହିତ ପ୍ରାୟ ୧୭୦୦ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ପୂର୍ବ ବର୍ଷ ସୁରଟ ଓ ଶ୍ରୀନଗର (ଯେଉଁଠାରେ ବନ୍ୟା ହେବା କଥା ନୁହେଁ)ରେ ପ୍ରବଳ ବନ୍ୟାହୋଇ ଅଶେଷ କ୍ଷୟକ୍ଷତି ଘଟିଛି। ବଙ୍ଗୋପସାଗର ଓ ଆରବ ସାଗରରେ ଅନେକଥର ସାମୁଦ୍ରିକ ଝଡ଼ ସୃଷ୍ଟି ହୋଇଛି। ଓଡ଼ିଶାରେ ୧୯୯୯ ମହାବାତ୍ୟା ଯୋଗୁ ନାହିଁ ନ ଥିବା କ୍ଷତି ଘଟିଥିଲା। ଓଡ଼ିଶାରେ ୨୦୦୦ରୁ ୨୦୧୫ ମଧ୍ୟରେ କ୍ରମାଗତ ଭାବେ ବୃଷ୍ଟିପାତର ହ୍ରାସ ଯୋଗୁ ମରୁଡି ହୋଇ ପ୍ରାୟ ୩୫ ନିୟୁତ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି।

ବିଶ୍ୱତାପନର ପ୍ରଧାନ କାରଣ ହେଲା ବାୟୁମଣ୍ଡଳକୁ ସବୁଜଗୃହ ବାଷ୍ପ (ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ ଅକ୍ସାଇଡ ଇତ୍ୟାଦି)ର ନିର୍ଗମନ ଯାହା ଯୋଗୁ ଓଜୋନ ସ୍ତରରେ ଛିଦ୍ର ସୃଷ୍ଟି ହୋଇ ସୂର୍ଯ୍ୟଙ୍କର କିରଣ ସିଧାସଳଖ ପୃଥିବୀ ପୃଷ୍ଠକୁ ଆସି ଉତ୍ତାପ ବୃଦ୍ଧି କରୁଛି। ବ୍ୟାପକ ଶିଳ୍ପ ପ୍ରତିଷ୍ଠା, ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ, ଯାନବାହନର ବୃଦ୍ଧି ଯୋଗୁ ସବୁଜଗୃହ ବାଷ୍ପର ନିର୍ଗମନ ହେଉଛି। ୧୯୯୨ ମସିହାରେ ସବୁଜଗୃହ ବାଷ୍ପର ନିର୍ଗମନକୁ ହ୍ରାସ କରିବା ପାଇଁ ହୋଇଥିବା ଶିଖର ସମ୍ମିଳନୀରେ ଅନ୍ତତଃପକ୍ଷେ ୧୯୯୦ ମସିହା ସ୍ତରକୁ ଆଣିବା ପାଇଁ ବିକଶିତ ଦେଶଗୁଡ଼ିକୁ ଅନୁରୋଧ କରାଯାଇଥିଲା। ମାତ୍ର ଆମେରିକା, ଯେକି କେବଳ ଏକ ତୃତୀୟାଂଶ ଅଙ୍ଗାରକାମ୍ଳ ବାଷ୍ପ ବାୟୁମଣ୍ଡଳକୁ ଛାଡୁଛି, ସେଥିପ୍ରତି ଏ ଯାଏ ଗୁରୁତ୍ୱ ଦେଇନାହିଁ। ଅଷ୍ଟ୍ରେଲିଆ ମଧ୍ୟ ଦ୍ୱିତୀୟ ସର୍ବାଧିକ ବାଷ୍ପ ନିର୍ଗମନର ଦେଶ ହୋଇଛି।

ସେହି ଦେଶଗୁଡ଼ିକର ବେପରୁଆ ମନୋଭାବ ଯୋଗୁ ଏବେ ସମଗ୍ର ବିଶ୍ୱ ଏହାର କୁପରିଣାମ ଭୋଗ କରିବାକୁ ବାଧ୍ୟ ହେଉଛି। ତେଣୁ ସେଥିପ୍ରତି ଜନ ସଚେତନତା ସୃଷ୍ଟି ହେବା ସହିତ ଜାତିସଂଘ ପକ୍ଷରୁ ସେହି ଦେଶଗୁଡ଼ିକ ଉପରେ ଚାପ ପ୍ରୟୋଗ ପାଇଁ ଭାରତ ସରକାର ଉଦ୍ୟମ କରିବା ଉଚିତ। ଦ୍ରୁତଗତିରେ ବିଗୁଡୁଛି ପରିବେଶ ଓ ପାଖେଇ ଆସୁଛି ପ୍ରଳୟ – ଏ କଥା ଯେତେଶୀଘ୍ର ଆମେ ବୁଝିଯିବା ସେତେ ଭଲ।

ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡେମୀ, ଭଦ୍ରକ,
ମୋ–୯୪୩୭୩୭୬୯୬୭

## ପାଠକ ଶ୍ରେଷ୍ଠ ବିଚାରକ

### ମା' ପରି ଗାଁ

ମହାଶୟ,

ପ୍ରକାଶବାବୁଙ୍କ ପ୍ରବନ୍ଧ 'ଫନୀ ଫେରାଇଛି ପୁରୁଣା ଦିନ' ପଢ଼ି ମନେ ପଡ଼ିଲା 'ଆମ ଗାଁ ରାସ୍ତା ତୁମ ସହରକୁ' ବୋଲି ଦେଖିଥିବା ନାଟକଟିଏ। ମା' ପରି ଗାଁ, ବାପା ପରି ସହର, କେହି ନୁହେଁ କାହାର। ଗାଁର ଲୋକଟିଏ ପରିଚୟ ଦେଲାବେଳକୁ ଅମୁକର ପୁଅ, ସମୁକର ନାତି, କୋଠ ଘରପାଖ ଦାସ ଘରକୁ ୪ ଘର ଛଡ଼ା। କିନ୍ତୁ ସହରର ପରିଚୟ ମାଟିକୁଣ୍ଡର ଗଛ, ପ୍ଲଟ ନମ୍ବର, ଅମୁକ ସାହି, ଅମୁକ ନଗର, ଗୋଟିଏ ସହରରେ ପ୍ରତ୍ୟେକ ସାହି ଗୋଟେ ଗୋଟେ ନଗର। ଧନ୍ୟରେ ସହରୀ ସଭ୍ୟତା କେହି ଜାଣନ୍ତିନି କାହାର ପରିଚୟ। ଗାଁରେ ରାତିରେ ହିଁ କବାଟ ବନ୍ଦ କିନ୍ତୁ ସହରରେ ଦିନ ହେଉ କି ରାତି ଦରଜା ସବୁବେଳେ ବନ୍ଦ। ଫନୀ ପରି ଦୁର୍ବିପାକ ଆମକୁ ଏକାଠି କରେ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା

### ଧଳାହାତୀଙ୍କ ଉପରେ ନଜର ରହୁ

ଅନେକ ସମୟରେ ଓଡ଼ିଶା ଉପରେ ପ୍ରାକୃତିକ ବିପର୍ଯ୍ୟୟ ଘଟି ଅନେକ ଧନଜୀବନ ନଷ୍ଟ ହୋଇଛି। ଏହି ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟ ପାଇଁ ଅନ୍ୟ ରାଜ୍ୟ ତଥା ଦେଶବିଦେଶରୁ କୋଟି କୋଟି ଟଙ୍କା ଆସୁଥିଲେ ମଧ୍ୟ ତା'ର କାର୍ଯ୍ୟଭାର ନେଇଥିବା ଅନେକ ଅସାଧୁ ଅଫିସର ଉକ୍ତ ଟଙ୍କା ବାଟମାରଣା କରି ସାଧାରଣ ଲୋକଙ୍କୁ ପ୍ରତାରଣା କରିଛନ୍ତି। ଏହାର ନଜିର ରହିଛି। ମହାବାତ୍ୟା, ହୁଡ୍‌ହୁଡ୍, ଫାଇଲିନ୍ ଆଦି ବିପର୍ଯ୍ୟୟ ସମୟରେ କିଛି ସରକାରୀ କର୍ମଚାରୀ ଚଞ୍ଚକତା କରି ଟଙ୍କା ହଡପ କରି ଜେଲ ମଧ୍ୟ ଯାଇଛନ୍ତି। ଅନୁରୋଧ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ନିରୀହ ଲୋକଙ୍କୁ ସେମାନଙ୍କ ହକ୍ ମିଳୁ, ଏଥିପାଇଁ ସରକାର ଭଦ୍ରମୁଖା ପିନ୍ଧିଥିବା ଧଳାହାତୀଙ୍କ ଉପରେ ନଜର ରଖନ୍ତୁ।

ଶ୍ରୀନିବାସ ମଙ୍ଗରାଜ, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଜୁନ୍ ୧୯୯୪

- ଅଷ୍ଟ୍ରିଆ ୟୁରୋପୀୟ ସଙ୍ଗଠନରେ ଯୋଗଦେବା ଉଚିତ କି ନୁହେଁ ସେ ବିଷୟ ନିର୍ଣ୍ଣୟ କରିବା ଲାଗି ଦେଶରେ ଗଣଭୋଟ ଆରମ୍ଭ।
- ମୟୂରଭଞ୍ଜ ଜିଲାର ଶିମିଳିପାଳ ଅଭୟାରଣ୍ୟକୁ ସଂରକ୍ଷିତ ଜୈବ ମଣ୍ଡଳ ଭାବେ ଘୋଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି।

## ସଂକ୍ଷେପରେ



### ସାହି ମଝିରେ ବାଲିଗଦା ଯାତାୟାତ ବାଧାପ୍ରାପ୍ତ

ପାରଳାଖେମୁଣ୍ଡି, ୧୨।୬ (ସ୍ୱ.ପ୍ର.): ପାରଳାଖେମୁଣ୍ଡିସ୍ଥିତ ବଡଦାଣ୍ଡ ମୁଖ୍ୟ ରାସ୍ତାକୁ ଯାତାୟାତର ସମସ୍ତ ରାସ୍ତା ବନ୍ଦ ରହିଥିବା ଜଣାପଡିଛି । ପ୍ରକାଶ ଯେ, ଆଗକୁ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ରହିଛି। ତିନି ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଟ୍ରାଫିକ୍ ସମସ୍ୟା ଯୋଗୁ ରଥ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଫଳରେ ସେହି ରାସ୍ତାଦେଇ ଯାତାୟତ କରୁଥିବା ସମସ୍ତ ଯାନବାହାନକୁ ବନ୍ଦ କରିବାପାଇଁ ଜଗନ୍ନାଥ ମନ୍ଦିର ନିକଟରେ ଉଭୟ ପାର୍ଶ୍ୱରେ ରାସ୍ତା ବନ୍ଦ କରାଯାଇଛି । ଅନ୍ୟପକ୍ଷରେ ବଡଦାଣ୍ଡକୁ ଯିବାପାଇଁ ଅନ୍ୟ ଏକ ରାସ୍ତା ପାଡାଲା ସାହି ଉପରେ ସମସ୍ତ ଯାନବାହନ ନିର୍ଭର କରୁଥିବାବେଳେ ଏହି ରାସ୍ତାରେ ଅଞ୍ଚଳବାସୀ ବିଭିନ୍ନ ଗୃହ ନିର୍ମାଣ ସାମଗ୍ରୀ ଗଦା କରି ରଖିଛନ୍ତି। ଫଳରେ ଏହି ରାସ୍ତାରେ ମଧ ଯାତାୟାତ ବାଧାପ୍ରାପ୍ତ ହୋଇଛି। ରଥଯାତ୍ରା ସହରର ଏକ ବିଶିଷ୍ଟ ପର୍ବ ହୋଇଥିବାରୁ ପ୍ରତିବର୍ଷ ରଥ ନିର୍ମାଣ ସମୟରେ ବଡ଼ଦାଣ୍ଡ ରାସ୍ତା ବନ୍ଦ ରହିଲେ ମଧ ଏହି ପାର୍ଶ୍ୱବର୍ତ୍ତୀ ରାସ୍ତା ଉପରେ ଲୋକେ ନିର୍ଭର କରିଥାନ୍ତି । ତେବେ ଏହି ସାହିର ମଧଭାଗରେ ବାଲିଗଦା ଯୋଗୁ ରାସ୍ତାଟି ସମ୍ପୂର୍ଣ୍ଣ ଅବରୋଧ ହୋଇଛି। ତେଣୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବି ହୋଇଛି ।

### ନାବାଳିକା ଉଦ୍ଧାର

ପାରଳାଖେମୁଣ୍ଡି, ୧୨।୬ (ସ୍ୱ.ପ୍ର.): ପାରଳାଖେମୁଣ୍ଡିସ୍ଥିତ ଜିଲା ଶିଶୁ କଲ୍ୟାଣ ସମିତି ପକ୍ଷରୁ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। କାଶୀନଗର ପୋଲିସ ତାଙ୍କୁ ଶିଶୁ କଲ୍ୟାଣ ସମିତିକୁ ହସ୍ତାନ୍ତର କରିଥିବା ଜଣାପଡିଛି । ବାପା, ମା' ଅଲଗା ରହୁଥିବାବେଳେ ବାପା ଗୁଣୁପୁର ଅଞ୍ଚଳର ଜଳତାର ଅଞ୍ଚଳରେ ରହୁଛନ୍ତି। ତେବେ ନାବାଳିକା ଜଣକ ଗୁଣୁପୁରରେ ୧୦ମ ଶ୍ରେଣୀରେ ପାଠ ପଢୁଥିବାବେଳେ ଖରାଛୁଟିରେ ନିଜ ସାଙ୍ଗ ସହ ପାରଳାଖେମୁଣ୍ଡି-ପଲାସା ଦେଇ ପଡୋଶୀ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ା ଯାଇ ସମ୍ପର୍କୀୟ ମାଉସୀଙ୍କ ଘରେ ରହିଥିଲେ । ଇତିମଧରେ ଝିଅକୁ ନପାଇ ନାବାଳିକାଙ୍କ ମା' କାଶୀନଗର ଥାନାରେ ଏତଲା ଦେଇଥିଲେ। ଏ ସଂପର୍କରେ ଖବର ପାଇ ବିଜୟୱାଡାସ୍ଥିତ ନାବାଳିକାଙ୍କ ମଉସା ତାଙ୍କୁ ବିଶାଖାପାଟଣାରେ ଛାଡିଥିଲେ । ସେଠାରୁ ସେ ଟ୍ରେନ ଯୋଗେ ଘରକୁ ଫେରିଥିବା ଜଣାପଡିଛି । ତେବେ ସେ ଫେରିବା ପରେ କାଶୀନଗର ପୋଲିସ ତାଙ୍କୁ ଜିଲା ଶିଶୁ କଲ୍ୟାଣ ସମିତି ନିକଟରେ ହସ୍ତାନ୍ତର କରିଛନ୍ତି। ଏବେ ନାବାଳିକାଙ୍କୁ ପାରଳାଖେମୁଣ୍ଡିର ନବଜୀବନ ଟ୍ରଷ୍ଟ ଆଶ୍ରମରେ ରଖାଯାଇଥିବାବେଳେ ତାଙ୍କ ଥଇଥାନ ପାଇଁ ରାୟଗଡା ଜିଲା ଶିଶୁ କଲ୍ୟାଣ ସମିତି ସହ ଯୋଗାଯୋଗ କରାଯାଇଥିବା ଗଜପତି ଜିଲା ଶିଶୁକଲ୍ୟାଣ ସମିତି ଅଧକ୍ଷ ବିନୋଦ ଚନ୍ଦ୍ର ଜେନା ସୂଚନା ଦେଇଛନ୍ତି ।

### ଅସହ୍ୟ ଖରାରେ ଆଠଘଣ୍ଟା ବିଦ୍ୟୁତ କାଟ ଘୋଷଣା

ପାରଳାଖେମୁଣ୍ଡି,୧୨।୬ (ସ୍ୱ.ପ୍ର.): ପାରଳାଖେମୁଣ୍ଡି ସହରର କେତେକ ଅଞ୍ଚଳରେ ଗୁରୁବାର ସକାଳ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ହେବ ବୋଲି ସୂଚନା ମିଳିଛି । ଗ୍ରୀଷ୍ମର ପ୍ରଭାବରେ ଲୋକେ ତହଲବିକଳ ହେଉଥିବାବେଳେ ବିଭାଗ ପକ୍ଷରୁ ବିଦ୍ୟୁତକାଟ ଘୋଷଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ସମୟରେ ବାରମ୍ବାର ଅଘୋଷିତ ବିଦ୍ୟୁତକାଟ ଅସହ୍ୟ ହୋଇଥିବାବେଳେ ଏପରି ଦୀର୍ଘ ସମୟ ବିଦ୍ୟୁତ୍‌କାଟ କଷ୍ଟ ବଢ଼ାଇଦେଇଛି।

# ଅଧାପନ୍ତରିଆ ପଡିଛି ହାଟ ପିଣ୍ଡି

## ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଗୃହ ଖତ ଖାଉଛି

ପାରଳାଖେମୁଣ୍ଡି,୧୨।୬ (ସ୍ୱ.ପ୍ର.)



ନୂଆଗଡ଼ ହାଟପିଣ୍ଡି।

ଗଜପତି ଜିଲା ନୂଆଗଡ଼ ବ୍ଲକ ଏକ ପାହାଡିଆ ଅଞ୍ଚଳ । ଏଠାକାର ୯୦ ପ୍ରତିଶତ ଲୋକ ଆଦିବାସୀ ସମ୍ପ୍ରଦାୟର । ତେଣୁ ଏଠାକାର ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ଲୋକଙ୍କ ବ୍ୟବସାୟ ତଥା ବିକାକିଣା ପାଇଁ ବିଭିନ୍ନ ସ୍ଥାନରେ ଆଞ୍ଚଳିକ ହାଟ ବସେ। ଏଠାରେ ଅଞ୍ଚଳର ଲୋକେ ଉତ୍ପାଦନ କରିଥିବା ପନିପରିବା ଇତ୍ୟାଦି ଆଣି ହାଟରେ ବିକ୍ରି କରିବା ସହ ସପ୍ତାହକ ପାଇଁ ଆବଶ୍ୟକ ବିଭିନ୍ନ ସାମଗ୍ରୀ ଏଠାରୁ ନେଇଥାନ୍ତି । ଏଥିପାଇଁ ସରକାର ତଥା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସାପ୍ତାହିକ ହାଟଗୃହ ବା ପିଣ୍ଡିର ବ୍ୟବସ୍ଥା କରାଯାଇଥାଏ । ଉକ୍ତ ଅଞ୍ଚଳର ପଞ୍ଚାୟତ ସେ ସବୁର ରକ୍ଷଣ ବେକ୍ଷଣ ଦାୟିତ୍ୱ ବୁଝିଥାଏ । ତେବେ ଏହି କାମ ଏବେ କିଛିଟା ସମ୍ପୂର୍ଣ୍ଣ ହୋଇଥିବାବେଳେ କିଛି ଅସମ୍ପୂର୍ଣ୍ଣ ପଡିରହିଛି। ତେଣୁ ଏହା ଜନସାଧାରଣଙ୍କର କାମରେ ଲାଗିବା ବଦଳରେ ଖତଖାଉଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲା ନୂଆଗଡ଼ରେ ନିର୍ମାଣ ହୋଇଥିବା ହାଟ ନିମନ୍ତେ ପିଣ୍ଡି ଗୃହ ଯାହାକି, ଏବେ ସୁଦ୍ଧା କାମରେ ଲାଗିପାରିନାହିଁ । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଗୃହ ଗୁଡିକ ଖତଖାଉଛି। ଉକ୍ତ ହାଟ ଗୃହ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ପାଣ୍ଠିରୁ ନିର୍ମିତ ହେଉଥିବା ଜଣାପଡିଛି । ଏହି ହାଟ ଏବେ ଗ୍ରାମର ମୁଖ୍ୟ ରାସ୍ତା କଡ଼ରେ ଚାଲୁଥିବା ଯୋଗୁ ଅନେକ ସମସ୍ୟା ହେଉଛି । ତେବେ ୨୦୧୫-୧୬ ବର୍ଷରେ ୬ଲକ୍ଷ ଟଙ୍କା ବ୍ୟୟ ମଞ୍ଜୁରୀରେ ଏହି ନୂତନ ହାଟ ନିର୍ମାଣ ପାଇଁ ନିର୍ଦ୍ଦେଶ ରହିଥିଲା । ତେବେ ଏବେସୁଦ୍ଧା କାମ ଅଧପନ୍ତରିଆ ପଡ଼ିରହିଥିବା ଜଣାପଡିଛି। ତେଣୁ ଏହି ହାଟଗୃହକୁ ସମ୍ପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ

## ଶିଶୁ ଶ୍ରମିକ ପ୍ରଥା ବନ୍ଦ ଉପରେ ଗୁରୁତ୍ୱାରୋପ

ପାରଳାଖେମୁଣ୍ଡି, ୧୨।୬ (ସ୍ୱ.ପ୍ର.)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ପାରଳାଖେମୁଣ୍ଡିର ନବଜୀବନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଅନାଥାଶ୍ରମରେ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଜଜ୍ ଅରୁଣ କୁମାର ସାହୁ ଯୋଗଦେଇ ଶିଶୁ ଶ୍ରମିକ ଆଇନ୍‌ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସେହିପରି ସମ୍ମାନିତ ଅତିଥିଭାବେ ପ୍ରାଧିକରଣ ସମ୍ପାଦିକା ଦୀପା ଦାସ ଯୋଗଦେଇ ପ୍ରାଧିକରଣ ତରଫରୁ ଶିଶୁମାନଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କୋର୍ଟ ରେଜିଷ୍ଟ୍ରାର ଶୁଭଶ୍ରୀ ପ୍ରଧାନ, ଜିଲା ଶିଶୁ କଲ୍ୟାଣ ସମିତିର ଅଧକ୍ଷ ବିନୋଦ ଚନ୍ଦ୍ର ଜେନା, ନବଜୀବନ କେନ୍ଦ୍ର ପାରଳାଖେମୁଣ୍ଡି ଶାଖା ପରିଚାଳକ ଏସ୍. ଭେଙ୍କଟରମଣ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟତଃ ଶିଶୁ ଶ୍ରମିକ ପ୍ରଥା ଯେପରି ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବ ସେ ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପ୍ରାଧିକରଣର କର୍ମଚାରୀମାନେ ପରିଚାଳନା କରିଥିଲେ। ଶେଷରେ ଶିଶୁ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଅଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ଶ୍ରୀମତୀ ସାହୁ,** ସ୍ୱାମୀ: ଶ୍ରୀ ନୀଳକଣ୍ଠ ସାହୁ ଏବଂ **୨) ଶ୍ରୀ ନୀଳକଣ୍ଠ ସାହୁ,** ପିତା: ଶ୍ରୀ ଦୁର୍ଯ୍ୟୋଧନ ସାହୁ, ଉଭୟଙ୍କ ଠିକଣା- ସା: କୁରୁମୁଡାଳି, ପୋ: କଜଳିଆପଲ୍ଲୀ, ଥାନା: ଶରଣକୁଳ, ଜିଲ୍ଲା: ନୟାଗଡ, **ଉଭୟଙ୍କ ବୈକଳ୍ପିକ ଠିକଣା-** ସା/ପୋ: ଘଡୁଆଳ, ନୟାଗଡ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୬୯ | **ସମ୍ପତ୍ତିର ମାଲିକ: ଶ୍ରୀମତୀ ଶ୍ରୀମତୀ ସାହୁ,** ସ୍ୱାମୀ: ଶ୍ରୀ ନୀଳକଣ୍ଠ ସାହୁ | **ଶ୍ରୀମତୀ ଶ୍ରୀମତୀ ସାହୁ,** ସ୍ୱାମୀ: ଶ୍ରୀ ନୀଳକଣ୍ଠ ସାହୁଙ୍କ ନାମରେ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଘଡୁଆଳ, ଖାତା ନଂ.: ୩୧୨/୨୬୫, ପ୍ଲଟ୍ ନଂ.: ୬୪୦/୧୪୨୪, କ୍ଷେତ୍ର: ଏକର୦.୦୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ସୁଷମା ସାହୁ, ପଶ୍ଚିମ: ଲିଙ୍ଗରାଜ ଦାଶ, ଉତ୍ତର: ରାସ୍ତା, ଦକ୍ଷିଣ: ପାଣିନାଳ | ୦୨.୦୨.୨୦୧୯ | ୧୧.୦୬.୨୦୧୯ | ୦୧.୦୨.୨୦୧୯ ସୁଦ୍ଧା ଟ.୧୭,୮୬,୯୪୬/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

**ତାରିଖ: ୧୧.୦୬.୨୦୧୯**
**ସ୍ଥାନ: ଭୁବନେଶ୍ୱର**
**ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

**ତହସିଲ କାର୍ଯ୍ୟାଳୟ, ବାରଙ୍ଗ**

ପତ୍ରସଂଖ୍ୟା.991 ତା: 10.06.2019

**ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କଟକ ଜିଲ୍ଲା ଅନ୍ତର୍ଗତ ବାରଙ୍ଗ ତହସିଲ ଅଧୀନରେ ଥିବା ନିମ୍ନ ସୈରାତ ଉତ୍ସଗୁଡିକର ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ 2016 ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମାବଳୀ 2017 ଅନୁଯାୟୀ ଆଗାମୀ ପାଞ୍ଚବର୍ଷ ନିମନ୍ତେ 2019-20 ଠାରୁ 2023-24 ପର୍ଯ୍ୟନ୍ତ ଦୀର୍ଘମିଆଦୀ ଲିଜ୍‌ସୂତ୍ରେ ନେବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

ସୈରାତ ଉତ୍ସଗୁଡିକର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ କଟକ ଜିଲ୍ଲା ୱେବ୍‌ସାଇଟ୍ http://cuttack.nic.in ସୈରାତ ଅଧୀନରେ ଉପଲବ୍ଧ ହେବ। ବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲ କାର୍ଯ୍ୟାଳୟ ବାରଙ୍ଗ ସହ ଯେ କୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରିବେ।

**ସ୍ୱା./- ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବାରଙ୍ଗ**

**ସୈରାତ ଉତ୍ସଗୁଡିକର ବିବରଣୀ**

| କ୍ରମିକ ସଂଖ୍ୟା | କେସ୍ ନଂ | ଲଘୁ ଖଣିଜାତ ଉତ୍ସର ନାମ | ମୌଜା | ଖାତା | ଖସଡା | ରକବା (ଏକରରେ) | ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ (ଘନ ମିଟରରେ) | ଲଘୁ ଖଣିଜ ପଦାର୍ଥର ସରକାରୀ ଧାର୍ଯ୍ୟ ମୂଲ୍ୟ | ଅତିରିକ୍ତ ମୂଲ୍ୟ |
|---|---|---|---|---|---|---|---|---|---|
| 1 | ସୈରାତ କେସ୍ ନଂ-02/2017-18 | ସିଡୁଆ ନଦୀ ବାଲିଘାଟ | ଦେଓକାଳି | 100 | 293 (ସ୍ମ) | 5.00 | 15,990 (ଏକ ବର୍ଷ ପାଇଁ) | ଟ.35.00ଙ୍କା (ଘନ ମିଟର ପ୍ରତି) | ଟ.2.00ଙ୍କା (ଘନ ମିଟର ପ୍ରତି) |
| 2 | ସୈରାତ କେସ୍ ନଂ-03/2017-18 | ସିଡୁଆ ନଦୀ ବାଲିଘାଟ | କୋରକୋରା | 314 | 385 (ସ୍ମ) | 15.00 | 50,010 (ଏକ ବର୍ଷ ପାଇଁ) | ଟ.35.00ଙ୍କା (ଘନ ମିଟର ପ୍ରତି) | ଟ.2.00ଙ୍କା (ଘନ ମିଟର ପ୍ରତି) |
| 3 | ସୈରାତ କେସ୍ ନଂ-01/2018 | କାଠଯୋଡି ନଦୀ ବାଲିଘାଟ | ବେଣ୍ଟକାରପଡା | 57 | 70 (ସ୍ମ) | 25.00 | 1,05,000 (ଏକ ବର୍ଷ ପାଇଁ) | ଟ.35.00ଙ୍କା (ଘନ ମିଟର ପ୍ରତି) | ଟ.2.00ଙ୍କା (ଘନ ମିଟର ପ୍ରତି) |

**ସ୍ୱା./- ତହସିଲଦାର ତଥା କ୍ଷମତାପ୍ରାପ୍ତ ଅଧିକାରୀ, ବାରଙ୍ଗ**

### କାର୍ ଲୋଭ କାଳ ହେଲା

## ଫୋନ୍‌କଲ୍‌ରେ ୧ ଲକ୍ଷ ୯୩ ହଜାର ଟଙ୍କାର ଠକେଇ

କାଶୀନଗର, ୧୨।୬ (ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ଏନ୍‌ଏସି ୧ ନଂ ୱାର୍ଡ଼ ବାସିନ୍ଦା ସିର୍ଲା ନବୀନ କୁମାର ଏକ ବଡ଼ଧରଣର ଠକେଇର ଶିକାର ହୋଇଛନ୍ତି। ୧୨ ଲକ୍ଷ ଟଙ୍କାର ସଫାରୀ କାର୍ ଲଟେରୀ ଫୁଟିଛି, କିଓସ୍କ ବ୍ୟାଙ୍କର ନିର୍ଦ୍ଦିଷ୍ଟ ଆକାଉଣ୍ଟରେ ୧ ଲକ୍ଷ ୯୩ ହଜାର ଟଙ୍କା ଜମାକଲେ କାର୍ ଘରେ ପହଞ୍ଚିଯିବ। ଏକ ଅଜଣା ନମ୍ବରରୁ ଜଣେ ବ୍ୟକ୍ତି ଫୋନକରି ଏଭଳି କହିଥିଲେ। ଏହା ଶୁଣିବା ପରେ ନବୀନ କୁମାର ଖୁସିରେ ନାଚି ଉଠିଥିଲେ। ନିଜ ପାଖରେ ଥିବା ଟଙ୍କା ସହ ସାଙ୍ଗସାଥୀଙ୍କ ଠାରୁ ଧାର ନେଇ ଟଙ୍କା ଜମା କରି ସଫାରୀ କାର୍ ଅପେକ୍ଷାରେ ରହିଲେ। ଅବିଳମ୍ବେ କାର୍ ପହଞ୍ଚିଯିବ ବୋଲି ଫୋନ୍ କରିଥିବା ବ୍ୟକ୍ତି କହିଥିଲେ। ନବୀନ ଉତ୍କଣ୍ଠାର ସହ କାର୍ ଆସିବ ବୋଲି ଅପେକ୍ଷା କରିଥିବାବେଳେ ଘଟଣାର ମାସେ ବିତିଯାଇଥିଲେ ମଧ କାର୍ ଆସିଲାନି। ଏବେ ଫୋନ୍ ଆସିଥିବା ନମ୍ବର ସହ ଯୋଗାଯୋଗ ମଧ ସମ୍ଭବ ହେଉନି। ଶେଷରେ ନବୀନ ଏକ ବଡ଼ଧରଣର ଠକେଇର ଶିକାର ହୋଇଥିବା ଜାଣିପାରି କାଶୀନଗର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା କେସ୍ ନଂ-୬୯/୧୯ ରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।



ଗୁମ୍ମା ବ୍ଲକର ପରିଦର୍ଶନ ଅବସରରେ ଜିଲାପାଳ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ଜିଲାପାଳଙ୍କ ଗୁମ୍ମା ବ୍ଲକ ପରିଦର୍ଶନ

## ଗୁମ୍ମାରେ ଆଉ ଏକ ବ୍ୟାଙ୍କ ଖୋଲିବା ପାଇଁ ପ୍ରତିଶ୍ରୁତି

ଗୁମ୍ମା, ୧୨।୬

ଗଜପତି ଜିଲାପାଳ ଅନୁପମ ଶାହା ବୁଧବାର ଗୁମ୍ମା ବ୍ଲକ ଗସ୍ତ କରିଛନ୍ତି । ପ୍ରଥମେ ଗୁମ୍ମା ତହସିଲ କାର୍ଯ୍ୟାଳୟ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଏହାପରେ ଜିଲାପାଳ ଓ ଗୁମ୍ମା ବିଡିଓଙ୍କ ସମେତ ବ୍ଲକ ଅଧ୍ୟକ୍ଷ ଗଜେନ୍ଦ୍ର ଗମାଙ୍ଗ ଗୁମ୍ମା ବ୍ଲକ ଅନ୍ତର୍ଗତ ଡୁମ୍ବାଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଗୁମ୍ମା ସ୍ଥିତ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କରେ ବାରମ୍ବାର ଗ୍ରାହକ ଅସନ୍ତୋଷ ପରେ ଜିଲାପାଳ ବିଡିଓଙ୍କ ସହ ଯାଇ ଶାଖା ପରିଚାଳକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଆଉ ଗୋଟିଏ ବ୍ୟାଙ୍କ୍ ଖୋଲାଯିବ ବୋଲି ଅଞ୍ଚଳବାସୀଙ୍କୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ବାରମ୍ବାର ଗ୍ରାହକ ଅସନ୍ତୋଷ ସତ୍ତ୍ୱେ ବ୍ୟାଙ୍କ ଶାଖା ପରିଚାଳକ କୌଣସି ପଦକ୍ଷେପ ନେଇନଥିଲେ।। ଜିଲାପାଳଙ୍କ ପ୍ରତିଶ୍ରୁତି ବର୍ତ୍ତମାନ ସମୟରେ ବହୁ ଚର୍ଚ୍ଚାର ବିଷୟ ପାଲଟିଛି । ତେବେ ଜିଲାପାଳଙ୍କ ପ୍ରତିଶ୍ରୁତି ଅନୁଯାୟୀ ଆଉ ଗୋଟିଏ ବ୍ୟାଙ୍କ ଖୋଲିଲେ ଅଞ୍ଚଳବାସୀଙ୍କ ଆବଶ୍ୟକତା ପୂରଣ ହୋଇପାରିବ ଏବଂ ଗ୍ରାହକ ମାନେ ଉପକୃତ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

**ଭାକ୍ରା ବ୍ୟାସ ପରିଚାଳନା ବୋର୍ଡ (ପାୱାର ୱିଙ୍ଗ)**
BHAKRA BEAS NATION'S PRIDE

**ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି**

**ଏନ୍‌ଆଇଟି ନଂ.456/ପିଏଚ୍‌ଡି/ପିଓଏନ୍‌ଜି-337** **ତାରିଖ: 06.06.2019**

**କାର୍ଯ୍ୟାଳୟର ନାମ:** ଚିଫ୍ ଇଞ୍ଜିନିୟର / ସିଷ୍ଟମ୍ ଅପରେଶନ୍, ପ୍ଲାନିଂ ଓ ଡିଜାଇନ୍ (ପାୱାର ପ୍ଲାଣ୍ଟସ୍), ଡିଟିଇ. ବିବିଏମ୍‌ବି (ପିଡବ୍ଲ୍ୟୁ), ଏସ୍‌ଏଲ୍‌ଡିସି କମ୍ପ୍ଲେକ୍ସ, ଇଣ୍ଡଷ୍ଟ୍ରିଆଲ ଏରିଆ, ଫେଜ୍-1, ଚଣ୍ଡିଗଡ଼-160002, ଟେଲିଫାକ୍ସ: 0172-2637035

**କାର୍ଯ୍ୟର ନାମ:** ବିବିଏମ୍‌ବିର ବିଭିନ୍ନ ପାୱାର ହାଉସ୍ ତଥା ସବ୍ ଷ୍ଟେଶନଗୁଡ଼ିକ ପାଇଁ ଏଲ୍‌ଟି ପାୱାର ଓ କଣ୍ଟ୍ରୋଲ କେବୁଲ ସଂଗ୍ରହଣ ଲାଗି ଅନ୍‌ଲାଇନ୍ ଟେଣ୍ଡର

| | |
|---|---|
| ୱେବ୍‌ସାଇଟ୍‌ରୁ ଟେଣ୍ଡର ବିନିର୍ଦ୍ଦିଷ୍ଟତା/ ଟେଣ୍ଡର କାଗଜପତ୍ର ଡାଉନ୍‌ଲୋଡିଂ | ଆରମ୍ଭ ତାରିଖ: 10.06.2019 10.00 ଘଟିକାରୁ<br>ଶେଷ ତାରିଖ: 23.07.2019 17.00 ଘଟିକା |
| ଅନ୍‌ଲାଇନ୍ ବିଡ୍ ଦାଖଲର ଶେଷ ତାରିଖ ଓ ସମୟ | 24.07.2019, 11.00 ଘଟିକା ପର୍ଯ୍ୟନ୍ତ |
| http://bbmbeproc.abcprocure.com ରେ ଅନ୍‌ଲାଇନ୍ ବିଡ୍ ଖୋଲାଯିବାର ତାରିଖ ଓ ସମୟ (ଭାଗ-I) | 24.07.2019, 11.30 ଘଟିକା ପରଠାରୁ |

ବିଡ୍‌ଗୁଡ଼ିକ ଅନ୍‌ଲାଇନ୍‌ରେ ଦାଖଲ କରାଯିବ। ଟେଣ୍ଡର କାଗଜପତ୍ର ମୂଲ୍ୟ, ଅମାନତ ଜମା ରାଶି ଏବଂ ବିସ୍ତୃତ ଏନ୍‌ଆଇଟି ପାଇଁ ଦୟାକରି ବିବିଏମ୍‌ବି ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ: **http://bbmbeproc.abcprocure.com, www.bbmb.gov.in**

340-PR-SO-7 ନିଜର ଉତ୍ତମ ଭବିଷ୍ୟତ ପାଇଁ ଆଜି ଶକ୍ତି ସଞ୍ଚୟ କରନ୍ତୁ

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର**

**ବିଜ୍ଞାପନ**

**No.05-PP:-** ଚୌଦ୍ୱାରସ୍ଥିତ ବୟନ ବୈଷୟିକ ଅନୁଷ୍ଠାନରେ (Institute of Textile Technology) ବୟନ ବୈଷୟିକ ଡିପ୍ଲୋମା ପାଠ୍ୟକ୍ରମ ୨୦୧୯-୨୦ ଶିକ୍ଷା ବର୍ଷରେ ନାମ ଲେଖାଇ ପଢ଼ିବା ପାଇଁ ୫ (ପାଞ୍ଚ) ଜଣ ଆଗ୍ରହୀ ବୁଣାକାର ସମ୍ପ୍ରଦାୟର ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଯୋଗ୍ୟତା ଅନୁସାରେ ବଛାଯିବା ପାଇଁ ତା.୦୩।୦୭।୨୦୧୯ ରିଖ ସୁଦ୍ଧା ନିମ୍ନ ପ୍ରଦତ୍ତ ନିର୍ଦ୍ଧାରିତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ ଥିବା ଦରଖାସ୍ତ ଆହ୍ୱାନ କରାଯାଉଅଛି। ପ୍ରାର୍ଥୀମାନଙ୍କର ବୟସ ୨୦୧୯ ଜୁଲାଇ ୧ ତାରିଖ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇ ନଥିବ। ପ୍ରାର୍ଥୀ ଦଶମ ଷ୍ଟାଣ୍ଡାର୍ଡ/ ଏଚ୍.ଏସ୍.ସି. ପରୀକ୍ଷାରେ ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟ ଥାଇ ଅନ୍ୟୂନ ଶତକଡ଼ା ୩୫ ଭାଗ ନମ୍ବର ତଥା ପ୍ରତ୍ୟେକ ବିଷୟରେ ସର୍ବନିମ୍ନ ଶତକଡ଼ା ୩୦ ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ। କମ୍ପାର୍ଟମେଣ୍ଟାଲ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନଙ୍କୁ ଯୋଗ୍ୟ ବିବେଚିତ ହେବା ପାଇଁ, ସେମାନେ ପ୍ରଥମ ସୁଯୋଗ ପରୀକ୍ଷାରେ ରଖିଥିବା ସର୍ବନିମ୍ନ ଶତକଡ଼ା ନମ୍ବରକୁ ବିଚାରକୁ ନିଆଯିବ।

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଦରଖାସ୍ତ ନିଜର ସମ୍ପୂର୍ଣ୍ଣ ବିବରଣୀ ସହିତ ନିମ୍ନଲିଖିତ ମୂଳ ପ୍ରମାଣପତ୍ର (ଅରିଜିନାଲ)ର ଅବିକଳ ନକଲ ଓ ନିଜର ଫଟୋ ସହ ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା, ଭୁବନେଶ୍ୱର-୭୫୧୦୦୭ଙ୍କ ନିକଟରେ ତା ୦୩।୦୭।୨୦୧୯ ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ।

୧. ଦଶମ ଷ୍ଟାଣ୍ଡାର୍ଡ/ ଏଚ୍.ଏସ୍.ସି. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରମାଣପତ୍ର।
୨. ଉପରୋକ୍ତ ପରୀକ୍ଷାରେ ହାସଲ କରିଥିବା ନମ୍ବର ତାଲିକା (Mark Sheet) ।
୩. ବୁଣାକାର ସଂପ୍ରଦାୟଭୁକ୍ତ ହୋଇଥିବା ଉପଯୁକ୍ତ ପ୍ରମାଣପତ୍ର।
୪. ପ୍ରାର୍ଥୀମାନେ ଓଡ଼ିଶାର ବାସିନ୍ଦା ହୋଇଥିବାର ଆବଶ୍ୟକୀୟ ପ୍ରମାଣପତ୍ର (Residential Certificate) ଦେବା ଦରକାର।

**ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡ଼ିଶା**

**APPLICATION FORM FOR ADMISSION TO THREE YEARS DIPLOMA IN TEXTILE TECHNOLOGY FOR THE YEAR 2019-20**
**(FOR WEAVERS COMMUNITY ONLY)**

Affix Passport size Photograph

1. Name of the applicant with Aadhar No.: **Odia:** ____________
   (Both in Odia & English in Block Letters). **English:** ____________
2. Father's Name with Aadhar No. ____________
3. Mother's Name with Aadhar No. ____________
4. Address to which communication should be sent (with Pin Code) ____________
   Phone (Land Line) with STD Code/ Mobile No. ____________
   E-mail ID (if any) ____________
5. Permanent Address ____________
6. a. Date of Birth ____________
   b. Age as on 01.07.2019 ____________
7. Category- Weaver Community (Certificate to be attached). ____________
8. Weather the applicant passed the Qualifying examination in single Sitting or Compartmental pass in 1st Chance. ____________
9. Education Qualification (in chronological order)

| Exam./ Board | Year of passing | Name of the School/ Institute | Name of the Board/ University | Division & Percentae of Marks. | Subject studied |
|---|---|---|---|---|---|
| | | | | | |
| | | | | | |
| | | | | | |

**DECLARATION**

I hereby declare that the information furnished by me above are true and correct to the best of my knowledge and belief.

Place: ____________ Signature of applicant
Date: ____________ Signature of father (or) Guardian.

Note: **The Candidate shall submit self-attested photocopies of the following.**

a. Certificates in support of his/her educational qualification & Mark Sheet in 10th standard/ H.S.C. Examination.
b. Caste Certificate in support of Weaver Community.
c. Bonafide Resident Certificate.

All the above certificate in original including the Transfer Certificate from the Institution last attended will be produced at the time of verification / interview and admission.

**31003/11/0003/1920**

# '୮୩'ରେ ଦୀପିକା ପାଦୁକୋନ



ମୁମ୍ବାଇ: ଚଳଚ୍ଚିତ୍ର '୮୩'ରେ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ନିଆଯାଇଛି। କ୍ରୀଡ଼ାଭିତ୍ତିକ ଏହି ଚଳଚ୍ଚିତ୍ରରେ ସେ ସ୍ୱାମୀ ରଣବୀର କପୁରଙ୍କ ସହ ଅଭିନୟ କରିବେ। ଦୀପିକା ଏହି ଚଳଚ୍ଚିତ୍ରରେ ରୋମୀ ଦେବଙ୍କ ଭୂମିକାରେ ଅଭିନୟ କରୁଥିବାବେଳେ ରଣବୀର କ୍ରିକେଟର କପିଳଦେବଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଇନ୍‌ଷ୍ଟାଗ୍ରାମରେ ବୁଧବାର ରଣବୀର ଏସମ୍ପର୍କରେ ଘୋଷଣା କରିଛନ୍ତି। କବିର ଖାନ୍ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରକୁ ନେଇ ଦୀପିକା ବେଶ୍ ଆଶାବାଦୀ ରହିଥିବା ରଣବୀର ପ୍ରକାଶ କରିଛନ୍ତି। '୮୩' ସ୍କ୍ୱାଡ୍‌ରେ ଦୀପିକା ସାମିଲ ହେବା ପରେ କବିର ଅଧିକ ଉତ୍ସାହିତ ହୋଇପଡ଼ିଛନ୍ତି। ମଧୁ ମାଣ୍ଟେନା, ବିଷ୍ଣୁ ଇନ୍ଦୁରୀ ଓ କବିରଙ୍କ ଦ୍ୱାରା ପ୍ରଯୋଜିତ ଓ ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ହେଉଥିବା ଏହି ଚଳଚ୍ଚିତ୍ର କପିଳଙ୍କ ଉପରେ ଆଧାରିତ। ୧୯୮୩ରେ କ୍ରିକେଟର କପିଳଦେବଙ୍କ ଅଧିନାୟକତ୍ୱରେ ଭାରତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଫାଇନାଲ୍ ମ୍ୟାଚରେ ବିଜୟୀ ହୋଇ ପ୍ରଥମ ବିଶ୍ୱକପ ହାସଲ କରିଥିଲା। ମେନ୍ ଇନ୍ ବ୍ଲୁ ନିଜର ପରାକ୍ରମ ଦେଖାଇ ଭାରତକୁ ବିଶ୍ୱବିଜୟୀ କରାଇଥିଲେ। ଫିଲ୍ମକୁ ନେଇ ପ୍ରଯୋଜକ ଓ ନିର୍ଦ୍ଦେଶକ ଆଶାବାଦୀ ଥିବାବେଳେ ଏହା ୨୦୨୦ ଏପ୍ରିଲ ୧୦ ତାରିଖରେ ମୁକ୍ତିଲାଭ କରିବ।

# ଦୁଇବର୍ଷରେ ରାଜ୍ୟରେ ଦୂରହେବ ଡାକ୍ତର ସମସ୍ୟା: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୬(ବ୍ୟୁରୋ)

ରାଜ୍ୟରେ ଆଉ ଦେଖାଦେବ ନାହିଁ ଡାକ୍ତର ସମସ୍ୟା। ଆବଶ୍ୟକଠାରୁ ଅଧିକ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ଆଗାମୀ ଦୁଇ ବର୍ଷରେ ଓଡ଼ିଶାରେ ଆବଶ୍ୟକ ତୁଳନାରେ ଅଧିକ ଡାକ୍ତର ଉପଲବ୍ଧ ହେବେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ବୁଧବାର ସଚିବାଳୟଠାରେ ଦପ୍ତର ପ୍ରବେଶ ସମୟରେ ମନ୍ତ୍ରୀ କହିଥିଲେ, ମେଡିକାଲ କଲେଜଗୁଡ଼ିକରୁ ଅଧିକ ସଂଖ୍ୟାରେ ଡାକ୍ତର ଉତ୍ତୀର୍ଣ୍ଣ ହେବାକୁ ଯାଉଛନ୍ତି। ତେଣୁ ଆଗାମୀ ଦିନରେ ରାଜ୍ୟର କୌଣସି ଚିକିତ୍ସାଳୟରେ ଆଉ ଡାକ୍ତରଙ୍କ ଅଭାବ ରହିବ ନାହିଁ। ସ୍ୱାସ୍ଥ୍ୟସେବା ସବୁବେଳେ ଏକ ବଡ଼ ଆହ୍ୱାନ। ସମସ୍ତ ପ୍ରକାର ପରିସ୍ଥିତିରେ ରାଜ୍ୟବାସୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ସଚିବାଳୟ ମନ୍ତ୍ରୀ କରିଡରର ଦ୍ୱିତୀୟ ମହଲାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କୁ ପ୍ରକୋଷ୍ଠ ମିଳିଥିବାବେଳେ ବୁଧବାର ପୂର୍ବାହ୍ନରେ ସେ ବିଧିବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦପ୍ତର କାର୍ଯ୍ୟ ଆରମ୍ଭ ପୂର୍ବରୁ ସେଠାରେ ଛୋଟିଆ ପୂଜାପାଠର ଆୟୋଜନ ହୋଇଥିଲା।

## ■ ସରିଲା ତୃତୀୟ ପର୍ଯ୍ୟାୟ ଯାଞ୍ଚ

# ୬ ସହରର କୋଚିଂ ସେଣ୍ଟର ଯାଞ୍ଚକଲା ଅଗ୍ନିଶମ ବିଭାଗ

କଟକ ଅଫିସ,୧୨।୬

ଗୁଜରାଟର ସୁରଟରେ ଥିବା ଏକ କୋଚିଂ ସେଣ୍ଟରରେ ନିଆଁ ଲାଗି ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଓଡ଼ିଶାର ପ୍ରମୁଖ ସହରଗୁଡ଼ିକରେ ଯାଞ୍ଚ ଆରମ୍ଭ ହୋଇଥିଲା। ଦୁଇଟି ପର୍ଯ୍ୟାୟ ଯାଞ୍ଚ ସରିଥିବାବେଳେ ବୁଧବାର ତୃତୀୟ ପର୍ଯ୍ୟାୟରେ ୬ଟି ସହରର ୪୯ଟି କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଛି।

ଅଗ୍ନିଶମ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବଲାଙ୍ଗୀର, ଭବାନୀପାଟଣା, ଝାରସୁଗୁଡା ସହରର ୧୦ଟି ଲେଖାଏ କୋଚିଂ ସେଣ୍ଟର, ଅନୁଗୋଳରେ ୮, ଭଦ୍ରକରେ ୫ ଓ ଜୟପୁରରେ ୬ଟି କୋଚିଂ ସେଣ୍ଟର ଯାଞ୍ଚ କରାଯାଇଛି। ହେଲେ ସମସ୍ତ କୋଚିଂ ସେଣ୍ଟରରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନ ଥିବା ଯାଞ୍ଚରୁ ଜଣାପଡିଥିଲା। ବହୁ ସେଣ୍ଟରରେ ଗୋଟିଏ ଲେଖାଏ ଶିଡ଼ିର ବ୍ୟବସ୍ଥା ରହିଛି, ଯାହାକି ଜରୁରୀ ପ୍ରସ୍ଥାନ ପାଇଁ ପର୍ଯ୍ୟାପ୍ତ ନୁହେଁ। ଏପରି କି କେତେକ ସେଣ୍ଟରର ଶିଡ଼ି ତଳେ ବୈଦ୍ୟୁତିକ ପ୍ୟାନେଲ ବୋର୍ଡ ରହିଛି ଯାହା ଅଗ୍ନିକାଣ୍ଡର ଆଶଙ୍କାକୁ ବଢାଇଥାଏ। ଏହାଛଡା ବହୁସ୍ଥାନରେ ଅଗଣା ଏବଂ ଯିବା ଆସିବା ରାସ୍ତାରେ ପରିତ୍ୟକ୍ତ ବସ୍ତୁଗୁଡ଼ିକୁ ପକାଯାଇଛି। ଏତଦ୍ ବ୍ୟତୀତ ନିଆଁ ଲାଗିଲେ ନିରାପଦ ସ୍ଥାନକୁ ଯିବା ପାଇଁ କୌଣସି ସତର୍କ ସୂଚନାଫଳକ ଲଗାଯାଇ ନ ନ ଥିବା ଯାଞ୍ଚରୁ ଜଣାପଡିଛି। ତେବେ ଉକ୍ତ କୋଚିଂ ସେଣ୍ଟରଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବାକୁ ନୋଟିସ୍ ଜାରି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଗତ ମେ ୨୫ରେ ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏବଂ କଟକରେ ଥିବା ପ୍ରମୁଖ କୋଚିଂ ସେଣ୍ଟର ଯାଞ୍ଚ କରାଯାଇଥିଲା। ସେହିପରି ଜୁନ୍ ୧ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ବାଲେଶ୍ୱର, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ସହରରେ ଥିବା କୋଚିଂ ସେଣ୍ଟରଗୁଡ଼ିକୁ ଯାଞ୍ଚ କରାଇଥିଲା। ଯାଞ୍ଚ କରାଯାଇଥିବା ସମସ୍ତ କୋଚିଂ ସେଣ୍ଟରକୁ ଆବଶ୍ୟକ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରିବା ପାଇଁ ବିଭାଗ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାମିକା,**
**କାମ କରୁଛି ବଙ୍କା ଢଙ୍କା ।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତି କୌଣସି କାର୍ଯ୍ୟକୁ ସଠିକ୍ ଢଙ୍ଗରେ କରିପାରି ନ ଥାନ୍ତି। କାର୍ଯ୍ୟ କରିବାରେ ସେମାନଙ୍କ ଆଗ୍ରହ ରହି ନ ଥିବା ହେତୁ ସମସ୍ତ କାର୍ଯ୍ୟ ବେଢଙ୍ଗିଆ ହୋଇଥାଏ। ଯେଉଁମାନଙ୍କର କାର୍ଯ୍ୟ କରିବାରେ ଅଭ୍ୟାସ ନ ଥାଏ ତଥା ଆଗ୍ରହ ନ ଥାଏ ସେମାନଙ୍କ ଦ୍ୱାରା କରାଯାଉଥିବା ସକଳ କାର୍ଯ୍ୟ କେବେ ବି ସନ୍ତୋଷଜନକ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳପ ଚାଷ, କୁଟୁମ୍ବ ପୋଷ;**
**ବହୁତ ଚାଷ ରଜାକୁ ପୋଷ ।**

ଚାଷ ଅଳ୍ପ କଲେ ଚାଷବାସ କଥା ବୁଝିବାକୁ ଅଧିକ ସମୟ ମିଳିଥାଏ। ଫଳସ୍ୱରୂପ ଚାଷରୁ ଭଲ ଆୟ ମିଳିଥାଏ, ଯାହାଫଳରେ ପରିବାର ପ୍ରତିପୋଷଣ କରିବାରେ କିଛି ଅସୁବିଧା ରହି ନ ଥାଏ। ପରନ୍ତୁ ଲୋଭବଶତଃ ଅଧିକ ଚାଷ କରିବସିଲେ ତା'ର ରକ୍ଷଣାବେକ୍ଷଣ କରିବା କଷ୍ଟସାଧ ହୋଇପଡ଼ିଥାଏ। ଫସଲରୁ ଭଲ ଆୟ ମିଳିପାରୁ ନ ଥିବା ସ୍ଥଳେ କେବଳ ବେଶି ଖଜଣା ଦେବା ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରଜ ପରେ ଯୁକ୍ତ୨ କଳା, ବାଣିଜ୍ୟ ରେଜଲ୍ଟ

ଭୁବନେଶ୍ୱର,୧୨।୬(ବ୍ୟୁରୋ)-ରଜ ପରେ ଯୁକ୍ତ୨ କଳା ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇବ। ଆସନ୍ତା ୧୭ କିମ୍ବା ୧୮ ତାରିଖରେ ରେଜଲ୍ଟ ବାହାରିବ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୩ତାରିଖରେ ଚଳିତବର୍ଷର ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ୯ କଲେଜର ରେଜଲ୍ଟ ଶୂନ ରହିଥିବା ବେଳେ ୨୯ କଲେଜରେ ଶହେ ପ୍ରତିଶତ ରେଜଲ୍ଟ ହୋଇଥିଲା। ଚଳିତବର୍ଷ ପାସ୍ ହାର ୭୨.୩୩ ପ୍ରତିଶତ ରହିଛି, ଯାହାକି ଗତବର୍ଷ ତୁଳନାରେ ୪.୬୫% କମ୍। ତେବେ କଳା ଓ ବାଣିଜ୍ୟରେ ଫଳାଫଳ କ'ଣ ହେବ, ତାହାକୁ ନେଇ ସମସ୍ତଙ୍କ ଅପେକ୍ଷା।

# 'ସୁପରସୋନିକ୍ ସ୍ପିଡ୍ ଫ୍ଲାଇଟ୍' ଉଡ଼ାଣର ପରୀକ୍ଷଣ

ବାଲେଶ୍ୱର ଅଫିସ,୧୨।୬





ସୁପରସୋନିକ୍ ସ୍ପିଡ୍ ଫ୍ଲାଇଟ୍।

ଭଦ୍ରକ ଜିଲା ଧାମରା ନିକଟ ବଙ୍ଗୋପସାଗର ଅବଦୁଲ କଲାମ ଦ୍ୱୀପରେ ଥିବା ୪ ନମ୍ବର ଲଞ୍ଚପ୍ୟାଡରୁ ବୁଧବାର ପୂର୍ବାହ୍ନ ୧୧ଟା ୧୨ ମିନିଟ୍‌ରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମାନବବିହୀନ 'ହାଇପରସୋନିକ୍ ଟେକ୍ନୋଲୋଜି ଡେମନ୍‌ଷ୍ଟ୍ରେଶନ ଭେଇକିଲ'ର ଉଡାଣ ପରୀକ୍ଷଣ କରାଯାଇଥିଲା। ଭାରତୀୟ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନ (ଡିଆରଡିଓ) ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଭେଇକିଲ ପରୀକ୍ଷଣ କାର୍ଯ୍ୟ ସଫଳ ହୋଇଥିବା ବାଲେଶ୍ୱର ଜିଲା ଚାନ୍ଦିପୁର ସମନ୍ୱିତ ଟେଷ୍ଟ ରେଞ୍ଜ (ଆଇଟିଆର) ପକ୍ଷରୁ ସୂଚନା ଦିଆଯାଇଛି। ଏହା ଜରିଆରେ ଏଣିକି ଭାରତ ଆକାଶ ମାର୍ଗରେ ଦୂରଗାମୀ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ରର ପରୀକ୍ଷଣ ଓ ଉତ୍କ୍ଷେପଣ କରିପାରିବ। ସୁପରସୋନିକ୍ ସ୍ପିଡ୍ ଫ୍ଲାଇଟ୍ ସାହାଯ୍ୟରେ ଅତି କମ୍ ଖର୍ଚ୍ଚରେ ମହାକାଶକୁ ଉପଗ୍ରହ ପଠାଯାଇ ପାରିବ। ପ୍ରତିରକ୍ଷା ଗବେଷଣା କ୍ଷେତ୍ରରେ ଏହା ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି ବୋଲି ବୈଜ୍ଞାନିକମାନେ କହିଛନ୍ତି।

ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ହାଇପରସୋନିକ୍ ଏୟାରକ୍ରାଫ୍ଟରେ ଦୁଇଟି ସ୍କ୍ରାମ୍ ଜେଟ୍ ଇଞ୍ଜିନ୍ ବ୍ୟବହାର କରାଯାଇଛି। ଶବ୍ଦ ଗତିଠାରୁ ଏହା ୪ଗୁଣ ଅଧିକ କ୍ଷିପ୍ର ବେଗରେ ଯାଇପାରିବ। ୫.୬ ମିଟର ଲମ୍ବ ଓ ୩.୭ ମିଟର ଆୟତନ ବିଶିଷ୍ଟ ଏହି ସୁପରସୋନିକ୍ ଭେଇକିଲ୍ ୧ ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ ଉଭୟ ଅଣୁ ଓ ପାରମାଣବିକ ଯୁଦ୍ଧାସ୍ତ୍ର ବହନ କରିବା କ୍ଷମତା ରଖିଛି। ସମୁଦ୍ର ପତ୍ତନଠାରୁ ୩୨.୫ କି.ମି. ଉଚ୍ଚରେ ଏହା ଶତ୍ରୁ ପକ୍ଷର ସମସ୍ତ କ୍ଷେପଣାସ୍ତ୍ରକୁ ଟାର୍ଗେଟ୍ କରିବାରେ ସଫଳ ହେବ। ବୁଧବାର ଏହି ପରୀକ୍ଷଣ ବେଳେ ଭାରତୀୟ ପ୍ରତିରକ୍ଷା ବିଭାଗର ସଚିବଙ୍କ ସହ ବହୁ ବରିଷ୍ଠ ଅଧିକାରୀ, ବୈଜ୍ଞାନିକ ଉପସ୍ଥିତ ଥିଲେ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବସନ୍ତ କୁମାର ତ୍ରିପାଠୀ**
ରସୁଲଗଡ଼, ନୂଆସାହି, ଭୁବନେଶ୍ୱର
ଆବିର୍ଭାବ: ୦୬।୧୨।୧୯୩୪
ତିରୋଧାନ: ୨୫।୦୫।୨୦୧୮
ବାପା ଚାହୁଁ ଚାହୁଁ ଆପଣଙ୍କ ଦେହାନ୍ତ ହେବାର ଏକ ବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା ଓ ସମସ୍ତଙ୍କୁ ଭଲପାଇବା ଆମେ ଭୁଲିପାରୁ ନାହୁଁ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶ୍ରଦ୍ଧାଞ୍ଜଳି ସହ:**
ପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୨୯୪୩

**ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ବାଞ୍ଛାନିଧି ମିଶ୍ର**
ଆବିର୍ଭାବ: ୨୯।୧୦।୧୯୨୯
ତିରୋଧାନ: ୦୪।୦୬।୨୦୧୯
ଧର୍ମପତ୍ନୀ ସ୍ୱର୍ଗତା ମନୋରମା ମିଶ୍ରଙ୍କୁ ଶଂଖା ସିନ୍ଦୂର ପିନ୍ଧାଇ ଆରପାରିକୁ ପଠାଇବାର ଠିକ୍ ତିନିଦିନ ପରେ ସଂସାରର ସମସ୍ତ କର୍ମବନ୍ଧନରୁ ଆପଣଙ୍କର ବିମୁକ୍ତି ଏକ ବିରଳ ଦୃଷ୍ଟାନ୍ତ। ପରିବାର ଓ ଆତ୍ମୀୟସ୍ୱଜନଙ୍କ ପ୍ରତି ଆପଣଙ୍କର କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କର ପାଥେୟ ହେଉ। ଆପଣଙ୍କ ଅମରାତ୍ମା ପରମାତ୍ମାଙ୍କ ସହ ଲୀନ ହେଉ, ଏହାହିଁ ଆମର କାମନା।
**ଶୋକସନ୍ତପ୍ତ:**
ପୁତ୍ର- ଶଶାଙ୍କ ଓ ହିମାଂଶୁ, ପୁତ୍ରବଧୂ- ସରସ୍ୱତୀ, କନ୍ୟା- ଇନ୍ଦିରା, ମୀନାକ୍ଷୀ ଓ ଚିନ୍ମୟୀ, ଜାମାତା- ଭକ୍ତବତ୍ସଲ, ପ୍ରଳୟ ଓ ମହେନ୍ଦ୍ର, ନାତି- ଶାଶ୍ୱତ ଓ ସାତ୍ତ୍ୱିକ, ନାତୁଣୀ- ପ୍ରଜ୍ଞା, ପ୍ରାଚୀ, ଶ୍ରୁତି ଓ ଈଶାନୀ, ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ।
ଧ-୬୪୦୬୯

**ତ୍ରୟୋଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଶ୍ରୀମତୀ ମନୋରମା ମିଶ୍ର**
ଆବିର୍ଭାବ: ୦୧।୦୧।୧୯୩୯
ତିରୋଧାନ: ୦୧।୦୬।୨୦୧୯
ସ୍ୱାମୀ ସ୍ୱର୍ଗତ ବାଞ୍ଛାନିଧି ମିଶ୍ରଙ୍କର ମହାପ୍ରୟାଣର ଠିକ୍ ତିନିଦିନ ପୂର୍ବରୁ ଶଂଖା ସିନ୍ଦୂର ନେଇ ସମସ୍ତ ପ୍ରିୟଜନଙ୍କୁ ଶୋକସାଗରରେ ଭସାଇ ତୁମେ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କର ପାଥେୟ ହେଉ। ତୁମର ଅମରାତ୍ମା ବିଭୁଙ୍କ ପାଦପଦ୍ମରେ ଲୀନ ହେଉ, ଏହାହିଁ ଆମର କାମନା।
**ଶୋକସନ୍ତପ୍ତ:**
ପୁତ୍ର- ଶଶାଙ୍କ ଓ ହିମାଂଶୁ, ପୁତ୍ରବଧୂ- ସରସ୍ୱତୀ, କନ୍ୟା- ଇନ୍ଦିରା, ମୀନାକ୍ଷୀ ଓ ଚିନ୍ମୟୀ, ଜାମାତା- ଭକ୍ତବତ୍ସଲ, ପ୍ରଳୟ ଓ ମହେନ୍ଦ୍ର, ନାତି- ଶାଶ୍ୱତ ଓ ସାତ୍ତ୍ୱିକ, ନାତୁଣୀ- ପ୍ରଜ୍ଞା, ପ୍ରାଚୀ, ଶ୍ରୁତି ଓ ଈଶାନୀ, ସମସ୍ତ ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ।
ଧ-୬୪୦୬୮

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଆଡ୍‌ଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
CAPITAL ONE FINANCE
ଆଧାର କାର୍ଡ ଋଣ, ଗୃହ ଋଣ, ମାର୍କଶିଟ୍ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ
ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ
8887072616
8887076388
Add- T-51, Gautampuri Delhi-53

ଲକ୍ଷାଧିକ ଲୋକଙ୍କ ଭରସା
ଅମରାବତୀ କ୍ୟାପିଟାଲ
ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ସୁବିଧା ପାଇଁ ହୋମ, ଏଜ୍ୟୁକେସନ୍, ଗ୍ରୁପ, ପର୍ସନାଲ ଋଣ ବର୍ଷକୁ ୩ % ସୁଧରେ ଯୋଗାଇ ଦିଆଯାଉଛି ।
8809570276
9319560899
S/C Block B, Green Park, Extn. Delhi-16

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

BASUDHA FINANCE
BASUDHA FINANCE ଦ୍ୱରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

BUSINESS

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

ଭାରତର ନଂ.1 ଗୋଲ୍ଡ ମେଡାଲିଷ୍ଟ
INDUS TOWER
କମ୍ପାନୀରୁ ଡିଜିଟାଲ ଟାୱାର ପ୍ଲଟ୍, ଜମିରେ ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା ୨୦୦୦୦/-ର ଅନ୍ୟାନ୍ୟ ସୁବିଧା + ମୋବାଇଲ + ଲାପଟପ୍
9450268843
9499322173
H. No. 412, Subhash Nagar Jind, Haryana.

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

DHARITRI Career appointment Every Wednesday and Saturday

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

ମାତାଙ୍କ ଅସୀମ କୃପା ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବାରମ୍ବାର ଦୁର୍ଘଟଣା ଘଟାଉଛି କମ୍ପାନୀ ହାଇୱା

ଲକ୍ଷ୍ମୀପୁର,୧୨।୬(ଡି.ଏନ୍.ଏ.)

କୋରାପୁଟରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ ଦୀର୍ଘ ୧୬ ଘଣ୍ଟା ପର୍ଯ୍ୟନ୍ତ ଧରି ରାସ୍ତା ଅବରୋଧ ହୋଇଛି। ରାସ୍ତାରୋକୋର ମୁଖ୍ୟ କାରଣ ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା । କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍‌ର ଧାମନଗଣ୍ଡାରେ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତି ଧର୍ମେନ୍ଦ୍ର ତୁରୁକ ନିଜ କାର୍ଯ୍ୟ ସାରି ରାୟଗଡ଼ାରୁ ନିଜ ଗ୍ରାମକୁ ଫେରୁଥିବା ସମୟରେ ଲକ୍ଷ୍ମୀପୁର କୋଡିଙ୍ଗାମାଳିରୁ ବକ୍ସାଇଟ ମାଟି ପରିବହନ କରୁଥିବା ହାଇୱା ଗାଡ଼ି (ଓଡି୧୮ ଇ ୫୨୯୮) ଧକ୍କାଦେଇ ଫେରାର ହୋଇଯାଇଥିଲା। ତେବେ ଘଟଣାସ୍ଥଳରେ ହିଁ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା । ସୂଚନାପାଇ ପରିବାର ଲୋକେ ଉତ୍ତେଜିତ ହୋଇ ରାଜରାସ୍ତା ଅବରୋଧ କରିଥିଲେ । ସୂଚନାପାଇ ଲକ୍ଷ୍ମୀପୁର ଏସ୍‌ଡିପିଓ ଅଶ୍ୱିନ କୁମାର ନାୟକଙ୍କ ନେତୃତ୍ୱରେ ପୋଲିସ ଟିମ୍ ପହଞ୍ଚିଥିଲା ଏବଂ ବୁଝାସୁଝା ପରେ ମଧ୍ୟ ନିଜ ଜିଦରେ ଅଟଳ ରହିଥିଲେ ଲୋକ। ପରେ ନାରାୟଣପାଟଣା ତହସିଲଦାର ରଞ୍ଜନ କୁମାର ମାନସେଠ୍ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ଦାୟିତ୍ୱରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କରି ରେଡକ୍ରସ୍ ତରଫରୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ବେଦାନ୍ତ ଓ ମୈତ୍ରୀ କମ୍ପାନୀର ଲିଖିତ ପ୍ରତିଶ୍ରୁତିରେ ମୃତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କ ନାମରେ ଏକ ଚାକିରି ଏବଂ କ୍ଷତିପୂରଣ ପାଇଁ ୨ଲକ୍ଷ ୪୦ହଜାର ଟଙ୍କା ପ୍ରଦାନ କରିବାର ନିଷ୍ପତ୍ତି ରହିବା ପରେ ରାସ୍ତାରୋକୋ ହଟିଥିଲା । ଲକ୍ଷ୍ମୀପୁର କୋଡିଙ୍ଗାମାଳିରୁ ମାଟି ପରିବହନ କରୁଥିବା ସମୟରେ ହାଇୱା ଅନେକ ଥର ଦୁର୍ଘଟଣା ଘଟାଉଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିବା ସାଧାରଣ ଲୋକେ ଅଭିଯୋଗ କରୁଛନ୍ତି ।

# ପୁରୁଣା କୋଠାରେ ଚାଲିଛି ଅଙ୍ଗନୱାଡ଼ି କେନ୍ଦ୍ର

ସେମିଳିଗୁଡ଼ା,୧୨।୬(ସ୍ୱ.ପ୍ର.)



ବିପଦସଙ୍କୁଳ ଅଙ୍ଗନୱାଡି ଗୃହରେ ପିଲାମାନେ ପାଠ ପଢୁଛନ୍ତି ।

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ଦୁଧାରି ପଞ୍ଚାୟତରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର-୧ରେ ଶିଶୁମାନଙ୍କ ପାଠପଢ଼ା ଘରକୁ ନେଇ ଚିନ୍ତା ପ୍ରକାଶ ପାଇଛି। ସେହି କେନ୍ଦ୍ରରେ ୫୭ ଜଣ ଶିଶୁ ପଢୁଛନ୍ତି। ପିଲାଙ୍କ ସବୁଦିନ ଉପସ୍ଥାନ ରହୁଥିଲେ ମଧ ସେମାନଙ୍କ ନିରାପତ୍ତା ନେଇ ଏବେ ପ୍ରଶ୍ନ ଉଠିଛି। ୧୯୯୨ର ବହୁ ପୁରୁଣା କୋଠାରେ ଚାଲିଛି ଏହି ଅଙ୍ଗନୱାଡ଼ି କେନ୍ଦ୍ର। କୋଠା ଯେତେ ପୁରୁଣା ହେଉଛି, ତାହା ସେତେ ଅସୁରକ୍ଷିତ ମନେ ହେଉଛି। କୋଠା ଛାତରୁ ସିମେଣ୍ଟ ପ୍ଲାଷ୍ଟର ଖସିବା ସହ ଲୁହାରଡ୍ ଦେଖାଗଲାଣି। ଏହା କେତେବେଳେ ଅଘଟଣ ଘଟି ଶିଶୁଙ୍କ ଜୀବନ ପ୍ରତି ବିପଦ ଥିବା କହିଛନ୍ତି ଅଙ୍ଗନୱାଡ଼ି କର୍ମୀ। ଦୁଧାରି ଅଙ୍ଗନୱାଡ଼ି-୧ରେ କର୍ମୀ ଯମୁନା ବିଷୋୟୀ ଅଭିଯୋଗ କରି କହିଛନ୍ତି ଯେ, ଏହି ବିଷୟରେ ବହୁଥର ଅଧିକାରୀମାନଙ୍କୁ କୁହାଯାଇଛି। ହେଲେ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯଦି କିଛି ବିପଦ ଆସେ, ତେବେ ଅଧିକାରୀମାନେ ଦାୟୀ ରହିବେ ବୋଲି ସେ କହିଛନ୍ତି। ଏନେଇ ସିଡିପିଓ ସୁହାଗି ସୋରେନଙ୍କୁ ପଚାରିବାରୁ ସେ ନିଜ ଦୋଷ ଲୁଚାଇବାକୁ ଯାଇ ସେହି ଚିରାଚରିତ ଢଙ୍ଗରେ ଉତ୍ତର ଦେଇଥିଲେ ଯେ, ତାଙ୍କ ପାଖକୁ କିଛି ଖବର ଆସିନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ୨ ଦିନ ଭିତରେ ସେହି ଅଙ୍ଗନୱାଡ଼ି କେନ୍ଦ୍ରକୁ ଅନ୍ୟଠିକୁ ସ୍ଥାନାନ୍ତର ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ।

# ଶିଶୁ ଶ୍ରମିକ ଉଚ୍ଛେଦ ଦିବସ ପାଳିତ

ଜୟପୁର,୧୨।୬(ଡି.ଏନ୍.ଏ.):

ଜୟପୁରସ୍ଥିତ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ସ୍ଥାନୀୟ ଏଡିଆର କାର୍ଯ୍ୟାଳୟ ଭବନରେ ବିଶ୍ୱ ଶ୍ରମିକ ଉଚ୍ଛେଦ ଦିବସ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ବିମଳ ଚାନ୍ଦ ଯୋଗଦେଇ ଶ୍ରମିକ ଉଚ୍ଛେଦ ଦିବସର ମୁଖ୍ୟ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଶିଶୁ ଶ୍ରମିକ ସମ୍ପୂର୍ଣ୍ଣ ବନ୍ଦ କରିବା, ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବା ଘରର ଶିଶୁମାନେ ଶ୍ରମିକ ଭାବେ ବିଭିନ୍ନ ଦୋକାନ, ହୋଟେଲ ଓ ଅନ୍ୟ ସଂସ୍ଥାରେ କାମ କରୁଛନ୍ତି। ସେମାନଙ୍କୁ ଏଭଳି କାମ କରାଇବା ନେଇ କଡ଼ା ଆଇନ ରହିଛି। ସେହିପରି ଶ୍ରମିକ ପରିବାରର ଉନ୍ନତି ପାଇଁ ବିଭିନ୍ନ ସରକାରୀ ଯୋଜନା ମଧ୍ୟ ରହିଛି। ଏହି ସମସ୍ତ ଯୋଜନା ଶ୍ରମିକଙ୍କ ନିକଟରେ ପହଞ୍ଚିବା ନେଇ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂସ୍ଥା କାମ କରିବାକୁ ଆହ୍ୱାନ ଦେଇଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଶ୍ରୀକାନ୍ତ ମିଶ୍ର, ପରିବାର ଜଜ୍ ସୂର୍ଯ୍ୟନାରାୟଣ କର, ଜେଏମ୍ଏଫ୍‌ସି ପ୍ରଭାତ ସାମଲ, ସହକାରୀ ଶ୍ରମ ଅଧିକାରୀ ଏମ୍. ଶିବସୁନ୍ଦର ଉପସ୍ଥିତ ଥିଲେ।


## OFFICE OF THE DIRECTOR, SCSTRT I & SPECIAL SECRETARY TO GOVT. & ADVISOR, SALU.

No.3-X

**NOTICE**

Pursuant to this Office advertisement No.404 Dt: 29.05.2019 the last date for submission of application for engagement of retired persons as Attendant is hereby extended up to 02.07.2019 without any change of other terms and conditions.

21001/11/0002/1920 Sd./- Secretary, SLAU

## ORISSA HYDRO POWER CORPORATION LTD.

No.CAD-94

O/O EXECUTIVE ENGINEER, MURAN DAM DIVISION, UPPER INDRAVATI HYDRO ELECTRIC PROJECT
AT/PO-KHATIGUDA, DIST. NABARANGPUR, ODISHA, PIN – 764085, E-mail Id. eemurandamdivision@gmail.com

No.608 Dated: 10.06.2019

**TENDER CALL NOTICE NO: 02/2019-20.; Percentage Rate of Tender.**

| Sl. No. | Name of the work | Estimated Cost in Rs. | Additional place of Sale & Receipt | Cost of the Tender Paper in Rs | EMD Required in Rs | Completion Period | Class of the Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | S/R to Muran rest shed ( I.B.) at Muran Dam Site for year 2019-20. | 345680/- | [1] Office of the Executive Engineer, Muran Dam Division UIHEP, Khatiguda, Dist. Nabarangpur. [2] Office of the Sub- Divisional Officer, Muran Dam Sub-Division NO.I, UIHEP, Mukhiguda, Dist:: Kalahandi. | Rs.2000/= + GST @ 18 % Rs. 360/- = 2360/- | 3500/- | 04 ( Four) Calendar Months | "D" & "C" Class Contractor |
| 2 | Temporary Roof treatment to the top and 2nd R.C.C. roof slab of valve house imulsion hard bituminous 90/15 of UIHE Project, Mukhiguda. | 84900/- | -do- | Rs.400/= + GST @ 18 % Rs. 72/- = 472/- | 900/- | 01 (one ) calendar Month | "D" & "C" Class Contractor |

The details of the Tender Document, Terms and Conditions please refer our website www.ohpcltd.com.

EXECUTIVE ENGINEER
MURAN DAM DIVISION

32211/11/0001/1920

## ICMR-REGIONAL MEDICAL RESEARCH CENTRE
(Indian Council of Medical Research)
Chandrasekharpur, Bhubaneswar - 751 023

No.01/RMRC/Consultant/2019 Date : 12.06.2019

**ENGAGEMENT OF CONSULTANT**

Applications are invited from the interested retired employees having experience in the Government of India/ Autonomous Organisations / Public Sector Undertaking upto **10/07/2019 - 05:00 PM** for filling up of 1 (one) positions i.e. **Consultant (Accounts)** on contractual basis for a period of 1 (one) year. For details and application form please visit to RMRC website **www.rmrcbbsr.gov.in / www.icmr.nic.in.**

Sd/-
Administrative Officer
For Director

## ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର

06-PP

କୁଶଳୀ ଓ କୃତୀ ବୁଣାକାର/ବାନ୍ଧ କାରିଗର/ ଡିଜାଇନର୍‌ମାନଙ୍କ ପାଇଁ

**୨୦୧୭-୧୮ ଏବଂ ୨୦୧୮-୧୯ ବର୍ଷ ନିମନ୍ତେ ରାଜ୍ୟସ୍ତରୀୟ ପୁରସ୍କାର ପ୍ରତିଯୋଗିତା**

ରାଜ୍ୟର କୃତୀ ଓ କୁଶଳୀ ବୁଣାକାର, ବାନ୍ଧକାରିଗର ଓ ଡିଜାଇନରମାନଙ୍କୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ନୂତନ ତଥା ଉତ୍କୃଷ୍ଟମାନର ବାନ୍ଧ/ହସ୍ତତନ୍ତ ବସ୍ତ୍ର ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ବୟନଶିଳ୍ପ ଓ ହସ୍ତତନ୍ତ ବିଭାଗ ତରଫରୁ ପ୍ରତିଯୋଗିତା ମାଧ୍ୟମରେ ମାନପତ୍ର ପ୍ରଦାନ କରାଯିବା ସହ ପୁରସ୍କାର ଦେବା ତଥା ସମ୍ମାନିତ କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଏହି ପ୍ରତିଯୋଗିତାରେ ଭାଗନେବା ନିମନ୍ତେ ଆବେଦନ ପତ୍ର ସହ ଆବଶ୍ୟକୀୟ ସୂଚନା ଜିଲ୍ଲାସ୍ତରରେ ସଂପୃକ୍ତ ସହକାରୀ ବୟନଶିଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ/ ଉପନିର୍ଦ୍ଦେଶକ ବୟନଶିଳ୍ପଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଏତଦ୍ ବ୍ୟତୀତ ନିମ୍ନୋକ୍ତ Website ମାନଙ୍କରେ ମଧ୍ୟ ଏହା ଉପଲବ୍ଧ ହେଉଅଛି।

(i) http:www.odisha.gov.in/textiles
(ii) www.boyanika.com
(iii) www.sambalpuribastralaya.co.in
(iv) www.sadhacodisha.org

ଏଣୁ ଇଚ୍ଛୁକ ପ୍ରାର୍ଥୀମାନେ ଆବେଦନ ପତ୍ର ସହ ବସ୍ତ୍ରର ନମୁନା ଉପରୋକ୍ତ ଅଧିକାରୀଙ୍କ କାର୍ଯ୍ୟାଳୟରେ ତା. ୦୬.୦୭.୨୦୧୯ ରିଖ ସୁଦ୍ଧା ଦାଖଲ କରିବା ହେବେ।

ପ୍ରକାଶ ଥାଉ କି, ପୂର୍ବରୁ ରାଜ୍ୟସ୍ତରୀୟ/ ଜାତୀୟ ପୁରସ୍କାର ପ୍ରାପ୍ତ ବୁଣାକାର/ବାନ୍ଧ କାରିଗର/ ଡିଜାଇନର୍ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିପାରିବେ ନାହିଁ । ଆବଶ୍ୟକସ୍ଥଳେ ପ୍ରତିଯୋଗୀମାନଙ୍କୁ ବ୍ୟକ୍ତିଗତ ସାକ୍ଷାତ ପାଇଁ ଡକାଯାଇ ପାରେ।

31003/11/0004/1920 ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ, ଓଡିଶା.

## THE ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

CAD-96

**NOTICE INVITING TENDER NO.08/OMC/C/CT/2019**

Tender from the registered Civil contractors are invited having registration of PF, PAN and GST for the below noted works.

| Sl. No. | Name of the works | Estimated cost. (in lakhs) | Time period of the work | Class of contractor | E.M.D in D.D. (in Rs.) | Cost of bid document (Rs) |
|---|---|---|---|---|---|---|
| 1 | Water supply and sanitary installation for D-3 & D-4 Qtrs of Sukurangi Mines in the dist. of Jajpur. | 4.57 | One month | D & C | 4570.00 | 2000.00 + 18% GST |
| 2 | Renovation to over head tank of 6nos E-type (E-1, E-30, E-36 ,E-58,E-140, & E-158) and 17 nos F-type Qtr(F-73 and F-75 to F-90) at Central Township, Kaliapani in the dist. of Jajpur. | 4.37 | One month | D & C | 4370.00 | 2000.00 + 18% GST |
| 3 | Repairing & heightening of compound wall D-3 & D-4 Qtrs at Sukurangi Mines in the dist. of Jajpur. | 4.55 | One month | D & C | 4550.00 | 2000.00 + 18% GST |
| 4 | Construction of check dam middle beneath portion of the dump within ML area at Sukurangi Mines in the dist. of Jajpur. | 4.65 | One month | D & C | 4650.00 | 2000.00 +18% GST |
| 5 | Construction of staircase to civil office at Central Township, Kaliapani in the district of Jajpur. | 4.58 | One month | D & C | 4580.00 | 2000.00 +18% GST |
| 6 | Internal renovation including water supply & sanitary installation of Ananya Club at Central Township, Kaliapani in the district of Jajpur. | 4.71 | One month | D & C | 4710.00 | 2000.00 +18% GST |

01. Date & time of selling of bids: - From dt.20.06.2019 to dt.29.06.2019 up to 3.00PM.
02. Last date and time of submission of bids at allocated Tender Box:-Dt.29.06.2019 up to5.00PM.
03. Date & time of opening of bid: - Dt.01.07.2019 at 11.00 AM.
04. For the details you may refer D.T.C.N.
05. Tender inviting authority: Sr.Manager (Civil), OMC, Kaliapani.

The Odisha Mining Corporation Ltd. reserves the right to reject any or all tenders without assigning any reason thereof.

Sd/-11.06.19
30006/11/0013/1920 Sr.Manager (Civil), Kaliapani

## ODISHA HYDRO POWER CORPORATION LIMITED.

CAD-92

OFFICE OF THE SENIOR GENERAL MANAGER (ELECTRICAL):
BALIMELA HYDRO ELECTRIC PROJECT:POST: BALIMELA: DIST: MALKANGIRI (ODISHA): PIN: 764 051.
Phones: 06861-232581(0) / 232641(R).FAX – 06861-232541.
E mail- <unit.head_balimela@yahoo.com>

REGD. OFFICE: ODISHA HYDRO POWER CORPORATION LIMITED.
(A Government of Odisha Undertaking)
ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22
Tel. : 91-0674-2542983,2542802,25425526, 2542826, Fax: 254102, GRAM: HYDROPWER
E-MAIL :ohpc.co@gmail.com / md@ohpcltd.com, WEB: www.ohpcltd.com

**NOTICE INVITING TENDER No.- DE-III/07/2019-20 dt 11.06.19**

Sealed Tenders are invited in **single part** from the eligible class of Contractors/Firms/Agencies having experience in State/Central PSU/Govt. of Odisha having **valid license** & fulfilling the eligibility criteria as per the tender specification for the work as mentioned below.

| Sl No | Description of Works | Estimated Cost in Rs. | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender At OHPC website | Last date & Time of receipt of Tender | Date & Time of opening of Techno Commercial bid |
|---|---|---|---|---|---|---|---|
| 1 | Emergency Repair of Three nos. of Residential Quarters (2RB-72,3R-17 & 3R-90) of BHEP, Balimela | Rs. 1,82,071.00 | Rs.600/- (+GST@18%) Rs.108.00 =Rs.708/- | Rs. 1900/- | 13.06.2019 To 27.06.2019 | 27.06.19 Up to 11.00 Hrs | 27.06.19 At 11.30 Hrs |

For details of the tender documents, terms & conditions, please visit our website www.ohpcltd.com

Unit Head
BHEP,Balimela

04019/11/0008/1920

## ODISHA STATE ROAD TRANSPORT CORPORATION, BHUBANESWAR

NO.7033/OSRTC, Bhubaneswar, Dt: 11.06.2019

**TENDER NOTICE**

Sealed tenders are invited from Supplier / Stockiest / Registered Supplier having valid GST and PAN number for supply of office stationary articles to OSRTC for the year '2019-20. The details can be downloaded from the OSRTC Website www.osrtc.in.download. The tender paper can be procured from 12.06.19 to 22.06.19 during office hour from corporate office. The cost of Tender paper is Rs.500/+ GST @12%. The sealed tender paper will be received by the undersigned in person / Regd. Post/Speed Post up to 3.00 P.M. of 22.06.19 at corporate office OSRTC, Bhubaneswar and will be opened on the same day at 04.00 P.M. The amount of Rs.5000/- only as EMD in shape of B.D.in any schedule bank in favour of Accounts Officer, OSRTC, Bhubaneswar should be attached with EOI failing which the same will be liable for rejection. The Chairman-Cum-Managing Director, OSRTC reserves the right to reject any or all tenders without assigning any reasons thereof.

Sd/- F.A & C.A.O
OSRTC, Bhubaneswar

## STATE INSTITUTE FOR DEVELOPMENT OF ARTS & CRAFTS (SIDAC)
Handlooms, Textiles & Handicrafts Department, Government of Odisha

No. 980 Date:12.06.2019

**EXPRESSION OF INTEREST**

State Institute for Development of Arts & Crafts (SIDAC) on behalf of Handlooms, Textiles & Handicrafts Department, Govt. of Odisha is going to organize **14th Toshali National Crafts Mela from 15th to 27th December 2019 at Janata Maidan, Bhubaneswar.**

Expression of Interest (EOI) in sealed cover are invited from interested architect / architectural firms having required eligibility, past experience and expertise in relevant field to provide end to end service for organizing such type of mega events. The interested architects / architectural firms are to inspect the ground **"Janata Maidan"** and collect required information regarding its location, size, and available amenities to cater the requirement of the event. The EOI should be submitted in the prescribed format in two separate bids i.e "Technical Bid" & "Financial Bid". The last date of submission of sealed offers in the office at SIDAC is up to **1:00 PM** on **dt.05.07.2019.** The "Technical Bids" will be opened at **3:00 PM** on **dt.05.07.2019** in presence of the tenderer or their authorised representatives. The "Financial Bids" of only selected architect / architectural firms will be opened on suitable date and time with intimation to the selected bidders.

The bid documents may be collected from the office of SIDAC, Handicrafts Complex, Gandamunda, Bhubaneswar-751030, Tel. No.: 0674-2350318 on payment of bid document cost or may be downloaded from the websites: **www.sidacodisha.org.in** and **www.odisha.gov.in/textiles.**

**The authority reserves the right to reject any or all the offers without assigning any reason thereof.**

Sd/-
Manager (A&A)

## OFFICE OF THE PANCHAYAT SAMITI, MUNIGUDA

Tender Call Notice No.1/2019 of P.S. Muniguda, Date:..........

**DETAILED TENDER CALL NOTICE**

Sealed tenders in conformity with detailed tender call notice to be eventually drawn in PWD F2 form is invited by the Block Development Officer, Muniguda from interesting and eligible contractors of class as mentioned in column no.7 registered with state P.H.E.D/R.W.S.S/R.D/Minor Irrigation N.H C.PW.D / M.E.S. / Railways so as to be received.

| Sl No. | Name of the work | Approx Amount put to tender (in Rs) | EMD to be deposited in shape of NSC/ POTD/ PODB, KVP duly pledged in favour of B.D.O., Muniguda | Cost of Tender Paper including GST | Time of completion | Class of Contractor |
|---|---|---|---|---|---|---|
| 1 | Construction of Mini Stadium at Muniguda | 2461273.00 | 24700/- | 6120/- | Six Calendar months | "C" & "B" |

Terms and Conditions

1. **Cost of Tender Paper:** Tender documents can be obtained from the office of the Block Development Officer, Muniguda on payment towards the cost of Tender Papers as mentioned above (non-refundable) of Bank Draft drawn in favour of Block Development Officer, Muniguda payable at Muniguda in any Nationalized Bank having its Branch at Muniguda on any working Day.
2. **Sale of Tender Paper:** Tender documents can be obtained from the office of the Block Development Officer, Muniguda on any working day within office hours from for above works.
3. **Date of receipt and mode of submission of Tender Papers:** The tenderers have to submit sealed tenders paper in complete shape in the tender box available in the office of the Block Development Officer, Muniguda, AT/PO- Muniguda, Dist-Rayagada, Pin-765020, on or before01.07.2019 during office hours.
4. **Date of opening of Tender Paper:** The tender paper shall be opened on 02.07.2019 at 11 A.M in the presence of the tenderers of their authorized representatives inviting written authorization for the purpose and tender commitee.
5. **Earnest Money Deposit. the EMD** is to be deposited in shape of post office short term Deposit/item Deposit NSC/KVP Deposit receipt of Nationalized bank duly pledged in favour of Block Development Officer, Muniguda payable at Muniguda Tender Documents without required amount of EMD will be considered and transferred or adjustment of EMD is also inadmissible.
6. **Documents to be attached :** The following documents should be furnished with the tender failing which tender will be unable to rejection-(a) EMD pledged in favour of Block Development Officer, Muniguda (b) Self attested copy of contract registration certificate (c) self attested copy of PAN card (d) self attested copy of valid GST clearance Certificate (e) self attested copy of Cast Certificate issued by Completion Authority in case of SC, ST contractors desirous of availing preference of demand (f) Affidavit as regards the facts of availing award of work without submission of EMD ISD during the current Financial Year in case of Engineering contractors desirous of availing exemption of EMD to be furnished competent Authority.
7. If any bidders quotes more than or equal to 15% less of the tender value then such as a bid shall be rejected and the tender shall be finalized basing on merit of the rest bid and the provision laid down in clause no.36 of Memorandum no.12366 Dtd.08.11.13 of works department Govt. of Odisha.
8. **Additional Performance of Security :** Additional Performance Security shall be obtained from the bidder when the bid amount is less than estimated cost put to tender, In such an event only the successful bidder who has quoted less bid price / rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Demand Draft / term Deposit receipt pledged in favour of the Block Development Officer within seven days otherwise the bid shall be cancelled and the security deposit shall be forfeited. Further proceeding for blacklisting shall be initiated against the bidder.
9. The EMD will be forfeited if the Tender back out from the officer of the acceptance of tender by the Competent Authority
10. Submission of more than one tender paper by a bidder for single work will be liable for rejection of all such tender paper.
11. As all works are time bound critical in nature no extension of time will be allowed. The Contractor would be closed automatically when time period is lapsed In this matter no communication will be made with the contractor.
12. Within three days from signing of the agreement be should show his machineries to the Engineer in charge and commence the work immediately photographic of machineries along with the department staff should be produce to the authority.
13. On review of the last performance of the work executed through Block Development Officer, Muniguda the lowest one tender may or may not be considered for the work though he or she become lowest one tender.
14. The constructions who have failed to execute the project of this agency / back out from execution process abandoned the project mid way / those who have declared by this agency to be defaulters will not be allowed to participate in the present tender process. If any contractors participate then his or her papers will not considered at all.
15. The authority reserve the right to cancel any or all bids without assigning any reason.

**Sd./- Block Development Officer, Muniguda**

## REGIONAL PLANT RESOURCE CENTRE

Nayapalli, Bhubaneswar - 751015, Odisha
FOREST & ENVIRONMENT DEPARTMENT, GOVERNMENT OF ODISHA
Tel no. 0674-2557925, 2552002, Email : rprcbbsr@gmail.com, Website : www.rprcbbsr.in

Letter No. 1783/RPRC Dated : 11.06.2019

**SHORT TENDER CALL NOTICE FOR BOATING**

Sealed Tender in prescribed form are invited from interested persons/farms/entrepreneurs having valid boating license and boating experience for 'Operation of boating facility in Ekamrakanan Lake, Regional Plant Resource Centre (RPRC), Bhubaneswar. Bid documents can be seen / downloaded from our website **www. rprcbbsr.in.** Bids shall be received till **17.00 Hours of dt. 17.06.19** by Speed Post / Registered Post / Courier Service/in person (Tender Box dropping) in the office of the Chief Executive, Regional Plant Resource Centre, Bhubaneswar.

**Sd/- Administrative Officer**

## BERHAMPUR MUNICIPAL CORPORATION

No. 27-C

No. 7077/ C-4-I- 21/19 Date : 11.06.2019

**TENDER CALL NOTICE**

Sealed tenders are invited to reach by Speed Post / Registered Post from individuals for "Allotment of Stall at Courtpeta Square". The detailed terms & conditions are available at our office website www.berhampur.gov.in. The last date of receipt of tenders in his this office by 27.06.2019, 5.00 PM and will be opened on 28.06.2019 at 11.00 AM in the office of undersigned.

The Authority reserves the right to accept or reject any quotation without assigning any reason thereof.

Commissioner
13036/11/0008/1920 Berhampur Municipal Corporation

## Office of The Chief District Medical & Public Health Officer, Gajapati, Paralakhemundi-761200

57-E

Advt No- 3736 Date: 07/06/2019

**Tender Call Notice for Printing of IEC/BCC Materials, Wall Painting, Fixation of Hoardings & Supply of Office Stationary.**

Sealed Tenders are invited from reputed/ interested agencies / persons situated/ resident in state of odisha having adequate experience in printing of materials, wall-painting and supply of office stationary etc. to the office of the CDM & PHO, Gajapati on annual rate contract basis for a period of one year.

The sealed quotation should be reached at O/o CDM&PHO, Gajapati on any working day latest by **Dt: 24/06/2019** till **04.00 P.M** along with all required documents by **Speed Post/ Regd. Post only.** The tender will be opened on **Dt: 25//06/2019** at **11.00 A.M** in the office of the undersigned in presence of the Bidders / authorized representative. Details regarding items, terms & conditions may be downloaded from the website: **https://gajapati.nic.in.** The undersigned reserves the right to accept or reject any or all the bids without assigning any reason thereof.

10105/11/0001/1920 **Sd/- Chief District Medical & Public Health Officer, Gajapati**

No.87-O E-mail: eerwssnpd@rediffmail.com

## OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA

**Govt. of Odisha "e" Procurement Notice**

**Bid Identification No. RWS&S_01 /2019-20**

The Executive Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in double cover system in conformity with the terms & conditions of the Detailed Tender Call Notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date Contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Lump sum (G2) contract form.

| | | |
|---|---|---|
| Nature of Work | - | 1. Rural Piped Water Supply Scheme to village Deosil under Komna block. 2. Water Supply to Soseng Sevashram under Komna block. |
| No. of Tender | - | 2 (two) nos. |
| Approx. Estimated Cost | - | Rs.12.77 Lakhs to Rs.75.99 Lakhs |
| Period of completion | - | 04 (four) months to 08 (eight) months |
| Tender Cost | - | Rs.6000/- to Rs.10000/- |
| Class of Contractor | - | Class D, C, B & Equivalent |
| Date and Time of availability of bid document in the portal | - | 20.06.2019 at 10.00 A.M. |
| Last date /Time for receipt of bids in the portal | - | 05.07.2019 up to 5.00 P.M. |
| Date of Opening of bid | - | 08.07.2019 at 11.00 A.M. |

The bidders have to participate in online bidding only. Further details can be seen from the website **http://tendersorissa.gov.in**

*Sd/-11.06.19;*
*Executive Engineer,*
*RWSS Division, Nuapada*

25043/11/0002/1920

Your classified advertisement published in Dharitri will be listed free in Dharitri online edition : **www.dharitri.com**

ଧରିତ୍ରୀ
DHARITRI
ଗୁରୁବାର, ୧୩ ଜୁନ୍, ୨୦୧୯



## ସଂକ୍ଷେପରେ



### ୯୨ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ବିଷମକଟକ,୧୨।୬:** ବିଷମକଟକସ୍ଥିତ ଦୁର୍ଗୀ କଲ୍ୟାଣମଣ୍ଡପଠାରେ ୯୨ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି । ଏଥିରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଜନା ବୋର୍ଡ ସଦସ୍ୟ ସୁଧୀର ଦାସ, ଚେୟାରମ୍ୟାନ ବିଜୟଶାନ୍ତି କୁମୁରୁକା, ବିଡ଼ିଓ ଆଲବର୍ଟ ଲାକ୍ରା, ଭାଇସ ଚେୟାରମ୍ୟାନ ରମେଶ ପାଲାକା ଉପସ୍ଥିତ ଥିଲେ । ଏବିଡ଼ିଓ ମୁକସଦ ଗୁଲାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଷମକଟକ ବ୍ଲକର ୫ଟି ପଞ୍ଚାୟତ ଦୁର୍ଗୀ, କୁମ୍ଭାରଡାମୁଣି, କଣାବାଇ, ଡୁମୁରୁ ନେଲି, ବଥିଆପଡାରର ୯୨ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଛି ।

### କବି ଡମ୍ବରୁଧର ପଟ୍ଟନାୟକ ସମ୍ମାନିତ



**ଜେକେପୁର, ୧୨।୬ (ଡି.ଏନ୍.ଏ.):** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରାୟଗଡ଼ା ଜିଲାର ବିଶିଷ୍ଟ କବି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡମ୍ବରୁଧର ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଛି। କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଉତ୍କଳ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନରେ ସମ୍ମାନିତ କାଯାଇଛି। ଏହି ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। କବି ଡ଼ମ୍ବରୁଧର ଏହି ସମ୍ମାନ ପାଇଥିବାରୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

### ଟ୍ରେନ ଧକ୍କାରେ ଗାଈର ଗୋଡ଼ ଭାଙ୍ଗିଲା

**ଟିକିରି, ୧୨।୬ (ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଷ୍ଟେଶନରେ ବୁଧବାର ଏକ ମାଲବାହୀ ଟ୍ରେନ୍ ଧକ୍କାରେ ଗୋଟିଏ ଗାଈର ଗୋଡ ଓ ସିଙ୍ଘ ଭାଙ୍ଗିଯିବା ସହ ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି । ଗାଈଟି ଟ୍ରେନ୍ ଲାଇନ୍ ପାରି ହେଉଥିବା ବେଳେ ହଠାତ୍ ଏକ ମାଲବାହୀ ଟ୍ରେନ୍ ଆସିଯାଇଥିଲା। ଫଳରେ ଗାଈଟିକୁ ଧକ୍କା ଦେଇଥିଲା।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ



**ଟିକିରି, ୧୨।୬ (ଡି.ଏନ୍.ଏ.):** ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତସ୍ଥିତ ଦୋରାଗୁଡା ଥାନା ନିକଟସ୍ଥ ଡି.କରଲ ଛକ ପାଖରେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଲେ ଦୋରାଗୁଡା ଗ୍ରାମର ଭିମଶେନ ପାତ୍ରଙ୍କ ପୁଅ ସୁନିଲ ପାତ୍ର (୨୭) । ସହଦେବ ଦୋରା ଗୁରୁତର ହୋଇଛନ୍ତି । ତାଙ୍କୁ ଉତ୍କଳ ଆଲୁମିନା କମ୍ପାନୀରେ ଭର୍ତ୍ତି କରାଯାଇଥିଲା । ପରେ କୋରାପୁଟ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଉକ୍ତ ଦୁଇ ଯୁବକ ଏକ ବାଇକ୍‌ରେ ଓଷାପଡା ଗ୍ରାମରୁ ନିଜ ଗ୍ରାମ ଦୋରାଗୁଡାକୁ ଆସୁଥିଲେ। ଡି.କରଲ ଛକସ୍ଥିତ ଏକ କଲଭର୍ଟ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ପିଟି ହୋଇଯାଇଥିଲା। ଫଳରେ ସୁନିଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ସହଦେବଙ୍କୁ ଗ୍ରାମବାସୀ ଓ ପୋଲିସ ଉଦ୍ଧାର କରି ଉତ୍କଳ ଆଲୁମିନା କମ୍ପାନୀର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ଅନ୍ତର୍ଜାତୀୟ ବଜାରରେ ପହଞ୍ଚିବ ଡଙ୍ଗରିଆଙ୍କ ଚାଦର

**ବିଷମକଟକ,୧୨।୬**





ଡଙ୍ଗରିଆ ମହିଳାମାନେ ସାଲ୍ ବୁଣା ତାଲିମ ନେଉଛନ୍ତି।

ରାୟଗଡ଼ା ଜିଲା ନିୟମଗିରି ପାହାଡ ତଥା ତା'ର ପାଦଦେଶରେ ବସବାସ କରନ୍ତି ଡଙ୍ଗରିଆ ଜନଜାତିର ଲୋକେ। ସେମାନେ ଦୈନନ୍ଦିନ ବ୍ୟବହାର କରୁଥିବା ସାମଗ୍ରୀଗୁଡିକର ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଚାହିଦା ରହିଛି । ଏଥିସହ ସଂଭ୍ରାନ୍ତ ଶ୍ରେଣୀର ଲୋକମାନଙ୍କ ପାଇଁ ଏ ସବୁସାମଗ୍ରୀ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଡଙ୍ଗରିଆ ମହିଳାମାନେ ନିଜ ପାଇଁ ନିଜେ ଚାଦର ବୁଣିଥାନ୍ତି । ସମୟର ପରିବର୍ତ୍ତନ ହେବା ସହ ଡଙ୍ଗରିଆଙ୍କ ଚାଦରର କଳାକୃତି ଲୋକଙ୍କୁ ବେଶ୍ ଆକୃଷ୍ଟ କରିଛି । ଧୀରେ ଧୀରେ ଜନଜାତିର ଲୋକମାନେ ଆଧୁନିକତା ପ୍ରତି ଆକୃଷ୍ଟ ହୋଇ ସେମାନଙ୍କ ବସ୍ତ୍ର ପରିଧାନରେ କ୍ରମଶଃ ପରିବର୍ତ୍ତନ କରିବାକୁ ବସିଲେଣି। ଫଳରେ ଧୀରେ ଧୀରେ ମହିଳାମାନେ ଚାଦର ବୁଣା ବନ୍ଦ କରିବାକୁ ବସିଛନ୍ତି । ଏପରି ପରିସ୍ଥିତିରେ ଜିଲା ପ୍ରଶାସନ ସେହି କଳାକୃତିକୁ ବଞ୍ଚାଇ ରଖିବାକୁ ଉଦ୍ୟମ ଆରମ୍ଭ କରିଛି । ଡଙ୍ଗରିଆଙ୍କ ହାତବୁଣା ଚାଦରକୁ ଅନ୍ତର୍ଜାତୀୟ ବଜାରରେ ବ୍ୟବସାୟ କରିବାକୁ ଅଣ୍ଟା ଭିଡିଛି ରାୟଗଡ଼ା ଜିଲା ପ୍ରଶାସନ । ଏଥିରେ ଡଙ୍ଗରିଆ ମହିଳାମାନେ ସ୍ୱାବଲମ୍ବୀ ହେବେ ବୋଲି ଜିଲା ପ୍ରଶାସନ ଆଶା ବାନ୍ଧିଛି । ପୂର୍ବରୁ ଯେଉଁ ମହିଳାମାନେ ଉକ୍ତ ଚାଦର ବୁଣାରେ ପାରଦର୍ଶିତା ଲାଭ କରିଥିଲେ ସେମାନଙ୍କୁ ନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ତାଲିମ ଶିବିର ଆୟୋଜନ କରାଯାଉଛି। ସେଥିରେ ଡଙ୍ଗରିଆ ତରୁଣୀମାନଙ୍କୁ ଚାଦର ବୁଣିବାର ପ୍ରଶିକ୍ଷଣ ଦିଆଯାଉଛି।

ଲୋପପାଇବାକୁ ବସିଥିବା ଡଙ୍ଗରିଆଙ୍କ କପଡାଗୁଞ୍ଜା ସଂସ୍କୃତିକୁ ବଞ୍ଚାଇ ରଖିବା ଓ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ। ପ୍ରଥମ ପର୍ଯ୍ୟାୟରେ କୁର୍ଲି ପଞ୍ଚାୟତର ହୁଣ୍ଡିଝାଲି, ଖଜୁରି, ଖମ୍ବେସି, ପାତଲମ୍ବା, ଉପରଗୁମ୍ମା ଗାଁର ୭୫ ଜଣ ମହିଳାଙ୍କୁ ଏହି ତାଲିମ ପ୍ରଦାନ କରାଯାଇଥିଲା । ଡଙ୍ଗରିଆଙ୍କ ସେହି ଚାଦର ବୁଣିବା ଅତ୍ୟନ୍ତ ସମୟ ସାପେକ୍ଷ । ଗୋଟିଏ ଚାଦର ବୁଣିବା ନିମନ୍ତେ ଜଣେ ମହିଳାଙ୍କୁ ୨ରୁ ୩ ମାସ ସମୟ ଲାଗିଥାଏ । ପ୍ରଶାସନ ତରଫରୁ ସେମାନଙ୍କୁ ଚାଦର, ସୂତା, ଛୁଞ୍ଚ ଯୋଗାଇ ଦିଆଯାଉଛି । ଗୋଟିଏ ଚାଦର ବୁଣିବା ଲାଗି ୩୦୦ ଟଙ୍କା ମଜୁରି ପ୍ରଦାନ କରାଯାଉଛି। ୨ମାସ ପରିଶ୍ରମ କଲେ ଡ଼ଙ୍ଗରିଆଙ୍କୁ ମିଳିଥାଏ ମାତ୍ର ୩ ଶହ ଟଙ୍କା । ହେଲେ ପରିଶ୍ରମ ତୁଳନାରେ ଆବଶ୍ୟକ ମଜୁରି ମିଳୁ ନ ଥିବାରୁ ଡଙ୍ଗରିଆ ମହିଳାମାନେ ଏହି ଚାଦର ବୁଣିବା ପ୍ରତି

■ ଜାତୀୟ,ଅନ୍ତର୍ଜାତୀୟସ୍ତର ଡଙ୍ଗରିଆଙ୍କ କଳାକୃତି ଚାଦରର ଚାହିଦା ରହିଛି
■ ପରିଶ୍ରମ ତୁଳନାରେ ମଜୁରି କମ୍
■ ସ୍ୱାବଲମ୍ବୀ ହୋଇପାରୁ ନାହାନ୍ତି ବୁଣାକାର

ଆଗ୍ରହ ଦେଖାଉନାହାନ୍ତି । ଏଥିପାଇଁ ଚାଦର ବୁଣା କାମ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ସହାୟକ ହୋଇପାରୁନାହିଁ ବୋଲି ବୁଣାକାର ସିନ୍ଧି ୱାଡ଼କା,କୁଲେ ୱାଡ଼ାକା ଓ ସିମ ୱାଡ଼କା ଅଭିଯୋଗ କରିଛନ୍ତି । ଜାତୀୟ ତଥା ଅନ୍ତର୍ଜାତୀୟ ବଜାରରେ ଉପରୋକ୍ତ ଚାଦରର ଦର ଅଢେଇ ହଜାରରୁ ୩ ହଜାର ଟଙ୍କା ରହିଛି। ଚାଦର ବୁଣିବା ନିମନ୍ତେ ବ୍ୟବହୃତ ହେଉଥିବା ରଙ୍ଗବେରଙ୍ଗର ସ୍ୱତନ୍ତ୍ର ସୂତାର ଦର ମଧ୍ୟ ଖୁବ୍ ଅଧିକ ରହିଛି । ପ୍ରଶାସନ ତରଫରୁ ଯଦି କମ୍ ଦରରେ ସୂତା ଏବଂ ଚାଦର ଯୋଗାଇ ଦିଆଯିବା ସହ ପାରିଶ୍ରମିକ ପରିମାଣକୁ ବୃଦ୍ଧି କରାଯାଆନ୍ତା ତେବେ ଡ଼ଙ୍ଗରିଆ ବୁଣାକାରମାନେ ଚାଦର ବୁଣା ପ୍ରତି ଅଧିକ ଆକୃଷ୍ଟ ହେବେ ଏବଂ ସ୍ୱାବଲମ୍ବୀ ହୋଇପାରିବେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି। ଏଥିସହ ଡଙ୍ଗରିଆ ଚିତ୍ରକଳା ପ୍ରତି ବାହାର ଲୋକଙ୍କ ସ୍ୱତନ୍ତ୍ର ଚାହିଦା ରହିଛି । ବିଶେଷକରି ଡଙ୍ଗରିଆଙ୍କ ଚିତ୍ର କଳା ଥିବା ମନିପର୍ସ,ବ୍ୟାଗ୍ ,ଡାଇରି କଭର,କାନଭାସ୍ ଇତ୍ୟାଦି ତିଆରି କରିବା ଲାଗି ସେହି ମହିଳାମାନଙ୍କୁ ଅଧିକ ତାଲିମ ଦିଆଯିବାର ଆବଶ୍ୟକତା ରହିଛି। ତା'ହେଲେ ସେମାନେ ଭଲ ଦି ପଇସା ରୋଜଗାର କରିପାରିବେ । ଅନ୍ୟପକ୍ଷେ ଡଙ୍ଗରିଆ ମହିଳାମାନେ ଯେଉଁ ଚାଦର ପ୍ରସ୍ତୁତ କରୁଛନ୍ତି ତାର ବଜାର ସୃଷ୍ଟି ପାଇଁ କୌଣସି ସ୍ୱତନ୍ତ୍ର ବଜାରର ବ୍ୟବସ୍ଥା ନାହିଁ। ତେବେ ଚାଟିକୋଣାସ୍ଥି ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ଡଙ୍ଗରିଆମାନଙ୍କ ଦ୍ୱାରା ପ୍ରସ୍ତୁତ ଚାଦର ଜାତୀୟ ଏବଂ ଆନ୍ତର୍ଜାତୀୟ ବଜାରରେ ପହଞ୍ଚାଇବାରେ ସହାୟକ ହେଉଛି । ଏନେଇ ଡିକେଡିଏ ଅଧିକାରୀ ସୁରେଶ ଚନ୍ଦ୍ର ଦୀକ୍ଷିତ୍‌ଙ୍କୁ ପଚାରିବାରୁ, ଡ଼ଙ୍ଗରିଆ ମହିଳାମାନଙ୍କୁ ସ୍ୱାଭଲମ୍ବୀ କରିବା ପାଇଁ ବର୍ତ୍ତମାନ ଆମେ ବାରିପଦାରୁ ୨୦୦ ସାଲ ଆଣିଛୁ । ଯେଉଁ ବୁଣାକାର ୭ ଦିନ ମଧ୍ୟରେ ସାଲ ଦେଇ ପାରିବେ ତାହାକୁ ୪୦୦ରୁ ୫୦୦ ଟଙ୍କା ଦିଆଯିବ। ଏଥିସହ ସମସ୍ତ ପ୍ରକାର ସାମଗ୍ରୀ ଯୋଗାଇ ଦିଆଯାଉଛି । ସେଥିରେ ଅବହେଳା ହେଉନାହିଁ ବୋଲି କହିଛନ୍ତି ।

## ଆରମ୍ଭ ହେଲା ଗ୍ରାମଦେବୀଙ୍କ ଘଟଯାତ୍ରା

**ରାୟଗଡା ଅଫିସ୍, ୧୨।୬**



ମାଆଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

ରାୟଗଡାର ଗ୍ରାମଦେବୀଙ୍କ ଘଟଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି । ମା' ବୁରୁଦାଲପୋଲା ମା'ଙ୍କ ଏହି ଘଟଯାତ୍ରା ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ୯ ଦିନ ଧରି ଚାଲିବ । ରବିବାର ଭୋରରୁ ଉଜୁଡିଖେଦାରୁ ଏହା ଆରମ୍ଭ ହୋଇଥିବା ବେଳେ ୧୯ତାରିଖ ପୂର୍ବାହ୍ନ ୯ଟାରେ ବିସର୍ଜନ କରାଯିବ । ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଟ୍ରେଜେରି ପରିସରରେ ଥିବା ମା'ଙ୍କ ପାଦ ଅଣାଯାଇ ମାଝିସାହିସ୍ଥିତ ମା'ଙ୍କ ଅସ୍ଥାୟୀ ପୀଠରେ ସ୍ଥାପନ କରାଯାଇଥିଲା । ମା' ଟ୍ରେଜେରି ପରିସରରୁ ଚାଲି ଚାଲି ଆସିବା ଯୋଗୁ ତାଙ୍କର ଗୋଡବଥା ନୀତି ମଙ୍ଗଳବାର ପାଳନ ହୋଇଛି । ଫଳରେ ମଙ୍ଗଳବାର ଦିନ ତମାମ ବିଶ୍ରାମ ନେଇଥିଲେ ମା' । ବୁଧବାରଠାରୁ ୭ଦିନ ବ୍ୟାପୀ ମା'ଙ୍କ ଘଣ୍ଟ ହାଣ୍ଡି ନଗର ପରିକ୍ରମା ଆରମ୍ଭ ହୋଇଛି। ଘଣ୍ଟ ହାଣ୍ଡି ନଗର ପରିକ୍ରମା ବେଳେ ପ୍ରତ୍ୟେକ ସାହି ଓ ବସ୍ତିରେ ମା'ଙ୍କର ଭବ୍ୟ ପୂଜା ଆୟୋଜନ କରାଯାଇଛି । ମା' ବୁରୁଦାଲପୋଲାମା ମା' ମଝିଘରିଆଣୀଙ୍କ ଭଉଣୀ ଭାବେ ପରିଚିତ । ମା'ଙ୍କ ଏହି ଘଟଯାତ୍ରା ପରେ ସ୍ଥାନୀୟ ଅଞ୍ଚଳରେ ବର୍ଷା ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ତେଣୁ ମା'ଙ୍କ ନାମ ସେହି ପରମ୍ପରା ଅନୁସାରେ ରଖାଯାଇଛି। ତେଲୁଗୁ ଭାଷାରେ ବୁରୁଦା ଅର୍ଥ କାଦ। ତେଣୁ ଭଲ ବର୍ଷା ଓ ଚାଷର ଦେବୀ ଭାବେ ବୁରୁଦାଲପୋଲାମାଙ୍କ ଘଟଯାତ୍ରା କେଉଁ ଆବହମାନ କାଳରୁ ପାଳିତ ହୋଇ ଆସୁଛି । ମଝିଘରିଆଣୀଙ୍କ ଯାତ୍ରା ଶେଷ ପରେ ବୈଶାଖ ଓ ଜ୍ୟେଷ୍ଠ ୨ମାସ ଧରି ବିଭିନ୍ନ ସାହି ଓ ଗାଁରେ ଥିବା ଦେବୀ ପୀଠରେ ଘଣ୍ଟଯାତ୍ରା ପାଳନ ହୋଇଥାଏ । କାରଣ ଗ୍ରାମଦେବୀଙ୍କ ଘଟଯାତ୍ରା ପରେ ସମସ୍ତ ଦେବୀ ବିଶ୍ରାମ ନେଇଥାଆନ୍ତି । ତେଣୁ ଆଉ କୌଣସି ସ୍ଥାନରେ ଘଣ୍ଟଯାତ୍ରା ପାଳନ କରିବାର ପ୍ରଥା ନାହିଁ । ତେଣୁ ସମସ୍ତ ସାହିରେ ଏହା ପାଳିତ ହୋଇ ଆସୁଛି । ପାଇକ ସାହିର ସମଲାଇ ଦୁର୍ଗା, ପିଟଲା ସାହିର ଅଗ୍ନି ଗଙ୍ଗାମା, ହରିଜନ ସାହିର ଗ୍ରାମଦେବୀ ଠାକୁରାଣୀଙ୍କ ଠାରେ ବୁଧବାର ପର୍ବ ଶେଷ ହୋଇଛି। ଶୁକ୍ରବାର ଠାରୁ ଏହା ଆରମ୍ଭ ହୋଇ ବୁଧବାର ସକାଳୁ ବିସର୍ଜନ କରାଯାଇଛି। ଏହି ଦେବୀ ପୀଠଗୁଡିକରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁମଡା ପରେ ଦେବୀଙ୍କ ଘଣ୍ଟ ବିସର୍ଜନ କରାଯାଇଥିଲା ।

## ରଜ ପ୍ରସ୍ତୁତି ବୈଠକ

**ରାୟଗଡା ଅଫିସ୍, ୧୨।୬**

ରାୟଗଡା ମହିଳା ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ରଜ ପର୍ବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ଆସନ୍ତା ୧୪, ୧୫ ଓ ୧୬ତାରିଖ ୩ଦିନ ଧରି ରଜ ପାଳନ କରାଯିବ । ସ୍ଥାନୀୟ କୋଅପରେଟିଭ କଲୋନୀଠାରେ ଥିବା ସଂସ୍କୃତି ଅନୁଷ୍ଠାନରେ ଏହା ପାଳନ କରାଯିବା ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ । ୧୪ତାରିଖରେ ଯୁବତୀ ଓ ମହିଳାଙ୍କ ମଧ୍ୟରେ ଝୋଟି, ମେହେନ୍ଦି, ଓଡ଼ିଆ ସଜବାଜ ଓ କୁନି କୁନି ପିଲାଙ୍କ ପାଇଁ ପୁଚି ଖେଳ ପ୍ରତିଯୋଗିତା ଅନୁଷ୍ଠାନ ପକ୍ଷରୁ କରାଯିବ । ସେହିଭଳି ୧୫ ତାରିଖରେ ଓଡ଼ିଆ ପାରମ୍ପରିକ ପିଠା ପ୍ରତିଯୋଗିତା ରଖାଯାଇଛି। ୧୬ ତାରିଖ ଶେଷ ଦିନରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯିବ । ଏହି ଅବସରରେ ମହିଳା ସଂସ୍କୃତି ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ସଭାପତି ଭାବେ ସୁଜାତା ମାଦଳା, ସମ୍ପାଦକ ମାଳତୀ ଚୌଧୁରୀ, ଉପସଭାପତି ସ୍ୱପ୍ନାରାଣୀ ରଥ, ଲକ୍ଷ୍ମୀ ଦେଓ ଓ ବିଜୟଲକ୍ଷ୍ମୀ ମିଶ୍ର, କୋଷାଧ୍ୟକ୍ଷ ଭାବେ ରଶ୍ମିତା ପଣ୍ଡାଙ୍କୁ ମନୋନୀତ କରାଯାଇଛି ।



## ସ୍ୱୟଂ ସହାୟକ ଗୋଷ୍ଠୀର ମୋଡୁଲୀ ତାଲିମ ଶିବିର





କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

**ଚନ୍ଦପୁର,୧୨।୬(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ତଥା ଜୀବିକା ମିଶନର ସହଯୋଗ କ୍ରମେ ୯୨ଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ମୋଡୁଲୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉନ୍ନତମାନର ବ୍ୟବସାୟ କରି ଯେପରି ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବେ । ସରକାରଙ୍କ ବିଭିନ୍ନ ବିଭାଗ ସହ ସମନ୍ୱୟ, ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ରହିଥିବା ସମସ୍ତ ସୁବିଧା ସୁଯୋଗ, ଗ୍ରୁପ କିପରି ପରିଚାଳନା, ସଭାପତି , କୋଷାଧକ୍ଷ, ସମ୍ପାଦିକାଙ୍କ ଦାୟିତ୍ୱ ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ଏଥିସହ ସ୍ଥାନୀୟ ବ୍ୟାଙ୍କ ସହ ଉତ୍ତମ ସମ୍ପର୍କ ସ୍ଥାପନ, ଋଣ ନେଇଥିବା ସମୟରେ ପୈଠ, ନଥିପତ୍ର ସାଇତି ରଖି ସମସ୍ତ ସଭ୍ୟାମାନଙ୍କ ବିବରଣୀ ସମ୍ପର୍କରେ ସଚେତନତା ଏହାର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ କହିଛନ୍ତି । ସମ୍ମାନିତ ଅତିଥି ଭାବେ ବ୍ଲକ କୋଡିନେଟର ପ୍ରଣବ କୁମାର ସିଂ, ତାଲିମଦାତା ଦିବାକର କଦମ ସେଠ୍, ତୋଫାନ ବିର୍ଦ୍ଦିକାଳିଆ, ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ମହାସଂଘର ସଭାପତି ରଦମା ବ୍ରେଡେକାଙ୍କ ସମେତ ୫ଶହରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ ।

## ଅବକାରୀ ଚଢାଉ, ୨ ଗିରଫ

**ଟିକିରି,୧୨।୬(ଡ଼ି.ଏନ.ଏ)**

ଟିକିରି ପୋଲିସ ଓ ଅବକାରୀ ବିଭାଗ ପୋଲିସ ପକ୍ଷରୁ କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ଗୋରଖପୁର ଫଟାଗଡ଼ ଓ ବିଭିନ୍ନ ସ୍ଥାନରେ ମଙ୍ଗଳବାର ଚଢାଉ କରାଯାଇଛି । ସ୍ଥାନୀୟ ଅଞ୍ଚଳରେ ଥିବା ବେଆଇନ ମଦଭାଟି ଓ ମଦଦୋକାନ ଉପରେ ଚଢାଉ କରି ବିପୁଳ ପରିମାଣର ମହୁଲ ପୋଚ ଜବତ କରି ନଷ୍ଟ କରିଛନ୍ତି। ଏଥିସହ ବ୍ୟବହୃତ ହଣ୍ଡା, ଜାରକିନକୁ ଜବତ କରାଯାଇଛି । ଏଥିସହ ଟିକିରି ମେଦ୍ରିସାହିର ଜଣଙ୍କ ଘରୁ ୧୫ ଲିଟର ବେଆଇନ ହାତରନ୍ଧା ମହୁଲି ମଦ ଜବତ କରାଯାଇଛି। ମଦ କାରବାରରେ ସମ୍ପୃକ୍ତ ଲଛମନ ନାଏକ ଗିରଫ କରାଯାଇଛି। ସେହିପରି ଫଟାଗଡ଼ରୁ ୧୫ ଲିଟର ଖଜୁରୀତାଡ଼ି ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଛି । ଏସଆଇ ପ୍ରଭାତ ଚୌଧୁରୀ, ଏଏସଆଇ ମାଜି ଗୌରୀ ପଟ୍ଟନାୟକ, ସନ୍ୟାସୀ ହିଆଲ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

## ୫ ମୋବାଇଲ ଚୋର ଗିରଫ

**ରାୟଗଡା ଅଫିସ୍, ୧୨।୬**

ରାୟଗଡା ପୋଲିସ ୫ ଜଣିଆ ମୋବାଇଲ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନଙ୍କ ନିକଟରୁ ୨୦ଟି ମୋବାଇଲ ଜବତ କରାଯାଇଛି । ସେମାନଙ୍କ ମଧ୍ୟରେ ୨ ଜଣ ନାବାଳକ ରହିଛନ୍ତି । ଗିରଫମାନେ ହେଲେ ରାୟଗଡା ସହର ଚିନ୍ତାଲପେଟା ବସ୍ତିର ବିଜୟ କାଡ୍ରା, ରେଳବାଇ କଲୋନୀର ତରୁଣ ପିଡିକା ଓ ରାଣୀଗୁଡା ମଙ୍ଗଳା ମନ୍ଦିର ନିକଟରେ ରହୁଥିବା ସି.ଏଚ୍ ମୋହନ ରାଓ । ସୂଚନାଯୋଗ୍ୟ , ଏହି ୫ଜଣିଆ ଚୋର ବହୁଦିନ ହେବ ରାୟଗଡା ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବୁଲି ଲୋକଙ୍କ ନିକଟରୁ ମୋବାଇଲ ଚୋରି କରୁଥିଲେ । ଏଥିସହ ସାହି ସାହି ବୁଲି ଘର ଭିତରୁ ମଧ୍ୟ ମୋବାଇଲ ଚୋରି କରୁଥିଲେ । ଏନେଇ ଥାନାରେ ବାରମ୍ବାର ଅଭିଯୋଗ ଆସିବାପରେ ପୋଲିସ ତନାଘନା କରି ଉକ୍ତ ୫ ଜଣ ମୋବାଇଲ ଚୋରଙ୍କୁ କାବୁ କରିଛି । ଏନେଇ ପୋଲିସ ଏକ ମାମଲା (ନଂ ୧୭୭/୧୯) ରୁଜୁ କରିବା ସହ ଉଦ୍ଧାର ହୋଇଥିବା ଚୋରି ମୋବାଇଲକୁ ଲୋକଙ୍କୁ ପ୍ରଦାନ କରିଛି ।



ଗିରଫ ଅଭିଯୁକ୍ତମାନେ ।

■ ଦିନରେ ଭାରିଯାନ ଚଳାଚଳ ପ୍ରସଙ୍ଗ

# ବଢୁଛି ବିରୋଧର ସ୍ୱର

**ରାୟଗଡା ଅଫିସ୍, ୧୨।୬**



ନ୍ୟୁହୋପ ୟୁଥ୍ ଆସୋସିଏଶନ୍ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

ରାୟଗଡା ସହର ଦେଇ ଦିନରେ ଭାରିଯାନ ଚଳାଚଳକୁ ନେଇ ଦିନକୁ ଦିନ ବିରୋଧର ସ୍ୱର ବଢିବାରେ ଲାଗିଛି । ପୂର୍ବଭଳି ସହରରେ ସକାଳ ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ କରିବା ନେଇ ବୁଧବାର ପୁଣି ନ୍ୟୁହୋପ ୟୁଥ୍ ଆସୋସିଏଶନ୍ ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ସୁଧାକର ଶବରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ୬ ମାସ ମଧ୍ୟରେ ଭାରିଯାନ ଚଳାଚଳ ଯୋଗୁ ଦୁର୍ଘଟଣା ବଢ଼ିବାରେ ଲାଗିଛି । ବାହାର ରାଜ୍ୟରୁ ଆସୁଥିବା ଭାରିଯାନ ପାଇଁ ବାଇପାସ ନ ଥିବା ଯୋଗୁ ସେମାନେ ସହର ଭିତର ଦେଇ ଯାତାୟାତ କରୁଛନ୍ତି । ଅପରପକ୍ଷରେ ଦ୍ରୁତଗତିରେ ଗାଡି ଚାଳନା ଯୋଗୁ ବହୁବାର ଦୁର୍ଘଟଣା ଘଟି ଅନେକ ଧନ ଜୀବନ ନଷ୍ଟ ହେଉଛି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ରାୟଗଡା ସହରର ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଭାରିଯାନ ଚଳାଚଳକୁ ଦିନ ସମୟରେ ବନ୍ଦ କରାଯାଇଥିଲା । ତେବେ ଗତ ୧୦ତାରିଖରେ ପ୍ରଶାସନ ପକ୍ଷରୁ ଭାରିଯାନ ଚଳାଚଳକୁ ପୁଣି ଅନୁମତି ପ୍ରଦାନ କରାଗଲା ତାହା ସହରବାସୀଙ୍କୁ ବିପଦରେ ପକାଇଦେଇଛି । ଏହିଭଳି ପଦକ୍ଷେପକୁ ଜନସାଧାରଣଙ୍କ ପାଇଁ ଗ୍ରହଣ ଯୋଗ୍ୟ ନୁହେଁ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି । ଆଗାମୀ ଦିନରେ ସହର ବାହାର ଦେଇ ଭାରିଯାନ ଯାତାୟାତ କରିବା ସକାଶେ ତୁରନ୍ତ ବାଇପାସ ନିର୍ମାଣ କରିବା ପାଇଁ ନିବେଦନ କରିଛନ୍ତି । ୩ ଦିନ ମଧ୍ୟରେ ଭାରିଯାନ ଚଳାଚଳ ବନ୍ଦ କରା ନ ଯାଏ ତାହାହେଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଉକ୍ତ ଦାବିପତ୍ରର ନକଲ ଆସୋସିଏଶନ୍ ପକ୍ଷରୁ ଏସ୍‌ପି, ଆଞ୍ଚଳିକ ପରିବହନ ଅଧିକାରୀ, ଏସ୍‌ଡିପିଓ, ଆଇଆଇସିଙ୍କୁ ମଧ୍ୟ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଆସୋସିଏଶନ୍‌ର ସଦାଶିବ ତ୍ରିପାଠୀ, ଦିନେଶ ଶବର, ଶିଶିର ପ୍ରସାଦ ମିଶ୍ର, ବିନୋଦ ସ୍ୱାଇଁ, ଶଶିକାନ୍ତ ବେହେରା, ପ୍ରଦୀପ ମିଶ୍ର, ରଞ୍ଜନ କୁମାର ସ୍ୱାଇଁ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଗ୍ୟାସ୍‌ଟାଙ୍କି ଫାଟି ଅଗ୍ନିକାଣ୍ଡ



ମାଥିଲି,୧୨।୬-ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ସର୍ଗିଗୁଡା ଗ୍ରାମରେ ଗ୍ୟାସ୍ ଟ୍ୟାଙ୍କି ଫାଟି ବୁଧବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦେବାସିଂହ ପୂଜାରୀଙ୍କ ଘର ସମ୍ପୂର୍ଣ୍ଣ ପୋଡିଯାଇଛି। ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦେବାସିଂହଙ୍କ ପରିବାର ଲୋକେ ରୋଷେଇ କରୁଥିବା ବେଳେ ଏହି ଘଟଣା ଘଟିଛି। ତେବେ ଗ୍ୟାସ ଟାଙ୍କି ଫାଟିବା ବେଳେ ପରିବାର ଲୋକେ ବାହାରେ ଥିଲେ। ଖବରପାଇ ମାଥିଲି ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିନେଲ।

### ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ନେଇ ତାଲିମ

ରାୟଗଡା ଅଫିସ୍, ୧୨।୬- ରାୟଗଡା ଜିଲାରେ ଥିବା ଚାଷୀମାନଙ୍କୁ କମ୍ ଖର୍ଚ୍ଚରେ ଅମଳ ବଢ଼ାଇବା ସହ ସ୍ୱାବଲମ୍ବୀ କରିବା ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୧ଟି ବ୍ଲକ୍‌ର ସହକାରୀ କୃଷି ଅଧିକାରୀମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଇଛି। ତାଲିମ ଗ୍ରହଣ କରିବା ପରେ କୃଷି ଅଧିକାରୀମାନେ ଗ୍ରାମାଞ୍ଚଳକୁ ଯାଇ ଚାଷୀମାନଙ୍କୁ କମ୍ ଖର୍ଚ୍ଚରେ କିଭଳି ଅଧିକ ଉତ୍ପାଦନ କରିବେ ଓ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ବୁଝାଇବେ। ନୀତି ଆୟୋଗ ଦ୍ୱାରା ଆଇଟିସି ସୁନେହରା କାଲ କାର୍ଯ୍ୟକ୍ରମ ଦ୍ୱାରା ବିକଶିତ କମ୍ପାନୀର ମାଷ୍ଟର ଟ୍ରେନର ଭାବେ ଜି.ମହେଶ ଉପସ୍ଥିତ ରହି କୃଷି ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗଦେଇ ଚାଷୀମାନଙ୍କ ନିକଟକୁ ଯାଇ ଅମଳ ସମୟରେ ଯେଉଁ ସମସ୍ୟା ଦେଖାଦେଉଛି ତାହାର ସମାଧାନ ନେଇ କହିଥିଲେ। ଯଦ୍ୱାରା ଚାଷୀମାନେ ଏହାର ଉପଯୁକ୍ତ ଲାଭ ପାଇବା ସହ ସେମାନଙ୍କ ଆର୍ଥିକ ମାନଦଣ୍ଡ ବଢ଼ିପାରିବ। ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲା କୃଷି ଉପନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସିଂ ଯୋଗ ଦେଇଥିଲେ। ଚାଷୀମାନଙ୍କ ଅମଳ ସମୟରେ କେଉଁ ଚାଷରେ କି ପ୍ରକାର କୀଟ ନାଶକ ଔଷଧ ପ୍ରୟୋଗ କରାଯିବ ତାହା କୃଷି ଅଧିକାରୀମାନଙ୍କୁ ତାଲିମ ଦିଆଯାଇଥିଲା। ମୁଖ୍ୟତଃ ଧାଡିରୁଆ, କ୍ଷେତରେ ଜୈବିକ ସାର ପ୍ରୟୋଗ, ମାଟିର ଉର୍ବରତା ରକ୍ଷା କରିବା ନେଇ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମକୁ ଆଇଟିସିର ରାଜ୍ୟ ମୁଖ୍ୟ ପ୍ରଣବ ନାୟକ, ପ୍ରକଳ୍ପ ସଂଯୋଜକ ବିଶ୍ୱାଲ ସିଂ ପରିଚାଳନା କରିଥିଲେ।

### ବିଏସ୍‌ଏଫ୍ ଯବାନଙ୍କ ସଫେଇ କାର୍ଯ୍ୟ

କୁଡୁମୁଲୁଗୁମ୍ମା,୧୨।୬(ଡି.ଏନ.ଏ.)- ୧୪୪ ବିଏସ୍‌ଏଫ୍ ବାଟାଲିୟନ ପକ୍ଷରୁ ବୁଧବାର କୁଡୁମୁଲୁଗୁମ୍ମାସ୍ଥିତ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ପରିସରକୁ ସଫେଇ କରାଯାଇଛି। ପରେ ସବୁ ଅଳିଆ ଆବର୍ଜନା ଏକାଠି କରି ପୋଡି ଦେଇଥିଲେ। ଇନ୍ସପେକ୍ଟର ହରେକୃଷ୍ଣ ବିଶୋୟୀ,ଏସଆଇ ଜଗନ୍ନାଥ ଦାସ ଓ ମନପାଲ ସିଂ, ହେଡ କନଷ୍ଟେବଲ କିଷନପାଲ ସିଂ ଓ କୈଳାସ ସିଂଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ ଯବାନ ସାମିଲ ହୋଇଥିଲେ। ଯବାନଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ବୈଠକ

ମାଲକାନଗିରି,୧୨।୬ (ଡି.ଏନ.ଏ.)



ଉଚ୍ଚସ୍ତରୀୟ ବୈଠକରେ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

- ୧୯ରେ ବାଲିସାଗରଠାରେ ହେବ ମକ୍‌ଡ୍ରିଲ
- ଡଙ୍ଗାଘାଟଗୁଡିକ ବୀମାଭୁକ୍ତ ନେଇ ଗୁରୁତ୍ୱାରୋପ
- ଛାତ୍ରୀଛାତ୍ର ହେବେ ସାମିଲ

ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନେଇ ମକ୍‌ଡ୍ରିଲ ପାଇଁ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି, ଉପ ଜିଲାପାଳ ରାମେଶ୍ୱର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉଦ୍ଧବ ଚରଣ ନାୟକ, ଜିଲା ଜରୁରିକାଳୀନ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବ୍ଲକର ବିଡିଓ ଏବଂ ତହସିଲଦାରମାନେ ଉପସ୍ଥିତ ଥିଲେ। ଆସନ୍ତା ୧୯ରେ ଜିଲା ସଦର ମହକୁମାସ୍ଥିତ ବାଲିସାଗରଠାରେ ମକଡ୍ରିଲ ହେବ। ଏଥିପାଇଁ ଅଗ୍ନିଶମ ବିଭାଗକୁ ସେମାନଙ୍କର ସମସ୍ତ ବୋଟ ଓ ସରଞ୍ଜାମ ଆଣି ଅଭ୍ୟାସ ପ୍ରଦର୍ଶନ କରିବାକୁ ବୈଠକରେ କୁହାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏବଂ ଦୁର୍ଘଟଣା ବେଳେ କିପରି ଲୋକଙ୍କ ଜୀବନରକ୍ଷା କରାଯାଇପାରିବ ସେନେଇ ମକ୍‌ଡ୍ରିଲ ପ୍ରଦର୍ଶନ କରିବାକୁ ଆଲୋଚନା ହୋଇଥିଲା। ଏଥିସହ ସେମାନଙ୍କୁ କିଭଳି ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯିବ ସେ ସମ୍ପର୍କରେ ସଚେତନ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦିଆଯାଇଥିଲା । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହେଲେ କିଭଳି ସେଗୁଡ଼ିକୁ ହଟାଯିବ ଓ ଡଙ୍ଗାବୁଡ଼ି ଘଟଣାକୁ କିଭଳି ପ୍ରତିହତ କରାଯାଇପାରିବ ସେ ସମ୍ପର୍କରେ ସଚେତନ କରାଯିବାକୁ ନିଷ୍ପତ୍ତି ହୋଇଛି । ଜିଲାରେ ଚିହ୍ନଟ ହୋଇଥିବା ଡଙ୍ଗାଘାଟଗୁଡ଼ିକୁ ବୀମାଭୁକ୍ତ କରିବା ପାଇଁ ଭାରପ୍ରାପ୍ତ ଜିଲାପାଳ ପ୍ରଧାନ ସଂପୃକ୍ତ ବିଡିଓ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚିହ୍ନଟ ହୋଇ ନ ଥିବା ସ୍ଥାନଗୁଡ଼ିକୁ ମଧ୍ୟ ଚିହ୍ନଟ କରିବାକୁ ନିଷ୍ପତ୍ତି ହୋଇଛି। ଆସନ୍ତା ୧୮ ଓ ୧୯ ତାରିଖ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଜଙ୍ଗଲ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଅଂଶଗ୍ରହଣ କରିବେ ।

# ସୁନେହରାକଲ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ଶିବିର

ଗୁଣପୁର,୧୨।୬(ଡି.ଏନ.ଏ)

ନିତୀ ଆୟୋଗ ଦ୍ୱାରା ରାୟଗଡା ଜିଲାକୁ ଆକାକ୍ଷୀ ଜିଲା ଭାବେ ଚୟନ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଇଟିସି ଏବଂ ମାନବାଧିକାର ସେବାସମିତି ତରଫରୁ ଏକ ଦିବସୀୟ ସୁନେହରାକଲ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଡିଆରଡିଏର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା କୃଷି ଉପନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସିଂ, ଜିଲା ସଂଯୋଜକ କିରନ କୁମାର ଦାସ, ପ୍ରକଳ୍ପ ସଂଯୋଜକ ଭିଶାଲ ସିଂ, ଆଇଟିସିର କାର୍ଯ୍ୟକ୍ରମ ପରିଚାଳକ ପ୍ରଣବ ନାୟକ, କ୍ଲଷ୍ଟର ସଂଯୋଜକ ଦେବେନ୍ଦ୍ର ଗୌଡ, ନିରଞ୍ଜନ ସାହୁଙ୍କ ସମେତ ଜିଲାର କୃଷି ଅଧିକାରୀ ଓ ଉପ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ । କମ ଚାଷରେ କିପରି ବେଶି ଅମଳ କରାଯିବ ସେହି ଲକ୍ଷ୍ୟରେ ଉକ୍ତ ପ୍ରଶିକ୍ଷଣ ଶିବିର ଆୟୋଜନ ହୋଇଥିଲା ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଜିଲାପାଳ ଏବଂ ଅନ୍ୟମାନେ ।

## ସତ୍ୟସାଇ ସେବା ସମିତି ପକ୍ଷରୁ ରୁଦ୍ର ପରାୟଣ

ଗୁଣପୁର,୧୨।୬(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସତ୍ୟସାଇ ସେବାସମିତି ପକ୍ଷରୁ ରୁଦ୍ର ପରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାର ୧୨୧ ଜଣ ମହିଳା ଏଥିରେ ଭାଗନେଇ ଶିବ ପୂଜା କରିବା ସହ ରୁଦ୍ର ପରାୟଣ ତଥା ଶିବସ୍ତୁତି ପାଠ କରିଥିଲେ । ସ୍ଥାନୀୟ ଭେଙ୍କଟେଶ୍ୱର ମନ୍ଦିର କଲ୍ୟାଣମଣ୍ଡପଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜନ କଲ୍ୟାଣ ପାଇଁ ସତ୍ୟ ସାଇସେବା ସମିତି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ସମିତି କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ମହିଳାମାନେ ରୁଦ୍ର ପରାୟଣ ପାଠ କରୁଛନ୍ତି ।

## ପଡିଆ ବ୍ଲକ କଂଗ୍ରେସ ସଭାପତିଙ୍କ ଇସ୍ତଫା

ମାଲକାନଗିରି/ପଡିଆ, ୧୨।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକ କଂଗ୍ରେସ ସଭାପତିଏମ୍.ଡି. ଫାରୁକ୍‌ବୁଧବାର ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଇସ୍ତଫାର କାରଣ ସମ୍ପର୍କରେ ସେ କିଛି କହିନାହାନ୍ତି। ତେବେ ସେ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଉଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରି ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ନିକଟକୁ ପଠାଇଛନ୍ତି। ଫାରୁକ ଗତ ସାଧାରଣ ନିର୍ବାଚନରେ ପଡିଆ,ମାଲକାନଗିରି ଓ କାଲିମେଲା ବ୍ଲକରେ କଂଗ୍ରେସ ଏମପି ପ୍ରାର୍ଥୀ ପ୍ରଦୀପ ମାଝି ଏବଂ ମାଲକାନଗିରି ବିଧାୟକ ପ୍ରାର୍ଥୀ ମାଲା ମାଢିଙ୍କ ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେ ମାଲକାନଗିରି ଜିଲାରେ ଜିଲା ଉପସଭାପତି ଭାବେ ୫ ବର୍ଷ କାର୍ଯ୍ୟ କରିଛନ୍ତି। ଯୁବ କଂଗ୍ରେସ ସଭାପତି ଭାବେ ମଧ୍ୟ ୧୦ ବର୍ଷ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଇସ୍ତଫା ଯୋଗୁ ପଡିଆ ବ୍ଲକ କଂଗ୍ରେସ କର୍ମୀଙ୍କ ମଧ୍ୟରେ ନୈରାଶ୍ୟ ପ୍ରକାଶ ପାଇଛି। ତେବେ ସେ ଦଳର ଜଣେ ସଦସ୍ୟ ଭାବରେ କଂଗ୍ରେସରେ ରହିବେ ବୋଲି ପ୍ରକାଶ କରିଛନ୍ତି।

# ଜାତୀୟ ସାମାଜିକ ସହାୟତା ଶିବିର

କାଲିମେଲା,୧୨।୬(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ସମ୍ପର୍କିତ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ସାମାଜିକ ଭିନ୍ନକ୍ଷମ ସଶକ୍ତୀକରଣ ସାମାଜିକ ସମୀକ୍ଷକ ସୁବ୍ରତ କୁମାର ସାମଲ, କାଲିମେଲା ବିଡିଓ ଉମାଶଙ୍କର ଦଳେଇ, ବିଏସଏସଓ ଦେଶା କାମରମ, ପଡିଆ ବିଏସଏସଓ ନିଶା କେଏସ, କାଲିମେଲା ବ୍ଲକ ସାମାଜିକ ସମୀକ୍ଷକ ସୁଜାତା ବିଶ୍ୱାସ, ପଡିଆ ବ୍ଲକ ସାମାଜିକ ସମୀକ୍ଷକ ଟି. ମୁରଲୀକ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଉଭୟ ବ୍ଲକ ଅଞ୍ଚଳର ସହାୟତା ପାଇବାକୁ ଥିବା ହିତାଧିକାରୀଙ୍କୁ ଚିହ୍ନଟ କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସେମାନଙ୍କ ନିକଟରେ କିପରି ପହଞ୍ଚିପାରିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଯୋଜନାଗୁଡିକର କାର୍ଯ୍ୟକାରିତା ସମ୍ପର୍କରେ ପ୍ରତି ୬ମାସରେ ଥରେ ସମୀକ୍ଷକମାନେ ସମୀକ୍ଷା କରିବେ। ଜାତୀୟ ସହାୟତା ଯୋଜନା ଅନୁସାରେ ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ବିଧବାଭତ୍ତା, ଭିନ୍ନକ୍ଷମ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନା, ଅନ୍ନପୂର୍ଣ୍ଣା ଯୋଜନାରୁ ଯେପରି ହିତାଧିକାରୀମାନେ ଉପକୃତ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଶିବିରରେ ମତପ୍ରକାଶ ପାଇଥିଲା ।



ସାମାଜିକ ସମୀକ୍ଷା ବୈଠକରେ ଉପସ୍ଥିତ ସଦସ୍ୟମାନେ ଆଲୋଚନା କରୁଛନ୍ତି ।

# ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

ମାଲାକନଗିରି,୧୨।୬(ସ୍ୱ.ପ୍ର.)

ମାଲାକନଗିରି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୁଧବାର ଶିଖପଲ୍ଲୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସହ ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ପ୍ରଧାନ, ଶିଖପଲ୍ଲୀ ସରପଞ୍ଚ ଆଡମେ ମଡକାମୀ, ଅଧ୍ୟାପକ ଡା. ରଞ୍ଜନ କୁମାର ସ୍ୱାଇଁ, ବସନ୍ତ ନାୟକ, ଆଇସିଡିଏସ ପରିଦର୍ଶିକା ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଜିଲା ଆଇନସେବା ପ୍ରାଧିକରଣର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଶିଶୁ ଶ୍ରମିକ ବିରୋଧ ଆଇନ, ବିଭିନ୍ନ ଶ୍ରମ ଆଇନ, ଶିଶୁ ଅଧିକାର ଭଳି ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ଜାତୀୟ ଆଇନ ସେବା ପ୍ରାଧିକରଣର ୧୦ଟି ନୂଆ ଯୋଜନା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ସ୍ଥାନୀୟ ଅଞ୍ଚଳର ଗ୍ରାମବାସୀ ଉପସ୍ଥିତ ଥିଲେ।




ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ଅବସରରେ ବାହାରିଥିବା ଶୋଭାଯାତ୍ରା ।

## ମଦ ଜବତ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୧୨।୬

ସଦର ଥାନା ପୋଲିସ ବେଆଇନ ଭାବେ ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ରାମକୃଷ୍ଣ ନଗର ୩ୟ ଲେନରେ ତାରିଣୀ ଦାସ। ମଙ୍ଗଳବାର ସନ୍ଧ୍ୟାରେ ତାରିଣୀ ଘର ନିକଟରେ ମଦ ବିକ୍ରି କରୁଥିବା ବେଳେ ପୋଲିସ ତାଙ୍କୁ କାବୁ କରି ୨୬ ଲିଟର ଦେଶୀ ମଦ ଜବତ କରିଥିଲା। ଏ ନେଇ ନଂ.୧୪୮/୧୯ରେ ମାମଲା ରୁଜୁ କରାଯାଇ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାରିଣୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ଭାବନାନନ୍ଦ ପ୍ରଧାନ କହିଛନ୍ତି।

## ଶିଶୁଶ୍ରମିକ ନିରୋଧ ଦିବସ ପାଳିତ

ଗୁଣପୁର,୧୨।୬(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ତାଲୁକ ଆଇନ ସେବାସଂସ୍ଥା ପକ୍ଷରୁ ଅନ୍ତର୍ଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଗାଦିଆଖଲା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୁଣପୁର ଏଡିଜେ ତଥା ତାଲୁକ ଆଇନ ସେବା ସଂସ୍ଥାର ଅଧ୍ୟକ୍ଷ ଅଜୟ କୁମାର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏସ୍‌ଡିଜେଏମ୍ ଅରୁନ୍ଧତି ଆଚାର୍ଯ୍ୟଙ୍କ ସମେତ ଏବିଡିଓ ମାନସ ରଞ୍ଜନ ବେହେରା, ସିଡିପିଓ ଅଫିସର ସୁପର ଭାଇଜର ରମ୍ଭା ସେନାପତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଶିବ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗ ଦେଇ ଶିଶୁମାନଙ୍କୁ ଶ୍ରମିକ ଭାବେ ଲଗାଇବା ଏକ ଅପରାଧ । ସେମାନଙ୍କୁ ପାଠ ପଢାଇ ଦେଶର ଉତ୍ତମ ନାଗରିକ କରିବାରେ ସମାଜ ଓ ପରିବାରର କର୍ତ୍ତବ୍ୟ ରହିଛି ବୋଲି କହିଥିଲେ । ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ଏବଂ ଆଇନଗତ ଅଧିକାର ଓ ଦଣ୍ଡ ବିଧାନ ସମ୍ପର୍କରେ ସେ କହିଥିଲେ । ପୂର୍ବତନ ସରପଞ୍ଚ ସମେଶ କଣ୍ଡାଗିରି ଉପସ୍ଥିତ ଥିଲେ ।



ଏଡିଜେ ଉଦ୍‌ବୋଧନ ଦେଉଛନ୍ତି ।

- ଚାଇଲ୍ଡଲାଇନ ପକ୍ଷରୁ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ

# ଶିଶୁ ଶ୍ରମିକ ପ୍ରଥାକୁ ସମୂଳେ ନିପାତ ପାଇଁ ମିଳିତ ପ୍ରଚେଷ୍ଟା ଜରୁରୀ

ପାରଳାଖେମୁଣ୍ଡି, ୧୨।୬ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି ସ୍ଥିତ ଜିଲା ଚାଇଲ୍ଡଲାଇନ ଏବଂ ଆଇଏସ୍‌ଆର୍‌ଡି ପକ୍ଷରୁ ଗୋଷାଣୀ ବ୍ଲକ ଅନ୍ତର୍ଗତ ଆଡଗାଁରେ ଜାତୀୟ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲା ଶିଶୁ କଲ୍ୟାଣ ସମିତି ସଦସ୍ୟ ପ୍ରମୋଦ କୁମାର ନାୟକ ଯୋଗଦେଇ ଶିଶୁ ଶ୍ରମିକ ପ୍ରଥାକୁ ସମୂଳେ ନିପାତ କରିବା ଆବଶ୍ୟକ ଏବଂ ଏଥିପାଇଁ ମିଳିତ ପ୍ରଚେଷ୍ଟା ଜରୁରୀ ବୋଲି କହିଥିଲେ । ସେହିପରି ଆଇଏସ୍‌ଆର୍‌ଡି ପକ୍ଷରୁ ଏହି ଶିଶୁ ଶ୍ରମିକ ପ୍ରଥା ବନ୍ଦ କରିବା ପାଇଁ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମମାନ କିପରି କରାଯାଉଛି ସେ ବିଷୟରେ ବିଭିନ୍ନ ବକ୍ତା ନିଜନିଜ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ଡମ୍ବରୁଧର ବଳବନ୍ତ ଉପସ୍ଥିତ ଥିବାବେଳେ ବହୁ ସଂଖ୍ୟାରେ ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ଓ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଚାଇଲ୍ଡଲାଇନ୍‌ର ଭାରପ୍ରାପ୍ତ ସଂଯୋଜକ ନାଗେଶ୍ୱର ଚୌଧୁରୀ, ଟି. ସୁରେଶ କୁମାର, ଭି. ସେନାପତି, ଭି. ମୁରଲୀ, ତପସ୍ୱିନୀ ନାୟକ ପରିଚାଳନା କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ରାମା ମାଡକାମି ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗିରଫ

କାଲିମେଲା,୧୨।୬(ଡି.ଏନ.ଏ.)

- ମୃତଦେହ ସତ୍କାର ବେଳେ ଜାଣିବାକୁ ପାଇଥିଲା ପୋଲିସ
- ଗାଳିଗୁଲଜରୁ ଘଟିଥିଲା ହତ୍ୟାକାଣ୍ଡ
- ମାମୁଘର ଗ୍ରାମରେ ଲୁଚି ରହୁଥିଲେ

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ସୁଧାକୋଣ୍ଡା ଗ୍ରାମରେ ଗତ ୩ ବର୍ଷ ଅର୍ଥାତ ୨୦୧୬ରେ ଘଟିଥିବା ରାମା ମାଡକାମି ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ କାଲିମେଲା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ତାଙ୍କ ନାମ ଭୀମା ମାଡକାମି। ତାଙ୍କଠାରୁ ଏକ ଦେଶୀ ବନ୍ଧୁକ ଜବତ ହୋଇଛି। ଜମିବାଡି ଗଣ୍ଡଗୋଳକୁ କେନ୍ଦ୍ରକରି ଗତ ୨୪।୧୧।୨୦୧୬ରେ ସୁଧାକୋଣ୍ଡା ଗ୍ରାମର ବଜା ମାଡକାମିଙ୍କ ପୁଅ ଭୀମା ମାଡକାମି (୨୫)ନିଜ କକା ପୁଅ ଭାଇ ଉଙ୍ଗା ମାଡକାମିଙ୍କ ପୁଅ ରାମା ମାଡକାମି (୪୦)ଙ୍କୁ ହତ୍ୟା କରି ପୋଡି ଦେଇଥିଲେ। ଏହାପରଠାରୁ ଭୀମା ଗ୍ରାମରୁ ଫେରାର ହୋଇଯାଇଥିଲେ। କାଲିମେଲା ଥାନାର ତତ୍କାଳୀନ ଏଏସଆଇ ବୀଭସ୍ୱ ଶବର ସୁଧାକୋଣ୍ଡା ଗ୍ରାମକୁ ପାଟ୍ରୋଲିଂ କରିବାକୁ ଯାଇଥିବା ବେଳେ ରାମାଙ୍କ ମୃତଦେହ ସତ୍କାର କରାଯାଉଥିବା ଦେଖିବାକୁ ପାଇଥିଲେ। ପରେ ସେ ଗ୍ରାମବାସୀଙ୍କଠାରୁ ଘଟଣା ସମ୍ପର୍କରେ ଜାଣିଥିଲେ । ରାମାଙ୍କ ସ୍ତ୍ରୀ ରାମେ ମାଡକାମି ମଧ୍ୟ ଗତ ୨୮।୧୧। ୨୦୧୬ରେ ଏନେଇ କାଲିମେଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଭୀମାଙ୍କ ବାପା ବଜା ମାଡକାମିଙ୍କୁ ରାମା ଗାଳିଗୁଲଜ କରିଥିଲେ। ଏହି ରାଗରେ ଭୀମା ରାମାଙ୍କୁ ଏକ ଦେଶୀ ବନ୍ଧୁକରେ ଗୁଳିକରି ହତ୍ୟା କରିଥିଲେ। ତେବେ ମାଓବାଦୀମାନେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି ବୋଲି ମିଥ୍ୟା ପ୍ରଚାର କରି ଭୀମା ପୋଲିସକୁ ଚକମା ଦେଖାଇ ଫେରାର ହୋଇଯାଇଥିଲେ। ତେବେ ଗମ୍ପାକୋଣ୍ଡା ଗ୍ରାମରେ ମାମୁ ଘର ଗ୍ରାମରେ ଭୀମା ଲୁଚି ରହିଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଛି। କେସ୍ ନଂ ୭୯/୧୬ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଚନ୍ଦ୍ର ଶେଖର ଶବର କହିଛନ୍ତି।




ଗିରଫ ଅଭିଯୁକ୍ତ ।

## ସଂକ୍ଷେପରେ

### ଶିବ ମନ୍ଦିର ବାର୍ଷିକ ଉତ୍ସବ



ସେମିଳିଗୁଡ଼ା,୧୨।୬(ସ୍ୱ.ପ୍ର.): କୋରାପୁଟ ଜିଲା ସେମିଳିଗୁଡ଼ା ଶିବ ମନ୍ଦିରରେ ବାର୍ଷିକ ଉତ୍ସବ ବହୁ ଆଡମ୍ବରରେ ପାଳନ କରାଯାଇଛି। ପ୍ରେମାନନ୍ଦ ପୃଷ୍ଟି ଶିବଙ୍କୁ ବିମାନରେ ବସାଇ ବାଜା ଓ ବାଣ ଫୁଟାଇ ସେମିଳିଗୁଡ଼ା ସହର ପରିକ୍ରମା କରି ନରେନ୍ଦ୍ର କୁମାର ନାୟକଙ୍କ ଘରେ ପହଞ୍ଚିଥିଲେ। ରାତ୍ର ୯ଟାରୁ ୧୨ଟା ପର୍ଯ୍ୟନ୍ତ ଶିବ ପାର୍ବତୀ ବିବାହ ରୀତି ଅନୁଷ୍ଠିତ ହୋଇଥିଲା। ପ୍ରୀତିଭୋଜନର ବ୍ୟବସ୍ଥା ହୋଇଥିଲା। ପରଦିନ ସନ୍ଧ୍ୟା ସମୟରେ ମନ୍ଦିର ପ୍ରାଙ୍ଗଣରେ ଶିବ ପାର୍ବତୀଙ୍କ ମହାସ୍ନାନ ପରେ ଠାକୁର ମନ୍ଦିର ପ୍ରବେଶ କରିଥିଲେ। ଉକ୍ତ ଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ସଭାପତି କୃଷ୍ଣ ସିଂହ ଓ ଲକ୍ଷ୍ମଣ ରାଉତ ଉପସ୍ଥିତ ଥିଲେ।

### ଜବରଦଖଲରେ ରହିଛି ଡ୍ରେନ୍



ସୁନାବେଡ଼ା,୧୨।୬(ଡି.ଏନ୍.ଏ.): ସୁନାବେଡ଼ାରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଥିବାବେଳେ ପୌରପାଳିକା ଆଗୁଆ ପଦକ୍ଷେପ ନେଇ ନାଳ ନର୍ଦ୍ଦମା ସଫେଇ କାର୍ଯ୍ୟ ଆରମ୍ଭ କରିଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ନିକଟରେ ଆୟୋଜିତ ଏକ କର୍ମଶାଳାରେ ପ୍ଲାଷ୍ଟିକ୍ ତଥା ପଲିଥିନ୍‌କୁ କିପରି ଅଲଗା ରଖାଯିବ ଓ ସେହି ଆବର୍ଜନା ନଷ୍ଟ କରାଯିବ, ସେ ସଂପର୍କରେ କର୍ମଚାରୀଙ୍କୁ ବୁଝାଇଥିଲେ। କିନ୍ତୁ ଜବରଦଖଲରେ ଥିବାରୁ ଡ୍ରେନ୍‌ଗୁଡ଼ିକ ଏବେ ସମସ୍ୟା ସୃଷ୍ଟି କରିଛି। ପୌରପାଳିକା ନିୟମ ଅନୁଯାୟୀ ଘର ତିଆରି ସମୟରେ ଡ୍ରେନ୍ ପାଇଁ ୪ ଫୁଟ ଚଉଡ଼ା ସ୍ଥାନ ଛାଡ଼ିବା ଆବଶ୍ୟକ। ଅନେକ ଲୋକ ଏହି ନିୟମ ଉଲ୍ଲଂଘନ କରୁଛନ୍ତି। ଜବରଦଖଲ ଦ୍ୱାରା ଡ୍ରେନ୍‌ର ଚଉଡ଼ା କମିଯିବା ଫଳରେ ଭିତରକୁ ଯାଇ ପ୍ଲାଷ୍ଟିକ୍ ବାହାର କରିବା ସମ୍ଭବପର ହୋଇପାରୁ ନାହିଁ। ବର୍ଷାଦିନରେ ଡ୍ରେନ୍‌ଗୁଡ଼ିକ ଜାମ୍ ହୋଇ ଘର ମଧ୍ୟକୁ ପାଣି ପଶିବା ଆଶଙ୍କା ରହିଛି। ଘର ତିଆରି ସମୟରେ ପୌରପାଳିକା ପାଖରୁ ଆବଶ୍ୟକ ଅନୁମତି ନିଆଯାଉ ନ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହେଉଛି। କିଛି ଜବରଦଖଲକାରୀଙ୍କ ପାଇଁ ସମଗ୍ର ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି। ଅନ୍ୟ କିଛି ସ୍ଥାନରେ ପୌରପାଳିକା ଡ୍ରେନ୍ କରି ନ ଥିବାରୁ ପାଣି ଜମି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ପ୍ଲାଷ୍ଟିକ୍ ପ୍ରଭାବରେ ପାଣି ଜମି ରହୁଥିବାରୁ ମଶାଙ୍କ ପ୍ରାଦୁର୍ଭାବ ମଧ୍ୟ ବଢୁଛି। ଏନେଇ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି।

■ ଅଧ୍ୟକ୍ଷ ପଦରୁ ପ୍ରଭୁ ଜାନିଙ୍କ ଇସ୍ତଫା ମଞ୍ଜୁର

# ଆଗାମୀ ନିର୍ବାଚନ ଯାଏଁ ଅଧ୍ୟକ୍ଷା ରହିବେ ତୁଳସୀ

କୋରାପୁଟ,୧୨।୬(ସ୍ୱ.ପ୍ର.)




ଜିଲା ପରିଷଦ ବୈଠକରେ ଉପସ୍ଥିତ ଅଧିକାରୀ ନେତୃବୃନ୍ଦ ।

**ଜିଲା ପରିଷଦ ସ୍ୱତନ୍ତ୍ର ବୈଠକ**

- ■ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଉପରେ ବିସ୍ତୃତ ଆଲୋଚନା
- ■ ଜିଲାରେ ଶିକ୍ଷାର ମାନ ଖସୁଥିବା ନେଇ ଚିନ୍ତା ପ୍ରକଟ
- ■ ଏମ୍‌ଭି ଟ୍ୟାକ୍ସ ଆଦାୟ ପାଇଁ ଆଗତ ପ୍ରସ୍ତାବ ଗୃହୀତ

କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ବୁଧବାର ଜିଲା ପରିଷଦର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ଲକ୍ଷ୍ମୀପୁରରୁ ବିଧାୟକ ନିର୍ବାଚିତ ହେବା ପରେ ଜିଲା ପରିଷଦ ଅଧ୍ୟକ୍ଷ ପଦରୁ ପ୍ରଭୁ ଜାନୀଙ୍କ ଇସ୍ତଫା ଗୃହୀତ ହୋଇଥିବା ବେଳେ ଉପାଧ୍ୟକ୍ଷା ଥିବା ତୁଳସୀ କିର୍ସାନୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଆସନ୍ତା ଅଧ୍ୟକ୍ଷ ନିର୍ବାଚନ ଯାଏ ତୁଳସୀ ଏହି ପଦବୀରେ ରହିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକର ପ୍ରାରମ୍ଭରେ ଦିବଂଗତ ଜିଲା ପରିଷଦ ସଦସ୍ୟ ଡୁମୁରି ଖିଲଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ହସ୍ତତନ୍ତ୍ର ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ତଥା କୋଟପାଡ଼ ବିଧାୟିକା ପଦ୍ମିନୀ ଦିଆନ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, କୋରାପୁଟ ଏମ୍‌ପି ପ୍ରତିନିଧି ରାମଚନ୍ଦ୍ର କାଡ଼ାମ ଜିଲା ପରିଷଦର ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷା ତୁଳସୀ କିର୍ସାନୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବୈଠକରେ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଜିଲାରେ ହେଉଥିବା ଦୁର୍ନୀତି ରୋକିବା ପାଇଁ ଲୋକ ପ୍ରତିନିଧି ଓ ଜିଲାସ୍ତରୀୟ ଅଧିକାରୀ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ଏମ୍‌ଭି ଟ୍ୟାକ୍ସ ଆଦାୟ ପାଇଁ ଆଗତ ପ୍ରସ୍ତାବ ଗୃହୀତ ହୋଇଥିଲା । ଜିଲାରେ ଶିକ୍ଷାର ମାନ ଖସୁଥିବା ବେଳେ ଚଳିତ ମାଟ୍ରିକ ପରୀକ୍ଷାରେ ସର୍ବନିମ୍ନ ପାସ୍‌ହାର ରଖିଛି କୋରାପୁଟ। ଶିକ୍ଷା ଅଧିକାର ଆଇନକୁ ଜିଲାର ଅଧିକାଂଶ ବେସରକାରୀ ବିଦ୍ୟାଳୟ ମାନୁନାହାନ୍ତି। ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡାଙ୍କୁ କୁହାଯାଇଥିଲା। ଜିଲା ପରିଷଦ ସଦସ୍ୟମାନେ ବିଭିନ୍ନ ସମସ୍ୟା ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ତାହାର ସମାଧାନ ପାଇଁ ଜିଲାସ୍ତରୀୟ ଅଧିକାରୀ ସହଯୋଗ କରୁନାହାନ୍ତି। ତେଣୁ ଜିଲା ପରିଷଦର ସମସ୍ତ ସଦସ୍ୟ ଇସ୍ତଫା ଦେବାକୁ ଚେତାବନୀ ଦେଇଥିଲେ ବୋରିଗୁମ୍ମା ବ୍ଲକ ଜିଲା ପରିଷଦ ସଦସ୍ୟ ଏଲ୍.ଏନ୍. ରାଓ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଭାରପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ ବୈଠକ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋ, ଜିଲା ଯୋଜନା ଓ ତଦାରଖ ୟୁନିଟ୍ ଉପନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠୀ ଉପସ୍ଥିତ ଥିଲେ।

### ଘରୁ ଡାକି ନେଇ ଯୁବକଙ୍କୁ ଆକ୍ରମଣ ଘଟଣା: ୨ ଗିରଫ

ପଦ୍ମପୁର, ୧୨।୬ (ଡି.ଏନ.ଏ.): ଜଣେ ଯୁବକଙ୍କୁ ଘରୁ ଡାକି ନେଇ ମରଣାନ୍ତକ ଆକ୍ରମଣ ଘଟଣାରେ ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାରବାଟିଆ ଗ୍ରାମର ରମେଶ ମଲିକ ଓ ସହଯୋଗୀ ଉମେଶ ମଲିକ। ପୋଲିସ ସୂଚନା ଅନୁଯାୟୀ, ଚାରବାଟିଆ ଗ୍ରାମର ସଞ୍ଜୟ ମଲିକଙ୍କୁ ଶନିବାର ସକାଳେ ରମେଶ ଘରୁ ଡାକି ନେଇଥିଲେ। ଅପରାହ୍ଣରେ ବାଲିମେଦ–ଦାମୋଦରପୁର ରାସ୍ତାରେ ସଞ୍ଜୟ କ୍ଷତବିକ୍ଷତ ଅବସ୍ଥାରେ ପଡ଼ିଥିବା ଦେଖି ଗ୍ରାମବାସୀ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ରବିବାର ସଞ୍ଜୟଙ୍କ ମା' ଲକ୍ଷ୍ମୀମଣିଙ୍କ ଲିଖିତ ଅଭିଯୋଗ କ୍ରମେ ନାୟକାଣିଡିହୀ ଥାନାରେ ଏକ ମାମଲା(ନଂ. ୮୯/୧୯) ରୁଜୁ କରାଯାଇଥିଲା।

# ଦରମା ବିନା ରଜ କାଟିବେ ଶିକ୍ଷକ ପରିବାର

ପଟ୍ଟାଙ୍ଗି,୧୨।୬(ଡି.ଏନ୍.ଏ.)

- ■ ହାତଗୁଞ୍ଜା ଦେଇଥିଲେ ମଧ୍ୟ ଏରିୟର ମଞ୍ଜୁର ହେଉନି
- ■ ଅଭିଯୋଗ କଲେ ଶିକ୍ଷକ ସଂଘ ସଭାପତି, ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ

ଦିନକ ପରେ ରଜ। କିନ୍ତୁ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଶିକ୍ଷା ଅଧୀନରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ଦରମା ପାଇନାହାନ୍ତି। ଫଳରେ ସେମାନଙ୍କ ପରିବାରର ରଜ ମଉଜ ଆଶା ମଉଳିଯାଇଛି। ଏହି ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଶିକ୍ଷା ସହାୟକଙ୍କଠାରୁ ଆରମ୍ଭ କରି ବିଭିନ୍ନ କ୍ୟାଟେଗୋରୀର ୪୯୯ ଜଣ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। କିନ୍ତୁ କାର୍ଯ୍ୟାଳୟର କିରାଣି ଛୁଟିରେ ଚାଲିଯାଇଥିବା ବେଳେ ମେ ମାସର ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି ବ୍ଲକର ୨୪୫ ଜଣ ଜିଲା ପରିଷଦ ଓ ରେଗୁଲାର ଶିକ୍ଷୟିତ୍ରୀ ଶିକ୍ଷକ। ଏହି ଅଭିଯୋଗ ଉଠାଇଥିବା ଶିକ୍ଷକ ସଂଘ ସଭାପତି ସୁକାନ୍ତ ପଟ୍ଟନାୟକ କହିଛନ୍ତି ଯେ ସେ କାର୍ଯ୍ୟାଳୟର ବଡ଼ବାବୁ କିଶୋର ପାତ୍ରଙ୍କୁ ଛୁଟିରେ ଯାଇଥିବା କିରାଣି କେବେ ଫେରିବେ ବୋଲି ପଚାରିବାରୁ ପାତ୍ରବାବୁ ଏଡ଼ାଇ ଦେଇଥିଲେ। ଅନ୍ୟପକ୍ଷରେ ଗତ ଫେବୃୟାରୀରେ ୨୦ ବର୍ଷରୁ ଅଧିକ କାଳ ଚାକିରି କରିଥିବା ୬୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଗ୍ରେଡପେ ଏରିୟର ମଞ୍ଜୁର କରିବା ପାଇଁ ହାତ ଖର୍ଚ୍ଚ ନଦେଲେ କିପରି ହେବ ବୋଲି ବଡ଼ବାବୁ କହିବାରୁ ପ୍ରତ୍ୟେକ ହଜାର ଟଙ୍କା ଲେଖାଏଁ ଦେଇଥିଲେ, ତଥାପି ଏଯାଏ ଏରିୟର ମଞ୍ଜୁର ହୋଇନାହିଁ ବୋଲି ସଂଘ ସଭାପତିଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଅଭିଯୋଗ ଉଠାଇଛନ୍ତି। ଏନେଇ ବଡ଼ବାବୁ କିଶୋର ପାତ୍ରଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ, ତାଙ୍କ ବିରୋଧରେ ଉଠିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଯେଉଁ ଶିକ୍ଷକମାନେ ଏପରି ଅଭିଯୋଗ ଆଣିଛନ୍ତି, ସେମାନେ ମୋ ନିକଟରେ ସତ୍ୟାସତ୍ୟ ଉପସ୍ଥାପନ କରନ୍ତୁ। ବ୍ଲକ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱରେ ଥିବା କୋରାପୁଟ ବ୍ଲକ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ଜାନିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, ଉପରୋକ୍ତ ଅଭିଯୋଗ ନେଇ ତାଙ୍କ ପାଖରେ ଖବର ନାହିଁ।

### ଲୁଟ୍ ହୋଇଥିବା ଟ୍ରକ୍ ଉଦ୍ଧାର ହେଲା

କୋରାପୁଟ,୧୨।୬(ସ୍ୱ.ପ୍ର.)

ଡ୍ରାଇଭର ସମେତ ୨୦ ଜଣ ଯାତ୍ରୀଙ୍କୁ ଗତ ୭ ତାରିଖ ରାତିରେ କେତେକ ଦୁର୍ବୃତ୍ତ ଟ୍ରକ୍‌ରୁ ଓହ୍ଲାଇଦେବା ପରେ ପିସ୍ତଲ ଦେଖାଇ ଟ୍ରକ୍‌କୁ ଅପହରଣ କରି ନେଇଥିଲେ। ବୁଧବାର ଉକ୍ତ ଟ୍ରକ୍‌କୁ କୋରାପୁଟ ଟାଉନଥାନା ଅଧିକାରୀ ବାସୁଦେବ ଛତ୍ରିଆଙ୍କ ନେତୃତ୍ୱରେ ପୋଲିସର ଏକ ଦଳ ସୁନାବେଡ଼ା ଏଇଏଫ୍ କଲୋନି ଅଞ୍ଚଳରୁ ଉଦ୍ଧାର କରିଛନ୍ତି। ସୂଚନାଥାଉକି ଯେ ଗତ ୭ ତାରିଖ ରାତ୍ରିରେ କଲିକତାର କେତେକ ଫେରିବାଲା ସପରିବାରେ ଏକ ଟ୍ରକ୍‌ରେ (ଏଚଆର ୬୯ଟି ୬୮୩୨) ବିଭିନ୍ନ ସାମଗ୍ରୀ ନେଇ କୋରାପୁଟ ଅଭିମୁଖେ ଆସୁଥିଲେ। ରାତ୍ର ପ୍ରାୟ ୨ଟାବେଳେ କୋରାପୁଟ–ଜୟପୁର ରାସ୍ତାର ଏକ ଶୁନ୍‌ଶାନ ସ୍ଥାନରେ ୭ ଜଣ ବ୍ୟକ୍ତି ସେମାନଙ୍କୁ ଅଟକାଇବା ସହ ଡ୍ରାଇଭରଙ୍କୁ ପିସ୍ତଲ ଦେଖାଇ ଗାଡ଼ି ସେମାନଙ୍କ କହିବା ସ୍ଥାନକୁ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଦୁର୍ବୃତ୍ତମାନେ ଟ୍ରକ୍‌ଟିକୁ ଟାଉନଥାନା ଅନ୍ତର୍ଗତ ଡୁମୁରିପୁଟ ରାମ ମନ୍ଦିର ନିକଟକୁ ଆଣିବା ପରେ ସେଥିରୁ ଡ୍ରାଇଭର ସହ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଟ୍ରକ୍‌ଟିକୁ ନେଇ କେଉଁଆଡେ ପଳାଇ ଯାଇଥିଲେ। କୋରାପୁଟ ଟାଉନ ଥାନାରେ କେସ୍ ନଂ ୧୩୯/୨୦୧୯ରେ ଏକ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ ଚଳାଇଥିବାବେଳେ ଟ୍ରକ୍‌ଟିକୁ ଉଦ୍ଧାର ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଥିଲା।

### କୂଅରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଠାକୁରମୁଣ୍ଡା,୧୨।୬(ଡି.ଏନ.ଏ)– ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ନିହାଣଗଣ୍ଡି ଗ୍ରାମର ଏକ କୂଅରେ ଭାସୁଥିବା ଜଣେ ମହିଳାଙ୍କ ମୃତଦେହ ବୁଧବାର ଉଦ୍ଧାର ହୋଇଛି। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଅଗ୍ନିଶମ କର୍ମଚାରୀଙ୍କ ଦ୍ୱାରା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ମହିଳା ଜଣକ ନିହାଣଗଣ୍ଡି ଗ୍ରାମର ସଞ୍ଜୟ ଜେନାଙ୍କ ପତ୍ନୀ ଝିଲ୍ଲୀ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

# ଚାରା ପୋତି ସୁସ୍ଥ ପରିବେଶର ବାର୍ତ୍ତା ଦେଲେ ଯୁବ ସ୍ୱେଚ୍ଛାସେବୀ



ସ୍ୱେଚ୍ଛାସେବୀମାନେ ଚାରା ପୋତୁଛନ୍ତି ।

କୋରାପୁଟ,୧୨।୬(ସ୍ୱ.ପ୍ର.)

ବର୍ତ୍ତମାନ ବିଶ୍ୱ ପରିବେଶ ସପ୍ତାହ ଚାଲିଥିବାବେଳେ ଏହି ଅବସରରେ ପରିବେଶ ସନ୍ତୁଳନ ରକ୍ଷା ପାଇଁ କୋରାପୁଟ ସହରର ଜଣେ ଯୁବ ସ୍ୱେଚ୍ଛାସେବୀ ଏକ ଅଭିଯାନ ଚଳାଇଛନ୍ତି। ଜିଲାର ବିଭିନ୍ନ ମନ୍ଦିର ଓ ଅନୁଷ୍ଠାନ ପରିସରରେ ସେ ଚାରା ପୋତି ଲୋକଙ୍କୁ ସୁସ୍ଥ ପରିବେଶର ବାର୍ତ୍ତା ଦେଉଛନ୍ତି। କୋରାପୁଟ ସହରର ପୂଜାରିପୁଟ ନିବାସୀ ରବିନ୍ଦ୍ର କୁମାର ରଣା ସୁସ୍ଥ ପରିବେଶ ପାଇଁ ୫ ବର୍ଷ ଧରି ନିଜସ୍ୱ ସମ୍ବଳରେ ଏପରି ବୃକ୍ଷରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଚଳାଇ ଆସୁଛନ୍ତି। କେତେବେଳେ ବିଭିନ୍ନ ଗ୍ରାମକୁ ଯାଇ ସେ ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳୁଛି। ବୁଧବାର ରବୀନ୍ଦ୍ର ଜିଲାର ସୁନାବେଡ଼ା ଇସ୍କନ ମନ୍ଦିର, କୋରାପୁଟ–ଜୟପୁର ରାସ୍ତାର କୋଲାବ ଛକଠାରେ ଥିବା ହନୁମାନ ମନ୍ଦିର ପରିସରରେ ବେଲ, ନିମ୍ବ, ସଜନା, ରୁଦ୍ରାକ୍ଷ ସମେତ ବିଭିନ୍ନ ଫୁଲଗଛ ଲଗାଇଛନ୍ତି। ଆଗାମୀ ଦିନରେ ଜିଲାର ଅନ୍ୟ ଅଞ୍ଚଳରେ ସେ ଏହି ଅଭିଯାନ ଜାରି ରଖିବେ ବୋଲି କହିଛନ୍ତି। ପରିବେଶ ସୁରକ୍ଷା ପାଇଁ ତାଙ୍କର ଏପରି ଉଦ୍ୟମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

■ ଘରପଟ୍ଟା, ପ୍ରଧାନମନ୍ତ୍ରୀ ଆବାସ ପ୍ରଦାନ ଦାବି

# ପୌରସଂସ୍ଥା ଘେରିଲା ଭାଜପା



ଭାଜପା ସଦସ୍ୟ ଓ ସ୍ଥାନୀୟ ବାସିନ୍ଦା ପୌର କାର୍ଯ୍ୟାଳୟ ଘେରାଉ କରିଛନ୍ତି ।

ଜୟପୁର,୧୨।୬(ଡି.ଏନ୍.ଏ./ନି.ପ୍ର.)

ଜୟପୁର ସହରର ବସ୍ତି ଅଞ୍ଚଳରେ ଘରପଟ୍ଟା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ଗୃହ ଯୋଗାଣ ଦାବି ନେଇ ବୁଧବାର ପୌରସଂସ୍ଥା କାର୍ଯ୍ୟାଳୟ ଘେରିଛି ନଗର ଭାଜପା। ସହରର ଭୂମିହୀନ ଲୋକଙ୍କୁ ସରକାରୀ ଜମି ଦିଆଯିବା ପାଇଁ ଡ୍ରୋନ ସର୍ଭେ ପରେ ୪ ହଜାରରୁ ଅଧିକ ହିତାଧିକାରୀଙ୍କୁ ଚୟନ କରାଯାଇଛି। କିନ୍ତୁ ମାତ୍ର ୧୨ଶହ ଜଣଙ୍କୁ ଏହା ଦିଆଯାଇଥିବା ବେଳେ ବାକି ଲୋକଙ୍କୁ ପଟ୍ଟା ମିଳିନାହିଁ । ସେହିପରି ପଟ୍ଟାଧାରୀ ଓ ଅନ୍ୟ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇଦେବା ପାଇଁ ଦାବି ହୋଇଛି। ପୌରସଂସ୍ଥା ତୁରନ୍ତ ଏହାକୁ କାର୍ଯ୍ୟକାରୀ ନକଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ଭାଜପା ପୌର କାର୍ଯ୍ୟନର୍ବାହୀ ଅଧିକାରୀ ଗୋପୀନାଥ ସାରକାଙ୍କୁ ଲିଖିତ ଦାବିପତ୍ର ଦେଇଛି। ନଗର ସଭାପତି ଅମରଲାଲ ଆହୁଜାଙ୍କ ନେତୃତ୍ୱରେ ଦେବେନ୍ଦ୍ର ବାହିନୀପତି, ଏ. ଦୁର୍ଗାପ୍ରସାଦ, ସୁଧାଂଶୁ ଶେଖର ଜେନା, ଗୌର ଦାଶ, ଅହଲ୍ୟା ବିଶୋୟୀ, ନଳିନୀ ଦାଶ ଓ ବିଭିନ୍ନ ବସ୍ତି ଅଞ୍ଚଳ ବାସିନ୍ଦା ଏଥିରେ ଉପସ୍ଥିତ ଥିଲେ।

■ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଅଗ୍ନିଶମ ବିଭାଗ ଚଢ଼ାଉ

# ଯାଞ୍ଚ ହେଲା ଅଗ୍ନି ନିରାପତ୍ତା ବ୍ୟବସ୍ଥା

ଜୟପୁର,୧୨।୬(ନି.ପ୍ର.)

ଜୟପୁର ସହରରେ ଥିବା ବିଭିନ୍ନ ବେସରକାରୀ ମହାବିଦ୍ୟାଳୟ, କୋଚିଂ ସେଣ୍ଟର, କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ଉପରେ ବୁଧବାର ଚଢ଼ାଉ କରାଯାଇ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯାଇଛି। ଅଗ୍ନିଶମ ବିଭାଗର ୬ ଜଣିଆ ଟିମ୍ ଜଗତଜନନୀ କଲେଜ, ହାଇଟେକ ଇନଷ୍ଟିଚ୍ୟୁଟ୍, ରୟାଲ କଲେଜ, ଡାଟା ପ୍ରୋ କମ୍ପ୍ୟୁଟର ଇନଷ୍ଟିଚ୍ୟୁଟ୍‌ରେ ଚଢ଼ାଉ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥା ହୋଇଛି କି ନାହିଁ, ତାହା ଯାଞ୍ଚ କରିଥିଲା। ଅନ୍ୟପକ୍ଷରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ସହ ସେମାନେ ଅଗ୍ନି ବିପତ୍ତି ବେଳେ କିଭଳି ଏହାର ମୁକାବିଲା କରି ନିଜକୁ ସୁରକ୍ଷିତ ରଖିପାରିବେ, ଆଗକୁ ସେନେଇ ସଚେତନ କରାଯିବ। ପ୍ରତ୍ୟେକ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ଛାତ୍ରୀଛାତ୍ରଙ୍କୁ ନେଇ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଦିଆଯିବା ସହ ସମୟ ବ୍ୟବଧାନରେ ଅଗ୍ନି ନିର୍ବାପନ ସମୀକ୍ଷା କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ନଚେତ ପୁଣି ଥରେ ୧ ମାସ ପରେ ଅଗ୍ନିଶମ ବିଭାଗ ତଦାରଖ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି।

# କେତେକ ସେବାୟତ, ସଂସ୍ଥାଙ୍କୁ ବୈଠକକୁ ଡକା ନଯିବାରୁ ଅସନ୍ତୋଷ

ଜୟପୁର,୧୨।୬(ଡି.ଏନ୍.ଏ.)

ଜୁଲାଇ ୪ରେ ଗୁଣ୍ଡିଚା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ବସିଛି। କିନ୍ତୁ ରଥଯାତ୍ରାରେ ସେବାୟତ ଭାବେ କାର୍ଯ୍ୟ କରୁଥିବା ହେମଗିରି ସାହି ଓ ସାମନ୍ତରା ସାହି ବାସିନ୍ଦା, ବ୍ରାହ୍ମଣ ସମାଜକୁ ବୈଠକକୁ ନ ଡାକିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗ ସମସ୍ତଙ୍କୁ ବୈଠକକୁ ନିମନ୍ତ୍ରଣ କରିଥିଲେ ମଧ୍ୟ ସେବାୟତ ଓ ଅନ୍ୟ ସଂସ୍ଥାଙ୍କୁ ଡକାଯାଇ ନଥିଲା। ଏହା ଦେବୋତ୍ତର ବିଭାଗ ଦାୟିତ୍ୱ ଅଧୀନରେ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ କହିଛି। ଏନେଇ ବ୍ରାହ୍ମଣ ସମାଜର ଯୁବ ଜିଲା ସଭାପତି ନବକୃଷ୍ଣ ରଥ ଅସନ୍ତୋଷ ବ୍ୟକ୍ତ କରିବା ସହ ଶିବରାତ୍ରିରେ ଗୁପ୍ତେଶ୍ୱରରେ ବ୍ରାହ୍ମଣ ସମାଜ ମୁଖ୍ୟ ଭୂମିକ ଗ୍ରହଣ କରୁଥିବା ବେଳେ ରଥଯାତ୍ରାରେ ସଂଶ୍ଳିଷ୍ଟ ନ କରିବା ଦୁଃଖଦାୟକ ଘଟଣା ବୋଲି କହିଛନ୍ତି । ବରିଷ୍ଠ ସେବାୟକ ଜ୍ୟୋତିରଞ୍ଜନ ପୂଜାରୀ କହିଛନ୍ତି ବୈଠକରେ ଉଭୟ ହେମଗିରି ସାହି ଓ ସାମନ୍ତରା ସାହିର ସେବାୟତମାନେ ମୁଖ୍ୟ ଭୂମିକା ନେଇଥାନ୍ତି। ପ୍ରଶାସନ ଓ ଦେବୋତ୍ତର ବିଭାଗର ଅଣଦେଖାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି। ଉପଜିଲାପାଳ ଲୋକନାଥ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ସୂଚନା ଓ ଲୋକସମ୍ପର୍କ ବିଭାଗକୁ ଏହି ଦାୟିତ୍ୱ ଦିଆଯାଇଥିଲା ।

**ରଥଯାତ୍ରା ପ୍ରସ୍ତୁତି ବୈଠକ**

# ମଦ୍ୟପଙ୍କୁ ରଥ, ଗୁଣ୍ଡିଚା ମନ୍ଦିରକୁ ବାରଣ

ଜୟପୁର,୧୨।୬, (ନି.ପ୍ର./ଡି.ଏନ୍.ଏ.)

- ■ ଅପରାହ୍ନ ୨ରୁ ରଥଟଣା
- ■ ଅଶ୍ଳୀଳ ଗୀତ ବନ୍ଦ

ଜୟପୁର ସହରରେ ରଥଯାତ୍ରା ପାଇଁ ସ୍ଥାନୀୟ ଆଇଟିଡିଏ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ଲୋକନାଥ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ରଥ ନିର୍ମାଣ, ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା, ଜନସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ନେଇ ଏଥିରେ ଆଲୋଚନା କରାଯାଇଛି।



ରଥଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ନେତୃବୃନ୍ଦ ଓ ଅଧିକାରୀ ।

ବୈଠକର ନିଷ୍ପତ୍ତି ଅନୁଯାୟୀ, ଗୁଣ୍ଡିଚା ଯାତ୍ରା ପୂର୍ବଦିନ, ରଥଟଣା ଓ ବାହୁଡ଼ା ଦୁଇଦିନ ଖୁଚୁରା ମଦ ଦୋକାନରେ ମଦ ବିକ୍ରି ବନ୍ଦ ରହିବ । ମଦ୍ୟପମାନେ ମଦପିଇ ରଥଟଣା ସ୍ଥାନକୁ ଏବଂ ଗୁଣ୍ଡିଚା ମନ୍ଦିର ନିକଟକୁ ଗଲେ ସାଧା ପୋଷାକଧାରୀ ସୁରକ୍ଷାକର୍ମୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବେ। ରଥ ଟଣା ସମୟରେ ୧୭ରୁ ଅଧିକ ସେବାୟତ ରଥ ଉପରେ ଚଢିବେ ନାହିଁ ବୋଲି ନିଷ୍ପତ୍ତି ହୋଇଛି । ରଥରେ ଅଶ୍ଳୀଳ ଗୀତ ବନ୍ଦ ହୋଇଥିବା ବେଳେ ଯାତ୍ରା ପରଦିନଠାରୁ ମଦ ବିକ୍ରି ବନ୍ଦ ରହିବ । ରଥଯାତ୍ରା ହେବାକୁ ଥିବା ଅଞ୍ଚଳରେ ୧୦ ଦିନ ମଦ ବିକ୍ରି ଉପରେ କଟକଣା ଜାରି ହୋଇଛି । ଶାନ୍ତି ଶୃଙ୍ଖଳାରେ ରଥ ଯାତ୍ରା ଆୟୋଜନ ପାଇଁ ଟ୍ରାଫିକ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୫ଶହରୁ ଅଧିକ ପୋଲିସ କର୍ମଚାରୀ ଓ ଅଫିସର ନିଯୁକ୍ତ ରହିବେ । ପ୍ରତ୍ୟେକ ଦିନ ରଥ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଦାୟିତ୍ୱରେ ଥିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଗୋପୀନାଥ ସାରକା, ଦେବୋତ୍ତର ଅଧିକାରୀ ତଥା ଅତିରିକ୍ତ ତହସିଲଦାର ମାନସ ପଟ୍ଟନାୟକ, ଏସ୍‌ଡିପିଆରଓ ପୀତବାସ ବିଶ୍ୱାଳ, ଉପଦେଷ୍ଟା କମିଟିର ଅଧ୍ୟକ୍ଷ ନଟେନ୍ଦ୍ରନାଥ ନାୟକ, ସଦସ୍ୟ ଶ୍ୟାମସୁନ୍ଦର ରଥ, ଦିନେଶ ନନ୍ଦ, ବରିଷ୍ଠ ନାଗରିକ ଭାବେ ଗୀତା ପ୍ରକାଶ ମିଶ୍ର, ନରସିଂହ ଚୌଧୁରୀ ଉପସ୍ଥିତ ଥିଲେ ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.34 (10) | 193.65 ↓ 39,756.81 | 59.40 ↓ 11,906.20 | ₹200 ↑ 33,570.00 | ₹330 ↑ 37,890.00 |

ଆଙ୍ଗେଲ ଇନ୍‌ଭେଷ୍ଟର ଓ ଲାଇଟ୍‌ସିଡ୍ ଭେଞ୍ଚର ପାର୍ଟନରଙ୍କ ଠାରୁ ୟେଲୋ ମେସେଞ୍ଜର ୪ ମିଲିୟନ ଡଲାର ପାଣ୍ଠି ସଂଗ୍ରହ କରିପାରିଛି। ଏହି ଅର୍ଥକୁ କଟିଂ-ଏଜ୍ ଟେକ୍ନୋଲୋଜି ଡେଭଲପ୍ କରିବାରେ ବ୍ୟବହାର କରାଯିବ।
– ରଘୁ ରବିନୁତାଲା, ସିଇଓ, ୟେଲୋ ମେସେଞ୍ଜର



ରେଡବସ୍ ପକ୍ଷରୁ ବେଙ୍ଗାଲୁରୁରେ ଆର୍‌ପୁଲ୍ ସେବା ଆରମ୍ଭ କରାଯାଇଛି। ଅଫିସ୍‌ଯାତ୍ରୀମାନେ ଏହାର ସୁବିଧା ନେଇପାରିବେ। ଏହାଦ୍ୱାରା ଭିଡ଼କୁ କମାଯାଇପାରିବ।
– ପ୍ରକାଶ ସଙ୍ଗମ, ସିଇଓ, ରେଡବସ୍



## ଲଣ୍ଡନ ହାଇକୋର୍ଟରେ ଆବେଦନ ଖାରଜ

# ଜାମିନ ପାଇବାରେ ନୀରବ ୪ର୍ଥ ଥର ବିଫଳ

ଲଣ୍ଡନ,୧୨-୬

ପିଏନ୍‌ବି ମହାଦୁର୍ନୀତି ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ବୁଧବାର ଲଣ୍ଡନ ହାଇକୋର୍ଟରୁ ଜୋରଦାର ଝଟକା ଲାଗିଛି। ବିଚାରପତି ଇନଗ୍ରିଡ ସିମଲର ତାଙ୍କର ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ବିଚାରପତି ରାୟ ପ୍ରକାଶ କଲାବେଳେ ନୀରବଙ୍କ ବିରୋଧରେ କଡ଼ା ଟିପ୍ପଣୀ କରିଥିଲେ। ତାଙ୍କୁ ଜାମିନ ଦିଆଗଲେ ସେ ସାକ୍ଷୀଙ୍କୁ ପ୍ରଭାବିତ କରିବା ସହ ପୁନର୍ବାର ଆତ୍ମସମର୍ପଣ କରି ନ ପାରନ୍ତି ବୋଲି ବିଚାରପତି ତାଙ୍କ ରାୟରେ ମନ୍ତବ୍ୟ ଦେଇଛନ୍ତି। ହାଇକୋର୍ଟ ପୂର୍ବରୁ ୱେଷ୍ଟମିନ୍‌ଷ୍ଟର କୋର୍ଟ ମଧ୍ୟ ସମାନ ଆଶଙ୍କାବ୍ୟକ୍ତ କରି ନୀରବଙ୍କ ଜାମିନ ଆବେଦନକୁ ୩ଥର ଖାରଜ କରିଦେଇଥିଲେ।

ସୂଚନାଥାଉ କି, ତୃତୀୟଥର ଜାମିନ ଆବେଦନ ଖାରଜ ହୋଇଯିବା ପରେ ନୀରବ ମେ’ ୩୧ରେ ହାଇକୋର୍ଟରେ ଆବେଦନ କରିଥିଲେ। ତାଙ୍କ ଆବେଦନ ଉପରେ ମଙ୍ଗଳବାର ଶୁଣାଣି ହୋଇଥିଲା। ତେବେ ରାୟ ପ୍ରକାଶ ଲାଗି ସମୟ ଆବଶ୍ୟକ ଦର୍ଶାଇ ଅଦାଲତ ବୁଧବାର ପର୍ଯ୍ୟନ୍ତ ଏହାକୁ ଟାଳିଦେଇଥିଲେ। ଦୀର୍ଘ ୮୬ ଦିନ ଧରି ମୋଦି ଲଣ୍ଡନର ୱାଣ୍ଡସୱର୍ଥ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି। ତାଙ୍କୁ ମାର୍ଚ୍ଚ ୧୯ରେ ଗିରଫ କରାଯାଇଥିଲା। ୱେଷ୍ଟମିନ୍‌ଷ୍ଟର କୋର୍ଟ ଭଳି ହାଇକୋର୍ଟରେ ମଧ୍ୟ ନୀରବଙ୍କ ଓକିଲ କ୍ଲେୟର୍ ମଣ୍ଟେଗୋମରୀ ମଙ୍ଗଳବାର ଜାମିନ ପାଇବା ଲାଗି ସମାନ ପ୍ରସ୍ତାବ ଦେଇଥିଲେ। ଜାମିନ ପାଇବା ପରେ ମୋଦିଙ୍କ ଶରୀରରେ ଇଲେକ୍ଟ୍ରୋନିକ ଡିଭାଇସ୍ ଲଗାଯାଇ ତାଙ୍କ ଉପରେ ନଜର ରଖାଯାଇପାରିବ। ଏହାଛଡା ତାଙ୍କର ଫୋନକୁ ମଧ୍ୟ ଟ୍ରାକ୍ କରାଯାଇପାରିବ। ମୋଦି ଏଠାରେ ଅର୍ଥ ରୋଜଗାର କରିବାକୁ ଆସିଛନ୍ତି। ସେ ପଳାଇ ପାରନ୍ତି ବୋଲି କୌଣସି ତଥ୍ୟ ଅଦ୍ୟାବଧି ସାମ୍ନାକୁ ଆସିନାହିଁ। ଏହାବ୍ୟତୀତ ତାଙ୍କର ଝିଅ ଓ ପୁଅ ମଧ୍ୟ ଏଠାରେ ପାଠପଢ଼ିବାକୁ ଆସିବେ ବୋଲି ମଣ୍ଟେଗୋମରୀ ଯୁକ୍ତି ଦର୍ଶାଇଥିଲେ। ତେବେ ଶୁଣାଣି ବେଳେ ବିଚାରପତି କହିଥିଲେ ଯେ, ଜାମିନ ମିଳିବା ପରେ ଅଭିଯୁକ୍ତ ସାକ୍ଷ୍ୟପ୍ରମାଣ ନଷ୍ଟ କରିଦେବାକୁ ଉଦ୍ୟମ କରିବେ ନାହିଁ ଏହା ବିଶ୍ୱାସ କରିହେବ ନାହିଁ। ଭବିଷ୍ୟତରେ କ’ଣ ହେବ, ଏହା କେହି କହିପାରିବେ ନାହିଁ। ବିଚାରପତି ଏହା ମଧ୍ୟ କହିଥିଲେ ଯେ, ଆବେଦନକାରୀଙ୍କ ବିରୋଧରେ ଏକାଧିକ ଦେଶରେ ଠକେଇ ଓ ଜାଲିଆତି ମାମଲା ଦାଏର ହୋଇଛି। ଏଭଳି ସ୍ଥିତିରେ ଜାମିନ ଦେବା ଉଚିତ୍ ହେବ ନାହିଁ। ଅନ୍ୟପକ୍ଷରେ ଭାରତ ପକ୍ଷରୁ ଶୁଣାଣିରେ ସାମିଲ ହୋଇଥିବା କ୍ରାଉନ ପ୍ରସିକ୍ୟୁଶନ ସର୍ଭିସ(ସିପିଏସ୍) ପକ୍ଷରୁ କୁହାଯାଇଥିଲା ଯେ, ନୀରବଙ୍କ ବିରୋଧରେ ଆପରାଧିକ ଏବଂ ଜାଲିଆତି ଅଭିଯୋଗ ରହିଛି।

## ଔଦ୍ୟୋଗିକ ଉତ୍ପାଦନ, ମୁଦ୍ରାସ୍ଫୀତି ବୃଦ୍ଧି

**ନୂଆଦିଲ୍ଲୀ,୧୨-୬:** ଖଣି ଓ ବିଜୁଳି ଉତ୍ପାଦନରେ ସୁଧାର ହେବା କାରଣରୁ ଏପ୍ରିଲରେ ଔଦ୍ୟୋଗିକ ଉତ୍ପାଦନ ବିକାଶ ହାର ୩.୪% କୁ ବୃଦ୍ଧି ପାଇଛି, ଯାହା କି, ୬ ମାସର ସର୍ବୋଚ୍ଚ ସ୍ତର କୁହାଯାଉଛି। ଅନ୍ୟପକ୍ଷରେ ମେ’ରେ ଖୁଚୁରା ମୁଦ୍ରାସ୍ଫୀତି ହାର ୩.୦୫%କୁ ବୃଦ୍ଧିପାଇଛି, ଯାହା କି, ୭ ମାସର ସର୍ବୋଚ୍ଚ ସ୍ତର ରହିଛି। ସିଏସ୍‌ଓ ପକ୍ଷରୁ ବୁଧବାର ଜାରି ପରିସଂଖ୍ୟାନ ଅନୁଯାୟୀ, ୨୦୧୮ ଏପ୍ରିଲରେ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ୪.୫% ରହିଥିଲା। ଖଣି ଖନନ କ୍ଷେତ୍ରର ଉତ୍ପାଦନ ୫.୧% ବୃଦ୍ଧିପାଇଛି। ପୂର୍ବ ବର୍ଷର ସମାନ ଅବଧିରେ ଏହା ୩.୮% ରହିଥିଲା। ଆଲୋଚ୍ୟ ଅବଧିରେ ବିଜୁଳି ଉତ୍ପାଦନ ୬% ବଢ଼ିଛି। ଗତବର୍ଷ ଏହା ୨.୧% ଥିଲା। ତେବେ ମାନୁଫାକ୍‌ଚରିଂ କ୍ଷେତ୍ର ଧିମା ପଡ଼ିଯାଇଛି। ଏଥିପୂର୍ବରୁ ଗତବର୍ଷ ଅକ୍ଟୋବରରେ ଔଦ୍ୟୋଗିକ ଉତ୍ପାଦନ ସର୍ବୋଚ୍ଚ ସ୍ତର ୮.୪% ଥିଲା। ସେହିପରି ଖାଦ୍ୟପଦାର୍ଥ ମୂଲ୍ୟ ବୃଦ୍ଧି କାରଣରୁ ଖୁଚୁରା ମୁଦ୍ରାସ୍ଫୀତି ମେ’ରେ ବୃଦ୍ଧି ପାଇଛି।

# ହୋଣ୍ଡା ଆଣିଲା ନୂଆ ଆକ୍ଟିଭା




ନୂଆଦିଲ୍ଲୀ,୧୨-୬

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ ପ୍ରିମିୟମ ଆକ୍ଟିଭା ୧୨୫ ମଡେଲର ବଜାର ପ୍ରବେଶ କରାଯାଇଛି। ଏହା ବିଏସ୍-୬ ଅନୁପାଳନ କରୁଥିବା ଇଞ୍ଜିନ ସହ ଆସିଛି। ସରକାର ଧାର୍ଯ୍ୟ କରିଥିବା ୨୦୨୦ ସୀମା ପୂର୍ବରୁ କମ୍ପାନୀ ଅତ୍ୟାଧୁନିକ ଇଞ୍ଜିନ କ୍ଷମତା ସହ ଏହି ମଡେଲକୁ ବଜାରରେ ଉପଲବ୍ଧ କରାଇଛି। ଏହା କମ୍ପାନୀର ପ୍ରଥମ ବିଏସ୍-୬ ମାନକଯୁକ୍ତ ମଡେଲ। ଏକ ସବୁଜ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା କମ୍ପାନୀ ପ୍ରକାଶ କରିଛି। ଇଣ୍ଡଷ୍ଟ୍ରିର ପ୍ରମୁଖ ଫିଚର ସହ ଏଥିରେ ଗ୍ରାହକମାନେ ଉନ୍ନତ ଭାଲ୍ୟୁ ଲାଭ କରିପାରିବେ। ସ୍ୱତନ୍ତ୍ର ମୋବିଲିଟି ସଲ୍ୟୁଶନ ଦ୍ୱାରା ସାରା ବିଶ୍ୱରେ ଗ୍ରାହକଙ୍କୁ ଗୁଣଯୁକ୍ତ କ୍ରୟ ଅଭିଜ୍ଞତା ପ୍ରଦାନ ଦିଗରେ ହୋଣ୍ଡା କାର୍ଯ୍ୟ କରୁଥିବା ହୋଣ୍ଡା ମୋଟର କର୍ପୋରେଶନ ଇଣ୍ଡିଆର ମୋଟର ସାଇକେଲ ଅପରେସନ୍ସ ମ୍ୟାନେଜିଂ ଅଫିସର ନୋରିଆକି ଆବେ ସୂଚନା ଦେଇଛନ୍ତି। ଟେକ୍ନୋଲୋଜି ଏବଂ ଉଦ୍ଭାବନକୁ ସର୍ବଦା ପ୍ରାଥମିକତା ଦେଉଥିବା ବେଳେ ଶକ୍ତିଶାଳୀ ଟେକ୍ନୋଲୋଜି ସହ ଏହି ମଡେଲର ବଜାର ପ୍ରବେଶ କରାଯାଇଥିବା କମ୍ପାନୀର ସଭାପତି ତଥା ସିଇଓ ମିନୋରୋ କାଟୋ କହିଛନ୍ତି। ନୂଆ ମଡେଲକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ସେଲ୍‌ସ ଏବଂ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦ୍ୱିନ୍ଦର ସିଂ ଗୁଲେରିଆ କହିଛନ୍ତି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ଏହି ମଡେଲଟି ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ସୂଚନା ଦେଇଛି।

### ପିଜିଏଲ୍ ହୋଣ୍ଡାରେ ଲାଇଭ୍ ସ୍ଟ୍ରିମିଂ ଯୋଗେ ଉନ୍ମୋଚନ

ଏହି ମଡେଲଟିକୁ ସ୍ଥାନୀୟ ପିଜିଏଲ୍ ହୋଣ୍ଡାଠାରେ ଲାଇଭ ଷ୍ଟ୍ରିମ୍ ଯୋଗେ ଉନ୍ମୋଚନ କରାଯାଇଛି। ଏହି ଅବସରରେ ହୋଣ୍ଡାର ଗ୍ରାହକଙ୍କୁ ଆମନ୍ତ୍ରଣ କରାଯିବା ସହ ମଡେଲ ସମ୍ପର୍କରେ ବିଭିନ୍ନ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶୋ’ରୁମ ପକ୍ଷରୁ ଜିଏମ୍ କୃଷ୍ଣେନ୍ଦ୍ର ମଲ୍ଲିକ, ବିକ୍ରେୟ ହେଡ ରାଜେଶ କେଡିଆ, ଆଡ୍‌ମିନ ହେଡ ସୁଜାତା ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସେଣ୍ଟ୍ରାଲରେ ରଜ ଉତ୍ସବ





ଭୁବନେଶ୍ୱର,୧୨-୬(ବ୍ୟୁରୋ)


ଭୁବନେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ରଜ ଉତ୍ସବ ପାଳନ କରାଯାଉଛି। ଗତ ୪ ବର୍ଷ ଧରି ଏହା ଗ୍ରାହକଙ୍କ ସହ ମିଳିତ ହୋଇ ରାଜ୍ୟର ଏହି ପ୍ରମୁଖ ଲୋକପ୍ରିୟ ଗଣପର୍ବକୁ ପାଳନ କରୁଛି। ଏହି ଅବସରରେ ପ୍ରତିବର୍ଷ ଭଳି ସ୍ୱତନ୍ତ୍ର ଅଫର ଗ୍ରାହକଙ୍କ ଲାଗି ଘୋଷଣା କରାଯାଇଛି। ରଜକୁ ସ୍ୱତନ୍ତ୍ର କରିବା ଲାଗି ଅଫରକୁ ଆହୁରି ଉନ୍ନତ ଏବଂ ବୃହତ୍ କରାଯାଇଛି। ଗ୍ରାହକମାନେ ରଜ ମଧ୍ୟରେ ସେଣ୍ଟ୍ରାଲ ଷ୍ଟୋରରୁ ୫୦୦୦ ଟଙ୍କାର କ୍ରୟ ଉପରେ ୨୦୦୦ ଟଙ୍କାର ଭାଉଚର ସମ୍ପୂର୍ଣ୍ଣ ମାଗଣାରେ ପାଇପାରିବେ। ଏହି ଅଫରକୁ ଭଲ ରେସପନ୍ସ ମିଳିଛି। ଲୋକମାନଙ୍କ ଦ୍ୱାରା ଏହା ବେଶ୍ ପସନ୍ଦ ହେଉଥିବା ଗ୍ରାହକଙ୍କ ମତାମତରୁ ଜଣାପଡିଛି ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି। ଅଫର ଲାଭ ଗ୍ରାହକମାନେ ଶେଷ ରଜ ଯାଏ ନେଇ ପାରିବେ।

ଏହାବାଦ୍ ଷ୍ଟୋର ବାହାରେ ଏକ ରଜ ଦୋଳି ବ୍ୟବସ୍ଥା କରାଯାଇଛି। ଏଠାରେ ଗ୍ରାହକମାନେ ସେମାନଙ୍କ ପରିବାର ସହ ଆସି ଦୋଳି ଖେଳିବାର ମଜା ନେଇ ପାରିବେ। ସେହିଭଳି ଷ୍ଟୋର ପକ୍ଷରୁ ମେହେନ୍ଦି ଏବଂ ପାନ କାଉଣ୍ଟର ସୁବିଧା ମଧ୍ୟ କରାଯାଇଛି। ସେଣ୍ଟ୍ରାଲ ପକ୍ଷରୁ ବିସ୍ତୃତ ବର୍ଗରେ ବିଭିନ୍ନ କଲେକ୍ସନ ରଜ ଉପଲକ୍ଷେ ସାମିଲ କରାଯାଇଛି। ଲେଡିଜ୍ ୱେଷ୍ଟର୍ଣ୍ଣ, ଲେଡିଜ ଏଥ୍‌ନିକ୍ ସହ ପୁରୁଷ ଏବଂ ଶିଶୁ ବର୍ଗରେ ପୋଷାକପତ୍ର ସାମିଲ ରହିଛି। ଭୁବେନଶ୍ୱର ସେଣ୍ଟ୍ରାଲ ଏହି ଅବସରରେ ଗ୍ରାହକଙ୍କୁ ରଜର ଶୁଭେଚ୍ଛା ଜଣାଇଛି।




# ଏମ୍‌ଜି ମୋଟର୍ସର ନୂଆ ‘ହେକ୍ଟର’

ଭୁବନେଶ୍ୱର,୧୨-୬



ଏମ୍‌ଜି (ମୋରିସ୍ ଗ୍ୟାରେଜେସ୍) ମୋଟର ପକ୍ଷରୁ ଏହାର କନେକ୍ଟେଡ୍ ଏସ୍‌ୟୁଭି ‘ହେକ୍ଟର’ର ବଜାର ପ୍ରବେଶ ହୋଇଛି। ସ୍ଥାନୀୟ ଏକ ହୋଟେଲରେ ଏହି ମଡେଲଟିକୁ ମୋରିସ୍ ଗ୍ୟାରେଜ୍‌ର ଆଞ୍ଚଳିକ ବ୍ୟବସାୟ ପ୍ରବନ୍ଧକ ନୃପୁର ଜୈନ, ଏମ୍ପିଓ ହିଲ୍ସ ପ୍ରାଇଭେଟ ଲିମିଟେଡର ଡାଇରେକ୍ଟର ଗଙ୍ଗାଧର ସାମଲ, ଏମ୍‌ଡି ଅଭିନାଶ ସାମଲ, କୁମାର ଗୌରବ ସାମଲ ଏବଂ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ବଜାର ପ୍ରବେଶ କରାଇଥିଲେ। ନୂଆ ଯାନଟିରେ ୫୦ରୁ ଅଧିକ କନେକ୍ଟେଡ ଫିଚର ଏବଂ ୧୯ ଏକ୍ସକ୍ଲୁସିଭ୍ ଫିଚର ସାମିଲ ରହିଛି। ପରବର୍ତ୍ତୀ ପିଢ଼ିର ଆଇସ୍ମାର୍ଟ ଟେକ୍ନୋଲୋଜି ସହ ସ୍ୱତନ୍ତ୍ର ଏଚ୍‌ଡି ସ୍କ୍ରିନ, ୪ଜି ଟେକ୍ନୋଲୋଜି ଭଳି ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ଏହା ଉଭୟ ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଆସୁଛି।

DSPL - 26





## ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି। ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତା ମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରିବା ଆମ ସମସ୍ତଙ୍କର ଦାୟିତ୍ୱ। ଏହାଦ୍ୱାରା ନିଜେ ସୁସ୍ଥ ରହିବା ସହ ଅକାଳରେ ଝଡ଼ି ପଡୁଥିବା ଜୀବନକୁ ବଞ୍ଚାଇବାରେ ସହଯୋଗ କରି ଜୀବନ ସାର୍ଥକ କରିପାରିବା।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ଶୃଙ୍ଖଳା ମୁହୂର୍ତ୍ତରେ ହସ ଭରିବା ଓ ଅନ୍ୟକୁ ବଞ୍ଚାଇ ନିଜେ ହସିବା। ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭେଚ୍ଛା।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

10080/13/0002/1920

## ଅର୍ଥର ଅର୍ଥ

# ଜୀବନ ବୀମା ସୁରକ୍ଷାର ସମୀକ୍ଷା ଜରୁରୀ



Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ସେୟାର ବଜାର, ବ୍ୟାଙ୍କିଂ, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**➔ମୁଁ ପ୍ରତ୍ୟେକ ବର୍ଷ ଆୟକର ଛାଡ ପାଇବା ପାଇଁ ଏଲଆଇସି ପ୍ରିମିୟମ ଓ ଅନ୍ୟ ସବୁ ସ୍କିମରେ ନିବେଶ କରୁଛି, ଯାହାକି ଧାର ୮୦ ସିର ଅନ୍ତର୍ଭୁକ୍ତ। ମ୍ୟୁଚୁଆଲ ଫଣ୍ଡ ଇଲ୍‌ଏସ୍‌ଏସ୍ ସ୍କିମରେ ମଧ୍ୟ କିଛି ନିବେଶ କରୁଛି। ଏନ୍‌ପିଏସ୍ ସ୍କିମରେ ନିବେଶ କରିବା ଉଚିତ ହେବ କି? ଏଥିରେ ନିବେଶ କରି ଅଧିକ ଆୟକର ଛାଡ ସୁବିଧା ପାଇପାରିବି କି?**
**– ସରୋଜିନୀ ସାହୁ, ଭୁବନେଶ୍ୱର**

✰ଆପଣଙ୍କର ଆୟକର ସଞ୍ଚୟ କାର୍ଯ୍ୟସବୁ ଆପଣଙ୍କ ଆର୍ଥିକ ଯୋଜନାରେ ଏକ ଅଂଶ ହେବା ନିହାତି ଜରୁରୀ। କେବେ ବି କେବଳ ଆୟକର ଛାଡ ସୁବିଧା ପାଇବା ପାଇଁ ସ୍କିମ୍ ସବୁ କିଣନ୍ତୁ ନାହିଁ। ଏହା ଆପଣଙ୍କ ଜୀବନର ଆର୍ଥିକ ଲକ୍ଷ୍ୟ ସବୁ ହାସଲ କରିବାରେ ସାହାଯ୍ୟ କରିବା ଏକାନ୍ତ ଆବଶ୍ୟକ ଓ କରିବା ଉଚିତ ମଧ୍ୟ। ଚୟନ କରିଥିବା ସ୍କିମ୍‌ର ଅବଧି ଆପଣଙ୍କ ନିବେଶ ସମୟସୀମା ସହିତ ସମାନ ଓ ଖାପଖୁଆଇବା ଉଚିତ। ଏନ୍‌ପିଏସ୍ (ନ୍ୟାଶନାଲ ପେନସନ ସିଷ୍ଟମ୍) ନିବେଶ କରିବା ଉଚିତ୍ ହେବ। ଏଥିରେ ନିବେଶ କରି ଆପଣ ଅତିରିକ୍ତ ୫୦,୦୦୦ ଟଙ୍କା ଧାରା ୮୦ସିସିଡି(୧ବି) ଅନୁଯାୟୀ ଅଧିକ ଆୟକର ଛାଡ ସୁବିଧା ପାଇପାରିବେ। ଏହା ଆପଣଙ୍କ ଧାରା ୮୦ ସି ଅନୁଯାୟୀ ବାର୍ଷିକ ୧.୫ ଲକ୍ଷ ଟଙ୍କା ନିବେଶ ରାଶିଠାରୁ ଅଲଗା। ଅର୍ଥାତ୍ ଆପଣ ସମୁଦାୟ ୨ ଲକ୍ଷ ଟଙ୍କା ଆୟକର ଛାଡ ପାଇଁ ଦାବି କରିପାରିବେ। ଯଦି ଆପଣ ସରକାରୀ ଚାକିରୀ ପେନସନ ଆଶା କରୁଛନ୍ତି, ତେବେ ଏନପିଏସ ସ୍କିମରେ ନିବେଶ କରିବା ଉଚିତ ହେବ। ଆପଣଙ୍କୁ ୬୦ ବର୍ଷ ପର୍ଯ୍ୟନ୍ତ ନିବେଶ କରିବା ପାଇଁ ପ୍ରସ୍ତୁତ ରହିବାକୁ ପଡିବ। ମନେରଖିବାକୁ ହେବ ଯେ, ୬୦ ବର୍ଷ ବୟସ ବେଳକୁ ଆପଣଙ୍କ ଅବସରକାଳୀନ ପାଣ୍ଠିରୁ ଟଙ୍କା ଉଠାଣ କରିବା କ୍ଷେତ୍ରରେ କିଛି କଟକଣା ଅଛି।

✪୬୦ ବର୍ଷ ବୟସ ହୋଇଯାଇଛି, ତେବେ ଅବସରକାଳୀନ ପାଣ୍ଠିର ୪୦% ଅର୍ଥକୁ ପେନ୍‌ସନ ପାଇବା ପାଇଁ ନିବେଶ କରିବାକୁ ପଡିବ ଏବଂ ବଳକା ଅର୍ଥକୁ (ଅର୍ଥାତ୍ ୬୦% ପାଣ୍ଠି ଆପଣ ଏକକାଳୀନ ଉଠାଣ କରିପାରିବେ।

✪୬୦ ବର୍ଷ ବୟସ ପୂର୍ବରୁ ଅବସରକାଳୀନ ପାଣ୍ଠିରୁ ଟଙ୍କା ଉଠାଣ କରିବାକୁ ଚାହୁଁଛନ୍ତି, ତେବେ ଅବସରକାଳୀନ ପାଣ୍ଠିର ୮୦% ଅର୍ଥକୁ ଆପଣ ମାସିକ ପେନ୍‌ସନ ପାଇଁ ନିବେଶ କରିବାକୁ ପଡିବ। ଅର୍ଥାତ୍ ପେନ୍‌ସନ ପଲିସି କିଣିବା କ୍ଷେତ୍ରରେ ନିବେଶ କରାଯିବ ଏବଂ ବଳକା ଅର୍ଥକୁ (ଅର୍ଥାତ୍ ୨୦% ପାଣ୍ଠି)କୁ ଆପଣ ଏକକାଳୀନ ଉଠାଣ କରିପାରିବେ।

### ଏନପିଏସ୍ ନିବେଶ କରି ଆୟକର ଛାଡ ସୁବିଧା ସବୁ

| କ’ଣ ସବୁ ଆୟକର ଛାଡ ପାଇଁ କରାଯାଏ | ସର୍ବାଧିକ ନିବେଶ | ଆୟକର ନିୟମ ଅନୁଯାୟୀ |
|---|---|---|
| ଅବସରକାଳୀନ ସଞ୍ଚୟ କରିବା ପାଇଁ ଦରମାରୁ ଆଦେଶ ସୂଚକ ଅର୍ଥ କଟାଯାଇ ଏନପିଏସ ସ୍କିମରେ ନିବେଶ କରାଯାଏ | ୧.୫ ଲକ୍ଷ ଟଙ୍କା | 80CCD (1) |
| ନିଯୁକ୍ତିଦାତାଙ୍କ ଦ୍ୱାରା ଦରମାରୁ ସ୍ୱେଚ୍ଛାକୃତ ଅର୍ଥ ଏନପିଏସ୍ ସ୍କିମରେ ନିବେଶ କରାଯାଏ | ୧୦% ମୂଳ ଦରମାର | 80CCD (2) |
| ସ୍ୱେଚ୍ଛାକୃତ ଭାବେ ଜଣେ ବ୍ୟକ୍ତି ଏନପିଏସ୍ ସ୍କିମରେ ନିବେଶ କରିବ | ୫୦୦୦୦/- | 80CCD (1B) |

ଆମର ପରାମର୍ଶ କୌଣସି ସ୍କିମ୍‌ରେ ନିବେଶ ପୂର୍ବରୁ ଏହି ବିଷୟରେ ଭଲ ଭାବରେ ବୁଝିବା ନିହାତି ଜରୁରୀ। ଦୀର୍ଘକାଳୀନ, ମଧ୍ୟବର୍ତ୍ତିକାଳୀନ ଓ ସ୍ୱଳ୍ପକାଳୀନ ଆର୍ଥିକ ଲକ୍ଷ୍ୟସବୁ କ୍ଷେତ୍ରରେ ଆପଣ ଚୟନ କରିଥିବା ସ୍କିମ୍‌ର ପ୍ରଭାବ କ’ଣ ରହିବ ଏହାକୁ ମଧ୍ୟ ଦୃଷ୍ଟି ଦେବା ଜରୁରୀ।

**➔ମୁଁ ପିପିଏଫ୍ ସ୍କିମ୍‌ରେ ବାର୍ଷିକ ୧.୫ ଲକ୍ଷ ଟଙ୍କା ସଞ୍ଚୟ କରିବାକୁ ଚାହୁଁଛି ୧୫ ବର୍ଷ ପରେ କେତେ ଟଙ୍କାର ପାଣ୍ଠି ଗଠନ ହୋଇପାରିବ?**
**–ମାୟାଧର ସ୍ୱାଇଁ, କେନ୍ଦ୍ରାପଡ଼ା**

✰ପବ୍ଲିକ୍ ପ୍ରୋଭିଡେଣ୍ଟ ଫଣ୍ଡ(ପିପିଏଫ୍) ବାର୍ଷିକ ୮% ସୁଧହାର ବର୍ତ୍ତମାନ ଅଛି। ସ୍କିମ୍ ସଞ୍ଚୟ ସବୁର ସୁଧହାର ପ୍ରତି ତ୍ରୈମାସିକ ସମୀକ୍ଷା ଅନୁଯାୟୀ ସ୍ଥିର କରାଯାଏ। ସର୍ବନିମ୍ନ ୫୦୦ ଟଙ୍କା ଏବଂ ସର୍ବୋଚ୍ଚ ସୀମା ବାର୍ଷିକ ୧.୫ ଲକ୍ଷ ଟଙ୍କା ଏକ ଆର୍ଥିକ ବର୍ଷରେ ନିବେଶ କରିପାରିବେ। ଯଦି ବାର୍ଷିକ ୮% ସୁଧହାର ଧରିନେବା ଆପଣ ବାର୍ଷିକ ୧.୫ ଲକ୍ଷ ଟଙ୍କା ନିବେଶ କରି ୧୫ ବର୍ଷ ପରେ ୪୩.୯୮ ଲକ୍ଷ ଟଙ୍କାର ଏକ ପାଣ୍ଠି ଗଠନ କରିପାରିବେ। ଏହି ପରିଚ୍ଛଦ ରାଶି ସମ୍ପୂର୍ଣ୍ଣ ଆୟକରକୁ ଆପଣଙ୍କ ନିକଟସ୍ଥ ଡାକଘର ଶାଖା କିମ୍ବା ବ୍ୟାଙ୍କରେ ପିପିଏଫ୍ ଆକାଉଣ୍ଟ ଖୋଲିପାରିବେ।

**➔ମୋର ବୟସ ୩୭ ବର୍ଷ ଓ ବିବାହିତ। ପୁଅ ୧ ବର୍ଷ ଓ ଝିଅ ୪ ବର୍ଷ ଅଛନ୍ତି। ୪ ବର୍ଷ ପୂର୍ବରୁ, ୩୦ ଲକ୍ଷ ଟଙ୍କାର ଏକ ଟର୍ମ ପ୍ଲାନ କିଣିଥିଲି। ଗତ ୨ ବର୍ଷ ହେବ ମୋର ଦରମା ପାଖାପାଖି ୪୫% ବଢ଼ିଯାଇଛି। ପରିବାରର ଆର୍ଥିକ ସୁରକ୍ଷା ପାଇଁ ଅଧିକ ଜୀବନବୀମା ସୁରକ୍ଷା ଆବଶ୍ୟକତା ଅଛି କି?**
**– ମାନସ ବେହେରା, ବାଲୁଗାଁ**


✰ପରିବାରର ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଜୀବନବୀମା ପଲିସି ଏକାନ୍ତ ଆବଶ୍ୟକ। କେତେ ଟଙ୍କାର ଜୀବନବୀମା ସୁରକ୍ଷା ଆବଶ୍ୟକ ଏହାକୁ ହିସାବ କରି ଦେଖିବାକୁ ପଡ଼ିବ। କିନ୍ତୁ ୩/୪ ବର୍ଷ ବ୍ୟବଧାନରେ ଜୀବନବୀମା ସୁରକ୍ଷା ରାଶିର ଆବଶ୍ୟକତା ପାଇଁ ସମୀକ୍ଷା ନିହାତି ଜରୁରୀ। କେତେବେଳେ ଏହି ସମୀକ୍ଷା କରିବାକୁ ପଡ଼ିବ? ନିମ୍ନଲିଖିତ ଦିଗକୁ ଦୃଷ୍ଟି ଦିଅନ୍ତୁ।

✪ପଲିସିର ନବୀକରଣ ସମୟରେ
✪ଘରର କିଛି ପରିବର୍ତ୍ତନ କରୁଛନ୍ତି କିମ୍ବା ଗୁରୁତ୍ୱପୂର୍ଣ୍ଣ ବଡ଼ କିଛି କିଣାକିଣି କରୁଛନ୍ତି
✪ଜୀବନର ମୁଖ୍ୟ ଜୀବନଶୈଳୀର ପରିବର୍ତ୍ତନ ସମୟ
✪ପରିବାରକୁ ନୂଆ ସଦସ୍ୟଙ୍କ ଆଗମନ
✪ବାହାଘର କିମ୍ବା ଛାଡ଼ପତ୍ର ସମୟରେ
✪ଆପଣଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା କ୍ଷେତ୍ରରେ
✪ପରିବାରର ବୟସ୍କ ବ୍ୟକ୍ତିମାନଙ୍କ ଦାୟିତ୍ୱ ଗ୍ରହଣ
✪ଘରଟିଏ କିଣିବା ସମୟରେ
✪ନିଜର ଅତିପ୍ରିୟ ବ୍ୟକ୍ତିଙ୍କର ଦୀର୍ଘକାଳୀନ ଦାୟିତ୍ୱ ନେବା କ୍ଷେତ୍ରରେ

ନିୟମିତ ବ୍ୟବଧାନରେ ଜୀବନବୀମା ସୁରକ୍ଷାର ସମୀକ୍ଷା ନିହାତି ଜରୁରୀ। ନିୟମିତ ସମୀକ୍ଷା କରିବା ସହିତ ଜୀବନର ସମସ୍ତ ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ଜଣେ ଚାର୍ଟର୍ଡ ୱେଲ୍‌ଥ ମ୍ୟାନେଜର କିମ୍ବା ସର୍ଟିଫାଏଡ୍ ଫାଇନାନ୍‌ସିଆଲ୍ ପ୍ଲାନରଙ୍କ ସହ ପରାମର୍ଶ ଓ ସମୀକ୍ଷା କରି ପଦକ୍ଷେପ ନେବା ଉଚିତ୍ ହେବ।

ଆମ ଠିକଣା
ବିଜନେସ ଧରିତ୍ରୀ
ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦

DSPL - 26





## ବିଶ୍ୱ ରକ୍ତଦାତା ଦିବସ ପାଳନ ଉପଲକ୍ଷେ ବାର୍ତ୍ତା

ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ **ବିଶ୍ୱ ରକ୍ତଦାତା ଦିବସ** ରୂପେ ପାଳନ କରାଯାଉଛି। ଏହି ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ରକ୍ତଦାତାମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଆମ ରାଜ୍ୟରେ ବାର୍ଷିକ ହାରାହାରି ୪ ଲକ୍ଷ ୫୦ ହଜାର ୟୁନିଟ ରକ୍ତର ଆବଶ୍ୟକତା ରହିଛି। ଏହି ଆବଶ୍ୟକତାକୁ ପୂରଣ କରିବା କ୍ଷେତ୍ରରେ ସ୍ୱେଚ୍ଛାକୃତ ଭାବରେ ରକ୍ତଦାନ କରି ବିଶୁଦ୍ଧ ରକ୍ତ ଯୋଗାଇବା ଆମ ସମସ୍ତଙ୍କର ଦାୟିତ୍ୱ। ଏଥିପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହ ଅକାଳରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ଜୀବନ ବଂଚାଇବାରେ ସହଯୋଗ ହାତ ବଢ଼ାଇ ଜୀବନ ସାର୍ଥକ କରିବା ନିମନ୍ତେ ଆମେମାନେ ବ୍ରତୀ ହେବା ବାଞ୍ଛନୀୟ।

ଆଜିର ଏହି ଦିବସରେ ଆସନ୍ତୁ, ସମସ୍ତେ ସଂକଳ୍ପବଦ୍ଧ ହୋଇ ସ୍ୱେଚ୍ଛାକୃତ ରକ୍ତଦାନ କରି ଶୃଙ୍ଖଳା ମୁହୂର୍ତ୍ତରେ ହସ ଭରିବା, ଅନ୍ୟକୁ ବଂଚାଇ ନିଜେ ହସିବା। ଆମ ରାଜ୍ୟର ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ମୋର ଅନେକ ଅନେକ ଶୁଭକାମନା।

(ନବକିଶୋର ଦାସ)
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଓଡ଼ିଶା

10080/13/0002/1920

# ଟିମ୍ ଇଣ୍ଡିଆର ମିଶନ ନ୍ୟୁଜିଲାଣ୍ଡ

ନଟିଂହାମ,୧୨।୬(ପି.ଟି.)

ଚଳିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣରେ ଭାରତ ତା'ର ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ। ସ୍ଥାନୀୟ ଟ୍ରେଣ୍ଟ ବ୍ରିଜ୍ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ବିଭିନ୍ନ ଦୃଷ୍ଟିକୋଣରୁ ନ୍ୟୁଜିଲାଣ୍ଡ ଅପେକ୍ଷା ଭାରତ ପାଇଁ ଗୁରୁତ୍ୱ ବହନ କରୁଛି। ତାରକା ଓପନର ଶିଖର ଧାୱନ ଆହତ ହେବା ପରେ ଭାରତ ପାଇଁ ଏକ ନୂଆ ଚ୍ୟାଲେଞ୍ଜ୍ ସୃଷ୍ଟି ହୋଇଛି। ପୁଣି ଖରାପ ପାଗ ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହେବା ସମ୍ଭାବନା ଥିବାରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତା ସୃଷ୍ଟି ହୋଇଛି। ନ୍ୟୁଜିଲାଣ୍ଡର ବୋଲିଂ ବିଶ୍ୱସ୍ତରୀୟ ହୋଇଥିବାରୁ ଭାରତୀୟ ବ୍ୟାଟିଂ ଲାଇନ୍ ପରୀକ୍ଷାର ସମ୍ମୁଖୀନ ହେବ। ଆହତ ଧାୱନଙ୍କ ଅନୁପସ୍ଥିତିରେ ଲୋକେଶ ରାହୁଲ ଇନ୍‌ଫର୍ମ ଓପନର ରୋହିତ ଶର୍ମାଙ୍କ ସହ ଇନିଂସ ଓପନ କରିବେ। ତେଣୁ ନ୍ୟୁଜିଲାଣ୍ଡର କ୍ୱାଲିଟି ବୋଲିଂ ଆଗରେ ଏହି ଦୁଇ ଓପନର କଡ଼ା ପରୀକ୍ଷାର ସମ୍ମୁଖୀନ ହେବେ।



ଅଭ୍ୟାସ ସେସନ ଅବସରରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ।

ଧାୱନ ଏବେ ଅତିକମ୍‌ରେ ୩ଟି ମ୍ୟାଚ୍ ଖେଳିପାରିବେ ନାହିଁ। ବଲ୍ ବାଜିବା କାରଣରୁ ବାମ ବୁଢ଼ା ଆଙ୍ଗୁଳି ଭାଙ୍ଗିଯାଇଥିବାରୁ ତାଙ୍କୁ ୩ ସପ୍ତାହ ବିଶ୍ରାମ ନେବାକୁ କୁହାଯାଇଛି। ଆଇସିସି ଇଭେଣ୍ଟରେ ଭାରତ ବିପକ୍ଷରେ ନ୍ୟୁଜିଲାଣ୍ଡର ରେକର୍ଡ ବେଶ୍ ଭଲ ରହିଛି। ନ୍ୟୁଜିଲାଣ୍ଡ ତା'ର ପ୍ରଥମ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇ ପଏଣ୍ଟ ତାଲିକାର ଶୀର୍ଷରେ ରହିଛି। ତେଣୁ ଭାରତକୁ ହରାଇ ନ୍ୟୁଜିଲାଣ୍ଡ ଚତୁର୍ଥ ବିଜୟ ହାସଲ ଲକ୍ଷ୍ୟରେ ରହିଛି। ଅନ୍ୟପଟେ ଭାରତ ତା'ର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ପରେ ଅଷ୍ଟ୍ରେଲିଆକୁ ହରାଇଥିଲେ ମଧ୍ୟ ଧାୱନଙ୍କ ଅନୁପସ୍ଥିତି ଅଧିନାୟକ କୋହଲି ଓ କୋଚ୍ ରବି ଶାସ୍ତ୍ରୀଙ୍କୁ ଚିନ୍ତିତ କରିଛି ଓ ଭିନ୍ନ ରଣନୀତି ଆପଣେଇବାକୁ ବାଧ କରିଛି। ଧାୱନ ଓ ରୋହିତ ମିଳିତ ଭାବେ ଓପନିଂ ଯୋଡିରେ ୪୬୮୧ ରନ ସଂଗ୍ରହ କରିଛନ୍ତି। ତେଣୁ ପ୍ରତିଷ୍ଠ ପାଇଥିବା ଏହି ଓପନିଂ ଯୋଡିର ବିକଳ୍ପ ଖୋଜିବା ନିହାତି କଷ୍ଟକର। ତେବେ ଏହା ଭାରତ ପାଇଁ ପ୍ଲାନ୍ ବି'ର ପରୀକ୍ଷା ନେଇ ସୁଯୋଗ ସୃଷ୍ଟି କରିଛି। ଲୋକେଶ ରାହୁଲ ଇନିଂସ ଓପନ କଲେ ବ୍ୟାଟିଂ କ୍ରମର ୪ ନମ୍ବରରେ ବିଜୟ ଶଙ୍କର କିମ୍ବା ଦୀନେଶ କାର୍ତ୍ତିକଙ୍କୁ ସୁଯୋଗ ମିଳିପାରେ। କାର୍ତ୍ତିକଙ୍କ ନିକଟରେ ଅଭିଜ୍ଞତା ରହିଥିବା ବେଳେ ଶଙ୍କରଙ୍କ ପାଖରେ ଅଲରାଉଣ୍ଡ ପ୍ରଦର୍ଶନ କରିବାର କଳା ରହିଛି। ତେଣୁ ଏହି ଦୁହିଁଙ୍କ ମଧ୍ୟରୁ କିଏ ୪ ନମ୍ବରରେ ବ୍ୟାଟିଂ କରିବ ତାହା ମ୍ୟାଚ୍ ଆରମ୍ଭ ହେବା ପରେ ଜଣା ପଡିବ।

ମେଘୁଆ ପାଗ ହେଲେ ଦ୍ରୁତ ବୋଲର ମହମ୍ମଦ ସାମିଙ୍କ ପାଇଁ ସୁଯୋଗ ସୃଷ୍ଟି ହେବ। ତେବେ ଏଥିପାଇଁ ଦୁଇ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣଙ୍କୁ ବେଞ୍ଚ୍‌ରେ ବସିବାକୁ ପଡିବ। ପୁଣି ଯଦି ଉଭୟ ଶଙ୍କର ଓ କାର୍ତ୍ତିକଙ୍କୁ ଅନ୍ତିମ ଏକାଦଶରେ ସୁଯୋଗ ମିଳେ ତାହେଲେ କେଦାର ଯାଦବଙ୍କୁ ବାହାରେ ବସିବାକୁ ପଡିବ। ତେବେ ପରିସ୍ଥିତି ଅନୁଯାୟୀ କୋହଲି କୋଚ୍ ଶାସ୍ତ୍ରୀଙ୍କ ପରାମର୍ଶ କ୍ରମେ ନିଷ୍ପତ୍ତି ନେବେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଠିକ୍ ନିଷ୍ପତ୍ତି ନେବାରେ ଶାସ୍ତ୍ରୀ ସିଦ୍ଧହସ୍ତ। ବିଶ୍ୱକପ୍ ଏବେ ଦ୍ୱିତୀୟ ସପ୍ତାହରେ ପହଞ୍ଚିଛି। ଗୁରୁବାର ଟ୍ରେଣ୍ଟ ବ୍ରିଜ୍‌ରେ ବଲ୍ ଭଲ ବାଉନ୍ସ ହେଲେ ମଧ୍ୟ ବ୍ୟାଟିଂ ଉପଯୋଗୀ ହେବ ବୋଲି ଆଶା କରାଯାଉଛି।

ତେବେ ଏଭଳି ପରିସ୍ଥିତିରେ ରାହୁଲଙ୍କ ପାଇଁ ଇନିଂସ ଓପନ କରିବା ସେତେଟା ସୁବିଧାଜନକ ହେବ ନାହିଁ। ପ୍ରତିଭାସମ୍ପନ୍ନ ରାହୁଲ କିଭଳି ସୁଯୋଗ ସଦ୍‌ବ୍ୟବହାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଯଦି ରାହୁଲ ଟ୍ରେଣ୍ଟ ବୋଲ୍ଟ ଓ ତାଙ୍କ ସାଥୀ ବୋଲରଙ୍କ ବିପକ୍ଷରେ ଭଲ ପ୍ରଦର୍ଶନ କରି ବଡ଼ ସ୍କୋର ହାସଲ

## ଭାରତକୁ ପାଗ, ଧାୱନଙ୍କ ଇଞ୍ଜୁରି ଚିନ୍ତା

କରନ୍ତି ତାହେଲେ ଅନ୍ୟ ମ୍ୟାଚ୍‌ଗୁଡିକରେ ଭଲ ଖେଳିବା ପାଇଁ ଆତ୍ମବିଶ୍ୱାସ ହାସଲ କରିବେ। ଏହା ହେଲେ ରୋହିତ ଶର୍ମାଙ୍କ ସହ ତାଙ୍କ ଯୋଡି ଜମିବ। ରୋହିତ ପରିସ୍ଥିତି ଅନୁସାରେ ଉପଯୋଗୀ ବ୍ୟାଟିଂ କରି ଭାରତ ପ୍ରଥମ ଦୁଇଟି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ଓ ଏହା ପ୍ରଶଂସନୀୟ। ରୋହିତଙ୍କ ଭଳି ଷ୍ଟ୍ରୋକ୍ ପ୍ଲେୟାର ପାୱାର ପ୍ଲେ'ରେ ଅପେକ୍ଷାକୃତ କମ୍ ରିସ୍କ ନେବା ଉଚିତ ହେବ। ରୋହିତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଶତକ ହାସଲ କରିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷ ଅର୍ଦ୍ଧଶତକ ଅର୍ଜନ କରିଥିଲେ। ରୋହିତ ଓ ରାହୁଲ ଟ୍ରେଣ୍ଟ ବୋଲ୍ଟ ବୋଲିଂରେ ଅସଲି ପରୀକ୍ଷାର ସମ୍ମୁଖୀନ ହେବେ। ଖାସ୍ କରି ଡାହାଣହାତୀ ବ୍ୟାଟ୍ସମ୍ୟାନଙ୍କୁ ବୋଲ୍ଟ ସମସ୍ୟାରେ ପକାଇଥାନ୍ତି।

ଭାରତ ତା'ର ପ୍ରଥମ ଅଭ୍ୟାସ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଥିଲା। ବୋଲ୍ଟ ଭାରତୀୟ ବ୍ୟାଟିଂ ଲାଇନ୍‌ର ବିପର୍ଯ୍ୟୟ ଘଟାଇଥିଲେ। ଇତିମଧ୍ୟରେ ଅଢେଇ ସପ୍ତାହ ବିତିଛି। ବୋଲ୍ଟ ମଧ୍ୟ ସେତେଟା ବଲ୍ ସୁଇଂ କରିପାରିନାହାନ୍ତି। ଯଦିଓ ପ୍ରତିକୂଳ ପରିସ୍ଥିତି ତାଙ୍କ ବୋଲିଂ ଶୈଳୀ ପ୍ରଭାବିତ କରିପାରି ନ ଥାଏ। ତେବେ ମେଘୁଆ ପାଗରୁ ବୋଲ୍ଟ ନିଶ୍ଚିତ ଭାବେ ସହାୟତା ପାଇବେ। ଘଣ୍ଟା ପ୍ରତି ୧୫୦ କି.ମି. ବେଗରେ ବୋଲିଂ କରୁଥିବା ନ୍ୟୁଜିଲାଣ୍ଡର ଅନ୍ୟତମ ଦ୍ରୁତ ବୋଲର ଲୋକି ଫର୍ଗୁସନ ମଧ୍ୟ ଭାରତ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବେ। ଏହି ପିଚ୍‌ରେ ୱେଷ୍ଟଇଣ୍ଡିଜ ବୋଲରମାନେ ଉଭୟ ପାକିସ୍ତାନ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ତେଣୁ ନ୍ୟୁଜିଲାଣ୍ଡ ବୋଲରମାନେ ମଧ୍ୟ ଟ୍ରେଣ୍ଟ ବ୍ରିଜ୍‌ର ଏହି ବାଉନ୍ସି ପିଚ୍‌ରୁ ଫାଇଦା ଉଠାଇବେ ବୋଲି ଆଶା କରାଯାଉଛି। ଟ୍ରେଣ୍ଟ ବ୍ରିଜ୍‌ରେ ବହୁ ସଂଖ୍ୟାରେ ଭାରତୀୟ ଦର୍ଶକ ଉପସ୍ଥିତ ରହି ଟିମ୍ ଇଣ୍ଡିଆକୁ ଉତ୍ସାହିତ କରିବେ। ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା, ଲୋକେଶ ରାହୁଲ, ମହେନ୍ଦ୍ର ସିଂ ଧୋନୀ, ହାର୍ଦ୍ଦିକ ପାଣ୍ଡ୍ୟା, କେଦାର ଯାଦବ, ବିଜୟ ଶଙ୍କର, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ଦୀନେଶ କାର୍ତ୍ତିକ, ରବୀନ୍ଦ୍ର ଜାଡେଜା ଓ ଶିଖର ଧାୱନ।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, ମ୍ୟାଟ ହେନେରୀ, ଟମ୍ ଲାଥମ, କଲିନ ମୁନରୋ, ଜିମି ନିଶାମ, ହେନେରୀ ନିକୋଲ୍ସ, ମିଚେଲ ସାଣ୍ଟନର, ଇଶ୍ ସୋଧୀ, ଟ୍ରେଣ୍ଟ ବୋଲ୍ଟ, କଲିନ୍ ଡି ଗ୍ରାଣ୍ଡହୋମ, ଲୋକି ଫର୍ଗୁସନ, ଟିମ୍ ସାଉଦି, ରସ୍ ଟେଲର ଓ ଟମ୍ ବ୍ଲଣ୍ଡେଲ।

## ପନ୍ତଙ୍କୁ ଡାକରା



ନୂଆଦିଲ୍ଲୀ, ୧୨।୬: ଦିଲ୍ଲୀ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ବୁଧବାର ଇଂଲଣ୍ଡରେ ପହଞ୍ଚିଛନ୍ତି। ତାଙ୍କୁ ବ୍ୟାକ୍‌ଅପ ଖେଳାଳି ଭାବେ ଭାରତୀୟ ଦଳରେ ଯୋଗଦେବା ପାଇଁ ଡାକରା ଦିଆଯାଇଛି ବୋଲି ସୂତ୍ରରୁ ଜଣାପଡ଼ିଛି। ଆହତ ସମସ୍ୟା ଦେଇ ଗତି କରୁଥିବା ଶିଖର ଧାୱନ ଭାରତୀୟ ଦଳରୁ ବାଦ୍ ପଡ଼ିବେ ନାହିଁ। ସେ ଫିଟ୍ ହେବା ପର୍ଯ୍ୟନ୍ତ ଦଳୀୟ ମ୍ୟାନେଜମେଣ୍ଟ ଅପେକ୍ଷା କରିବାକୁ ନିଷ୍ପତ୍ତି ନେଇଛି। ରିଷଭଙ୍କୁ ଅତିରିକ୍ତ ଷ୍ଟାଣ୍ଡବାଇ ଖେଳାଳି ଭାବେ ଡାକରା ଦିଆଯାଇଛି। ପରବର୍ତ୍ତୀ ଭାଗରେ ଯଦି ଧାୱନ ବିଶ୍ୱକପ୍‌ରୁ ବାଦ୍ ପଡ଼ନ୍ତି ତେବେ ପନ୍ତ ସେଠାରେ ଅଭ୍ୟସ୍ତ ହୋଇସାରିଥିବେ। ଏବେ ଖେଳାଳି ବଦଳ ପାଇଁ ଆଇସିସି ଅନୁମତି ଦରକାର ଏବଂ ପନ୍ତ ଶୀଘ୍ର ଭାରତୀୟ ଦଳରେ ଯୋଗଦେବେ ବୋଲି ସୂଚନା ମିଳିଛି। ବାମହାତୀ ବିସ୍ଫୋରକ ବ୍ୟାଟ୍ସମ୍ୟାନ ନଟିଂହାମଠାରେ ଜାତୀୟ ଦଳରେ ଯୋଗଦେବେ ବୋଲି ଆଶା କରାଯାଉଛି। ଯେଉଁଠାରେ ଭାରତୀୟ ଦଳ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ। ଧାୱନ ବିଶ୍ୱକପ୍‌ରୁ ବାଦ୍ ପଡ଼ି ନ ଥିବାରୁ ପନ୍ତ ଭାରତୀୟ ଦଳର ଅଂଶ ହୋଇପାରିବେ ନାହିଁ। ଏଣୁ ଗୁରୁବାର ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଧାୱନଙ୍କ ସ୍ଥାନରେ ଲୋକେଶ ରାହୁଲ ରୋହିତ ଶର୍ମାଙ୍କ ସହ ଓପନିଂ ଭାର ସମ୍ଭାଳିବେ। ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୪ ନଂ କ୍ରମରେ ବ୍ୟାଟିଂ କରିବେ, ଯାହା ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ କରିଥିଲେ। ଦୀନେଶ କାର୍ତ୍ତିକ ନିମ୍ନ କ୍ରମରେ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି।

### ଆଜିର ମ୍ୟାଚ୍

ଭାରତ ବନାମ ନ୍ୟୁଜିଲାଣ୍ଡ

ସ୍ଥାନ: ନଟିଂହାମ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆମୀରଙ୍କୁ ମାଡ଼ ମାରିଥିଲେ ଆଫ୍ରିଦୀ

କରାଚୀ,୧୨।୬(ପିଟି)

ପାକିସ୍ତାନ ଦଳର ପୂର୍ବତନ ଦିନିକିଆ ଅଧିନାୟକ ଶାହିଦ ଆଫ୍ରିଦୀ ମାଡ଼ ମାରିବା ପରେ ମହମ୍ମଦ ଆମୀର ସ୍ପଟ୍ ଫିକ୍ସିଂ ମାମଲାରେ ଜଡ଼ିତ ଥିବା ଦୋଷ ସ୍ୱୀକାର କରିଥିଲେ ବୋଲି ପୂର୍ବତନ ଅଲରାଉଣ୍ଡର ଅବଦୁଲ ରଜାକ କହିଛନ୍ତି। ଆଫ୍ରିଦୀ ମୋତେ ତାଙ୍କ ରୁମରୁ ବାହରକୁ ଯିବାକୁ କହିଥିଲେ। ରୁମ ବାହାରେ ଚାପୁଡା ମାରିବା ଶବ୍ଦ ଶୁଣାଯାଇଥିଲି। ଏହାପରେ ଅମିର ସବୁକିଛି ମୋତେ କହିଥିଲେ ବୋଲି ଏକ ନ୍ୟୁଜ ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ୩୯ ବର୍ଷୀୟ ପୂର୍ବତନ କ୍ରିକେଟର ରଜାକ କହିଛନ୍ତି। ମୋ ମତରେ ସ୍ପଟ୍ ଫିକ୍ସିଂର ତଦନ୍ତ କରିବା ପାଇଁ ଆଇସିସିର ଦ୍ୱାରସ୍ଥ ହେବା ପରିବର୍ତ୍ତେ ପିସିବି ନିଜେ ଏହାର ଭାର ନେବାର ଥିଲା। ଅଭିଯୋଗକୁ ଖଣ୍ଡନ କରୁଥିଲେ ମଧ୍ୟ ପାକିସ୍ତାନ କ୍ରିକେଟ ବୋର୍ଡ ଉକ୍ତ ୩ ଜଣ ଖେଳାଳିଙ୍କୁ ସ୍ୱଦେଶ ଫେରାଇବା ଉଚିତ ଥିଲା। ସେମାନଙ୍କୁ ପିସିବି ବାସନ୍ଦ କରିଥାନ୍ତା। ଏହା ନ କରି ପିସିବି ପାକିସ୍ତାନ କ୍ରିକେଟକୁ ଅନ୍ତର୍ଜାତୀୟ ସ୍ତରରେ ଲୋକହସା କରାଇଥିଲା ବୋଲି ସେ କହିଛନ୍ତି। ଆଇସିସିର ଦୁର୍ନୀତି ବିରୋଧୀ ଟ୍ରିବ୍ୟୁନାଲ ସ୍ପଟ୍ ଫିକ୍ସିଂ ମାମଲାର ତଦନ୍ତ କରିବା ପରେ ଅମିରଙ୍କ ସମେତ ସଲମନ ବଟ ଓ ମହମ୍ମଦ ଆସିଫଙ୍କୁ ୫ ବର୍ଷ ଲାଗି ବାସନ୍ଦ କରିଥିଲେ। ବାସନ୍ଦାଦେଶ ଶେଷ କରିବା ପରେ ସମସ୍ତେ କ୍ରିକେଟକୁ ଫେରିଛନ୍ତି।

# ୱାର୍ନରଙ୍କ ଶତକ: ପାକିସ୍ତାନକୁ ହରାଇଲା ଅଷ୍ଟ୍ରେଲିଆ

ଟଣ୍ଟନ,୧୨।୬(ଏଏଫ୍‌ପି)

ଚଳିତ ବିଶ୍ୱକପ୍‌ର ୧୭ତମ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ୪୧ ରନରେ ପାକିସ୍ତାନକୁ ପରାସ୍ତ କରିଛି। ସ୍ଥାନୀୟ କୁପର ଆସୋସିଏଟ କାଉଣ୍ଟି ଗ୍ରାଉଣ୍ଡରେ ବୁଧବାର ଖେଳାଯାଇଥିବା ମ୍ୟାଚରେ ପାକିସ୍ତାନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ତାରକା ଓପନର ଡେଭିଡ ୱାର୍ନରଙ୍କ ଶତକ ସହ ୪୯ ଓଭରରେ ୩୦୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ପାକିସ୍ତାନ ୪୫.୪ ଓଭରରେ ୨୬୬ ରନ କରି ଅଲଆଉଟ ହୋଇଛି। ଏଥିସହିତ ଅଷ୍ଟ୍ରେଲିଆ ୪ ମ୍ୟାଚ୍ ଖେଳି ୩ ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୬ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠିଛି। ନ୍ୟୁଜିଲାଣ୍ଡ ସମାନ ୬ ପଏଣ୍ଟ ପାଇଥିଲେ ମଧ୍ୟ ଉନ୍ନତ ରନ୍ ରେଟ ଭିତ୍ତିରେ ଶୀର୍ଷ ସ୍ଥାନରେ ରହିଛି। ଅନ୍ୟପଟେ ପାକିସ୍ତାନ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୩ ପଏଣ୍ଟ ପାଇ ଅଷ୍ଟମ ସ୍ଥାନରେ ରହିଛି। ୧୦୭ ରନ(୧୧୧ ବଲ, ୧୧ ଚୌକା, ୧ ଛକା)ର ଶତକୀୟ ପାଳି ଖେଳିଥିବା ୱାର୍ନର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୦୮ ରନ ଟାର୍ଗେଟର ପିଛା କରି ପାକିସ୍ତାନ ଲଢେଇ କରିଥିଲେ ମଧ୍ୟ ନିୟମିତ ଅନ୍ତରରେ ଉଇକେଟ ହରାଇଥିଲା। ଦଳ ତରଫରୁ ଓପନର ଇମାମ ଉଲ-ହକ୍ ସର୍ବାଧିକ ୫୩, ମହମ୍ମଦ ହାଫିଜ ୪୬, ୱାହାବ ରିୟାଜ ୪୫, ଅଧିନାୟକ ସର୍ଫରାଜ ଅହମ୍ମଦ ୪୦, ହାସନ ଅଲି ୩୨ ଓ ବାବର ଆଜମ ୩୦ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ତାରକା ଓପନର ଫାକର ଜମାନ, ଅଭିଜ୍ଞ ସୋଏବ ମଲିକ ଓ ମହମ୍ମଦ ଆମୀର ଖାତା ଖୋଲିପାରି ନ ଥିଲେ। ଅଷ୍ଟମ ଉଇକେଟରେ ରିୟାଜ ଓ ସର୍ଫରାଜ ୬୩ ବଲରୁ ୬୪ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ରିୟାଜ ଆଉଟ ହେବା ପରେ ଶେଷ ଦୁଇଟି ଉଇକେଟର ପତନ ହୋଇଥିଲା। ତୃତୀୟ ଉଇକେଟରେ ହାଫିଜ ଓ ଇମାମ ୮୦ ରନ ସଂଗ୍ରହ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ପ୍ୟାଟ କମିନ୍ସ ୩, ମିଚେଲ ଷ୍ଟାର୍କ ଓ କେନ ରିଚାର୍ଡସନ ଦୁଇଟି ଲେଖାଏ, ନାଥନ କୁଲ୍ଟର- ନାଇଲ ଓ ଫିଞ୍ଚ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ଜବରଦସ୍ତ ଆରମ୍ଭ କରିଥିଲା। ମିଡଲ ଅର୍ଡର ଓ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନ ବିଫଳ ହେବା ଫଳରେ ଅଷ୍ଟ୍ରେଲିଆ ୩୦୭ ରନରେ ସୀମିତ ରହିଥିଲା। ଏକଦା ଅଷ୍ଟ୍ରେଲିଆ ୩୫୦ରୁ ଊର୍ଦ୍ଧ୍ୱ ରନ କରିବ ବୋଲି ଆଶା କରାଯାଉଥିଲା। ତେବେ ମହମ୍ମଦ ଆମୀର ଜବରଦସ୍ତ ପ୍ରଦର୍ଶନ କରି ଅଷ୍ଟ୍ରେଲିଆକୁ ଏହି ସୁଯୋଗ ଦେଇ ନ ଥିଲେ। ପ୍ରଥମ ଉଇକେଟ ଯୋଡିରେ ଦୁଇ ଓପନର ଡେଭିଡ ୱାର୍ନର ଓ ଅଧିନାୟକ ଆରୋନ ଫିଞ୍ଚ୍ ୧୪୬ ରନ ସଂଗ୍ରହ କରିଥିଲେ। ଦଳ ପ୍ରଥମ ୧୦ ଓଭରରେ ୫୦ ରନ କରି ଦେଖିଚାହିଁ ଆରମ୍ଭ କରିଥିଲା। ତେବେ ୮୪ ବଲରୁ ୬ ଚୌକା ଓ ୪ ଛକା ସହ ଫିଞ୍ଚ୍ ୮୨ ରନ କରି ଶତକ ଆଡକୁ ଅଗ୍ରସର ହେଉଥିବା ବେଳେ ଆମୀରଙ୍କ ବଲ୍‌ରେ ହାଫିଜଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଆମୀର ଏହି ବ୍ରେକ ଥ୍ରୁ ଦେବାପରେ ଅଷ୍ଟ୍ରେଲିଆ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇଥିଲା। ସେହିପରି ୱାର୍ନର ୧୧୧ଟି ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୧ ଛକା ସହ ୧୦୭ ରନର ଶତକୀୟ ପାଳି ଖେଳି ଆଉଟ ହୋଇଥିଲେ। ଶାହିନ ଆଫ୍ରିଦିଙ୍କ ବଲ୍‌ରେ ଇମାମ ଉଲ ହକ୍‌ଙ୍କୁ ଡିପ୍ ପଏଣ୍ଟରେ କ୍ୟାଚ୍ ଦେଇ ସେ ପ୍ୟାଭିଲିୟନ ଫେରିଥିଲେ। ଶତକ ହାସଲ କରିବା ସହ ୱାର୍ନର ତାଙ୍କ ସମାଲୋଚକଙ୍କୁ ଚୁପ୍ କରାଇବାରେ ସଫଳ ହୋଇଛନ୍ତି। ଏହି ଦୁଇ ବ୍ୟାଟ୍ସମ୍ୟାନଙ୍କୁ ବାଦ୍ ଦେଲେ ବାକି ସମସ୍ତେ ବିଫଳ ହୋଇଥିଲେ। ଏହି କ୍ରମରେ ଷ୍ଟିଭେନ ସ୍ମିଥ୍ ୧୦, ଗ୍ଲେନ ମ୍ୟାକ୍ସୱେଲ ୧୦ ବଲରୁ ୨୦, ଶନ ମାର୍ଶ ୨୩, ଉସ୍‌ମାନ ଖ୍ୱାଜା ୧୮ ଓ ଉଇକେଟକିପର ଆଲେକ୍ସ କାରୀ ୨୦ ରନ କରି ପ୍ୟାଭିଲିୟନ ଫେରିଥିଲେ। ନିମ୍ନକ୍ରମର ୪ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ନାଥନ କୁଲ୍ଟର- ନାଇଲ ୨, ପ୍ୟାଟ କମିନ୍ସ ୨, ମିଚେଲ ଷ୍ଟାର୍କ ୩ ରନ କରି ଆଉଟ ହୋଇଥିବା ବେଳେ କେନ୍ ରିଚାର୍ଡସନ ୧ ରନ କରି ଅପରାଜିତ ରହିଥିଲେ। ଆମୀର ଜବରଦସ୍ତ ବୋଲିଂ କରି ଅଷ୍ଟ୍ରେଲିଆର ବିପର୍ଯ୍ୟୟ ଘଟାଇଥିଲେ। ତେବେ ଏହା ସତ୍ତ୍ୱେ ଅଷ୍ଟ୍ରେଲିଆକୁ ୩୦୦ ରନ ପାର କରିବାରେ ରୋକି ପାରି ନ ଥିଲେ। ଆମୀର ୧୦ ଓଭର ବୋଲିଂ କରି ୨ ମେଡେନ ନେବା ସହ ମାତ୍ର ୩୦ ରନ ବ୍ୟୟ କରି ୫ ଉଇକେଟ ହାସଲ କରିଥିଲେ।



### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ୪୯ ଓଭରରେ ୩୦୭ ଅଲଆଉଟ୍ (ୱାର୍ନର- ୧୦୭, ଫିଞ୍ଚ୍- ୮୨, ଆମୀର- ୫/୩୦, ଆଫ୍ରିଦି- ୨/୭୦)।

ପାକିସ୍ତାନ ୪୫.୪ ଓଭରରେ ୨୬୬ ଅଲଆଉଟ (ଇମାମ- ୫୩, ହାଫିଜ- ୪୬, ରିୟାଜ- ୪୫, ସର୍ଫରାଜ- ୪୦, କମିନ୍ସ- ୩/୩୩, ଷ୍ଟାର୍କ- ୨/୪୩, ରିଚାର୍ଡସନ- ୨/୬୨)।

## 'ମୋତେ ପ୍ରସ୍ତୁତ ରହିବାକୁ କହିଛନ୍ତି ଶାସ୍ତ୍ରୀ'

ନୂଆଦିଲ୍ଲୀ,୧୨।୬

ନେଟ୍ସ ବୋଲର ଦାୟିତ୍ୱ ଶେଷ କରିଥିବା ପେସର ଦୀପକ ଚହର ଇଂଲଣ୍ଡରୁ ଫେରିବା ପୂର୍ବରୁ ସେ କୋଚ୍ ରବି ଶାସ୍ତ୍ରୀଙ୍କ ସମେତ ସମସ୍ତ ଖେଳାଳିଙ୍କୁ ଭେଟିଥିଲେ। ମୁଁ ଇଂଲଣ୍ଡ ଛାଡ଼ିବା ପୂର୍ବରୁ ସଭିଙ୍କୁ ଭେଟିଥିଲି। ମୋତେ ଦଳୀୟ କୋଚ୍ ଶାସ୍ତ୍ରୀ ପ୍ରଶଂସା କରିବା ସହ ମୋ କାର୍ଯ୍ୟରେ ଖୁସି ପ୍ରକାଶ କରିଥିଲେ। ଆଉ ସେ ମୋତେ ପ୍ରସ୍ତୁତ ରହିବାକୁ କହିଛନ୍ତି। ଯଦି କୌଣସି ବୋଲର ଆଘାତ ପାଆନ୍ତି, ତେବେ ମୋତେ ଡାକରା ଦିଆଯିବ ବୋଲି ଚହର କହିଛନ୍ତି। ତାଙ୍କ ସମେତ ଖଲିଲ ଅହମ୍ମଦ, ନବଦୀପ ସଇନି ଓ ଅଭେଷ ଖାନ୍‌ଙ୍କୁ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ନେଟ୍ସରେ ବୋଲିଂ କରିବା ଲାଗି ଚୟନ କରାଯାଇଥିଲା।

## 'ଭାରତ' ମୁଭି ଦେଖିଲେ ଟିମ୍ ଇଣ୍ଡିଆ ସଦସ୍ୟ



'ଭାରତ' ମୁଭି ଦେଖିବାକୁ ଯାଇଥିବା ଭାରତୀୟ କ୍ରିକେଟ ଦଳର ଖେଳାଳିମାନେ।

ଟ୍ରେଣ୍ଟ ବ୍ରିଜ୍,୧୨।୬

ଇଂଲଣ୍ଡରେ ଚାଲିଥିବା ବିଶ୍ୱକପ୍‌ରୁ ବ୍ରେକ୍ ନେଇ ଭାରତୀୟ କ୍ରିକେଟ ଦଳର ସଦସ୍ୟମାନେ ସୁପରଷ୍ଟାର ସଲମାନ ଖାଁଙ୍କ ଅଭିନୀତ ଭାରତ ସିନେମା ଦେଖିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ ଓ କେଦାର ଯାଦବଙ୍କ ସମେତ ଅନ୍ୟ ଖେଳାଳିମାନେ ଏହି ସିନେମାକୁ ଦେଖି ବେଶ୍ ଆମୋଦିତ ହୋଇଛନ୍ତି। କେଦାର ଟୁଇଟରରେ ଏନେଇ ଏକ ଗ୍ରୁପ୍ ଫଟୋ ଶେୟାର କରିଛନ୍ତି। ସଲମାନ ମଧ୍ୟ ଏହାର ଜବାବ ରଖିଛନ୍ତି। ଆପଣମାନେ ଏହି ସିନେମା ଦେଖିଥିବାରୁ ଧନ୍ୟବାଦ ଜଣାଉଛି ବୋଲି ସଲମାନ ଟୁଇଟରରେ ଉଲ୍ଲେଖ କରିଛନ୍ତି। ଭାରତ ଗୁରୁବାର ନ୍ୟୁଜିଲାଣ୍ଡ ଓ ରବିବାର ପାକିସ୍ତାନକୁ ଭେଟିବ।

# ବର୍ଷାକୁ ନେଇ ଆଇସିସିର ମୁଣ୍ଡବ୍ୟଥା

**ସୌରଭ ଗାଙ୍ଗୁଲି**

ବ୍ରିଟେନରେ ଗ୍ରୀଷ୍ମ ଏପର୍ଯ୍ୟନ୍ତ ପହଞ୍ଚିନାହିଁ। କିନ୍ତୁ ଗତ ଦୁଇଦିନ ହେବ ଏଠାରେ ପ୍ରବଳ ବର୍ଷା ହୋଇଛି। ଯାହା ଫଳରେ ତାପମାତ୍ରାରେ ଅବନତି ହୋଇଛି। ପର୍ଯ୍ୟଟକଙ୍କ ପାଇଁ ଏହା ଏକ ବଡ଼ ଉପଶମ ସାବ୍ୟସ୍ତ ହୋଇଛି। ତେବେ ବର୍ଷା କାରଣରୁ ଦୁଇଟି ମ୍ୟାଚ୍ ବାତିଲ ହୋଇଛି। ଏହା ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ଏଥିପାଇଁ ରିଜର୍ଭ ଡେ' ନେଇ ଦାବି ଜୋର ଧରିଛି। ତେବେ ବିଶ୍ୱକପ୍ ଭଳି ଲମ୍ବା ଟୁର୍ନାମେଣ୍ଟରେ ଆଇସିସି ରିଜର୍ଭ ଡେ ଲାଗୁ କରିବ ବୋଲି ମୁଁ ଆଦୌ ନିଶ୍ଚିତ ନୁହଁ। ଗୁରୁବାର ଭାରତ ତା'ର ତୃତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବାକୁ ଯାଉଛି। ତେଣୁ ଏଭଳି ସ୍ଥିତିରେ ଆଇସିସିର ଚିନ୍ତା ଆହୁରି ବଢିବ। କାରଣ ଭାରତର ମ୍ୟାଚ୍ ଯେକୌଣସି ଟୁର୍ନାମେଣ୍ଟ ପାଇଁ ଭିନ୍ନ ତଥା ଅଧିକ ଗୁରୁତ୍ୱ ବହନ କରିଥାଏ। ଏହି ମ୍ୟାଚ୍ ପାଇଁ ସବୁ ଟିକେଟ ବିକ୍ରି ସରିଛି। ତେଣୁ ଏଭଳି ସ୍ଥିତିରେ ମ୍ୟାଚ୍ ବାତିଲ ହେଲେ ବହୁ ପରିମାଣରେ ଅର୍ଥିକ କ୍ଷତି ହେବା ସଙ୍ଗେ ସଙ୍ଗେ ଏକ ଉଚ୍ଚକୋଟୀର ମ୍ୟାଚ୍ ଦେଖିବାରୁ ପ୍ରଶଂସକ ବଞ୍ଚିତ ହେବେ।

ବର୍ଷା ଯୋଗୁ ଗୋଟିଏ ପରେ ଗୋଟିଏ ମ୍ୟାଚ୍ ବାତିଲ ହେଉଥିବା ବେଳେ ଯୁବରାଜ ସିଂ ସବୁପ୍ରକାର ଆନ୍ତର୍ଜାତିକ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଏଥି ସହିତ ଯୁବିଙ୍କ ଚମତ୍କାର କ୍ୟାରିୟରର ଅନ୍ତ ଘଟିଛି। ହ୍ୱାଇଟ୍ ବଲ୍ ଫର୍ମାଟରେ ଯୁବି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରୁ ଅନ୍ୟତମ ବିବେଚି ହୁଅନ୍ତି। ସେ ଜଣେ ଶତପ୍ରତିଶତ ମ୍ୟାଚ୍ ୱିନର। ଦେଶ ପାଇଁ ସେ ଯାହା କରିଛନ୍ତି ତାକୁ ନେଇ ସେ ଖୁସି ହେବା ଉଚିତ। କେବଳ କ୍ରିକେଟ ପଡିଆରେ ନୁହଁ ସେ ଜୀବନ ଯୁଦ୍ଧରେ ମଧ୍ୟ ଜଣେ ବିଜେତା। କ୍ୟାନସରକୁ ପରାଜିତ କରି ସେ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଓ ସଫଳ ମଧ୍ୟ ହୋଇଥିଲେ। ଏହ ତାଙ୍କ ଲଢୁଆ ମନୋବୃତ୍ତିର ପରିଚୟ ଦେଇଛି।







ଗତ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ଭାରତ ଜବରଦସ୍ତ ପ୍ରଦର୍ଶନ କରିଥିଲା। ବୃହତ୍ ବ୍ୟବଧାନରେ ଭାରତ ଏହି ଡିଫେଣ୍ଡିଂ ଚାମ୍ପିୟନକୁ ପରାସ୍ତ କରିଥିଲା। ଭାରତର ବ୍ୟାଟିଂ ଦମ୍‌ଦାର ଥିଲା। ବିରାଟ କୋହଲିଙ୍କ ନେତୃତ୍ୱ ମଧ୍ୟ ଚମତ୍କାର ଥିଲା। ପୂର୍ବାପେକ୍ଷା ଭାରତ ଏହି ମ୍ୟାଚ୍‌ରେ ଆହୁରି ଶକ୍ତିଶାଳୀ ମନେହେଉଥିଲା। ଶିଖର ଧାୱନ ପୁଣି ଥରେ ଦିନିକିଆ ତାଙ୍କ ଦକ୍ଷତାର ପ୍ରମାଣ ଦେଇଥିଲେ। ଆଘାତ ସମସ୍ୟା କାରଣରୁ ସେ ଏବେ କେତୋଟି ମ୍ୟାଚ୍‌ରୁ ବାଦ୍ ପଡିବେ। ତାଙ୍କ ସ୍ଥାନ ନେବା କଷ୍ଟକର। ଲୋକେଶ ରାହୁଲ ତାଙ୍କ ସ୍ଥାନରେ ଇନିଂସ ଓପନ୍ କରିବେ। ଫଳରେ ବିଜୟ ଶଙ୍କର କିମ୍ବା ଦୀନେଶ କାର୍ତ୍ତିକ ମିଡଲ ଅର୍ଡରରେ ବ୍ୟାଟିଂ କରିବେ। ତେବେ ୪ ନମ୍ବରରେ ଶଙ୍କର ବ୍ୟାଟିଂ କରିବା ଉଚିତ ବୋଲି ମୋର ମତ।

ନଟିଂହାମଠାରୁ ଟ୍ରେଣ୍ଟ ବ୍ରିଜ୍‌ର ପରିବେଶ ଟିକେ ଭିନ୍ନ। ମେଘୁଆ ପାଗ ନ୍ୟୁଜିଲାଣ୍ଡ ପାଇଁ ସୁବିଧାଜନକ ସ୍ଥିତି ସୃଷ୍ଟି କରିବ। ବର୍ଷା ହେଲେ ପିଚ୍ ଜୀବିତ ରହିବ। ଫଳରେ ନ୍ୟୁଜିଲାଣ୍ଡ ଦ୍ରୁତ ବୋଲରମାନେ ଫାଇଦା ଉଠାଇପାରିବେ। ବିଶ୍ୱକପ୍ ପୂର୍ବରୁ ଅଭ୍ୟାସ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଜବରଦସ୍ତ ବୋଲିଂ କରି ଭାରତକୁ ଚକ୍‌ମା ଦେଇଥିଲା। ଯଦି କେନ୍ ୱିଲିୟମସନ ଟସ୍ ଜିତନ୍ତି ତାହେଲେ ପ୍ରଥମେ ବୋଲିଂ କରିବାକୁ ପସନ୍ଦ କରିବେ। ଧାୱନଙ୍କୁ ବାଦ ଦେଲେ ଭାରତୀୟ ଦଳରେ ଆଉ କୌଣସି ପରିବର୍ତ୍ତନ ହେବନାହିଁ। ଟସ୍ ଜିତିବା କିମ୍ବା ହାରିବା ଭାରତ ପାଇଁ ସେତେଟା ଫରକ ଆଣିବ ନାହିଁ। ସବୁ ପ୍ରକାର ପରିସ୍ଥିତିରେ ଭାରତ ବିଜୟୀ ହେବାକୁ ଚାହିଁବ। ମହମ୍ମଦ ସାମିଙ୍କ ବଦଳରେ ଭୁବନେଶ୍ୱର କୁମାରଙ୍କୁ ଦଳରେ ସାମିଲ କରି ଭାରତ ସାହସିକତାର ପରିଚୟ ଦେଇଛି। ଭୁବନେଶ୍ୱର ମଧ୍ୟ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ନିଜର ଖେଳକୁ ନେଇ ନିଜର ଜବରଦସ୍ତ ଆଭିମୁଖ୍ୟ ଭୁବନେଶ୍ୱରଙ୍କୁ ଜଣେ ଉନ୍ନତ ଖେଳାଳି ରୂପେ ଗଢି ତୋଳିଛି।

(ଗେମ୍ ପ୍ଲାନ୍)


ଧରିତ୍ରୀ
DHARITRI
ରାୟଗଡା, ଗୁରୁବାର, ୧୩ ଜୁନ, ୨୦୧୯





“ ଶିଖର ଧାୱନଙ୍କ ଅନୁପସ୍ଥିତିରେ ଯଦି ଲୋକେଶ ରାହୁଲ ଓପନିଂ ବ୍ୟାଟିଂ କରନ୍ତି ତେବେ ଦଳର ବାଲାନ୍ସ ସଜାଡ଼ିବାରେ ସହାୟକ ହେବ।

–ସଞ୍ଜୟ ବାଙ୍ଗର, ଭାରତୀୟ କ୍ରିକେଟ୍ ଦଳର ସହାୟକ କୋଚ



“ ବର୍ତ୍ତମାନ ସମୟରେ ହାର୍ଦ୍ଦିକ ପାଣ୍ଡ୍ୟା ଜଣେ ବ୍ୟାଟିଂ ଅଲ୍‌ରାଉଣ୍ଡର। ଆଶା କରୁଛି ଆଗକୁ ସେ ବୋଲିଂରେ ମଧ୍ୟ ଉନ୍ନତି ଆଣିବେ।

–କପିଳ ଦେବ, ପ୍ରାକ୍ତନ ଭାରତୀୟ ଅଧିନାୟକ

## କଳିଙ୍ଗ କର୍ନର

### ନର୍ଥ ଷ୍ଟାଣ୍ଡରେ ଭାରତୀୟ ଖେଳାଳି

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)- କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଜାପାନ-ପୋଲାଣ୍ଡ ମ୍ୟାଚ ଅବସରରେ ଦର୍ଶକ ମରୁଡ଼ି ପରିଲକ୍ଷିତ ହୋଇଥିଲା। ତେବେ ନର୍ଥ ଷ୍ଟାଣ୍ଡରେ ଭାରତୀୟ ହକି ଦଳର ଖେଳାଳିମାନେ ଉପସ୍ଥିତ ରହି ମ୍ୟାଚ ଉପଭୋଗ କରିଥିଲେ। ଭାରତୀୟ ଖେଳାଳିମାନେ ଉପସ୍ଥିତ ରହିବାର କାରଣ ମଧ୍ୟ ରହିଥିଲା। କାରଣ ଜାପାନ-ପୋଲାଣ୍ଡ ମ୍ୟାଚର ବିଜେତା ସେମିଫାଇନାଲରେ ଭାରତକୁ ଭେଟିବା ସ୍ଥିର ହୋଇ ସାରିଥିଲା। ତେଣୁ ଭାରତୀୟ ଖେଳାଳିମାନେ ପ୍ରତିପକ୍ଷ ଦଳର ଖେଳ ଷ୍ଟାଇଲ୍ ଏବଂ ରଣନୀତି ସହିତ ପରିଚିତ ହେବାପାଇଁ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ମ୍ୟାଚ ଶେଷରେ ଜାପାନ ୬-୨ ଗୋଲରେ ବିଜୟୀ ହୋଇ ସେମିଫାଇନାଲରେ ଭାରତକୁ ଭେଟିବା ପଥ ପରିଷ୍କାର କରିଥିଲା। ମ୍ୟାଚ ଶେଷ ହେବାପରେ ଭାରତୀୟ ଖେଳାଳିମାନେ ନର୍ଥଷ୍ଟାଣ୍ଡ ଛାଡ଼ି ଚାଲିଯାଇଥିବା ପରିଲକ୍ଷିତ ହୋଇଥିଲା।



ଜାପାନ-ପୋଲାଣ୍ଡ ମ୍ୟାଚ୍‌ରେ ଅତିଥି ଭାବେ ଯୋଗ ଦେଇଥିବା ଦେବାଶିଷ ମହାନ୍ତି।

# ଭାରତ-ଜାପାନ ସେମିଫାଇନାଲ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଭାରତ ସେମିଫାଇନାଲରେ ଏସୀୟ ଚାମ୍ପିୟନ ଜାପାନକୁ ଭେଟିବ। ବୁଧବାର ଅନୁଷ୍ଠିତ ପ୍ରଥମ କ୍ରସ୍ ଓଭର ମ୍ୟାଚ୍ ପରେ ଏହା ସ୍ପଷ୍ଟ ହୋଇଛି। ଏହି ମ୍ୟାଚରେ ଜାପାନ ୬-୨ ଗୋଲରେ ପୋଲାଣ୍ଡକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଆଗାମୀ ୧୪ରେ ସେମିଫାଇନାଲ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ପୋଲାଣ୍ଡ ସେହିଦିନ ୫ମ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବ। ପୂର୍ବରୁ ଭାରତ ଗ୍ରୁପ ପର୍ଯ୍ୟାୟରେ ସମସ୍ତ ୩ଟି ଯାକ ମ୍ୟାଚ ଜିତି ୯ ପଏଣ୍ଟ ସହ ପୁଲ୍ 'ଏ'ରୁ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଥିଲା।

ଏଠାରେ ଜାପାନ ବିପକ୍ଷରେ ପୋଲାଣ୍ଡ ଭଲ ଆରମ୍ଭ କରିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଦଳ ୭ମ ମିନିଟରେ ଏକ ଗୋଲ ଦେଇ ପ୍ରତିପକ୍ଷ ଜାପାନ ଉପରେ ଚାପ ପ୍ରୟୋଗ କରିଥିଲା। ମିକୋଲାଜ୍ ଗୁମ୍‌ନି ଏହି ଫିଲ୍ଡ ଗୋଲଟି ଦେଇଥିଲେ। ପ୍ରଥମ କ୍ୱାର୍ଟରରେ ଅଗ୍ରଣୀ ରହିବାପରେ ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ମଧ୍ୟ ପୋଲାଣ୍ଡର ପ୍ରଭାବୀ ପ୍ରଦର୍ଶନ ଜାରି ରହିଥିଲା। ମାତ୍ର ଗୋଲ ପରିଶୋଧ ଚକ୍କରରେ ଥିବା ଜାପାନ ସୁଯୋଗ ଅପେକ୍ଷାରେ ଥିଲା। ୨୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଜାପାନର ଶୋତା ୟାମାଦା ଗୋଲରେ ପରିଣତ କରିବାରୁ ମ୍ୟାଚ ୧-୧ ସମାନ ସ୍ତରକୁ ଚାଲି ଆସିଥିଲା। ୨ ମିନିଟ ଅନ୍ତରରେ ଜାପାନ ଲଗାତର ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ହିରୋତକା ଜେଣ୍ଟାନା ଏହାକୁ ଗୋଲରେ ପରିଣତ କରିବାରୁ ଜାପାନ ୨-୧ରେ ଅଗ୍ରଣୀ ନେଇ ଯାଇଥିଲା। ମାତ୍ର ୨୬ତମ ମିନିଟରେ ପୋଲାଣ୍ଡର ମାଟେଉଜ୍ ହୁଲବୋଜ ଫିଲ୍ଡ ଗୋଲ ସ୍କୋର କରିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୨-୨ ସ୍ଥିତିକୁ ଚାଲିଆସିଥିଲା।

ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଭିନ୍ନ ଖେଳ ଦେଖାଇଥିଲା ଜାପାନ। ତୃତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୩୪ତମ ମିନିଟରେ ପେନାଲ୍ଟି କର୍ନରରୁ କେନ୍‌ତା ତନକା ଏବଂ ୩୬ତମ ମିନିଟରେ କୋଜି ୟାମାସାକି ଗୋଲ ଦେବାରୁ ଜାପାନ ୪-୨ରେ ଅଗ୍ରଣୀ ଲାଭ କରିଥିଲା। ଏହି ୨ ଗୋଲ ବରଣ ପରେ ଚାପକୁ ଚାଲି ଆସିଥିଲା ପୋଲାଣ୍ଡ। ଫଳରେ ଖେଳର ଅବଶିଷ୍ଟ ସମୟରେ ଦଳ ସ୍ୱାଭାବିକ ପ୍ରଦର୍ଶନ କରିପାରି ନ ଥିଲା। ଏହାର ସୁଯୋଗ ନେଇ ୪ର୍ଥ କ୍ୱାର୍ଟରରେ ଅର୍ଥାତ୍ ମ୍ୟାଚର ୪୭ତମ ମିନିଟରେ କେନ୍‌ଜି କିତାଜାତୋ ଏକ ଫିଲ୍ଡ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ପୋଲାଣ୍ଡର ଦୁର୍ଦ୍ଦଶା ଏତିକିରେ ସରି ନ ଥିଲା। ମ୍ୟାଚ ସରିବାର ଅଳ୍ପକିଛି କ୍ଷଣ ପୂର୍ବରୁ ୬୦ତମ ମିନିଟରେ କୋଜି ବ୍ୟକ୍ତିଗତ ଏବଂ ଦଳ ପକ୍ଷରୁ ୬ଷ୍ଠ ଗୋଲଟି ସ୍କୋର କରିଥିଲେ। ମ୍ୟାଚ ଆରମ୍ଭରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପର୍ଣ୍ଣ କ୍ରିକେଟର ଦେବାଶିଷ ମହାନ୍ତି ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଜାପାନର କାଜୁମା ମୁରାତା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଜାପାନ-ପୋଲାଣ୍ଡ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚ୍।

**ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ**

**ଜୁନ୍ ୧୪ର କାର୍ଯ୍ୟସୂଚୀ**

- ପୋଲାଣ୍ଡ ବନାମ ରୁଷିଆ (୫-୬ ପ୍ଲେସିଂ ମ୍ୟାଚ) ସକାଳ ୮ଟା ୪୫
- ଭାରତ ବନାମ ଜାପାନ (ପ୍ରଥମ ସେମିଫାଇନାଲ) ସମୟ: ଅପରାହ୍ନ ୫ଟା
- ଆମେରିକା ବନାମ ଦକ୍ଷିଣ ଆଫ୍ରିକା (ଦ୍ୱିତୀୟ ସେମିଫାଇନାଲ) ସମୟ: ରାତି ୭ଟା ୧୫

**ସ୍ଥାନ: କଳିଙ୍ଗ ଷ୍ଟାଡିୟମ**

## ବିଜୟ ସହ ମେକ୍ସିକୋ ୭ମ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଶେଷ କରିଛି ମେକ୍ସିକୋ। ଯୁବ ମେକ୍ସିକୋ ଦଳ ବୁଧବାର ଅନୁଷ୍ଠିତ ପ୍ଲେସିଂ ମ୍ୟାଚରେ ଉଜ୍‌ବେକିସ୍ତାନକୁ ୪-୩ ଗୋଲରେ ହରାଇ ୭ମ ସ୍ଥାନ ଅଧିକାର କରିଛି। ଗ୍ରୁପ ପର୍ଯ୍ୟାୟରେ ୩ଟି ଯାକ ମ୍ୟାଚରେ ପରାଜିତ ହୋଇଥିବା ମେକ୍ସିକୋ ଶେଷରେ ସମ୍ମାନର ସହ ସ୍ୱଦେଶ ଫେରିଛି। ଅନ୍ୟପକ୍ଷରେ ସମସ୍ତ ୪ ମ୍ୟାଚ୍ ପରାଜୟ ସହ ଉଜ୍‌ବେକିସ୍ତାନ ଏହାର ଅଭିଯାନ ଶେଷ କରିଛି।

ମେକ୍ସିକୋ-ଉଜ୍‌ବେକିସ୍ତାନ ମ୍ୟାଚ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଉଭୟ ଦଳ ଏକାଧିକ ସୁଯୋଗ ପାଇଥିଲେ ହେଁ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ କଡ଼ା ଟକ୍କର ହୋଇଥିଲା। ତେବେ ଏହାର ଶେଷଭାଗରେ ଅର୍ଥାତ୍ ୨ ମିନିଟ ମଧ୍ୟରେ ୨ଟି ଗୋଲ ଦେଇ ମେକ୍ସିକୋ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ୨-୦ ଗୋଲରେ ଅଗ୍ରଣୀ ହାସଲ କରିଥିଲା। ୨୯ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ମାକ୍ସିମିଲିଆନୋ ମେଣ୍ଡେଜ ଗୋଲରେ ପରିଣତ କରିଥିବାବେଳେ ୩୦ତମ ମିନିଟରେ ଆଲେକଜାଣ୍ଡର ପାଲ୍‌ମା ଫିଲ୍ଡ ଗୋଲ ଦେଇ ଉଜ୍‌ବେକିସ୍ତାନ ଉପରେ ଚାପ ପ୍ରୟୋଗ କରିଥିଲେ।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଗୋଲ ପରିଶୋଧ ଚକ୍କରରେ ରହିଥିଲା ଉଜ୍‌ବେକିସ୍ତାନ। ତୃତୀୟ କ୍ୱାର୍ଟରେ ଶେଷଭାଗରେ ୩ ମିନିଟ ମଧ୍ୟରେ ୩ ଗୋଲ ଦେଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା ଏହି ଦଳ। ଉଜ୍‌ବେକିସ୍ତାନ ପକ୍ଷରୁ ୪୧ତମ ମିନିଟରେ ଗୟବୁଲୋ ଖ୍ୟାତବୋୟେଭ ଓ ୪୨ତମ ମିନିଟରେ ଓଖୁନଜନ ମିର୍ଜାକରିମୋଭ ଗୋଟିଏ ଲେଖାଏ ଫିଲ୍ଡ ଗୋଲ ଦେଇ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ୪୪ତମ ମିନିଟରେ ମେକ୍ସିକୋ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ଯୋଗୁ ଉଜ୍‌ବେକିସ୍ତାନକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ରୁସଲାନ ସାତ୍‌ଲିକୋଭ ଏହାକୁ ଗୋଲରେ ପରିଣତ କରିବାରୁ ୩ୟ କ୍ୱାର୍ଟର ଶେଷସୁଦ୍ଧା ଉଜ୍‌ବେକିସ୍ତାନ ୩-୨ରେ ଅଗ୍ରଣୀ ହୋଇଥିଲା। ଅନ୍ତିମ କ୍ୱାର୍ଟରରେ କଡ଼ା ସଂଘର୍ଷ ହୋଇଥିବାବେଳେ ଭାଗ୍ୟ ମେକ୍ସିକୋ ସପକ୍ଷରେ ରହିଥିଲା। ୫୪ତମ ମିନିଟରେ ମିଳିଥିବା ପେନାଲ୍ଟି ଷ୍ଟ୍ରୋକ୍‌କୁ ଗୋଲରେ ପରିଣତ କରି ୟାମିଲ ମେଣ୍ଡେଜ ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମ୍ୟାଚ ଶେଷ ହେବାର ୧ ମିନିଟ ପୂର୍ବରୁ ମେକ୍ସିକୋ ଏକ ପେନାଲ୍ଟି କର୍ନର ପାଇଥିଲା। ଏହି ସୁବର୍ଣ୍ଣ ସୁଯୋଗର ଭରପୂର ସଦ୍‌ବ୍ୟବହାର କରି ଅଧିନାୟକ ରୋବେର୍ଟୋ ଗାର୍ସିଆ ଗୋଲ ଦେବାରୁ ମେକ୍ସିକୋ ବିଜୟ ପଥ ପରିଷ୍କାର ହୋଇଥିଲା। ମେକ୍ସିକୋ ଏକ ଯୁବ ଦଳ। ତେଣୁ ପ୍ରତିଯୋଗିତାରୁ ଅଭିଜ୍ଞତା ହାସଲ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ଟୁର୍ନାମେଣ୍ଟ ପୂର୍ବରୁ ପ୍ରକାଶ କରିଥିଲେ ଦଳର ମୁଖ୍ୟ କୋଚ୍ ହେକ୍ଟର ଟାଭିରା। ଶେଷରେ ଦଳ ବିଜୟୀ ହେବାସହ ନିଜ ଲକ୍ଷ୍ୟରେ ସଫଳ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି।





**ଖୁସି ଓ ଦୁଃଖର ସମାହାରଃ** କଳିଙ୍ଗ ଷ୍ଟାଡିୟମରେ ବୁଧବାର ଏଫଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଦ୍ୱିତୀୟ କ୍ରସ୍ ଓଭର ମ୍ୟାଚ ପରେ ବିଜୟୀ ଦକ୍ଷିଣ ଆଫ୍ରିକା ଓ ପରାଜିତ ରୁଷିଆ ଖେଳାଳିମାନେ ପଡ଼ିଆରେ ଶୋଇରହି ନିଜ ନିଜର ଭାବ ପ୍ରକାଶ କରୁଛନ୍ତି।

## ଅତ୍ୟଧିକ ଗରମ ଯୋଗୁ ସମୟରେ ପରିବର୍ତ୍ତନ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)- କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ସମୟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଅତ୍ୟଧିକ ଗରମ ଯୋଗୁ ଶୁକ୍ରବାର ୫ମ ସ୍ଥାନ ପାଇଁ ହେବାକୁଥିବା ପ୍ଲେସିଂ ମ୍ୟାଚକୁ ସକାଳ ୮ଟାରେ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି। ପୂର୍ବରୁ ସକାଳ ମ୍ୟାଚ ଗୁଡ଼ିକ ୮ଟା ୪୫ରେ ଆରମ୍ଭ ହେଉଥିଲା। ଏହା ଏକ ଏଫ୍‌ଆଇଏଚ୍(ଅନ୍ତର୍ଜାତୀୟ ହକି ଫେଡେରେଶନ) ମ୍ୟାଚ ହୋଇଥିବାରୁ ଏଥିରେ ଖେଳାଳି, ଦର୍ଶକ, ଭଲ୍ୟୁଣ୍ଟର ଏବଂ ଅଫିସିଆଲମାନେ ସାମିଲ ଥିବାରୁ ବ୍ରଡ୍‌କାଷ୍ଟ ଏବଂ କମର୍ସିଆଲ ପାର୍ଟନରଙ୍କ ସହ ଆଲୋଚନା ପରେ ହକି ଇଣ୍ଡିଆ ଏପରି ନିଷ୍ପତ୍ତି ନେଇଛି।

## ରୁଷିଆ ବିଦା, ଦକ୍ଷିଣ ଆଫ୍ରିକା ସେମିରେ

ଭୁବନେଶ୍ୱର, ୧୨।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଆମେରିକା ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ୧୪ ତାରିଖରେ ଏହି ମ୍ୟାଚ ଅନୁଷ୍ଠିତ ହେବ। ବୁଧବାର ଅନୁଷ୍ଠିତ ଦ୍ୱିତୀୟ କ୍ରସ୍ ଓଭର ମ୍ୟାଚ ପରେ ଏହା ସ୍ପଷ୍ଟ ହୋଇଛି। ଏହି ମ୍ୟାଚରେ ଦକ୍ଷିଣ ଆଫ୍ରିକା ୨-୧ ଗୋଲରେ ରୁଷିଆକୁ ପରାସ୍ତ କରିଛି। ପୁଲ୍ ପର୍ଯ୍ୟାୟରେ ଖରାପ ଖେଳିଥିଲେ ହେଁ ଗୋଟିଏ ବିଜୟ ସହ କ୍ରସ୍ ଓଭରକୁ ଆସିଥିବା ଦକ୍ଷିଣ ଆଫ୍ରିକା ଭାଗ୍ୟ ସାଥ୍ ବଳରେ ପ୍ରତିଯୋଗିତାର ସେମିଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ଅନ୍ୟପକ୍ଷରେ ରୁଷିଆର ଅଭିଯାନ କ୍ରସ୍ ଓଭରରୁ ଶେଷ ହୋଇଛି। ଏହି ଦଳ ୧୪ରେ ପୋଲାଣ୍ଡ ସହ ୫-୬ ସ୍ଥାନ ପାଇଁ ପ୍ଲେସିଂ ମ୍ୟାଚ ଖେଳିବ।

ରୁଷିଆ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଗ୍ରୁପ ପର୍ଯ୍ୟାୟରେ ଅପେକ୍ଷାକୃତ ଭଲ ଖେଳି ରୁଷିଆ କ୍ରସ୍ ଓଭରକୁ ଆସିଥିଲେ ହେଁ କଡ଼ା ଟକ୍କର ଦେଇଥିଲା ଦକ୍ଷିଣ ଆଫ୍ରିକା। ପ୍ରଥମ ଓ ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ଏକାଧିକ ପେନାଲ୍ଟି କର୍ନର ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବାପରେ ତୃତୀୟ କ୍ୱାର୍ଟରରେ ଅଗ୍ରଣୀ ନେବାପାଇଁ ଉଦ୍ୟମ ଜୋରଦାର ହୋଇଥିଲା। ୪୦ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଦକ୍ଷିଣ ଆଫ୍ରିକାର ଏନକୋବିଲ ଏନଟୁଲି ମ୍ୟାଚରେ ଉଷ୍ମତା ଭରିଥିଲେ। ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଦକ୍ଷିଣ ଆଫ୍ରିକା ୧-୦ ଗୋଲରେ ଅଗ୍ରଣୀ ନେଇଥିଲା। ମାତ୍ର ୪ର୍ଥ କ୍ୱାର୍ଟର ଆରମ୍ଭର ଅଳ୍ପକିଛି ସମୟ ପରେ ଅର୍ଥାତ୍ ୪୭ତମ ମିନିଟରେ ରୁଷିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲକରି ରୁଷିଆର ଜର୍ଜି ଆରୁସିଆ ମ୍ୟାଚକୁ ୧-୧ ସମାନ ସ୍ତରକୁ ନେଇ ଆସିଥିଲେ। ମାତ୍ର ଦକ୍ଷିଣ ଆଫ୍ରିକା ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିଲା। ୫୩ତମ ମିନିଟରେ ର୍‌ୟାନ ଜୁଲିଅସଙ୍କ ଫିଲ୍ଡ ଗୋଲ ବଳରେ ଦଳ ପୁଣି ଅଗ୍ରଣୀ ହାସଲ କରିଥିଲା। ଶେଷ ମିନିଟରେ ଗୋଲ ପରିଶୋଧ ପାଇଁ ରୁଷିଆ ସୁବର୍ଣ୍ଣ ସୁଯୋଗ ପାଇଥିଲା। ମାତ୍ର ପେନାଲ୍ଟି କର୍ନର ମିସ୍ କରି ଦଳ ଏହାକୁ ହାତଛଡ଼ା କରିଥିଲା। ଆକର୍ଷଣୀୟ ପ୍ରଦର୍ଶନ ପାଇଁ ଦକ୍ଷିଣ ଆଫ୍ରିକାର ଅଷ୍ଟିନ ସ୍ମିଥ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ପୁଲ୍ ପର୍ଯ୍ୟାୟରେ ଦକ୍ଷିଣ ଆଫ୍ରିକା ୦-୨ରେ ଆମେରିକାଠାରୁ ଏବଂ ୦-୨ରେ ଜାପାନଠାରୁ ହାରିଥିବାବେଳେ ମେକ୍ସିକୋକୁ ୬-୦ ଗୋଲରେ ହରାଇ କ୍ରସ୍ ଓଭର ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଅନ୍ୟପକ୍ଷରେ ପୁଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଉଜ୍‌ବେକିସ୍ତାନକୁ ୧୨-୧ ଓ ପୋଲାଣ୍ଡକୁ ୩-୨ ଗୋଲରେ ହରାଇଥିବା ରୁଷିଆ ଏଠାରେ ଦକ୍ଷତା ଅନୁସାରେ ପ୍ରଦର୍ଶନ କରି ନ ପାରି ପରାଜିତ ହୋଇଛି। ପୁଲ୍ 'ଏ'ରୁ କେବଳ ଭାରତ ଏବଂ ପୁଲ୍ 'ବି'ରୁ ୩ ଦଳ ଜାପାନ, ଆମେରିକା ଓ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କରିଛି।

# ଅନ୍ତର୍ଜାତୀୟ ରେଫରି ମାନ୍ୟତା ଲକ୍ଷ୍ୟ

## କବାଡ଼ି ପ୍ରତିଭା ମନସ୍ୱିନୀଙ୍କ ପାଇଁ ଅର୍ଥ ସାଜିଛି ବାଧକ

ରସୁଲପୁର,୧୨।୬(ଡିଏନଏ)

ଗାଉଁଲି ଝିଅ ବି କ୍ରୀଡ଼ା କ୍ଷେତ୍ରରେ ପାରଦର୍ଶିତା ହାସଲ କରିପାରିଛି। ମାତ୍ର ଏଥିପାଇଁ ତାଙ୍କୁ ବହୁ କଷ୍ଟ ଓ କଣ୍ଟକିତ ରାସ୍ତା ଦେଇ ଗତି କରିବାକୁ ହୋଇଛି। ଅନେକ ସଂଘର୍ଷପୂର୍ଣ୍ଣ ଯାତ୍ରା ପରେ ସେ ସଫଳତା ପାଇଛନ୍ତି। ନାନା ସାମାଜିକ ସମସ୍ୟାରେ ଛନ୍ଦି ହୋଇ ସଫଳତା ପାଇବା ପୂର୍ବରୁ ଅଧା ବାଟରେ ଅଟକି ଯିବାର ସମ୍ଭାବନା ମଧ୍ୟ ଦେଖାଦେଇଛି। ଲକ୍ଷ୍ୟସ୍ଥଳରେ ପହଞ୍ଚିବା ତାଙ୍କ ପାଇଁ ସ୍ୱପ୍ନରେ ପରିଣତ ହୋଇଯିବ। ଏଭଳି ଏକ ବାସ୍ତବ ଓ ସତ୍ୟ ଘଟଣା ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଁଚି ପଞ୍ଚାୟତ ଅଧିନସ୍ଥ ପାଳସାହି ଗ୍ରାମର କବାଡ଼ି ପ୍ରତିଭା ମନସ୍ୱିନୀ ସାହୁଙ୍କ କ୍ଷେତ୍ରରେ ଦେଖାଯାଇଛି। କବାଡ଼ି ଖେଳ ଓ ପରିଚାଳନାକୁ ନେଇ ତାଙ୍କର ସଂଘର୍ଷପୂର୍ଣ୍ଣ ଅଭିଯାନ ଉପରେ ରସୁଲପୁର ବ୍ଲକ ଧରିତ୍ରୀ ପ୍ରତିନିଧି ରଞ୍ଜିତ ରାଉତଙ୍କ ବିଶେଷ ଉପସ୍ଥାପନା।

ମୂଳରୁ ମନସ୍ୱିନୀଙ୍କ ପରିବାରର ଆର୍ଥିକସ୍ଥିତି ଅତ୍ୟନ୍ତ ଦୁର୍ବଳ। ପିତା ପେସାରେ କାଠ ବ୍ୟବସାୟୀ, ଆଉ ମାତା ଜଣେ ଗୃହିଣୀ ଥିଲେ। ବ୍ୟବସାୟ ବନ୍ଦ ହୋଇଗଲା ପରେ ପରିବାରର ଆର୍ଥିକ ସ୍ଥିତି ଦୋହଲିଗଲା। ପରିବାରର ତିନୋଟି ସନ୍ତାନ ମଧ୍ୟରୁ ମନସ୍ୱିନୀ ମଧ୍ୟମ କନ୍ୟା ଅଟନ୍ତି। ସମସ୍ତଙ୍କୁ ପାଠପଢ଼ାଇ ଉଚ୍ଚ ଶିକ୍ଷିତ କରିବା ଅଭିଭାବକଙ୍କ ଲକ୍ଷ୍ୟ ଅଧାରେ ଅଟକି ଯାଇଛି। ହେଲେ ମନସ୍ୱିନୀଙ୍କ ଖେଳକୁଦ ପ୍ରତି ବିଶେଷ ଆଗ୍ରହରୁ ତାଙ୍କୁ କେତେକ ସଫଳତା ମିଳିପାରିଛି। ସେ ବିଦ୍ୟାଳୟ କ୍ରୀଡ଼ାରୁ ତାଙ୍କର ପ୍ରତିଭା ଓ ପରାକାଷ୍ଠା ଦେଖାଇ ପାରିଥିଲେ। ପରିବାର ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ସେ କବାଡ଼ି ଖେଳିବାକୁ ମନ ବଳାଇଲେ। ୨୦୦୯ରୁ ଏହି ବ୍ଲକର ଖଣ୍ଡିତର ସ୍ଥିତ ଯାଜପୁର କବାଡ଼ି ଆସୋସିଏଶନ ତାଙ୍କୁ ଖେଳିବାକୁ ସୁଯୋଗ ଦେଇ ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ପରିପ୍ରକାଶ କରିବାରେ ସହାୟକ ହୋଇଥିଲା। ସେବେଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ତାଙ୍କ ସଫଳତାର ଲମ୍ବା ତାଲିକାକୁ ଅବଲୋକନ କଲେ ଜଣାଯାଏ ସେ ୨୦୧୦ରେ ଓଡ଼ିଶା ସବ୍‌ଜୁନିଅର କବାଡ଼ି ଦଳର ସଦସ୍ୟ ହୋଇ ବିହାର ଖେଳିବାକୁ ଯାଇଥିଲେ। ସେଠାରେ ପ୍ରଭାବୀ ପ୍ରଦର୍ଶନ କରି ୨୦୧୧ରେ ରାଜ୍ୟ ଜୁନିଅର କବାଡ଼ି ଦଳରେ ସ୍ଥାନ ପକ୍କା ପାଇବା ସହ ଛତିଶଗଡର ଭିଲାଇ ହୋଇଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପରବର୍ଷ ୨୦୧୨ରେ ରାଜ୍ୟ ସିନିଅର ଦଳ ପାଇଁ ପ୍ରତିନିଧିତ୍ୱ କରିବା ସହ ୨୦୧୪ ଓ ୨୦୧୬ ମସିହାରେ ମଧ୍ୟ ସ୍ଥାନ ଜମାଇ ରଖିବାକୁ ସକ୍ଷମ ହୋଇପାରିଥିଲେ। ଏହା ଭିତରେ ସେ ୨୦୧୩ରେ ବାଙ୍ଗାଲୋରଠାରେ ଅନୁଷ୍ଠିତ ସୁପର ନ୍ୟାଶନାଲ ଓ ମହିଳା କ୍ରୀଡ଼ା ଉତ୍ସବରେ ଅଂଶଗ୍ରହଣ ପାଇଁ ରାଜ୍ୟ ପକ୍ଷରୁ ମନୋନୀତ ହୋଇଥିଲେ। ସମଗ୍ର ରାଜ୍ୟରେ କବାଡ଼ି କ୍ଷେତ୍ରରେ ଅଗ୍ରଣୀ ଲାଭ କରିଥିବା ଯାଜପୁର ମହିଳା ଦଳର ନେତୃତ୍ୱ ୫ବର୍ଷ (୨୦୧୩-୨୦୧୭) ପାଇଁ ତୁଲାଇଥିଲେ। ଏହାଛଡା ସେ ବହୁ ସର୍ବଭାରତୀୟ ଓପନ କବାଡ଼ି ଟୁର୍ନାମେଣ୍ଟ ଖେଳିଛନ୍ତି। ଇତି ମଧ୍ୟରେ ସେ ଖେଳରୁ ଖେଳ ପରିଚାଳିକା ହେବାକୁ ମନ ବଳାଇଥିଲେ। ସେ ଦିଗରେ ସେ ପ୍ରୟାସ ଆରମ୍ଭ କରିବା ସହ ୨୦୧୨ ମସିହାରେ ଓଡିଶା କବାଡ଼ି ଆସୋସିଏସନ୍(ଓକେଏ) ପରୀକ୍ଷା ଦେଇଥିଲେ। ୨୦୧୫ରେ ଆର୍ମେଚର କବାଡ଼ି ଫେଡେରେଶନ୍ ଅଫ ଇଣ୍ଡିଆ(ଏକେଏଫଆଇ) ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ। ୨୦୧୬ରୁ ସେ ଅଫିସିଆଲ ଭାବରେ କାର୍ଯ୍ୟ କରିଆସୁଛନ୍ତି। ୨୦୧୬-୧୭ରେ କଟକଠାରେ ଅନୁଷ୍ଠିତ ଜୁନିଅର ଜାତୀୟ କବାଡ଼ି ପ୍ରତିଯୋଗିତା, ମୁମ୍ବାଇ, ପୁନେ ଓ ମହାରାଷ୍ଟ୍ରଠାରେ ଅନୁଷ୍ଠିତ ସିନିଅର ପ୍ରତିଯୋଗିତା, ସୁପର ନ୍ୟାଶନାଲ ପ୍ରତିଯୋଗିତା, ସର୍ବଭାରତୀୟ ପ୍ରତିଯୋଗିତା ଆଦି ପରିଚାଳନା କରିବାକୁ ସୁଯୋଗ ମଧ୍ୟ ପାଇଥିଲେ। ଖେଳ ପରିଚାଳନାର ଦକ୍ଷତା ଆର୍ମେଚର କବାଡ଼ି ଫେଡରଶନର କର୍ମକର୍ତ୍ତାଙ୍କୁ ପ୍ରଭାବିତ କରିଥିଲା। ୨୦୧୮ରୁ ସେ ଜାତୀୟସ୍ତରର ରେଫରୀଙ୍କ ତାଲିକାରେ ସାମିଲ ହୋଇଛନ୍ତି। ପ୍ରୋ-କବାଡ଼ିର ପ୍ରାୟୋଜକ ଷ୍ଟାର ସ୍ପୋର୍ଟ୍ସପକ୍ଷରୁ କଟକଠାରେ ଅନୁଷ୍ଠିତ ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇ ସେ ୫ ଅକ୍ଟୋବରରୁ ୫ ଜାନୁଆରୀ ୨୦୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରୋ-କବାଡି ଖେଳ ପରିଚାଳନା କରିବା, ଚଳିତ ବର୍ଷ ଜାନୁଆରୀ ୧୨ରୁ ୧୯ ପର୍ଯ୍ୟନ୍ତ ଅନୁଷ୍ଠିତ ଖେଲୋ ଇଣ୍ଡିଆରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇ ରାଜ୍ୟ ଓ ଜିଲା ପାଇଁ ଗର୍ବ ଆଣିବା ସହ ତାଙ୍କର ସଫଳତା ବଜାୟ ରଖିଛନ୍ତି। ଚଳିତ ବର୍ଷ ଜୁଲାଇରୁ ଅନୁଷ୍ଠିତ ହେବାକୁ ଥିବା ପ୍ରୋ-କବାଡ଼ି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ତାଙ୍କୁ ତାଲିମ ଶିବିରକୁ ଡାକରା ଆସିଛି। ତାଙ୍କୁ କ୍ରୀଡା ନିର୍ଦ୍ଦେଶାଳୟ ପକ୍ଷରୁ ଏକ ପରିଚୟପତ୍ର ପ୍ରଦାନ କରାଯାଇଛି। ଏଥିସହ ସେ ଏବେ ମଧୁବନ ନୋଡାଲ ହାଇସ୍କୁଲରେ କ୍ରୀଡା ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତ ଅଛନ୍ତି। ଏ ବାବଦରେ ତାଙ୍କୁ ମିଳୁଛି ମାତ୍ର ମାସକୁ ୬ ହଜାର ଟଙ୍କା। ତାଙ୍କ ବଡ ଭଉଣୀ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ତାଙ୍କର ସ୍ୱଳ୍ପ ଦରମା ସାଙ୍ଗକୁ ସମସ୍ୱନୀଙ୍କ ମାସ ଦରମାରେ ଘର ଚଳିବା କଷ୍ଟ ହେଉଛି। ସେଭଳି ସ୍ଥଳେ ମା'ଙ୍କ ହୃଦୟ ସଂକ୍ରମଣ ରୋଗ ତାଙ୍କ ପାଇଁ ବୋଝ ଉପରେ ଲଳିତା ବିଡା ସାଜିଛି। ତାଙ୍କ ସଫଳତା ପଛରେ ଲିଙ୍କନ ଫାର୍ମାସିଉଟିକାଲର ଜୋନାଲ ମାନେଜର ଅଭୟ କୁମାର ମହାନ୍ତିଙ୍କ ଆର୍ଥିକ ସହାୟତା ଏକ ମହୌଷଧି ଭଳି କାମ କରିଛି। ଏହାଛଡା ଓଡ଼ିଶା କବାଡ଼ି ଆସୋସିଏଶନ୍‌ର ସମ୍ପାଦକ ଅଜୟ କୁମାର ବେହେରା, ଓଡିଶା ରେଫରି ବୋର୍ଡର ଅଧ୍ୟକ୍ଷ ପଦ୍ମଚରଣ ପ୍ରଧାନ, ସୂର୍ଯ୍ୟକାନ୍ତ ମହାନ୍ତି, ଯାଜପୁର କବାଡ଼ି ଆସୋସିଏଶନ୍‌ର ଉପସଭାପତି କୃଷ୍ଣକାନ୍ତ ପଣ୍ଡା ପ୍ରମୁଖଙ୍କ ସାହାଯ୍ୟ ସହଯୋଗ ତାଙ୍କ ସଫଳତାର ଏକ ବଡ଼ ମାପକାଠି। ଏ ସବୁ ସତ୍ତ୍ୱେ ସେ ଅନ୍ତର୍ଜାତୀୟସ୍ତରରେ ରେଫରି ହେବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ତାଙ୍କର ଦୁର୍ବଳ ଆର୍ଥିକ ପରିସ୍ଥିତି ତାଙ୍କ ଲକ୍ଷ୍ୟ ପଥରେ ବାଧକ ସାଜିଛି। ଏହାଛଡା ମା'ଙ୍କ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ସେ ଆର୍ଥିକ ଅଭାବ ଅନାଟନ ଦେଇ ଗତି କରୁଛନ୍ତି। ଯାହା କିଛି ଉପାର୍ଜନ ହେଉଛି ସେଥିରେ ମା'ଙ୍କ ଚିକିତ୍ସା ଓ ପରିବାର ଚଳିବା କଷ୍ଟ ହେଉଛି। ଅନ୍ତର୍ଜାତୀୟ ରେଫରି ଲକ୍ଷ୍ୟ ହାସଲ ଦିଗରେ ନିଜକୁ ପ୍ରସ୍ତୁତି କରିବା ପାଇଁ ତାଙ୍କ ପାଖରେ ସମ୍ବଳ ନାହିଁ। କେତେଦିନ ଆଉ ପରହାତ ଟେକାକୁ ଅନାଇ ବାଟ ଚାଲିବେ। ଯଦି ରାଜ୍ୟ ସରକାର ଏ ଦିଗରେ ସହାୟତାର ହାତ ବଢାନ୍ତେ ତେବେ ସେ ଆହୁରି ଆଗକୁ ବଢ଼ିବା ସହ ଲକ୍ଷ୍ୟପୂରଣ ଦିଗରେ ସହାୟକ ହୋଇପାରନ୍ତା। ଏହଛଡା ଜିଲା ପ୍ରଶାସନ ମା'ଙ୍କ ଚିକିତ୍ସା ଭାର ହାତକୁ ନେଲେ, ତାଙ୍କର ଆର୍ଥିକ ବୋଝ ହାଲୁକା ହୋଇପାରିବ ବୋଲି ମନସ୍ୱିନୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଜୁନ୍ ୧୩/୨୦୧୯ Rayagada, Thursday, June 13 / 2019

# ସ୍ୱାସ୍ଥ୍ୟସେବା, ବିଦ୍ୟୁତୀକରଣ ଉପରେ ଗୁରୁତ୍ୱ

ନବରଙ୍ଗପୁର,୧୨।୬(ବି.ପ୍ର.)

ସ୍ଥାନୀୟ ରାଜୀବ ଭବନଠାରେ ଜିଲାପରିଷଦ ସାଧାରଣ ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲାପାଳ ଅଜିତ କୁମାର ମିଶ୍ର, ଏମପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲାପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଓ ଏପିଡି ରତ୍ନାକର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ସ୍ୱାସ୍ଥ୍ୟ, କାଳିଆ ଯୋଜନା, ବିଦ୍ୟୁତ ସମସ୍ୟା ଓ ଆବାସ ଯୋଜନା ଉପରେ ବିଶେଷ ଆଲୋଚନା ହୋଇଥିଲା । ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଉପରେ ଅବଗତ କରାଇଥିଲେ। ନିରାମୟ ଯୋଜନାର ନବରଙ୍ଗପୁର ଜିଲାର ଲୋକ ଅଧିକ ଉପକୃତ ହେଉଛନ୍ତି ବୋଲି କହିଥିଲେ । ବିଧାୟକ ରନ୍ଧାରୀ ନିରାମୟ ଯୋଜନାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ



ବୈଠକରେ ଜିଲାପାଳ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ମିଳୁନଥିବା ଅଭିଯୋଗ କରିଥିଲେ । ବିଶେଷ କରି ଇନସୁଲିନ ଓ ଉଚ୍ଚ ରକ୍ତଚାପ ଔଷଧ ମିଳୁନାହିଁ । ଡାକ୍ତରଖାନାରୁ ରୋଗୀଙ୍କୁ ଫେରାଇ ଦିଆଯାଉଛି ବୋଲି ଅଭିଯୋଗ କରିଥିଲେ। ପ୍ରତି ମାସ ୧୮ ତାରିଖରେ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇଁ ବିଭିନ୍ନ ସ୍ଥାନରୁ ଆସିଥିବା ଦିବ୍ୟାଙ୍ଗମାନଙ୍କୁ ପ୍ରମାଣ ପତ୍ର ମିଳୁ ନଥିବାରୁ ବିଧାୟକ ରନ୍ଧାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏମସିଏଚ କାର୍ଯ୍ୟକାରୀ ହେଉନଥିବାରୁ ଏମପି ଉଦବେଗ ପ୍ରକାଶ କରିଥିଲେ । ଏକ ମାସ ମଧ୍ୟରେ କାର୍ଯ୍ୟକାରୀ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ରାଇଘର ଜିଲାପରିଷଦ ସଭ୍ୟା ପ୍ରୀତି ସ୍ନିଗ୍ଧା ମହାପାତ୍ର ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷାଦିନେ ପାଣି ପଶୁଛି। ଆମ୍ବୁଲାନ୍ସ ପାଇଁ ୪ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବିଭାଗକୁ ଦିଆଯାଇଥିଲେ ମଧ ଏହା କିଣା ଯାଇ ନାହିଁ। ଆଉକିଛି ଅନୁଦାନ ଯୋଗାଡ କରି ଆମ୍ବୁଲାନ୍ସ କିଣାଯିବ ବୋଲି ଜିଲାପାଳ କହିଥିଲେ । ଉମରକୋଟ ସବଡିଭିଜନ ଡାକ୍ତରଖାନା ଓ ବ୍ଲଡ ବ୍ୟାଙ୍କ କାର୍ଯ୍ୟକାରୀ କରାଯିବାକୁ ଉମରକୋଟ ବିଧାୟକ ଦାବି କରିଥିଲେ । କୋଷାଗୁମୁଡାର ସଭ୍ୟ ଯୁଗଧର ହରିଜନ, ଝରିଗାଁର ପଦ୍ମନାଭ ପାଣ୍ଡେ, ରାଇଘର ସଭ୍ୟ ସୁଦର୍ଶନ ମାଝୀ, ନବରଙ୍ଗପୁର ସଭ୍ୟ ବେଦବ୍ୟାସ ଭତ୍ରା ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ପ୍ରଶ୍ନ କରିଥିଲେ । ସମାଜ କଲ୍ୟାଣ ବିଭାଗ ପକ୍ଷରୁ ନିମାଇ ଚରଣ ସ୍ୱର୍ଣ୍ଣକାର ୧୮୭୫ଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ରହିଛି । ୧୩୯ କେନ୍ଦ୍ର ହେଲପର ଓ ବିଭିନ୍ନ କମ୍ୟୁନିଟି ସେଣ୍ଟରରେ ଚାଲିଛି। ୩୦୭ଟି କେନ୍ଦ୍ରର ଗୃହ ନିର୍ମାଣ କାର୍ଯ୍ୟ ଅଗ୍ରଗତି ରହିଛି ବୋଲି କହିଥିଲେ । ଜିଲାରେ ଶିଶୁ, ଗର୍ଭବତୀ ଓ ପ୍ରସୂତିମାନଙ୍କୁ ପୁଷ୍ଟିକର ଖାଦ୍ୟ ଛତୁଆ ଅତି ନିମ୍ନମାନର ଯୋଗାଣ ହେଉଛି ବୋଲି ଅଭିଯୋଗ ହୋଇଥିଲା । ପ୍ରସ୍ତୁତକାରୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଅନୁମତିକୁ ନବୀକରଣ କରାନଯିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜିଲାପରିଷଦ କମିଟି ଅନୁଧ୍ୟାନ କରି ରିପୋର୍ଟ ଦେବା ପରେ ନବୀକରଣ ଓ ଟେଣ୍ଡର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ଜିଲାରେ କାର୍ଯ୍ୟ କାର୍ଯ୍ୟକାରୀ ହେଉଥିବା ଗ୍ରାମୀଣ ଆବାସ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ୫ ଜଣ ସ୍ୱଚ୍ଛଳବର୍ଗ ବିଜୁ ପକ୍କାଘର ପାଇଥିବା ନେଇ ରାଇଘର ସଭ୍ୟା ଜଣାଇଥିଲେ । ତଦନ୍ତ ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି କହିଥିଲେ । ଉମରକୋଟ ବିଧାୟକ ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । କୃଷି ବିଭାଗ ପକ୍ଷରୁ କାଳିଆ ଯୋଜନାରେ ଜିଲାରେ ୧ ଲକ୍ଷ ୧୦ ହଜାର ୧୪୮ ଜଣ ଚାଷୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଦିଆଯାଇଥିବା ସୂଚନା ଦିଆଯାଇଥିଲା। ବିଜୁ ସ୍ୱାସ୍ଥ୍ୟ କାର୍ଡ ଡାକ୍ତରଖାନାରେ କାମ କରୁନାହିଁ । ତୁରନ୍ତ ପଦକ୍ଷେପ ନେବାକୁ ଏମପି ଦାବି କହିଥିଲେ । ବିଦ୍ୟୁତ ସମସ୍ୟା ନେଇ ସଭ୍ୟାସଭ୍ୟମାନେ ପ୍ରବଳ ପାଟିତୁଣ୍ଡ କରିଥିଲେ । ସୌଭାଗ୍ୟ ଯୋଜନାରେ ନିମ୍ନମାନର କାମ ହେଉଛି । ସରକାର ୪ଟି ଏଲଇଡି ବଲବ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ କେତେ ସ୍ଥାନରେ ୨ଟି ବଲବ ଯୋଗାଇ ଦିଆଯାଇଛି । ଅଧିକାଂଶ ହିତାଧିକାରୀ ସୌଭାଗ୍ୟ ଯୋଜନାର ସୁଫଳ ପାଇନାହାନ୍ତି। ଏହାର ତଦନ୍ତ କରି କେତେ ଗାଁରେ କେତେ ହିତାଧିକାରୀଙ୍କୁ ବଲବ ଯୋଗାଇ ଦିଆଯାଇଛି ତାହାର ରିପୋର୍ଟ ୧୫ ମଧ୍ୟରେ ଦେବାକୁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବସନ୍ତ ମହାପାତ୍ରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମତ୍ସ୍ୟ, ରାସ୍ତା ଓ ଗୃହ ନିର୍ମାଣ, ଅବକାରୀ, ସମବାୟ ସମିତି, ପାନୀୟ ଜଳ ଓ ପରିମଳ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ଜଙ୍ଗଲ ବିଭାଗ, କେନ୍ଦୁପତ୍ର, ବିଦ୍ୟାଳୟ ଓ ଗଣ ଶିକ୍ଷା, ସର୍ବଶିକ୍ଷା ଅଭିଯାନ, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା, ଉଦ୍ୟାନ, ପଶୁ ସମ୍ପଦ, ଗ୍ରାମଉନ୍ନୟନ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଜଳସେଚନ, ଜିଲା ଶିଳ୍ପକେନ୍ଦ୍ର, ଯୋଜନା ଓ ସମନ୍ୱୟ ବିଭାଗ ଜିଲାପରିଷଦ ପାଣ୍ଠିର ବିନିଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

**ଜିଲାପରିଷଦ ବୈଠକରେ ଅଭିଯୋଗ**

- ନିରାମୟ ଯୋଜନାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଔଷଧ ମିଳୁନି
- ନିମ୍ନମାନର ଛତୁଆ ଯୋଗାଣ
- ହିତାଧିକାରୀ ସୌଭାଗ୍ୟ ଯୋଜନାର ସୁଫଳ ପାଉନାହାନ୍ତି

## ସଂକ୍ଷେପରେ

ଡଙ୍ଗରିଗୁଡା କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ

### ଝରିଗାଁ ଦଳ ବିଜୟୀ

**ଡାବୁଗାଁ, ୧୨।୬ (ଡି.ଏନ.ଏ.):** ଡାବୁଗାଁ ବ୍ଲକ ଅଧୀନ ଡ଼ଙ୍ଗରିଗୁଡା ଗ୍ରାମରେ ଡ଼ଙ୍ଗରିଗୁଡା କ୍ରିକେଟ ପ୍ରିମିୟର ଲିଗ ବୁଧବାର ଉଦଯାପିତ ହୋଇଯାଇଛି । ଏଥିରେ ଫାଇନାଲ ମ୍ୟାଚଟି ଝରିଗାଁ ଓ ଡ଼ଙ୍ଗରିଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଝରିଗାଁ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୧୩୧ ରନ ସଂଗ୍ରହ କରିଥିଲା । ୧୩୨ ରନର ବିଜୟ ଲକ୍ଷ୍ୟ ରଖି ଡ଼ଙ୍ଗରିଗୁଡା ଦଳ ୮୫ ରନ କରି ଅଲଆଉଟ ହୋଇଥିଲା। ଯାହା ଫଳରେ ଝରିଗାଁ ଦଳ ବିଜୟୀ ହୋଇଥିଲା । ଶେଷରେ ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ବିଜୟୀ ଝରିଗାଁ ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ସମ୍ମାନୀତ ଅତିଥି ଡ଼ଙ୍ଗରିଗୁଡା ସରପଞ୍ଚ ଅମ୍ବିକା ମାଝୀ ପରାଜିତ ଡ଼ଙ୍ଗରିଗୁଡା ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ । ଏଥିରେ ଅନ୍ୟ ଅତିଥି ଭାବେ ବିଜେଡି ନେତା ଏମ୍. ଆପ୍ପା ରାଓ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ କୁମାର ବେହେରା, ଏମ୍. ବୁଲୁ ରାଓ, କଂଗ୍ରେସ ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ପଣ୍ଡା, ଗେଦୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ କମିଟିର ଦୁର୍ଗା ପ୍ରସାଦ ଚୌଧୁରୀ, ଗୋପୀ, ଆନନ୍ଦ, ପିଙ୍କୁ, ଜଗା, କାହ୍ନୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।



ତାଲିମ ଶିବିରରେ ଉପସ୍ଥିତ ଅଧିକାରୀ ଓ ଗ୍ରାମ ସମ୍ବଳ କର୍ମୀ।

# ଗ୍ରାମ ସମ୍ବଳ କର୍ମୀଙ୍କ ତାଲିମ ଶିବିର

ଚନ୍ଦାହାଣ୍ଡି,୧୨।୬(ଡି.ଏନ.ଏ)

ଚନ୍ଦାହାଣ୍ଡି ବ୍ଲକ ସଭାଗୃହଠାରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ସମାଜିକ ସମୀକ୍ଷକ ଓ ୧୪ ଟି ଗ୍ରାମ ପଞ୍ଚାୟତର ଗ୍ରାମ ସମ୍ବଳ କର୍ମୀ ଯୋଗ ଦେଇଥିଲେ। ଏହି ଶିବିରରେ ଚନ୍ଦାହାଣ୍ଡି ଗୋଷ୍ଠୀ ସମାଜିକ ସୁରକ୍ଷା ଅଧିକାରୀ ତୁଷାର ରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ଆକାଉଣ୍ଟ ଅଫିସର ଓମ ପ୍ରକାଶ ଟପ୍ପୋ ଏବଂ ଏପିଇଓ ଦେବେନ୍ଦ୍ର ବେହେରା ଯୋଗ ଦେଇ ଗ୍ରାମ ସମ୍ବଳ କର୍ମୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଏଥିରେ ଧର୍ମେନ୍ଦ୍ର ସାହୁ ଏବଂ କାମଦେବ ମହାନ୍ତି ସହ ଯୋଗ କରିଥିଲେ ।

# ବିଶ୍ୱ ଶିଶୁ ଶ୍ରମ ନିରୋଧ ଦିବସ

ନବରଙ୍ଗପୁର, ୧୨।୬ (ବି.ପ୍ର.)


ନବରଙ୍ଗପୁର ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆରସିଡି ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ କସ୍ତୁରିବା ବାଳିକା ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଆଇନସେବା ପ୍ରାଧିକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା ଯୋଗ ଦେଇଥିଲେ। ଅନ୍ୟ ଅତିଥି ଭାବେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୌମ୍ୟରଞ୍ଜନ ନାୟକ, ସ୍ୱେଚ୍ଛାସେବୀ ମନୋରମା ମାଝି, ଏବିଇଓ ପୁଷ୍ପାଞ୍ଜଳି ମହାନ୍ତି, ନମିତା ଘଡେଇ, କସ୍ତୁରିବା ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସିଏଚ ଉଷାରାଣୀ, ଶିଶୁ ସୁରକ୍ଷା ୟୁନିଟ କର୍ମଚରୀ କୁନିମନି ସ୍ୱାଇଁ, ଗୀତାଞ୍ଜଳି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ଶ୍ରମିକ ପ୍ରଥା କିଭଳି ଏକ ଅପରାଧ ଓ ୧୪ବର୍ଷରୁ କମ ବୟସର ଶିଶୁମାନେ ଶିକ୍ଷା ଅଧିକାର ଆଇନ ଅନୁଯାୟୀ କିପରି ବାଧ୍ୟତାମୂଳକ ଶିକ୍ଷା ପାଇବାକୁ ହକଦାର ଅଟନ୍ତି ପ୍ରସନ୍ନ କୁମାର ବେହେରା ଆଲୋଚନା କରିଥିଲେ । ସୌମ୍ୟରଞ୍ଜନ ନାୟକ ଶିଶୁ ଅଧିକାର ସମ୍ପର୍କରେ ଆଲୋଚନା କରି ବିପଦସଙ୍କୁଳ ସ୍ଥାନରେ ଶ୍ରମିକ ଭାବେ କାର୍ଯ୍ୟ କରିବା ଆଇନ ବିରୋଧ ଅଟେ ବୋଲି କହିଥିଲେ। ଶିକ୍ଷା ମାଧ୍ୟମରେ ଶିଶୁମାନଙ୍କ ଜୀବନ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ମନୋରମା ମାଝି କହିଥିଲେ। ଏହି ସଚେତନତା ଶିବିରରେ ସିଏଚ ଉଷାରାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲା ଆଇନସେବା ପ୍ରାଧିକରଣ ଦ୍ୱାରା ପରିଚାଳନା କରାଯାଇଥିଲା ।




ସଚେତନତା ଶିବିରରେ ଉପସ୍ଥିତ ଅତିଥିମାନେ।

# ପାଣି ପାଉଚ, ପଲିଥିନ ଜବତ

**ହିଞ୍ଜିଳିକାଟୁ,୧୨।୬(ଡି.ଏନ୍.ଏ.):** ମ୍ୟୁନିସପାଲିଟି ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ମଙ୍ଗଳ ଓ ବୁଧବାର ସହରାଞ୍ଚଳରେ ପଲିଥିନ, ପାଣି ପାଉଚ ଧରପଗଡ ଅଭିଯାନ ଆରମ୍ଭ ହୋଇଛି। ବିଭିନ୍ନ ଦୋକାନ ଉପରେ ଚଢାଉ କରି ବିପୁଳ ପରିମାଣରେ ପଲିଥିନ ଓ ପାଣି ପାଉଚ ଜବତ କରାଯିବା ସହ ଜରିମାନା ଆଦାୟ କରାଯାଇଥିଲା। ଜରିମାନା ବାବଦରେ ୧୪ ହଜାର ୭ ଶହ ଟଙ୍କା ଆଦାୟ ହୋଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶରେ ପୌର କର୍ମଚାରୀ ଅଶ୍ୱିନୀ କୁମାର ନାୟକ, ଅଭିରାମ ସାହୁ, ଭାସ୍କର ସାହୁ, ଲାଲମୋହନ ସେଠୀ ପ୍ରମୁଖ ଚଢାଉରେ ସାମିଲ ଥିଲେ।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

# ନବୀନ..ନବୀନ ଗୀତ ୬ଥର ଶୁଣିଥିଲେ ମୁଖ୍ୟମନ୍ତ୍ରୀ



## ମୋ ଅନୁଭୂତି

ବହୁ ଲୋକ ଦୁଃଖ ଗୀତକୁ ପସନ୍ଦ କରନ୍ତି। ଏଣୁ ଯୁବ ସଙ୍ଗୀତ ନିର୍ଦ୍ଦେଶକ ଦେବାଶିଷ ମଲ୍ଲିକ(ଜାପାନୀ)ଙ୍କ ପାଇଁ ଦୁଃଖ ଗୀତଗୁଡ଼ିକ ହିଁ ଆଶୀର୍ବାଦ ହୋଇ ଆସିଲା। କିଛି ମାସ ତଳେ ଯାଜପୁରରେ ଏକ କାର୍ଯ୍ୟକ୍ରମରେ ତାଙ୍କୁ ଅତିଥି ଭାବେ ଯୋଗଦେବାକୁ ନିମନ୍ତ୍ରଣ ଆସିଥିଲା। ସେଠାରେ ତାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ହୋଇଥିବା ଗୀତ ପରିବେଷଣ ମଧ୍ୟ ହୋଇଥିଲା। ହେଲେ କାର୍ଯ୍ୟକ୍ରମ ଶେଷରେ ଜଣେ ଯୁବକ ହଠାତ୍ ଆସି ତାଙ୍କ ହାତ ଧରି କାନ୍ଦିବା ସହ କେମିତି ଏପରି ଦୁଃଖ ଗୀତ ପ୍ରସ୍ତୁତ କରୁଛ ବୋଲି ପ୍ରଶ୍ନ କରିଥିଲେ। ଏପରିକି ତାଙ୍କ ଭିତରେ କ'ଣ ଦୁଃଖ ଅଛି ତାହା ପଚାରିଥିଲେ। ତାହା ତାଙ୍କୁ ଯେତିକି ବିସ୍ମୟ କରୁଥିଲା ସେତିକି ହାସ୍ୟମୟ ପରିସ୍ଥିତି ମଧ୍ୟ ସୃଷ୍ଟି କରିଥିଲା। ତାଙ୍କ ଭିତରେ କିଛି ଦୁଃଖ ନାହିଁ ବୋଲି କହିଥିଲେ ମଧ୍ୟ ଯୁବକ ଜଣକ ମାନିବାକୁ ରାଜି ହୋଇ ନ ଥିଲେ, ଯାହା ଅଭୁଲା ଅନୁଭୂତି ହୋଇରହିବ ବୋଲି ଜାପାନୀ କହିଛନ୍ତି।

ସେହିପରି ଗତ ନିର୍ବାଚନରେ ବିଜେଡର ଦଳୀୟ ଗୀତ ନବୀନ..ନବୀନ ପ୍ରସ୍ତୁତ କରି ଜାପାନୀ ନିଜ କଳାର ପ୍ରସିଦ୍ଧିକୁ ଆଉ ଗୋଟିଏ ପାଦ ଆଗକୁ ବଢ଼ାଇଛନ୍ତି। ନବୀନ ଗୀତ ପ୍ରସ୍ତୁତ କରିବାର ଅନୁଭୂତି ସମ୍ପର୍କରେ ସେ କୁହନ୍ତି, ଗୀତ ତିଆରି ହେବା ପରେ ହିଟ୍ କି ଫ୍ଲପ୍ ହେବ ତାହା ଜଣା ନ ଥିଲା। ତଥାପି ଆଶା ଥିଲା ଭଲ ହେବ। ହଠାତ୍ ଫୋନ ଆସିଲା ମୁଖ୍ୟମନ୍ତ୍ରୀ ଗୀତ ଶୁଣିବାକୁ ଚାହୁଁଛନ୍ତି। ପେନ୍‌ଡ୍ରାଇଭରେ ଆଣି ତାଙ୍କ ବାସଭବନରେ ପହଞ୍ଚିବାକୁ ନିର୍ଦ୍ଦେଶ ଆସିଲା। ସେଠାରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ହାତକୁ ପେନ୍‌ଡ୍ରାଇଭ ବଢ଼ାଇ ଦେଇଥିଲି। ହେଲେ ନର୍ଭସ ଥିଲି ଗୀତ ଶୁଣିବା ପରେ ସେ ପ୍ରତିକ୍ରିୟା କ'ଣ ଦେବେ। ଗୀତ ବାଜିବା ଆରମ୍ଭ ହେଲା। ଥରେ ଶୁଣିଲା ପରେ ପୁଣି ଥରେ ବଜାଇବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏଭଳି ଲଗାତର ୬ଥର ନବୀନ..ନବୀନ ଗୀତ ବାଜିଲା। ଶେଷରେ ଗୁଡ୍ ଜବ୍ ବୋଲି ମୁଖ୍ୟମନ୍ତ୍ରୀଙ୍କ ପାଟିରୁ ଶୁଣି ଖୁସି ମିଳିଥିଲା ବୋଲି ଜାପାନୀ କୁହନ୍ତି।

ଜଗତ୍‌ସିଂହପୁର ବାଲିକୁଦାରେ ଜନ୍ମିତ ଦେବାଶିଷଙ୍କ ପିଲାବେଳର ନାମ ଜାପାନୀ। ଗ୍ରାମଦେବତୀ ଜାଗୁଲାଇଙ୍କଠାରେ ପୂଜାର୍ଚ୍ଚନା କରି ପଣ୍ଡିତଙ୍କ ପରାମର୍ଶରେ ପିତାମାତା ଜାପାନୀ ନାମ ରଖିଥିଲେ ବୋଲି ସେ କୁହନ୍ତି। ପ୍ରଥମେ ଅଭିନୟରେ ପାଦ ଥାପିଥିବା ଜାପାନୀ ୨୦୦୨ରୁ ସଙ୍ଗୀତ ନିର୍ଦ୍ଦେଶନା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଜାପାନୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଧନଲୋ ଧନ, ଏ ମନ ମୋ ମନ, ତୋ କଥା ମନେ ପଡୁଛି, ଆଖିରେ ଆଖି ମିଶେଇ ଦେଇ ଗୀତ ୟୁ-ଟ୍ୟୁବ୍‌ରେ ସବୁଠାରୁ ଅଧିକ ଲୋକପ୍ରିୟ ତାଲିକାର ଶୀର୍ଷରେ ରହିଛି।

-ରିପୋର୍ଟ: କୁମାରଶ୍ରୀ ସାହୁ

# ଛୋଟ ବେଳୁ ମଡେଲିଂ ପ୍ରୀତି ଇଚ୍ଛା ଦେଇଛି ସଫଳତା



## ଧରିତ୍ରୀ ଆଳାପ
## ତନୁଶା ମିଶ୍ର

ଇଚ୍ଛା ଥିଲେ ଉପାୟ ଆପେ ଆପେ ମିଳିଥାଏ। ଛୋଟ ବେଳୁ ମଡେଲ ଓ ଗ୍ଲାମର ଦୁନିଆରେ ନିଜ ପରିଚୟ ସୃଷ୍ଟି କରିବାର ଇଚ୍ଛା ଆଜି ତାଙ୍କୁ ଆଣି ଦେଇଛି ସଫଳତା। ମାତ୍ର ୧୫ ବର୍ଷ ବୟସରେ ଇଷ୍ଟଜୋନ୍‌ସ୍ତରରେ ଅନୁଷ୍ଠିତ ହୋଇଥିବା 'ମିସ୍ ଏଣ୍ଡ ମିଷ୍ଟର ଟିନ୍ ଇଣ୍ଡିଆ ର୍‌ୟାମ୍ପ ଶୋ'ରେ ଭାଗ ନେଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ହେଉଛନ୍ତି ଅରବିନ୍ଦ ନଗରର ପ୍ରଦୀପ କୁମାର ମିଶ୍ର ଓ ସୌଦାମିନୀ ମିଶ୍ରଙ୍କ କନିଷ୍ଠା କନ୍ୟା ତନୁଶା ମିଶ୍ର। ରାମହରି ନଗର ଶିଶୁ ମନ୍ଦିରରେ ଅଧ୍ୟୟନ କରି ଚଳିତ ବର୍ଷ ୧୦ମ ଶ୍ରେଣୀ ପରୀକ୍ଷାରେ ୯୧.୨ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ମେ ୧୯ରେ ଭୁବନେଶ୍ୱରରେ ଅନୁଷ୍ଠିତ 'ମିଷ୍ଟର ଏଣ୍ଡ ମିସ ଟିନ୍ ଇଣ୍ଡିଆ ର୍‌ୟାମ୍ପ ସୋ'ରେ ତନୁଶା ଭାଗ ନେଇଥିଲେ। ଗତ ୭ରେ ବାହାରିଥିବା ଫଳାଫଳରେ ସେ ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆସନ୍ତା ୨୨ତାରିଖରେ ଦିଲ୍ଲୀରେ ସେମିଫାଇନାଲ ପ୍ରତିଯୋଗିତାରେ ଭାଗ ନେବେ। କମ ବୟସରୁ ମଡେଲିଂରେ ସଫଳତାର ପ୍ରଥମ ପାହାଚ ଚଢିଥିବା ତନୁଶାଙ୍କ ସହ ଧରିତ୍ରୀର ଆଳାପ.....

ପ୍ରସ୍ତୁତି : ଦୀପକ କୁମାର ପଣ୍ଡା

**★ ମଡେଲିଂ କରିବାକୁ ଆଗ୍ରହ କାହିଁକି ?**

▶ ଛୋଟବେଳୁ ଅଭିନୟ ପ୍ରତି ଦୁର୍ବଳତା ରହିଛି। ଏପରିକି ହିନ୍ଦୀ ଚଳଚ୍ଚିତ୍ର ଦେଖିବା ପରେ ଅଭିନେତ୍ରୀଙ୍କ ଅଭିନୟକୁ ନକଲ କରି ଆସୁଥିଲି। ମୋର ନକଲି ଓ ଅଭିନୟକୁ ଦେଖି ଅଭିନୟ କରିବାକୁ ପରିବାରରେ ପ୍ରେରଣା ମିଳୁଥିଲା। ଗ୍ଲାମର ତଥା ଅଭିନୟ କ୍ଷେତ୍ରରେ ପ୍ରବେଶ ପାଇଁ ମେଡେଲିଂ ଏକମାତ୍ର ରାସ୍ତା। ତେଣୁ ମଡେଲିଂ ପ୍ରତି ଆଗ୍ରହ ପ୍ରକାଶ କରିଛି।

**★ ଫାଇନାଲ ପାଇଁ ନିଜକୁ କିପରି ପ୍ରସ୍ତୁତ କରୁଛନ୍ତି ?**

▶ ମଡେଲିଂ ତଥା ର୍‌ୟାମ୍ପ ଶୋ ସମ୍ପର୍କରେ ତାଲିମ ଦେବାକୁ କେହି ନାହାନ୍ତି। କେବଳ ସୋସିଆଲ ମିଡିଆ, ୟୁଟ୍ୟୁବରୁ ମଡେଲିଂ ଓ ର୍‌ୟାମ୍ପ ଶୋର ଟେକ୍ନିକ୍‌କୁ ଅନୁକରଣ କରି ଅଭ୍ୟାସ କରୁଛି। ଏଥିସହ ଡ୍ୟାନ୍ସ ଓ ଅନ୍ୟାନ୍ୟ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି ସମ୍ପର୍କରେ ସୋସିଆଲ ମିଡିଆରୁ ହିଁ ଶିକ୍ଷା ଗ୍ରହଣ କରି ତାକୁ ଅନୁକରଣ କରୁଛି। ତଥାପି ଫାଇନାଲରେ ବିଜେତା ହେବା ନେଇ ଆଶା ରଖିଛି।

**★ ଅଭିନୟ ଓ ମଡେଲିଂ କ୍ଷେତ୍ରରେ କାହାକୁ ନିଜର ଆଦର୍ଶ ମାନନ୍ତି ?**

▶ ଅଭିନୟ କ୍ଷେତ୍ରରେ ଶ୍ରୀଦେବୀଙ୍କୁ ନିଜର ଆଦର୍ଶ ମନେକରେ। ତାଙ୍କର ଅଭିନୟ ଶୈଳୀ ମୋତେ ଜଣେ ଅଭିନେତ୍ରୀ ହେବାକୁ ପ୍ରେରଣା ଦେଇଥାଏ। ମଡେଲିଂ କ୍ଷେତ୍ରରେ ୨୦୧୭ରେ ମିସ୍ ୱାର୍ଲ୍ଡ ଟାଇଟଲ ହାସଲ କରିଥିବା ମାନୁସୀ ଛିଲରଙ୍କୁ ଅନୁକରଣ କରେ। ତାଙ୍କର ଆଟିଚ୍ୟୁଡ ମୋତେ ଅଧିକ ଅନୁପ୍ରାଣିତ କରିଥାଏ।

**★ ଆଗକୁ କ'ଣ ଲକ୍ଷ୍ୟ ରହିଛି ?**

▶ ଗ୍ଲାମର ଦୁନିଆରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଚାହୁଁଛି। ଡାକ୍ତର ହେବାକୁ ଇଚ୍ଛା ରହିଛି। ସେହିପରି ଜଣେ ସଫଳ ଅଭିନେତ୍ରୀ ଭାବେ ମଧ୍ୟ ପରିଚୟ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିଛି।

**★ ମଡେଲିଂ ତଥା ଅଭିନୟ କ୍ଷେତ୍ରରେ ସଫଳ ହେବାକୁ କ'ଣ ଆବଶ୍ୟକ ମନେ କରୁଛନ୍ତି ?**

▶ ପ୍ରତିଯୋଗିତା ଛୋଟ ହେଉ ଅବା ବଡ, ସେଥିପାଇଁ ସର୍ବଦା ନିଜକୁ ପ୍ରସ୍ତୁତ କରି ଭାଗ ନେବାକୁ ହେବ। ମଡେଲିଂର ଟେକ୍ନିକ୍ ତଥା ସଫଳ ବ୍ୟକ୍ତିତ୍ୱଙ୍କ ଜୀବନ ଆଦର୍ଶକୁ ଅନୁକରଣ କରି ଶିକ୍ଷା ଗ୍ରହଣ କରିବାକୁ ହେବ। ଆତ୍ମବିଶ୍ୱାସକୁ ବଜାୟ ରଖି ସଫଳତା ହାସଲ ପର୍ଯ୍ୟନ୍ତ ଚେଷ୍ଟା ଜାରି ରଖିବାକୁ ହେବ।

# ଚିକେନ ୟୋଗା

## ଖାଦ୍ୟ ରୁଚି

ଆଜିକାଲି ଯୁବଗୋଷ୍ଠୀ ଖାଇବାରେ ସବୁବେଳେ କିଛି ନା କିଛି ନୂଆ ଚାହୁଁଥିବା ବେଳେ ସ୍ୱାଦକୁ ମଧ ଗୁରୁତ୍ୱ ଦେଉଛନ୍ତି। ଏମାନଙ୍କ ପସନ୍ଦକୁ ଦୃଷ୍ଟିରେ ରଖି ହୋଟେଲରେ ମଧ ବିଭିନ୍ନ ଡିସ୍ ପ୍ରସ୍ତୁତ କରାଯିବା ସହ ସ୍ୱତନ୍ତ୍ର ନାଁ ମଧ ଦିଆଯାଉଛି। ଏହିଭଳି ବାରିପଦା କେସି ସର୍କିଲ ସ୍ଥିତ ହୋଟେଲ ମୟୂରଭଞ୍ଜରେ ଏକ ସ୍ୱତନ୍ତ୍ର ଡିସ୍ ଗ୍ରାହକଙ୍କୁ ପରଷାଯାଉଛି। ଯାହାର ନାଁ ରହିଛି 'ଚିକେନ ୟୋଗା'। ଏହାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମାଷ୍ଟର ସେଫ ପବନ ବେହେରା ଯାହା କୁହନ୍ତି।



### ଆବଶ୍ୟକ ସାମଗ୍ରୀ
**(ଗୋଟିଏ ପ୍ଲେଟ୍ ପାଇଁ)**

- ବୋନଲେସ୍ ଚିକେନ-୩୦୦ ଗ୍ରାମ
- ତେଲ- ଆବଶ୍ୟକ ପରିମାଣର
- ଅଦା-ରସୁଣ ପେଷ୍ଟ ୧ ଚାମଚ
- ମଇଦା-୨ ଚାମଚ
- କର୍ନ ଫ୍ଲୋର-୨ ଚାମଚ,
- ହ୍ୱାଇଟ ପେପର-୧ ଚାମଚ,
- ଟମୋଟୋ ସସ୍- ୧ ଚାମଚ
- ଚିଲି ସସ୍-୧ ଚାମଚ
- ଗାର୍ଲିକ ସସ୍-୧ ଚାମଚ
- କାଜୁ- ୮ଟି କାଜୁ
- ଆବଶ୍ୟକ ଅନୁସାରେ ଅଣ୍ଡା
- ପୋଦିନା ପତ୍ର
- ଧନିଆ ପତ୍ର
- ଭୃର୍ସୁଙ୍ଗ ପତ୍ର
- କିଛି ଶୁଖିଲା ଲଙ୍କା ଓ ଅଳ୍ପ ଗରମ ମସଲା ଗୁଣ୍ଡ।

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବୋନଲେସ୍ ଚିକେନକୁ ଭଲ ଭାବେ ଧୋଇଦିଅନ୍ତୁ। ପରେ ଅଦା-ରସୁଣ ପେଷ୍ଟ, ମଇଦା, କର୍ନ ଫ୍ଲୋର, ହ୍ୱାଇଟ ପେପର, ଅଣ୍ଡା ଓ ଲୁଣକୁ ଭଲ ଭାବେ ମିଶାନ୍ତୁ। ଏହି ମିଶ୍ରଣ(ମାରିନେଟ)କୁ ୧୦ ମିନିଟ ରଖିଦିଅନ୍ତୁ। ଏହା ପରେ କଡ଼େଇରେ ତେଲ ପକାନ୍ତୁ। ପୂର୍ବ ପ୍ରସ୍ତୁତ ମାରିନେଟ ଚିକେନକୁ ଛାଣି ଦେଇ ଅନ୍ୟ ଏକ ପାତ୍ରରେ ରଖନ୍ତୁ। ଚୁଲା ଲଗାଇ କଡେଇରେ ତେଲ ଗରମ କରନ୍ତୁ। ଏଥିରେ ପୋଦିନା ପତ୍ର, ଧନିଆ ପତ୍ର, ଭୃର୍ସୁଙ୍ଗ ପତ୍ର, କାଜୁ ଓ ଶୁଖିଲା ଲଙ୍କାକୁ ଫ୍ରାଏ କରନ୍ତୁ। ଭଲ କରି ଫ୍ରାଏ କରିବା ପରେ ଏଥିରେ ପୂର୍ବରୁ ଛଣା ହୋଇଥିବା ଚିକେନ ସାମଗ୍ରୀକୁ ପକାନ୍ତୁ ଏବଂ ଭଲ ଭାବେ ଫ୍ରାଏ କରନ୍ତୁ। ଶେଷରେ ଗରମ ମସଲା ଗୁଣ୍ଡ ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ ୟୋଗା। ଏହାକୁ ଘରେ ମଧ ବନାଇପାରିବେ। ନିଜେ ଖାଇବା ସହିତ ଅନ୍ୟମାନଙ୍କୁ ମଧ ଖୁଆଇ ପାରିବେ।



ମାଷ୍ଟର ସେଫ ପବନ ବେହେରା

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/

**ସେଲ୍‌ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ**
rgdselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)



ସୌମ୍ୟଶ୍ରୀ



ନାଗେଶ୍ୱର



ପ୍ରକାଶ



ବନ୍ଦିତା



ଶଶିକାନ୍ତ



ବିଷ୍ଣୁ



ସଉ



ଦେବରାଜ



ଦେବାଶିଷ

# ସାପ କାମୁଡ଼ାରେ ବୃଦ୍ଧା ମୃତ

ଖଇରା,୧୨ା୬(ଡି.ଏନ.ଏ)
ବାଲେଶ୍ୱର ଜିଲା ଖଇରା ଥାନା ଗଗନଧୂଳି ପଞ୍ଚାୟତ ଜହ୍ନିଆପଦା ଗ୍ରାମରେ ଲକ୍ଷ୍ମଣ ଗାହାଣଙ୍କ ସ୍ତ୍ରୀ ତାରାମଣି ଗାହାଣ (୬୦) ବୁଧବାର ସାପ କାମୁଡାରେ ମୃତ୍ୟୁବରଣ କରିଛନ୍ତି। ସେ ରାତିରେ ଶୋଇଥିବାବେଳେ କୌଣସି ଏକ ସାପ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ଅଟୋ ରିକ୍ସାରେ ସୋର ଆଣି ପରେ ବାଲେଶ୍ୱର ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ତାଙ୍କୁ ଆମ୍ବୁଲାନ୍ସରେ କଟକ ନିଆଯାଉଥିବା ବେଳେ ବାଟରେ ମୃତ୍ୟୁ ଘଟିଥିଲା। ତାରାମଣିଙ୍କର ୨ପୁଅ ମଧ୍ୟରୁ ବଡପୁଅ ଓ ବୋହୂ ଭିନ୍ନକ୍ଷମ ହୋଇଥିବାରୁ ଏହି ପିରବାର ତାଙ୍କ ମୃତ୍ୟୁରେ ଅସହାୟ ହୋଇ ପଡିଛି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା: ଅଭିଯୁକ୍ତ ଗିରଫ

ରୂପ୍ସା,୧୨ା୬(ଡି.ଏନ.ଏ.)- ବାଲେଶ୍ୱର ଜିଲା ରୂପ୍ସା ଥାନା ଅଧୀନ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ତାଙ୍କର ଜଣେ ଦୂର ସମ୍ପର୍କୀୟ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ବୁଧବାର ଏକ ମାମଲା (ନଂ. ୩୭/୧୯) ରୁଜୁ କରି ଅଭିଯୁକ୍ତ ମକରୀ ଦେହୁରୀଙ୍କୁ ମୟୂରଭଞ୍ଜ ଜିଲାର ବଡଗୁମା ଛକରୁ କାବୁ କରି ଥାନକୁ ଆଣିଛି। ଉଭୟ ପୀଡିତା ଓ ଅଭିଯୁକ୍ତଙ୍କୁ ପୋଲିସ ପଚରାଉଚୁରା ଜାରି ରଖିଛି । ପ୍ରତାରଣାର ଶିକାର ହୋଇଥିବା ନାବାଳିକା ଗର୍ଭବତୀ ଥିବା ପୋଲିସ ସୂଚନା ଦେଇଛି। ପ୍ରଥମେ ଗ୍ରାମବାସୀ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଘଟଣାର ସମାଧାନ ପାଇଁ ବୈଠକ କରି କୌଣସି ସୁଫଳ ନ ମିଳିବାରୁ ନାବାଳିକାଙ୍କ ପରିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ଉଭୟଙ୍କୁ ଡାକ୍ତରୀମାଇନା କରାଇବା ସହ କୋର୍ଟରେ ବୟାନ ରେକର୍ଡ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ସୁଚନ୍ଦ୍ର ମହାଳିକ କହିଛନ୍ତି ।

## ଦୋକାନରୁ ୨୪.୭୦ ଲକ୍ଷ ଟଙ୍କା ଲୁଟ୍

ବାଲେଶ୍ୱର ଅଫିସ,୧୨ା୬- ବାଲେଶ୍ୱର ସହଦେବଖୁଣ୍ଟା ମଡେଲଥାନା ଅଧୀନ ପଡୁଆଁପଦା ଛକରେ ଥିବା ଏକ ମେଡିସିନ୍ ଡିଷ୍ଟ୍ରିବ୍ୟୁଟରଙ୍କ ଦୋକାନରୁ ମଙ୍ଗଳବାର ରାତି ୨ଟା ସମୟରେ ଦୁର୍ବୃତ୍ତମାନେ ଶଟର ଭାଙ୍ଗି ଟେବୁଲ ଡ୍ରରେ ଥିବା ୨୪ ଲକ୍ଷ ୭୦ ହଜାର ଟଙ୍କା ଲୁଟି ନେଇଥିବା ମାଲିକ ଜ୍ୟୋତିରଞ୍ଜନ ଦାସ ବୁଧବାର ପୂର୍ବାହ୍ନରେ ସହଦେବଖୁଣ୍ଟା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ମକଦ୍ଦମା( ନଂ.୧୫୬/୧୯) ରୁଜୁ କରି ତଦନ୍ତ ଜାରି ରଖିଛି । ପୋଲିସ ଦୋକାନରେ ଲାଗିଥିବା ସିସି ଟିଭି କ୍ୟାମେରା ଯାଞ୍ଚ କଲା ବେଳେ ସେଥିରେ ହାର୍ଡଡିସ୍କ ନ ଥିବାର ଦେଖିବାକୁ ମିଳିଛି। ଦୋକାନ ବୀମାଭୁକ୍ତ ହୋଇଥିବାରୁ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା ଥାନା ଇନ୍ସପେକ୍ଟର ବିରଞ୍ଚି ସାହୁ ଏବଂ ଆଇ.ଆଇ.ସି ଶୁଭ୍ରାଂଶୁ ନାୟକ ପ୍ରକାଶ କରିଛନ୍ତି।

## ୩ ମଦ ବେପାରୀଙ୍କୁ କୋର୍ଟ ଚାଲାଣ

ରୂପ୍ସା,୧୨ା୬(ଡି.ଏନ.ଏ.)- ବାଲେଶ୍ୱର ସଦର ରେଞ୍ଜ ଅବକାରୀ ବିଭାଗ ପକ୍ଷରୁ ବୁଧବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୩ ଜଣ ଦେଶୀ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇଛି । ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ସଦର ଉପନିରୀକ୍ଷକ ଅର୍ଜୁନ ମଲ୍ଲିକଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା । ମଲିସାହି ଗ୍ରାମର ଜଗନ୍ନାଥ ଦାସ ଦେଶୀ ମଦ ବିକ୍ରି କରୁଥିବା ବେଳେ ତାଙ୍କୁ ଧରାଯାଇଥିଲା। ସେହିପରି ଫୁଲାଡି ଛକ ପାନ ଦୋକାନରେ ଚୋରା ଦେଶୀ ମଦ ବିକ୍ରି କରୁଥିବା ସହଦେବଖୁଣ୍ଟା ଥାନା ଧରଣିପୁର ଗ୍ରାମର ପଦ୍ମଲୋଚନ ସିଂ ଓ ରେମୁଣା ଥାନାର ରୁଦ୍ରପୁର ଅଞ୍ଚଳର ନବ ଜେନାଙ୍କୁ ଅବକାରୀ ବିଭାଗ କର୍ମଚାରୀ ଗିରଫ କରିଛନ୍ତି। ସୋମାନଙ୍କ ନିକଟରୁ ବହୁ ଚୋରା ଦେଶୀ ମଦ ଓ ଏକ ମୋଟରସାଇକେଲ ଜବତ କରାଯାଇଛି। । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

---

**ZILLA SWASTHYA SAMITI, KEONJHAR**
**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**

**CORRIGENDUM**

**Advt. No.: 2820** **Date: 11.06.2019**

**Tender for BMW Management in DHH/ SDH/CHC/PHC of Keonjhar District**

No. 51-E:- With reference to this Office Advt. No. 2730 Dt.29.05.2019 published in daily newspaper on Dt.30.05.2019 & also the tender documents was uploaded in the District NIC website on 30.05.2019 related to tender for Bio Medical Waste (BMW) Management in DHH/ SDH/CHC/PHC of Keonjhar district, the following Corrigendum is being issued.

- In tender document Page No.-2, in Point No.-8, it may be read as agency should have submit valid licence from the OSPCB/ undertaking in shape on affidavit for submission of certificate within 2 months after getting award.
- In point No.-10, it may be read as experience in the field of Bio Medical waste management in the Govt. Hospital/PSU only at least for a period of 2 years instead of 3 years.
- The revised last date of submission of tender is extended to 29.06.2019 till 2 P.M. & opening of tender is on 01.07.2019 at 12.30 P.M. at the O/o. ADPHO(FW), Keonjhar.

All other terms & conditions of the said tender remain unchanged.

**Sd./- Chief District Medical & Public Health Officer, Keonjhar**

10033/11/0003/1920

---

**REQUEST FOR PROPOSAL**

**Advt. No.: 3107** **Date: 11.06.19**

**(ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୁନ୍ଦରଗଡ଼ରେ ରୋଗୀଙ୍କୁ ଖାଦ୍ୟ ଯୋଗାଣ ପାଇଁ ପ୍ରସ୍ତାବ ଅନୁରୋଧ)**

No. 53-E:- Sealed request for Proposal are invited from interested agencies/firm/NGO/SHG or individuals **for Outsourcing of Diet Service at DHH, Sundargarh**. Details regarding eligibility criteria, terms & conditions and the formats of submission of bid are mentioned in the Request for Proposal which may be downloaded from the website; **www.sundergarh.nic.in**. Interested agencies/firm/NGO/SHG or individuals may submit their bid in a sealed envelope with superscribing on the top of the sealed envelope as **"Outsourcing of Diet Service at DHH, Sundargarh" in reference to Advertisement No.- 3107 Dtd.11.06.19**. The RFP should reach the office of the undersigned by Registered/Speed Post/ Courier on or before 24.6.19 at 5 P.M. The tenders will be opened at 11.30 A.M. on 25.06.19. The undersigned reserves the right to reject any or all the RFP without assigning any reason thereof.

**Sd./- Chief District Medical & Public Health Officer, Sundargarh**

10100/11/0005/1920

---

**Government of Odisha**

**"e" Procurement Notice**

**OFFICE OF THE EXECUTIVE ENGINEER**
**KORAPUT (R&B) DIVISION, KORAPUT**

**Bid Identification No. E.E. (R&B) KPT-02/2019-20**

**No. 11-B:-**

| | | |
|---|---|---|
| 1. | Name of the Work | : Road & Buildings works |
| 2. | Total No. of works | : 5 Nos. |
| 3. | Estimated Cost | : Rs. 35.36 lakhs to 48.04 lakhs |
| 4. | Period of Completion | : 04 (Four) months to 06 (Six) months |
| 5. | Date & time of availability of bid document in the portal | : From 12.06.2019 at 11.00 hours to 26.06.2019 upto 17.00 hours |
| 6. | Last date / time for receipt of bids in the portal | : 26.06.2019 upto 17.00 hours |
| 7. | Date of opening of tender | : 27.06.2019 at 12.00 hours |
| 8. | Name and address of the Officer inviting Bid | : Executive Engineer, Koraput (R&B) Division |

Further details can be seen from the e-Procurement portal https://tendersorissa.gov.in

***Sd./- Executive Engineer Koraput (R&B) Division***

34096/11/0001/1920

---

**DIRECTORATE OF DRUGS CONTROL, ODISHA**
Near Sainik School, New Nandankanan Road,
Bhubaneswar- 751017
Ph : 0674-2300494, 2303646/ FAX:0674-23002624
Email -drugscontrolorissa@gmail.com. dcaodisha@nic.in/
Website: http://dcaodisha.nic.in

No. 2575 / Bhubaneswar Dated. 07.06.2019
DC-MISC-DPCO-31/2016

**TENDER NOTICE FOR AWARD OF CONTRACT FOR PROVIDING OF MANPOWER TO PMRU UNDER DIRECTORATE OF DRUGS CONTROL, ODISHA FOR A PERIOD OF ONE YEAR**

No. 56-E: Sealed tender are invited from reputed/ registered Manpower Agencies/ Service Providers to provide the services of Manpower [like Data Entry Operator] for a period of one year with effect from the date of execution of the agreement with the Service Provider agency by the hirer through on contract basis for day to day official work of PMRU of Directorate of Drugs Control, Odisha.

| | | | |
|---|---|---|---|
| • | Date of sale of Tender paper | - | 17/06/2019 to 12/07/2019 (11 A.M to 4 P.M on all working days) |
| • | Last date of submission of Tender | - | 12/07/2019 up to 3PM |
| • | Pre-Bid conference | - | 02/07/2019 at 4PM |
| • | Date of opening of Tender | - | 12/07/2019 at 4PM |
| • | Cost of Tender paper (Non-refundable) | - | Rs.1050/- (Rupees one thousand Fifty) Bank draft/ Demand Draft/ Pay Order in favour of "Drugs Controller, Directorate of Drugs Control, Odisha" from any Nationalized/ Scheduled Bank payable at Bhubaneswar |
| • | Address for correspondence | - | Directorate of Drugs Control, Near Sainik School, New Nandanakan Road, Bhubaneswar, Odisha -751017. |

The tender will be opened on scheduled date and time in office chamber of the undersigned in presence of the bidders or their authorised representatives. In the event of the date being declared as a holiday for Government of Odisha, the due date of submission of bids and opening of bids will be the next working day. The Bidders can also download the Tender documents directly from Government website available at http:// dcaodisha.nic.in (view all Tenders) subject to condition that the money towards tender cost will be applicable as per procedure mentioned above. Any tender received after the due date & time will be rejected and returned to the sender un-opened. The tender will be received through Regd. Post/ Courier Service/ Speed Post only. The authority reserve the right any/ all the Tenders without assigning any reason thereof.

**Sd./- Drugs Controller, Odisha**

10004/11/0001/1920

---

No. 62-A

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE CHIEF ENGINEER & NODAL OFFICER, JICA PROJECTS,**
BRAHMANI LEFT BASIN, SUKINDA, AT- JAMUPOSI, PO-AMPLOBA, DIST.- JAJPUR-755 018 (ODISHA).
e-mail: cejicablbeicwr.od@gov.in / cebmblb@gmail.com

Letter No. 2390 (WE) /Dated: 07.06.19

**PUBLIC NOTICE**

**Government of Odisha, Forest & Environment Department**
No.10F (Con) 11/18(Pt) 10394/F&E, Bhubaneswar, dated the **30-05-2019**.

**ORDER**

Sub: **Diversion of 874.5957 ha. of balance forest land out of total 2107 ha. Stage-I approved forest land in addition to 812 ha. of forest land already finally approved for construction of Rengali Irrigation Project (Barrage and Canal System) in Angul, Dhenkanal, Cuttack and Keonjhar Districts of Odisha.**

Sir,

WHEREAS, Department of Water Resources, Government of Odisha had applied for diversion of 2159.43 ha. of forest land for construction of Rengali Irrigation Project (Barrage and Canal System) in Angul, Dhenkanal, Cuttack and Keonjhar Districts of Odisha.

And whereas, the Ministry of Environment, Forests & Climate Change (hereinafter referred to as MoEF&CC), Government of India had accorded Stage-I clearance/ in-principle approval for diversion of 2107 ha. of forest land for construction of Rengali Irrigation Project (Barrage and Canal System) in Angul, Dhenkanal, Cuttack and Keonjhar Districts of Odisha vide its letter No.8-53/96-FC dtd. 21.11.1996 **(Annexure-I)**.

And whereas, the MoEF&CC, Government of India, in consideration of the compliance of the conditions of the 'in-principle' approval, has accorded final approval for diversion of said **874.5957 ha.** of balance forest land out of total **2107 ha. Stage-I** approved forest land in addition to **812 ha.** of forest land already finally approved and also allowing change in existing alignment upto 312.8467 ha. (which was not part of the area which was given Stage-I in 1996) for construction of Rengali Irrigation Project (Barrage and Canal System) in Angul, Dhenkanal, Cuttack and Keonjhar Districts of Odisha vide its letter No.F.No.8-53/1996-FC dtd. 17.05.2019 **(Annexure-II)** under Section 2 of the Forest (Conservation) Act, 1980.

Now therefore, the Government of Odisha, do hereby allow diversion of 874.5957 ha. of balance forest land out of total 2107 ha. Stage-I approved forest land in addition to 812 ha. of forest land already finally approved for construction of Rengali Irrigation Project (Barrage and Canal System) in Angul, Dhenkanal, Cuttack and Keonjhar Districts of Odisha as per approved land use patter subject to fulfilment of the conditions of final forest clearance order as stipulated by the MoEF&CC, Government of India.

The Collector, Keonjhar/ Dhenkanal/ Cuttack/ Angul and Divisional Forest Officer, Keonjhar/ Dhenkanal/ Cuttack/ Athagarh/ Keonjhar (WL) Division/ Angul are authorized to hand over the diverted forest land to the user agency subject to having valid lease and compliance of Court's order, if any, following due procedure of law. Before handing over the diverted forest land to the user agency, it shall be ensured that all compensatory levies including NPV/CA and differential amount towards cost of raising balance CA and canal bank plantation as per the present wage rate, is deposited, in full, at applicable rates.

The Divisional Forest Officer, Keonjhar/ Dhenkanal/ Cuttack/Athagarh/ Keonjhar (WL) Division/ Angul are also directed to monitor compliance to the conditions stipulated for such diversion in the respective forest/ Wildlife clearance order and to report violations, if any, to the Nodal Officer, O/o Principal CCF, Odisha and to the Forest & Environment Department.

Execution of project activities will be subject to availability of all other statutory clearances required under relevant Act/Rules for this infrastructure project, deposit of requisite funds and compliance of Court's order, if any.

**By order of Governor**
**Sd/- 25.05.2019 (Debidutta Biswal)**
**Special Secretary to Government**

**Annexure-I**

GOVERNMENT OF INDIA
MINISTRY OF ENVIRONMENT & FORESTS
PARYAVARAN BHAVAN, C.G.O. COMPLEX, LODHI ROAD, NEW DELHI-110 003

**PUBLIC NOTICE**

File No.**8-53/96-FC** dtd.**21.11.1996**

From
Sri D.C. Khanduri
Sr. Asstt. Inspector General of Forests

To
The Secretary
Forest Department, Govt. of Orissa, Bhubaneswar.

Sub: Diversion of 2159.43 ha. of forest land for construction of Rengali Irrigation Project in Angul, Cuttack, Dhenkanal and Keonjhar districts of Orissa.

Sir,

I am directed to refer to your letter No.10F (Cons) 55/96-9492/F&E dated 26.4.1996 on the above mentioned subject seeking prior approval of the Central Government in accordance with Section-2 of the Forest (Conservation) Act, 1980.

2. After careful consideration of the proposal of the State Government, the Central Government hereby **approves in principle** the diversion of **2107 ha.** of forest land (details in the schedule) for construction of Rengali Irrigation Project (Barrage and Canal Systems) in Angul, Cuttack, Dhenkanal and Keonjhar districts of Orissa subject to the fulfilment of following conditions:-

i) Immediate action should be taken for transfer and mutation of equivalent non-forest land in favour of the State Forest Department.

ii) The user agency will transfer the cost of compensatory afforestation (revised as on date to incorporate exiting wage structure) in favour of the Forest Department.

iii) Funds for compensatory afforestation will be provided for afforestation/ rehabilitation an area equivalent to forest area proposed to be diverted in addition to the land offered for compensatory afforestation. This area will be utilised for the purposes of irrigated plantations for which free water will be provided. The State doesn't have such a programme at present. Certain areas will be identified for eco-tourism and will be developed as such.

iv) The Advisory Committee recommends the proposal for approval for diversion of (2159.43 ha. – 52.03 ha.= 2107 ha.) forest land.

v) The project will provide crossing points for wild elephants wherever necessary after consultation with forest officers at local level.

SCHEDULE

Break-up of forest land diverted for non-forestry use by legal status.

(hectares)

| S.No. | Name of Forest Division | RF | PF | Khesra Forests | Village Forest | Total |
|---|---|---|---|---|---|---|
| 1. | Angul | -- | 0.287 | 14.475 | 87.822 | 102.584 |
| 2. | Dhenkanal | 242.54 | 29.33 | 249.76 | 256.18 | 777.81 |
| 3. | Athagarh | 177.62 | 5.64 | -- | 260.61 | 443.87 |
| 4. | Keonjhar | 51.77 | 0.51 | -- | 730.86 | 783.14 |
| | | 471.93 | 35.767 | 264.235 | 1335.472 | 2107.36 |
| | | | | | | or 2107 ha. (say) |

3. After receipt of compliance report on the fulfilment of the above conditions from the State Government, formal approval will be issued in this regard under Section-2 of the Forest (Conservation) Act, 1980. Transfer of forest land to user agency should not be effected by the State Government till formal order approving diversion of forest land are issued by the Central Government.

**Yours faithfully,**
**Sd/-21.11.96 (D.C.KHANDURI)**
**Sr. Asstt. Inspector General of Forests**

**Annexure-II**

Government of India
Ministry of Environment, Forest & Climate Change (FC Division)
Indira Paryavaran Bhawan. Aliganj, Jor Bag Road, New Delhi-110003

**PUBLIC NOTICE**

F. No. **8-53/1996-FC** Date: **17.05.2019**

To
The Principal Secretary (Forest),
Govt. of Odisha, Bhubaneswar.

Sub: Diversion of 874.5957 ha of balance forest land out of total 2107 ha. Stage-I approved forest land in addition to 812 ha. of forest land already finally approved for construction of Rengali Irrigation Project (Barrage and canal system) in Angul, Dhenkanal, Cuttack and Keonjhar Districts of Odisha.

Sir,

I am directed to refer to the State Government of Odisha's letter No. 10F (Cons) 55/96-9492/F&E dated 26.04.1996 on the subject mentioned above seeking prior approval of the Central Government under Section-2 of the Forest (Conservation) Act, 1980 and to say that the proposal for diversion of 2159.43 ha of forest land for construction of Rengali Irrigation Project (Barrage and canal system) in Angul, Dhenkanal, Cuttack and Keonjhar Districts of Odisha had been examined by the Forest Advisory Committee constituted by the Central Government under Section-3 of the aforesaid Act. After careful examination of the proposal of the State Government and on the basis of the recommendations of the Forest Advisory Committee, ***Stage-I Clearance/ In-principle*** approval of the Central Government was granted on **21.11.1996** for diversion of 2107 ha of forest land for construction of Rengali irrigation Project (Barrage and canal system) in Angul, Dhenkanal, Cuttack and Keonjhar Districts of Odisha under Section 2 (ii) of Forest (Conservation) Act, 1980 subject to certain conditions prescribed therein.

2. Government of Odisha had requested for splitting up the Stage-I forest clearance for the project and requested for **grant of Stage-II forest clearance for an area over 812 ha only** in the year 2002 for execution of project activities in phases owing to financial constraints. Considering the request of State Government, the Ministry accorded Stage-II forest clearance for 812 ha **(out of 2107 ha of forest land agreed in-principle)** vide this Ministry's letter of even number dated 14.5.2003 subject to fulfilment certain conditions prescribed therein.

3. Now, Government of Odisha vide their letter No. 10F (Cons) 212/2016(pt)20941/F&E dated 11.11.2016 requesting for **Stage-II approval for diversion of 874.5957 ha** forest land (out of balance approval of Stage-I for 1295 ha of forest land) under Section 2 of the Forest (Conservation) Act, 1980 and subsequent letters no. 2425/9F(Irrg.)-2015/2004 dated 05.02.2018, 10F (cons)- 11/2018 (pt)/5885/F&E dated 14.03.2018, 10F(cons)-11/2018 (pt)/16220/F&E dated 25.07.2018 and no. 3239/9F(Irrg.)353/2018 dated 20.02.2019 submitted compliance report/ additional information in connection with above subject proposal.

4. Based on the recommendations of Forest Advisory Committee and its acceptance with condonation of the delay by the competent authority, prior approval for diversion of 874.5957 ha of balance forest land out of total 2107 ha. for which Stage-I approved forest land in addition to 812 ha. of forest land already finally approved and also allowing change in existing alignment up to 312.8467 ha (which was not part of the area which was given stage I in 1996) for construction of Rengali Irrigation Project (Barrage and canal system) in Angul, Dhenkanal, Cuttack and Keonjhar Districts of Odisha subject to fulfilment of the following conditions:

i. Legal status of the forest land shall remain unchanged.
ii. Forest land will be handed over only after required non-forest land for the project is handed over to the user agency, if not done earlier.
iii. **The State Government shall ensure that the user agency shall pay differential amount towards cost of raising balance compensatory afforestation and canal plantation as per the present wage rate in CAMPA account before issue of final order for affecting diversion of 874.5957 ha of forest land under intimation to this Ministry**
iv. The State Government ensure that the final order shall be issued on **realization** of admissible funds for all compensatory levies including NPV/CA from the user agency.
v. The admissible non-forest land shall be transferred and mutated, if not done, in favour of the State Forest Department for the purpose of compensatory afforestation and the same shall be declared as Reserved Forest under Section-4 or Protected Forest under Section-29 of the Indian Forest Act, 1927 or under the relevant Section(s) of the State Forest Act.
vi. The State Government shall ensure that funds of Rs. 6,21,71,710/- for compensatory afforestation and Rs. 6,44,75,510/- for irrigated plantation realized from the user agency and deposited in the account of State Forest Department had utilized or being utilized on approved schemes. The documentary evidences for utilization of said funds shall be furnished to this Ministry as well Regional Office, Bhubaneswar.
vii. The State Government ensure that the approved crossing points for wild elephants shall be constructed in consultation with the State Forest Department at the project cost.
viii. The State Government ensure that canal bank plantation shall be raised in consultation with the State Forest Department at the project cost.
ix. The State Government ensure that approved Catchment area treatment plan shall be implemented by the State Forest Department from the funds deposited in CAMPA account.
x. The State Govt. ensure that the user agency shall implement the R&R Plan as per the R&R Policy of State Government in consonance with National R&R Policy, Government of India before the commencement of the project work. The said R&R Plan will be monitored by the State Government/Regional Office of MoEF&CC along with indicators for monitoring and expected observable milestones.
xi. The State Government ensure that reservoir so created shall be declared as "Reserve Forest" under Indian Forest Act 1927 with regulated fishing rights
xii. The complete compliance of the FRA, 2006 shall be ensured by way of prescribed certificate from the concerned District Collector
xiii. The felling of trees shall be restricted to FRL-4 meter only and felling of trees shall be carried out by the State Forest Department. Number of trees to be removed shall be kept at barest minimum during the execution of the project
xiv. User Agency shall obtain Environmental Clearance as per the provisions of the Environmental (Protection) Act, 1986, if applicable.
xv. User agency shall undertake afforestation along the periphery of the reservoir.
xvi. The layout plan of the proposal shall not be changed without prior approval of Central Government.
xvii. No labour camp shall be established on the forest land.
xviii. Sufficient firewood, preferably the alternate fuel, shall be provided by the User Agency to the labourer after purchasing the same from the State Forest Department or the Forest Development Corporation or any other legal source of alternate fuel.
xix. The boundary of the diverted forest land shall be suitably demarcated on ground at the project cost, as per the directions of the concerned Divisional Forest Officer.
xx. No additional or new path will be constructed inside the forest area for transportation of construction materials for execution of the project work.
xxi. The period of diversion under this approval shall be co-terminus with the period of lease to be granted in favour of the user agency or the project life, whichever is less.
xxii. The forest land shall not be used for any purpose other than that specified in the project proposal.
xxiii. The forest land proposed to be diverted shall under no circumstances be transferred to any other agencies, department or person without prior approval of Govt. of India.
xxiv. The User Agency and the State Government shall ensure compliance of all the Court orders, provisions, rules, regulations and guidelines for the time being in force as applicable to the project.
xxv. Violation of any of these conditions will amount to violation of Forest (Conservation) Act, 1980 and action would be taken as per para 1.21 of comprehensive guidelines issued vide this Ministry's letter No.5-2/2017-FC dated 28.03.2019.
xxvi. Any other condition that the Ministry of Environment, Forests & Climate Change may stipulate from time to time in the interest of conservation, protection and development of forests & wildlife.

**Yours faithfully,**
**Sd/-17.05.2019**
**(Sandeep Sharma)**
**Assistant Inspector General of Forests (FC)**

---

**ଓଡିଶା ସରକାର, ଜଳ-ସମ୍ପଦ ବିଭାଗ,**
**ଜାଇକା ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଏବଂ ନୋଡାଲ ଅଫିସରଙ୍କ କାର୍ଯ୍ୟାଳୟ,**
**ବ୍ରାହ୍ମଣୀ ବାମ ଅବବାହିକା, ସୁକିନ୍ଦା, ଗ୍ରାମ: ଜାମୁପୋଷି, ପୋଷ୍ଟ: ଆମ୍ପ୍ଲୋବା, ଜିଲ୍ଲା: ଯାଜପୁର, ପିନ୍-755018 (ଓଡିଶା)**
e-mail: cejicablbeicwr.od@gov.in / cebmblb@gmail.com

ପତ୍ର ସଂଖ୍ୟା-BLB-FC-03/16-17-18-19/ ୨୩୯୦ /WE ତାରିଖ- 07.06.2019

**ସାର୍ବ ଜନିନ ସୂଚନା**

ଓଡିଶା ସରକାର, ଜଙ୍ଗଲ ଓ ପରିବେଶ ବିଭାଗ
ସଂଖ୍ୟା- 10F (Con) 11/18(Pt) 10394/F&E, ଭୁବନେଶ୍ୱର, ତାରିଖ- 30.05.2019

**ଆଦେଶ**

**ବିଷୟ- ଓଡିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ ସୋପାନ-1ରେ 2107 ହେକ୍ଟର ଜଙ୍ଗଲ ଜମିରୁ, ପୂର୍ବରୁ ଅନୁମୋଦିତ 812 ହେକ୍ଟର ଜମି ସହ, ବର୍ତ୍ତମାନ ପାଇଁ ବଳକା ଥିବା ଜମିରୁ, 874.5957 ହେକ୍ଟର ଜଙ୍ଗଲ ଜମି, ଅଣ ଜଙ୍ଗଲ କିଷମକୁ ପରିବର୍ତ୍ତନ ପାଇଁ ମଞ୍ଜୁରୀ ।**

ମହାଶୟ,

ଯେହେତୁ, ଓଡିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ **2159.43** ହେକ୍ଟର ଜମି, ଅଣ ଜଙ୍ଗଲ କିଷମ କରିବା ପାଇ। ଓଡିଶା ସରକାରଙ୍କର ଜଳ ସମ୍ପଦ ବିଭାଗ ଆବେଦନ କରିଥିଲେ ।

ଏବଂ ଯେହେତୁ, ଭାରତ ସରକାରଙ୍କର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ଏହା ପରଠାରୁ MoEF&CC ଭାବରେ ସୂଚୀତ ହେବ), ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ନିର୍ମାଣ ହେବାକୁ ଥିବା ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ) ପାଇଁ, ତାଙ୍କର ପତ୍ର ସଂଖ୍ୟା F.No.8-53/1996-FC ତାରିଖ- 21.11.1996 (ଅନୁବନ୍ଧ-1)ରେ **2017** ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ସୋପାନ-1 ଅନୁମତି/ନୀତିଗତ ଅନୁମୋଦନ ଦେଇଥିଲେ ।

ଏବଂ ଯେହେତୁ, ଭାରତ ସରକାରଙ୍କର MoEF&CC, ନୀତିଗତ ଅନୁମୋଦନର ସର୍ତ୍ତଗୁଡିକର ଅନୁପାଳନକୁ ବିଚାରକୁ ନେଇ ଓଡିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ ମୋଟ **2107** ହେକ୍ଟର ସୋପାନ-1 ଅନୁମୋଦିତ ଜଙ୍ଗଲ ଜମିରୁ **874.5957** ହେକ୍ଟର ଅବଶିଷ୍ଟ ଜଙ୍ଗଲ ଜମି, ଏହା ପୂର୍ବରୁ ଅନୁମୋଦିତ **812** ହେକ୍ଟର ଜଙ୍ଗଲ ଜମି ପାଇଁ ଦିଆଯାଇଥିବା ଚୂଡାନ୍ତ ଅନୁମୋଦନ ଓ କେନାଲର ଅନୁସୂଚିତ ସ୍ଥିତିରେ ପରିବର୍ତ୍ତନ (1996 ରେ ସୋପାନ-1ରେ ଦିଆଯାଇଥିବା ଅନୁମୋଦନରେ ଅନ୍ତର୍ଭୁକ୍ତ ନଥିବା) 312.8467 ହେକ୍ଟର ଜମିର) ପରିବର୍ତ୍ତନ ପାଇଁ ପତ୍ର ସଂଖ୍ୟା F.No.8-53/1996-FC ତାରିଖ- 17.05.2019 (ଅନୁବନ୍ଧ-2)ରେ ଜଙ୍ଗଲ (ସଂରକ୍ଷଣ) ଆଇନ-1980 ରେ ଚୂଡାନ୍ତ ଅନୁମୋଦନ ଦେଇଛନ୍ତି ।

ତେଣୁ ଓଡିଶା ସରକାର ବର୍ତ୍ତମାନ, ଓଡିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ ମୋଟ **2107** ହେକ୍ଟର (ସୋପାନ-1) ଜଙ୍ଗଲ ଜମି ମଧ୍ୟରୁ, ଆଗରୁ ଦିଆଯାଇଥିବା **812** ହେକ୍ଟର ଜଙ୍ଗଲ ଜମିର ଚୂଡାନ୍ତ ଅନୁମୋଦନ ସହିତ, ଅବଶିଷ୍ଟରୁ ବର୍ତ୍ତମାନ **874.5957** ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ଭାରତ ସରକାରଙ୍କର MoEF&CC ଦ୍ୱାରା ଦିଆଯାଇଥିବା ସର୍ତ୍ତଗୁଡିକର ଅନୁପାଳନ ସର୍ତ୍ତରେ କିସମ ପରବର୍ତ୍ତନ ପାଇଁ ଅନୁମତି ଦେଇଛନ୍ତି ।

କେନ୍ଦୁଝର, ଢେଙ୍କାନାଳ, କଟକ ଓ ଅନୁଗୋଳ ଜିଲ୍ଲାର ଜିଲ୍ଲାପାଳ ତଥା କେନ୍ଦୁଝର, ଢେଙ୍କାନାଳ, କଟକ, ଆଠଗଡ, କେନ୍ଦୁଝର (ବନ୍ୟ ପ୍ରାଣୀ) ଡିଭିଜନ ଓ ଅନୁଗୋଳ ଡିଭିଜନର ବନ ଅଧିକାରୀ (DFO)ମାନଙ୍କୁ ବ୍ୟବହାରକାରୀ ସଂସ୍ଥାକୁ ବୈଧ ଲିଜ୍ (Lease) ଅଦାଲତଙ୍କର ଆଦେଶ ଯଦି କିଛି ଥାଏ, ଆଇନର ନୀତି ଅନୁସରଣ ପୂର୍ବକ ପରିବର୍ତ୍ତିତ ଜଙ୍ଗଲ ଜମିକୁ ହସ୍ତାନ୍ତର କରିବା ପାଇଁ କ୍ଷମତା ଦିଆଗଲା । ବ୍ୟବହାରକାରୀ ସଂସ୍ଥାକୁ ପରିବର୍ତ୍ତିତ ଜଙ୍ଗଲ ଜମି ହସ୍ତାନ୍ତର କରିବା ପୂର୍ବରୁ, ସେମାନଙ୍କୁ ସୁନିଶ୍ଚିତ କରିବାକୁ ପଡିବ ଯେ, NPV/CA ଏବଂ ବଳକା CA ଓ କେନାଲ ବନ୍ଧରେ ବୃକ୍ଷ ରୋପଣ ପାଇଁ ପ୍ରଚଳିତ ମଜୁରି ଅନୁସାରେ, ସମସ୍ତ ଖର୍ଚ୍ଚ, ଧାର୍ଯ୍ୟ କରାଯାଇଥିବା କ୍ଷତିପୁରଣ (LEVIS) ସହିତ ପୂର୍ଣ୍ଣମାତ୍ରାରେ ଜମା ଦିଆଯାଇଛି।

କେନ୍ଦୁଝର/ଢେଙ୍କାନାଳ/କଟକ/ଆଠଗଡ/ଅନୁଗୋଳ/ କେନ୍ଦୁଝର (ବନ୍ୟ ପ୍ରାଣୀ) ଡିଭିଜନ ଓ ଅନୁଗୋଳ ଡିଭିଜନର DFOମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି ଯେ, ନିଜ ନିଜ ଅଞ୍ଚଳରେ ଜଙ୍ଗଲ ଜମି/ବନ୍ୟ ପ୍ରାଣୀ କ୍ଷେତ୍ରରେ ଦିଆଯାଇଥିବା ସର୍ତ୍ତାବଳୀର ପାଳନ ତଦାରଖ କରିବେ ଏବଂ ଯଦି କୌଣସି ତୃଟି/ ବିଚ୍ୟୁତି ଘଟେ, ତାହା ଜଙ୍ଗଲ ଓ ପରିବେଶ ବିଭାଗର ପ୍ରିନସ୍ପାଲ୍ CCFଙ୍କ ଅଫିସରେ ଅବସ୍ଥାପିତ ନୋଡାଲ ଅଫିସରଙ୍କୁ ଜଣାଇବେ ।

ଏହି ଭିତ୍ତିଭୂମି ପ୍ରକଳ୍ପର ନିର୍ମାଣ, ଆବଶ୍ୟକୀୟ ଆଇନ/ନିୟମ ଅନୁପାଳନ, ଆବଶ୍ୟକୀୟ ପାଣ୍ଠି ଜମା ଓ ବିଚାରାଳୟର, ଯଦି କୌଣସି ଆଦେଶ ଥାଏ, ତାର ପାଳନ ଉପରେ ନିର୍ଭରଶୀଳ ।

**ରାଜ୍ୟପାଳଙ୍କ ଆଦେଶ ଅନୁସାରେ**
**ସ୍ୱାକ୍ଷର/-25.05.2019**
**(ଦେବୀଦତ୍ତ ବିଶ୍ୱାଳ)**
**ସରକାରଙ୍କ ସ୍ୱତନ୍ତ୍ର ସଚିବ**

ଅନୁବନ୍ଧ-1

ଭାରତ ସରକାର
ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ
ପାର୍ଯ୍ୟାବରଣ ଭବନ, C.G.O. କମ୍ପ୍ଲେକ୍ସ, ଲୋଧି ରୋଡ, ନୂଆଦିଲ୍ଲୀ – 110 003

**ସାର୍ବ ଜନିନ ସୂଚନା**

F.No.8-53/1996-FC ତାରିଖ- 21.11.1996

ପ୍ରେରକ
ଶ୍ରୀ ଡି.ସି.ଖଣ୍ଡୁରି
ସିନିୟର ଆସିଷ୍ଟାଣ୍ଟ ଇନସ୍ପେକ୍ଟର ଜେନେରାଲ ଅଫ ଫରେଷ୍ଟସ

ପ୍ରାପକ
ଓଡିଶା ସରକାରଙ୍କ ଜଙ୍ଗଲ ବିଭାଗ ସଚିବ, ଭୁବନେଶ୍ୱର

**ବିଷୟ- ଓଡିଶାର ଅନୁଗୋଳ, କଟକ, ଢେଙ୍କାନାଳ ଏବଂ କେନ୍ଦୁଝର ଜିଲ୍ଲାରେ ନିର୍ମାଣ ହେବାକୁ ଥିବା ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ ପାଇଁ 2159.43 ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ।**

ମହାଶୟ,

ଆପଣ ଉପରୋକ୍ତ ବିଷୟରେ କେନ୍ଦ୍ର ସରକାରଙ୍କ ଠାରୁ ଜଙ୍ଗଲ (ସଂରକ୍ଷଣ) ଆଇନ 1980ର ସେକ୍ସନ-2 ଅନୁସାରେ, ପୂର୍ବାନୁମୋଦନ ପାଇଁ ଲେଖିଥିବା ପତ୍ର ସଂଖ୍ୟା 10F (CONS) 55-9492/F&E ତା.26.04.1996 କୁ ଉଲ୍ଲେଖ କରିବା ପାଇଁ ଆଦେଶ ପାଇଅଛି ।

2) ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଯତ୍ନଶୀଳ ଭାବରେ ବିଚାର ପୂର୍ବକ, କେନ୍ଦ୍ର ସରକାର **2107** ହେକ୍ଟର ଜଙ୍ଗଲ ଜମି (ତଫସିଲ ମୁତାବକ) ପରିବର୍ତ୍ତନକୁ, ଅନୁଗୋଳ, କଟକ, ଢେଙ୍କାନାଳ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ) ନିର୍ମାଣ ପାଇଁ, ନିତିଗତ ଭାବେ ଅନୁମୋଦନ କରୁଅଛନ୍ତି ।

(କ) ସମପରିମାଣର ଜଙ୍ଗଲ ଜମିକୁ ରାଜ୍ୟ ଜଙ୍ଗଲ ବିଭାଗଙ୍କ ସପକ୍ଷରେ ତୁରନ୍ତ ହସ୍ତାନ୍ତର ଓ ମ୍ୟୁଟେସନ କରାଯିବ ।

(ଖ) ବ୍ୟବହାରକାରି ସଂସ୍ଥା କ୍ଷତିପୂରଣ ଜଙ୍ଗଲ ସୃଷ୍ଟି ପାଇଁ (ପ୍ରଚଳିତ ମଜୁରି ଅନୁସାରେ ଉକ୍ତ ତାରିଖରେ ପରିବର୍ତ୍ତନ କରାଯାଇଥିବା) ଉପଯୁକ୍ତ ମୂଲ୍ୟ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିବେ ।

(ଗ) କ୍ଷତିପୂରଣ ଜଙ୍ଗଲ ସୃଷ୍ଟି ପାଇଁ ନୂତନ ବନିକରଣ ନିମନ୍ତେ ପ୍ରସ୍ତାବିତ କ୍ଷେତ୍ର ଅନୁସାରେ ସମାନ ଅତିରିକ୍ତ ଜାଗା ପାଇଁ ପାଣ୍ଠି ଯୋଗାଇବେ । ଏହି ଜାଗାରେ ଜଳ ସେଚିତ ବୃକ୍ଷ ରୋପଣ ପାଇଁ ମାଗଣା ପାଣି ଯୋଗାଇଦେବେ । ବର୍ତ୍ତମାନ ପାଇଁ ରାଜ୍ୟରେ ଏଭଳି କିଛି କାର୍ଯ୍ୟକ୍ରମ ନାହିଁ । ପାର୍ଯ୍ୟାବରଣ-ପର୍ଯ୍ୟଟନ ପାଇଁ କେତେକ ଅଞ୍ଚଳ ଚିହ୍ନଟ ପୂର୍ବକ ବିକାଶ କରାଯିବ ।

(ଘ) ଉପଦେଷ୍ଟା କମିଟି (2159.43 ହେକ୍ଟର–52.03 ହେକ୍ଟର = **2107** ହେକ୍ଟର) ଜଙ୍ଗଲ ଜମି ପରିବର୍ତ୍ତନ ଅନୁମୋଦନ ପାଇଁ ସୁପାରିଶ କରିଛନ୍ତି ।

(ଙ) ସ୍ଥାନୀୟ ଜଙ୍ଗଲ ବିଭାଗ ଅଧିକାରୀଙ୍କ ସହିତ ପରାମର୍ଶ କରି ପ୍ରକଳ୍ପ ଆବଶ୍ୟକ ଜାଗାମାନଙ୍କରେ ହାତୀମାନଙ୍କ ଗମନାଗମନ ପାଇଁ ସ୍ଥାନ (Crossing Point) ଯୋଗାଇ ଦେବେ ।

**ତଫସିଲ**

ଆଇନଗତ ଭାବେ ଅଣ ଜଙ୍ଗଲ ଜମି ପାଇଁ ପରିବର୍ତ୍ତିତ ହେଉଥିବା ଜଙ୍ଗଲ ଜମି ।

| S.No. | Name of Forest Division | RF | PF | Khesra Forests | Village Forest | Total |
|---|---|---|---|---|---|---|
| 1. | ଅନୁଗୋଳ | -- | 0.287 | 14.475 | 87.822 | 102.584 |
| 2. | ଢେଙ୍କାନାଳ | 242.54 | 29.33 | 249.76 | 256.18 | 777.81 |
| 3. | ଆଠଗଡ | 177.62 | 5.64 | -- | 260.61 | 443.87 |
| 4. | କେନ୍ଦୁଝର | 51.77 | 0.51 | -- | 730.86 | 783.14 |
| | | 471.93 | 35.767 | 264.235 | 1335.472 | 2107.36 |
| | | | | | | or 2107 ha. (say) |

3) ରାଜ୍ୟ ସରକାରଙ୍କ ଠାରୁ ଉପରୋକ୍ତ ସର୍ତ୍ତାବଳୀର ଅନୁପାଳନ ବିବରଣି ପ୍ରାପ୍ତି ପରେ (ଜଙ୍ଗଲ ସଂରକ୍ଷଣ) ଆଇନ 1980ର ସେକ୍ସନ-2 ଅନୁସାରେ ଆନୁଷ୍ଠାନିକ ଅନୁମୋଦନ ଦିଆଯିବ । କେନ୍ଦ୍ର ସରକାର ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ ଆନୁଷ୍ଠାନିକ ଆଦେଶ ଦେଲାପର୍ଯ୍ୟନ୍ତ, ବ୍ୟବହାରକାରି ସଂସ୍ଥାକୁ ଜଙ୍ଗଲ ଜମି ହସ୍ତାନ୍ତର କରାଯିବ ନାହିଁ ।

ଆପଣଙ୍କର ବିଶ୍ୱସ୍ଥ,

**ସ୍ୱାକ୍ଷର/-21.11.1996**
**(ଡି.ସି.ଖଣ୍ଡୁରି)**
**ସିନିୟର ଆସିଷ୍ଟାଣ୍ଟ ଇନସ୍ପେକ୍ଟର ଜେନେରାଲ ଅଫ ଫରେଷ୍ଟସ**

ସଂଲଗ୍ନ-2

**ସାର୍ବ ଜନିନ ସୂଚନା**

F.No.853-1996-FC ତାରିଖ- 17.05.2019

ପ୍ରାପକ
ପ୍ରମୁଖ ସଚିବ (ଜଙ୍ଗଲ),
ଓଡିଶା ସରକାର, ଭୁବନେଶ୍ୱର ।

**ବିଷୟ- ଓଡିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ ସୋପାନ-1ରେ 2107 ହେକ୍ଟର ଜଙ୍ଗଲ ଜମିରୁ, ପୂର୍ବରୁ ଅନୁମୋଦିତ 812 ହେକ୍ଟର ଜମି ସହ, ବର୍ତ୍ତମାନ ପାଇଁ ବଳକା ଥିବା ଜମିରୁ, 874.5957 ହେକ୍ଟର ଜଙ୍ଗଲ ଜମି, ଅଣ ଜଙ୍ଗଲ କିଷମକୁ ପରିବର୍ତ୍ତନ ପାଇଁ ମଞ୍ଜୁରୀ ।**

ମହାଶୟ,

ମୁଁ, ସେକ୍ସନ-2 ଅଧିନରେ ଅବା ଉପରୋକ୍ତ ବିଷୟରେ କେନ୍ଦ୍ର ସରକାରଙ୍କ ଠାରୁ ଜଙ୍ଗଲ (ସଂରକ୍ଷଣ) ଆଇନ 1980ର ଓଡିଶା ସରକାରଙ୍କର ପତ୍ର ସଂଖ୍ୟା 10F (CONS) 55/96-94-92/F&E ତା.26.04.1996 ଉଲ୍ଲେଖ କରି ନିର୍ଦ୍ଦେଶିତ ହୋଇ ଜଣାଉଅଛି ଯେ, ଓଡିଶା ରାଜ୍ୟର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ପାଇଁ 2159.43 ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ସକାଶେ ପଠାଯାଇଥିବା ପ୍ରସ୍ତାବ, କେନ୍ଦ୍ର ସରକାରଙ୍କ ଦ୍ୱାରା ଉପରୋକ୍ତ ଆଇନର ସେକ୍ସନ-3 ଅନୁସାରେ ଗଠିତ ଜଙ୍ଗଲ ଉପଦେଷ୍ଟା କମିଟି ଦ୍ୱାରା ପରିକ୍ଷା କରାଯାଇଥିଲା । ଉକ୍ତ ପ୍ରସ୍ତାବକୁ ସତର୍କତାର ସହିତ ପରୀକ୍ଷା କଲାପରେ ଏବଂ ଜଙ୍ଗଲ ଉପଦେଷ୍ଟା କମିଟିଙ୍କ ସୁପାରିଶ କ୍ରମେ 21.11.1996 ରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡିଶା ରାଜ୍ୟରେ ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର ନିର୍ମାଣ ନିମନ୍ତେ ଜଙ୍ଗଲ (ସଂରକ୍ଷଣ) ଆଇନ 1980 ସେକ୍ସନ-2 (II) ଅନୁସାରେ କେତେକ ସର୍ତ୍ତାବଳି ସହିତ **2107** ହେକ୍ଟର ଜଙ୍ଗଲ ଜମିର ପରିବର୍ତ୍ତନ ପାଇଁ ପ୍ରଥମ ସୋପାନ ଅନୁମତି/ନୀତିଗତ ଅନୁମୋଦନ ଦିଆଯାଇଥିଲା ।

2) କେତେକ ଆର୍ଥିକ ବାଧତା ହେତୁ ଓଡିଶା ସରକାର 2002 ମସିହାରେ, ଉକ୍ତ ପ୍ରକଳ୍ପକୁ ଭାଗ ଭାଗରେ କାର୍ଯ୍ୟାନ୍ୱୟନ କରିବା ପାଇଁ ସୋପାନ-1 ଜଙ୍ଗଲ ଅନୁମୋଦନ ମଧ୍ୟରୁ **812** ହେକ୍ଟର ପାଇଁ ସୋପାନ-2 ଅନୁମୋଦନ ଲାଗି ଅନୁରୋଧ କରିଥିଲେ । ରାଜ୍ୟ ସରକାରଙ୍କ ଅନୁରୋଧକୁ ବିଚାର କରି ଏହି ମନ୍ତ୍ରଣାଳୟ, ଉପରୋକ୍ତ ପତ୍ର ସଂଖ୍ୟା ତାରିଖ 14.05.2003 ରେ କେତେକ ସର୍ତ୍ତ ଅନୁପାଳନ ସହିତ **812** ହେକ୍ଟର (ନୀତିଗତ ଭାବରେ ଦିଆଯାଇଥିବା **2107** ହେକ୍ଟର ଜଙ୍ଗଲ ଜମିରୁ, 812 ହେକ୍ଟର ସୋପାନ-2 ଜଙ୍ଗଲ ଅନୁମୋଦନ ଦେଇଥିଲେ।

3) ବର୍ତ୍ତମାନ, ଓଡିଶା ସରକାର ତାଙ୍କର ପତ୍ର ସଂଖ୍ୟା 10F (CONS) 212/2016 (Pt.) 20941/F&E ତାରିଖ 11.11.2016 ରେ 874.5957 ହେକ୍ଟର ଜଙ୍ଗଲ ଜମି (ସୋପାନ-1ର ବାକି ଥିବା 1295 ହେକ୍ଟର ଜଙ୍ଗଲ ଜମି ପାଇଁ ମିଳିଥିବା ଅନୁମୋଦନ ମଧ୍ୟରୁ), ଜଙ୍ଗଲ ସଂରକ୍ଷଣ ଆଇନ 1980 ସୋପାନ-2 ଅଧିନରେ ପରିବର୍ତ୍ତନ ପାଇଁ, ସୋପାନ-2 ଅନୁମୋଦନ ପାଇଁ ଅନୁରୋଧ କରିଅଛନ୍ତି; ଏବଂ ପରବର୍ତ୍ତି ସମୟରେ ପତ୍ର ସଂଖ୍ୟା 2425/9F(Irrg.-2015/2004 ତାରିଖ 05.02.2018, 10F(Cons)-11/ 2018(Pt)/ 5885(F&E) ତାରିଖ 14.03.2018, 10F(Cons)-11/2018(Pt)/ 16220(F&E) ତାରିଖ 25.07.2018 ଏବଂ ସଂଖ୍ୟା 3239/9F (Irrg.) 353/2018 ତାରିଖ 20.02.2019 ଉପରୋକ୍ତ ପ୍ରସ୍ତାବ ଉପରେ ଅନୁପାଳନ ବିବରଣୀ/ ଅତିରିକ୍ତ ସୂଚନା ଦାଖଲ କରିଅଛନ୍ତି ।

4) ଜଙ୍ଗଲ ଉପଦେଷ୍ଟା କମିଟିଙ୍କ ସୁପାରିଶ ଆଧାରରେ ଏବଂ ଯୋଗ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଦିଆଯାଇଥିବା ବିଳମ୍ବ ଜନିତ କ୍ଷମା ଅନୁସାରେ, ଓଡିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ଆନିକଟ ଓ କେନାଲ ପ୍ରଣାଳୀ)ର, ନିର୍ମାଣ ନିମନ୍ତେ ନିମ୍ନଲିଖିତ ସର୍ତ୍ତାବଳୀ ପୁରଣ କରିବା ସହିତ **2107** ହେକ୍ଟର ଜଙ୍ଗଲ ଜମି ମଧ୍ୟରୁ **874.5957** ହେକ୍ଟର ବଳକା ଜଙ୍ଗଲ ଜମି ପରିବର୍ତ୍ତନ ପାଇଁ ପୂର୍ବାନୁମୋଦନ ଦିଆଗଲା । ପ୍ରଥମ ସୋପାନ ଅନୁମୋଦିତ 2107 ହେକ୍ଟର ଜଙ୍ଗଲ ଜମି ମଧ୍ୟରୁ ଆଗରୁ 812 ହେକ୍ଟର ପାଇଁ ଅନୁମୋଦନ ଦିଆଯାଇଅଛି ଏବଂ କେନାଲର ଅନୁସୂଚିତ ସ୍ଥିତିରେ 312.8467 ହେକ୍ଟର (ଯାହାକି 1996 ରେ ଦିଆଯାଇଥିବା ସୋପାନ-1ର ଅନ୍ତର୍ଭୁକ୍ତ ନୁହଁ) ପରିବର୍ତ୍ତନ ପାଇଁ ଓଡିଶାର ଅନୁଗୋଳ, ଢେଙ୍କାନାଳ, କଟକ ଏବଂ କେନ୍ଦୁଝର ଜିଲ୍ଲାରେ ରେଙ୍ଗାଳି ଜଳ ସେଚନ ପ୍ରକଳ୍ପ (ବ୍ୟାରେଜ ଓ କେନାଲ ବ୍ୟବସ୍ଥା)ର ନିର୍ମାଣ ପାଇଁ ପୂର୍ବାନୁମୋଦନ ଦିଆଗଲା, ଯାହା ନିମ୍ନଲିଖିତ ସର୍ତ୍ତାବଳୀକୁ ପୁରଣ କରିବା ବିଧେୟ:

i) ଜଙ୍ଗଲ ଜମିର ଆଇନଗତ ସ୍ଥିତି ଅପରିବର୍ତ୍ତିତ ରହିବ ।
ii) ବ୍ୟବହାର କରୁଥିବା କର୍ତ୍ତୃପକ୍ଷଙ୍କୁ, ଆବଶ୍ୟକ ପରିମାଣର ଅଣ-ଜଙ୍ଗଲ ଜମି ପ୍ରକଳ୍ପ ପାଇଁ ହସ୍ତାନ୍ତର କଲାପରେ, ଜଙ୍ଗଲ ଜମି ଦିଆଯିବ ।
iii) **ରାଜ୍ୟ ସରକାର 874.5957 ହେକ୍ଟର ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ, ବ୍ୟବହାରକାରୀ ସଂସ୍ଥା ଦ୍ୱାରା ବର୍ତ୍ତମାନର ମଜୁରୀ ହାର ଅନୁସାରେ କ୍ଷତିପୂରଣ ଜଙ୍ଗଲ ସୃଷ୍ଟି ପାଇଁ ଓ କେନାଲରେ ବୃକ୍ଷ ରୋପଣ ପାଇଁ ଅଧିକା ଆବଶ୍ୟକ ପଡୁଥିବା ପାଣ୍ଠି CAMPA ପାଣ୍ଠିରେ ଜମା ହେବା ସୁନିଶ୍ଚିତ କରିବେ ।**
iv) ରାଜ୍ୟ ସରକାର ଚୁଡାନ୍ତ ନିର୍ଦ୍ଦେଶ ଦେବା ପୂର୍ବରୁ କ୍ଷତିପୁରଣ ଲେଭି ସହିତ NPV/CA ପାଇଁ ଆବଶ୍ୟକ ପାଣ୍ଠି ବ୍ୟବହାରକାରୀ ସଂସ୍ଥା ଠାରୁ ଆଦାୟ କରିବେ ।
v) ଯଦି ପୂର୍ବରୁ ଗ୍ରହଣ ଯୋଗ୍ୟ ଅଣ ଜଙ୍ଗଲ ଜମି, ରାଜ୍ୟ ଜଙ୍ଗଲ ବିଭାଗକୁ କ୍ଷତିପୂରଣ ଜଙ୍ଗଲ ସୃଷ୍ଟି ପାଇଁ ହସ୍ତାନ୍ତର ଓ ଦାଖଲ ଖାରଜ ହୋଇନାହିଁ, ତେବେ ହସ୍ତାନ୍ତର ଓ ଦାଖଲ ଖାରଜ ପର। ସେ ଜମିକୁ ଭାରତ ଜଙ୍ଗଲ ଆଇନ 1927ର ସେକ୍ସନ-4 ଅଧିନରେ ସଂରକ୍ଷିତ ଜଙ୍ଗଲ ଅବା ସେକ୍ସନ-29 ଅଧିନରେ ସଂରକ୍ଷିତ ଜଙ୍ଗଲ ଅବା ରାଜ୍ୟ ଜଙ୍ଗଲ ଆଇନର ଉପଯୁକ୍ତ ଧାରା ଅଧିନରେ ଘୋଷଣା କରିବେ ।
vi) ରାଜ୍ୟ ସରକାର ସୁନିଶ୍ଚିତ କରିବେ ଯେ, ବ୍ୟବହାରକାରୀ ସଂସ୍ଥା ଠାରୁ ଆଦାୟ ହୋଇ ରାଜ୍ୟ ଜଙ୍ଗଲ ବିଭାଗରେ କ୍ଷତିପୁରଣ ଜଙ୍ଗଲ ସୃଷ୍ଟି ପାଇଁ ଦାଖଲ କରାଯାଇଥିବା ଟ.-6,2171,710/- ଓ ଜଳସେଚିତ ବୃକ୍ଷ ରୋପଣ ପାଇଁ ଟ.6,4175,510/- ଅନୁମୋଦିତ ଯୋଜନାରେ ବ୍ୟବହାର କରାଯାଇଅଛି ଅବା ଉପଯୋଗ ହେଉଅଛି । ଉକ୍ତ ପାଣ୍ଠି ଉପଯୋଗର ପ୍ରାମାଣିକ ଦସ୍ତାବିଜ ଏହି ମନ୍ତ୍ରଣାଳୟ ଏବଂ ଏହାର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ଦାଖଲ କରିବେ ।
vii) ରାଜ୍ୟ ସରକାର ରାଜ୍ୟ ବନ ବିଭାଗ ସହିତ ଆଲୋଚନା କରି ପ୍ରକଳ୍ପ ଖର୍ଚ୍ଚରେ ଅନୁମୋଦିତ ଜାଗାମାନଙ୍କରେ ଜଙ୍ଗଲି ହାତୀମାନଙ୍କ ଯିବା ଆସିବା ପାଇଁ ଚଲାପଥ ନିର୍ମାଣ କରିବେ ।
viii) ରାଜ୍ୟ ସରକାର ରାଜ୍ୟ ବନ ବିଭାଗ ସହିତ ପରାମର୍ଶ କରି ପ୍ରକଳ୍ପ ଖର୍ଚ୍ଚରେ କେନାଲ ବନ୍ଧରେ ବୃକ୍ଷ ରୋପଣ ସୁନିଶ୍ଚିତ କରିବେ ।
ix) ରାଜ୍ୟ ସରକାର ରାଜ୍ୟ ବନ ବିଭାଗ ସହିତ CAMPA ପାଣ୍ଠିରେ ଜମା ହୋଇଥିବା ଟଙ୍କାରେ ଅବବାହିକାର ଉନ୍ନତି ପାଇଁ ଅନୁମୋଦିତ ଯୋଜନା କାର୍ଯ୍ୟକାରି କରିବେ ।
x) ରାଜ୍ୟ ସରକାର ବ୍ୟବହାରକାରୀ ସଂସ୍ଥା ଦ୍ୱାରା ରାଜ୍ୟର ପୁନର୍ବାସ ଓ ଥଇଥାନ ନୀତି ଓ ଭାରତ ସରକାରଙ୍କର ଜାତୀୟ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ପୁନର୍ବାସ ଓ ଥଇଥାନ ଯୋଜନା, ପ୍ରକଳ୍ପ ଆରମ୍ଭ ପୂର୍ବରୁ କାର୍ଯ୍ୟକାରୀ କରିବେ । ଉକ୍ତ ପୁନର୍ବାସ ଓ ଥଇଥାନ ଯୋଜନାକୁ ରାଜ୍ୟ ସରକାର/MoEF&CCରେ ଆଞ୍ଚଳିକ କାର୍ଯ୍ୟାଳୟ ସୂଚକ ନିର୍ଦ୍ଦେଶକ ଏବଂ ଆଶା କରାଯାଉଥିବା ପରିଦର୍ଶନୀୟ ମାଇଲଖୁଣ୍ଟ ଅନୁସାରେ ଯାଞ୍ଚ କରିବେ ।
xi) ସୃଷ୍ଟି କରାଯାଇଥିବା ଜଳଭଣ୍ଡାରକୁ ଭାରତୀୟ ଜଳ-ଜଙ୍ଗଲ ଆଇନ 1927 ଅନୁସାରେ ନିୟନ୍ତ୍ରିତ ମାଛଧରା ଅଞ୍ଚଳ ସହିତ "ସଂରକ୍ଷିତ ଜଙ୍ଗଲ" ଭାବେ ଘୋଷଣା କରିବେ ।
xii) ସମ୍ପୃକ୍ତ ଜିଲ୍ଲାପାଳଙ୍କ ଠାରୁ ନିର୍ଦ୍ଧାରିତ ପ୍ରମାଣପତ୍ର ଦ୍ୱାରା FRA, 2006 ର ସମ୍ପୂର୍ଣ୍ଣ ପ୍ରତିପାଳନ ସୁନିଶ୍ଚିତ କରାଯିବ ।
xiii) FRL-4 ମିଟର ମଧ୍ୟରେ ଗଛକଟା ନିୟନ୍ତ୍ରିତ ହେବ ଏବଂ କେବଳ ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ଗଛ କଟାଯିବ । ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମୟରେ ଠିକ୍ ଅଣ୍ଟିଗଲା ପରି ଅଳ୍ପ ସଂଖ୍ୟକ ଗଛ କଟାଯିବ ।
xiv) ଆବଶ୍ୟକତା ଅନୁସାରେ ବ୍ୟବହାରକାରୀ ସଂସ୍ଥା ପରିବେଶ ବନ୍ଧନୀ ସଂରକ୍ଷଣ ଆଇନ 1986 ଅନୁସାରେ ପରିବେଶ ଅନୁମୋଦନ ହାସଲ କରିବେ ।
xv) ବ୍ୟବହାରକାରୀ ସଂସ୍ଥା ଜଳାଶୟର ପ୍ରାନ୍ତ ଅଞ୍ଚଳରେ ବନିକରଣ କରିବେ ।
xvi) କେନ୍ଦ୍ର ସରକାରଙ୍କର ପୂର୍ବ ଅନୁମୋଦନ ବିନା ପ୍ରସ୍ତାବରେ ଦିଆଯାଇଥିବା ଲେ-ଆଉଟ ପ୍ଲାନ ପରିବର୍ତ୍ତନ କରାଯାଇପାରିବ ନାହିଁ ।
xvii) ଜଙ୍ଗଲ ଜମିରେ ଶ୍ରମିକ ବସତି ସ୍ଥାପନ କରାଯିବନାହିଁ ।
xviii) ବ୍ୟବହାରକାରୀ ସଂସ୍ଥା, ରାଜ୍ୟ ଜଙ୍ଗଲ ବିଭାଗ କିମ୍ବା ଜଙ୍ଗଲ ଉନ୍ନୟନ କର୍ପୋରେଶନ କିମ୍ବା କୌଣସି ଅନ୍ୟ ଆଇନ ସଂଗତ ସଂସ୍ଥାଠାରୁ ଜାଳେଣୀ କାଠ ଅଥବା ଅନ୍ୟ ପ୍ରକାର ଜାଳେଣୀ ଦ୍ରବ୍ୟ କିଣି ଶ୍ରମିକମାନଙ୍କୁ ଯୋଗାଇଦେବେ ।
xix) ସଂପୃକ୍ତ DFOଙ୍କ ନିର୍ଦ୍ଦେଶ ଅନୁସାରେପ୍ରକଳ୍ପ ଖର୍ଚ୍ଚରେ ପରିବର୍ତ୍ତିତ ଜଙ୍ଗଲ ଜମିର ସୀମା ଚିହ୍ନିତ ହେବ ।
xx) ପ୍ରକଳ୍ପ କାର୍ଯ୍ୟକାରି କରିବା ପାଇଁ ପରିବହନ ନିମନ୍ତେ କୌଣସି ଅତିରିକ୍ତ ଅଥବା ନୁଆ ରାସ୍ତା ଜଙ୍ଗଲ ଭିତରେ ତିଆରି ହେବ ନାହିଁ ।
xxi) ଏହି ଅନୁମୋଦନ ବ୍ୟବହାରକାରୀ ସଂସ୍ଥାକୁ ଦିଆଯାଇଥିବା ଲିଜ୍ ଅବଧି ଅଥବା ପ୍ରକଳ୍ପ ଅବଧି, ଏହି ଦୁଇଟି ମଧ୍ୟରୁ ଯାହାର ଅବଧି କମ୍, ତା ସହିତ ଶେଷ ହେବ ।
xxii) ପ୍ରକଳ୍ପ ପ୍ରସ୍ତାବରେ ଦିଆଯାଇଥିବା ଉଦ୍ଦେଶ୍ୟ ବ୍ୟତୀତ, ଅନ୍ୟ କୌଣସି କାରଣ ପାଇଁ ଏହି ଜଙ୍ଗଲ ଜମି ବ୍ୟବହାର ହେବ ନାହିଁ ।
xxiii) ଭାରତ ସରକାରଙ୍କ ବିନା ଅନୁମତିରେ ପରିବର୍ତ୍ତନ ପାଇଁ ପ୍ରସ୍ତାବିତ ଜଙ୍ଗଲ ଜମି କୌଣସି ପରିପ୍ରେକ୍ଷୀରେ କୌଣସି ସଂସ୍ଥା, ବିଭାଗ କିମ୍ବା ବ୍ୟକ୍ତି ବିଶେଷଙ୍କୁ ଦିଆଯାଇପାରିବ ନାହିଁ ।
xxiv) ବ୍ୟବହାରକାରୀ ସଂସ୍ଥା ଏବଂ ରାଜ୍ୟ ସରକାର ଏହି ପ୍ରକଳ୍ପ ପାଇଁ ଉପଯୋଗି ନ୍ୟାୟାଳୟର ନିର୍ଦ୍ଦେଶନାମା, ବ୍ୟବସ୍ଥାବଳୀ ଆଇନ ଧାର୍ଯ୍ୟ ନିୟମ ଓ ନିର୍ଦ୍ଦେଶାବଳୀ ପାଳନ ନିଶ୍ଚିତ କରିବେ ।
xxv) ଏ ସର୍ତ୍ତାବଳୀ ମଧ୍ୟରୁ ଯେ କୌଣସିଟିର ଲଂଘନ, ଜଙ୍ଗଲ (ସଂରକ୍ଷଣ ଆଇନ 1980)ର ଉଲଂଘନ ହିସାବରେ ବିଚାର କରାଯିବ ଓ ଏହି ମନ୍ତ୍ରଣାଳୟର ପତ୍ର ସଂଖ୍ୟା 5-2/2017-FC ତାରିଖ 28.03.2019ର ପାରା 1.21 ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ।
xxvi) ବନ ଓ ବନ୍ୟ ଜନ୍ତୁ ସଂରକ୍ଷଣ ରକ୍ଷା ଓ ସେମାନଙ୍କର ଉନ୍ନତି ପାଇଁ ବିଭିନ୍ନ ସମୟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବିଭିନ୍ନ ସମୟରେ ଅନ୍ୟାନ୍ୟ ସର୍ତ୍ତାବଳୀ ଲାଗୁ କରିପାରନ୍ତି ।

ଆପଣଙ୍କର ବିଶ୍ୱସ୍ତ

**ସ୍ୱାକ୍ଷର/-17.05.2019**
**(ସନ୍ଦିପ ଶର୍ମା)**
**ଆସିଷ୍ଟାଣ୍ଟ ଇନସ୍ପେକ୍ଟର ଜେନେରାଲ ଅଫ ଫରେଷ୍ଟସ(FC)**

32343/11/0001/1920

# ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

## ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

No.: 04-PP: ୨୦୧୯-୨୦ ଆର୍ଥିକ ବର୍ଷରେ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ଉପଯୁକ୍ତ କାରିଗରମାନଙ୍କଠାରୁ ନିମ୍ନଲିଖିତ ଯୋଜନାରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । **ବାତ୍ୟା ''ଫନୀ''କୁ ଦୃଷ୍ଟିରେ ରଖି ଆବେଦନ କରିବାର ଅନ୍ତିମ ତାରିଖ ତା୨୯।୦୬।୨୦୧୯ରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଅଛି ।**

| କ୍ର.ସଂ. | ଯୋଜନାର ନାମ | ଯୋଜନା ସମ୍ବନ୍ଧୀୟ ସଂକ୍ଷିପ୍ତ ସୂଚନା |
|---|---|---|
| ୧ | ସାମର୍ଥ୍ୟ ବୃଦ୍ଧି (Capacity Building) | |
| | (କ) ଗୁରୁଶିଷ୍ୟ ପରମ୍ପରା ତାଲିମ୍ (G.S.P.) | ଜାତୀୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ/ଜାତୀୟ ହସ୍ତଶିଳ୍ପ ମେରିଟ୍ ପୁରସ୍କାର ପ୍ରାପ୍ତ/ରାଜ୍ୟ ହସ୍ତଶିଳ୍ପ ପୁରସ୍କାରପ୍ରାପ୍ତ/ରାଜ୍ୟ ନମୁନା ପୁରସ୍କାର ପ୍ରାପ୍ତ ଓ ରାଜ୍ୟ ଦକ୍ଷତା ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁ ଭାବରେ) ୧୫ଜଣ ନୂତନ କାରିଗରଙ୍କୁ ତାଲିମ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନେ ୬ ମାସ କିମ୍ବା ଅଧିକ ଅବଧିର ପ୍ରାଥମିକ ତାଲିମ ନେଇଥିବେ କିମ୍ବା ଅନ୍ୟୂନ ୩ବର୍ଷ କାମ କରିବାର ଅଭିଜ୍ଞତା ଥିବ । ଗୁରୁଙ୍କ ମାସିକ ପାରିତୋଷିକ ଟ.୨୦,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୩,୦୦୦/- । ତାଲିମ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ - ୬ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୪ ମାସ । |
| | (ଖ) ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ତାଲିମ (MCM Training) | ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ଅଧୀନରେ ସୂଚୀଭୁକ୍ତ ହୋଇଥିବା ନିପୁଣ ଶିଳ୍ପୀ (Empanelled MCM)ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗୁରୁଭାବେ) ୧୫ ଜଣ ନୂତନ କାରିଗରଙ୍କୁ ତାଲିମ୍ ପ୍ରଦାନ । ଶିକ୍ଷାର୍ଥୀ ଅନ୍ୟୂନ ଓଡ଼ିଆ ଭାଷାରେ ଲେଖା ଏବଂ ପଢ଼ା ଜାଣିଥିବେ ଓ ୧୮ରୁ ୫୦ବର୍ଷ ବୟସ ମଧ୍ୟରେ ହୋଇଥିବେ । ସେମାନଙ୍କର ହସ୍ତଶିଳ୍ପ ପ୍ରତି ରୁଚି ଏବଂ ଆଗ୍ରହ ଥିବ । ସେମାନେ ହସ୍ତଶିଳ୍ପର ଅନ୍ୟ କୌଣସି ଯୋଜନାରେ ଏହି ପ୍ରକାରର ତାଲିମ ନେଇନଥିବେ । ନିପୁଣ ଶିଳ୍ପୀଙ୍କ ମାସିକ ପାରିତୋଷିକ ଟ.୧୫,୦୦୦/- ଏବଂ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତି ଟ.୧,୦୦୦/- । ତାଲିମ୍ ଅବଧି: ଗ୍ରୁପ୍ A ହସ୍ତଶିଳ୍ପ ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୬ ମାସ । |
| | (ଗ) ଶିଳ୍ପୀଗ୍ରାମ ଯୋଜନା (Craft Village Programme) | ହସ୍ତଶିଳ୍ପ ପୁଞ୍ଜର କାରିଗରମାନଙ୍କୁ ଆତ୍ମନିଯୁକ୍ତି ସହାୟତା ପ୍ରଦାନ କରିବା ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇ ସେମାନଙ୍କର ଦକ୍ଷତା ବୃଦ୍ଧି, କାରିଗରୀ କୌଶଳ ଅଭିବୃଦ୍ଧି ତାଲିମ, ଯନ୍ତ୍ରପାତି ଯୋଗାଣ ଓ ବ୍ୟାଙ୍କ ଋଣ ପାଇଁ ସହାୟତା । ପ୍ରତି କାର୍ଯ୍ୟକ୍ରମ ପାଇଁ ୨ଟି ବା ତତୋଽଧିକ ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ୟୂନ ୩୦ଜଣ କାରିଗରଙ୍କୁ ବିଚାରକୁ ନିଆଯିବ । କାରିଗରମାନଙ୍କ ବୟସ ସୀମା ୧୮ରୁ ୫୦ବର୍ଷ । ପ୍ରଶିକ୍ଷକଙ୍କ ମାସିକ ପାରିତୋଷିକ ଟ.୧୫,୦୦୦/- ଓ ଶିକ୍ଷାର୍ଥୀଙ୍କ ମାସିକ ବୃତ୍ତିର ପରିମାଣ ଟ.୧,୦୦୦/- । ତାଲିମ୍ ଅବଧି ; ଗ୍ରୁପ୍ A ହସ୍ତଶିଳ୍ପ - ୧୨ ମାସ ଓ ଗ୍ରୁପ୍ B ହସ୍ତଶିଳ୍ପ - ୬ ମାସ । |
| ୨ | ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଓ ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (PMJJBY and PMSBY) | ହସ୍ତଶିଳ୍ପ କାରିଗର ପ୍ରତ୍ୟକ୍ଷ ଭାବରେ କାର୍ଯ୍ୟରତ ଥିବେ । ସେମାନଙ୍କ ବୟସ ତା୦୧।୦୬।୨୦୧୯ ସୁଦ୍ଧା ୧୮ ବର୍ଷରୁ ୫୦ ବର୍ଷ ମଧ୍ୟରେ ହୋଇଥିବ । ଏହି ଯୋଜନାରେ କାରିଗରଙ୍କୁ କୌଣସି ବାର୍ଷିକ ପ୍ରିମିୟମ ଦେବାକୁ ପଡ଼ିବ ନାହିଁ । ଏହି ଯୋଜନାରେ ଆବେଦନ କରିବାକୁ ଚାହୁଁଥିବା ହସ୍ତଶିଳ୍ପ କାରିଗରମାନେ ଆଧାର ନମ୍ବର, ମୋବାଇଲ ନମ୍ବର ଓ ବ୍ୟାଙ୍କ ପାସ୍ ବହିର ବିବରଣୀ ପ୍ରଦାନ କରିବା ବାଧ୍ୟତାମୂଳକ ଅଟେ । |
| ୩ | ହସ୍ତଶିଳ୍ପ କାରିଗରଙ୍କ କର୍ମଶାଳା ତଥା ବାସଗୃହ ନିର୍ମାଣ ଯୋଜନା (Workshed-cum-Housing) | ହସ୍ତଶିଳ୍ପ କାରିଗରମାନଙ୍କୁ ୨୭୦ ବର୍ଗ ଫୁଟର କର୍ମଶାଳା ତଥା ବାସଗୃହ ନିର୍ମାଣ ନିମନ୍ତେ ଟ.୧,୨୦,୦୦୦/- (IAP ଜିଲ୍ଲା ପାଇଁ ଟ.୧,୩୦,୦୦୦/-)ର ଅନୁଦାନ । ଦାରିଦ୍ର୍ୟ ସୀମାରେଖା ତଳେ ଥିବା/ଉପଯୁକ୍ତ ଦାରିଦ୍ର୍ୟ ସୀମାରେଖା ଊର୍ଦ୍ଧ୍ୱରେ ଥିବା କାରିଗର ଦରଖାସ୍ତ କରିପାରିବେ । ଆଦିବାସୀ/ହରିଜନ/ମହିଳା/ଭିନ୍ନକ୍ଷମ କାରିଗରମାନଙ୍କୁ ଅଗ୍ରାଧିକାରୀ ପ୍ରଦାନ । ପ୍ରାର୍ଥୀ ହସ୍ତଶିଳ୍ପ କ୍ଷେତ୍ରରେ ଅତିକମ୍‌ରେ ବିଗତ ୫ବର୍ଷ ଧରି କାର୍ଯ୍ୟରତ ଥିବେ । ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ପରିଚୟ ପତ୍ର ନ ଥିବା କ୍ଷେତ୍ରରେ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ/ଜିଲ୍ଲା କୁଟୀର ଶିଳ୍ପ ଅଧିକାରୀ ଏ ବିଷୟରେ ପ୍ରମାଣପତ୍ର ପ୍ରଦାନ କରିବେ । |
| ୪ | ଶିଳ୍ପୀ ଉନ୍ନତି ଯୋଜନା (S.U.Y.) | ୧୮ରୁ ୬୦ବର୍ଷ ବୟସ ସୀମା ମଧ୍ୟରେ ପାରମ୍ପରିକ/ତାଲିମ୍ ପ୍ରାପ୍ତ ହସ୍ତଶିଳ୍ପ କାରିଗରମାନଙ୍କର ଉନ୍ନତି ନିମନ୍ତେ ବ୍ୟାଙ୍କ ମାଧ୍ୟମରେ ସର୍ବାଧିକ ଟ.୫୦,୦୦୦/-ଙ୍କାର ଋଣ ପ୍ରଦାନ । କେବଳ ଚାନ୍ଦୁଆ ଶିଳ୍ପ, ପଟ୍ଟଚିତ୍ର ଓ ଟସରଶିଳ୍ପ, କାଠ ଖୋଦେଇ, ପଥର ଖୋଦେଇ, ଆଦିବାସୀ ଅଳଙ୍କାର, କଂସା ଓ ପିତ୍ତଳ ଏବଂ ଢୋକ୍ରା କାମପାଇଁ ସର୍ବାଧିକ ଟ.୧,୦୦,୦୦୦/- ଋଣ ପ୍ରଦାନ । ପ୍ରକଳ୍ପ ମୂଲ୍ୟର ୨୦% (ସର୍ବାଧିକ ଟ.୨୦,୦୦୦/-ର) ଆର୍ଥିକ ଅନୁଦାନ ସହାୟତା । |

**ବି.ଦ୍ର.:** ଗ୍ରୁପ୍ A ହସ୍ତଶିଳ୍ପ - ପଥର ଖୋଦେଇ, କାଠ ଖୋଦେଇ, ପଟ୍ଟଚିତ୍ର, ରୁପା ତାରକସି କାମ, ଢୋକରା କାମ ଏବଂ କଂସା ଓ ପିତ୍ତଳ କାମ ।

ଗ୍ରୁପ୍ B ହସ୍ତଶକ୍ଳ - ଅନୁମୋଦିତ ଅନ୍ୟ ୪୪ଗୋଟି ହସ୍ତଶିଳ୍ପ ।

ଉପରୋକ୍ତ ସମସ୍ତ ଯୋଜନା ନିମନ୍ତେ ଦରଖାସ୍ତର ନମୁନା ଓ ସବିଶେଷ ତଥ୍ୟ ସମ୍ପୃକ୍ତ ଆଞ୍ଚଳିକ ଶିଳ୍ପ କେନ୍ଦ୍ର/ଜିଲ୍ଲା ଶିଳ୍ପ କେନ୍ଦ୍ର/ସ୍ଥାନୀୟ ଶିଳ୍ପ ବିକାଶ ଅଧିକାରୀଙ୍କଠାରୁ ଉପଲବ୍ଧ ହୋଇପାରିବ । ହସ୍ତଶିଳ୍ପ କାରିଗରମାନଙ୍କୁ ଅନୁରୋଧ ସେମାନେ ଉପରୋକ୍ତ ଯୋଜନାରେ ସହାୟତାପାଇଁ ନିର୍ଦ୍ଧାରିତ ଫର୍ମରେ ଆବଶ୍ୟକୀୟ କାଗଜ ପତ୍ର ସହିତ ସମ୍ପୃକ୍ତ ଜିଲ୍ଲା ଶିଳ୍ପ କେନ୍ଦ୍ର/ଆଞ୍ଚଳିକ ଶିଳ୍ପ କେନ୍ଦ୍ରରେ ତା୨୯।୦୬।୨୦୧୯ରିଖ ସୁଦ୍ଧା ଆବେଦନ କରନ୍ତୁ । ଆବଶ୍ୟକ ସ୍ଥଳେ ଓଡ଼ିଶା ସରକାର ଉପରୋକ୍ତ ନିୟମାବଳୀର ପରିବର୍ତ୍ତନ କରିପାରିବେ ।

43002/11/0003/1920 **ସ୍ୱା./- ନିର୍ଦ୍ଦେଶକ, ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**

---

## OFFICE OF THE PRINCIPAL, SRI RAM HIGHER SECONDARY SCHOOL, KASHINAGAR

**DISTRICT, GAJAPATI, ODISHA, PIN-761206**
**E-Mail ID.srckngr@gmail.com**

**No.01** **Date: 29.05.2019**

No.05-N **QUOTATION CALL NOTICE**

The Principal, Sri Ram Higher Secondary School, Kashinagar, invites sealed Quotations from the registered suppliers/ authorized Dealers / manufacturers who are technically and financially sound and having valid GSTN, PAN, for supply of the Hardware infrastructure for Smart Class and IT Facilitation Lab (SCAIFL) at Sri Ram Higher Secondary School, Kashinagar. Bid documents consisting of required items, specifications, the schedule of quantities, term and conditions of contract and other necessary documents can be obtained from the office the undersigned during office hours except on Sundays and Public holidays and also can be downloaded from website **www.tendersorissa.gov.in //website www.gajapati.nic.in** from 10.00 A.M of 7.06.2019 and closed at 1.00 P.M of 20.06.2019. The bid documents will be received up to 5.00 P.M of Dt.20.06.2019 and opened on 21.06.2019 at 11.00 A.M. by the undersigned. Interested bidders may obtain any further information from the office of the undersigned.
Requirement of Hardware Infrastructure are as detailed below.

| Sl. No. | Name of the Item | Quantity |
|---|---|---|
| 01 | Computer System | 50 |
| 02 | Projector | 01 |
| 03 | Printer | 01 |
| 04 | Internet Hardware | 02 |

Further details of the hardware Infrastructure Requirement with Specification can be seen in the bidding documents.

**Sd./- Principal**
11039/11/0001/1920 **Sri Ram Higher Secondary School, Kashinagar**

---

## GOVERNMENT OF ODISHA
## "e"- PROCUREMENT NOTICE
## OFFICE OF THE SUPERINTENDING ENGINEER, KHORDHA

**(R&B) CIRCLE, KHORDHA WORKS DEPARTMENT**

**Tender Call Notice**

**E-mail: rbcirclekhurda@gmail.com**

**Bid Identification No. SE-Khordha (R&B)**
No.14-B **Circle-01/2019-20 Memo No - Dt.**

The Superintending Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Road works as detailed in the table below:

1. Nature of Work : Road Works
2. No. of Work : 1 No.
3. Tender Cost : Rs.10000.00 (On-Line)
4. Class of Contractor : 'B ' Class & 'A ' Class
5. Available of Bid document inthe Website : From Dt. 13.06.2019 10.00 AM to Dt. 24.06.2019, 05.00 PM 6. Date of opening of Bid : Dt. 25.06.2019 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: **https://tenderodisha.gov.in.** Any Addendum / Corrigendum / Cancellation of tender can also be seen in the said website.

34127/11/0001/1920 **Sd./- Superintending Engineer**

---

## GOVT. OF ODISHA

No.84-O

**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BHAWANIPATNA**
**Bid identification No. BPT/Online-04/2019-20**
**Date10.06.2019**

**NOTICE INVITING TENDERS FOR BRIDGE WORK IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Patelpada to Sandibahali Road under UPANTA for the year 2018 19 in the District of Nuapada.
2. No of Works : 1No.
3. Location details : Nuapada District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/-
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 17.06.2019 11.00 A.M. | 08.07.2019 5.00 P.M. | 06.07.2019 | 09.07.2019 |

Further details can be seen from the website **"www.tendersorissa.gov.in"**

**Sd./- Superintending Engineer**
25102/11/0004/1920 **Rural Works Circle, Bhawanipatna**

---

## GOVERNMENT OF ODISHA
## OFFICE OF THE SUPERINTENDING ENGINEER
## RURAL WORKS CIRCLE, Bhawanipatna

**NOTICE**

**FOR PRADHAN MANTRI GRAM SADAK YOJANA (PMGSY BATCH-I)**
**NATIONAL COMPETITIVE BIDDING THROUGH "e"-Procurement**
**Bid identification No. BPT/Online-01/2019-20**

**No. 81-O:-** The Superintending Engineer, Rural Works Circle, Bhawanipatna on behalf of Odisha State Rural Road Agency invites the percentage rate bids in electronic tendering system for construction of roads under Pradhan Mantri Gram Sadak Yojana in the districts of Kalahandi & Nuapada for 04 Packages (Four) number of packages with estimated cost totalling to Rs.9.01 Cr (Approximate) including their maintenance for five years from the eligible contractors registered with State PWD / CPWD / MES / Railways. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd.17.06.2019.

Availability of Bid Documents and mode of submission: The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB in the O/o the Engineer-In-Chief, Rural Works (PMGSY Branch), Odisha, Bhubaneswar/Superintending Engineer, Rural Works Circle, Bhawanipatna/ Concerned Executive Engineers, R.W.Division (as per Tender Call Notice), on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

Last Date/ Time for receipt of bids through e-procurement: 08.07.2019 up to 5.00 P.M

For further details and corrigendum/addendum (if any) please log on to www.pmgsytenders.gov.in.

***Sd./- Superintending Engineer***
25102/11/0001/1920 ***R.W. Circle, Bhawanipatna***

---

## DIRECTORATE OF FISHERIES, ODISHA, CUTTACK

**Phone no: 0671-2414061, Fax: 0671-2410521,**
**email:director.odifish@gmail.com**
Departmental web site:-www.odishafisheries.com

**DTCN No. 6824 /RD-XVII-DDIF-61/19**
**Dated, Cuttack, 11th June, 2019**

No.10-M: Tender Notice for award of contract for providing of services of 8 Nos of Data Entry Operator, 43 nos of Peon, 32 Nos. of Choukidar and 1 no of Sweeper for a period of one year from the date of agreement.

Sealed tenders are invited from reputed manpower agencies/service provider to provide the services of Data Entry Operators, Peons, Choukidars and Sweeper for a period of one year through a suitable placement agency on contract basis for day to day official work.

The detailed information for outsourcing the services of aforesaid posts has been given in the tender document which shall be downloaded from the Odisha Government portal Tender section link(http://www.odisha.gov.in/tender) from 13/06/2019 to 28/06/2019 till 5p.m. The last date for submission of tender document in complete shape through registered / speed post/Courier only to Director of Fisheries, Odisha, Cuttack in his official postal address is 28/06/2019 by 5 p.m.

06015/11/0003/1920 **Sd./-Director of Fisheries**

---

## Government of Odisha
## "e" Procurement Notice

**WORKS DEPARTMENT**

**Bid Identification No. S.E.K.C., Keonjhar**
No.12-B **No. 01 / 2019-20**

**e-mail : sekcpwd_keonjhar@yahoo.com**
**Letter No. 1613 dt. 03.06.2019**

| | | | |
|---|---|---|---|
| 1. | Name of the work: | :- | Construction of One Block E Type Quarters (One Block-6 Nos) at Vigilance unit office Rourkela for the year 2018-19 |
| 2. | Estimated cost | :- | Rs. 134.69 Lakhs |
| 3. | Period of completion | :- | 06 (Six) Calendar Months |
| 4. | Date and Time of availability of Bid document in the portal | :- | From 11.00 Hours of 13.06.2019 to 16.00 Hours of 28.06.2019 |
| 5. | Last date / Time for receipt of bids in the portal | :- | 16.00 Hours of 28.06.2019 |
| 6. | Date of opening of Bid from Portal | :- | 12.00 Hours on 29.06.2019 |
| 7. | Name and address of the officer inviting Bid | :- | Superintending Engineer, Keonjhar (R&B) Circle, Keonjhar-758001. |

Further details can be seen from the e-procurement portal **"http://tendersodisha.gov.in"**

**Sd./- Superintending Engineer**
34033/11/0002/1920 **Keonjhar (R&B) Circle, Keonjhar**

---

## Government of Odisha

No.13-B

## "e" Procurement Notice

**WORKS DEPARTMENT**

**Bid Identification No. S.E.K.C., Keonjhar No. 02 / 2019-20**
**e-mail : sekcpwd_keonjhar@yahoo.com**

**Letter No.1624** **Dt. 03.06.2019**

| | | | |
|---|---|---|---|
| 1. | Name of the work: | :- | Improvement of St.Johns Church Chhak to Koel Bridge Road such as Widening & Strengthening from 0/000 to 1/336 Km with Saucer Drain for the year 2018-19 |
| 2. | Estimated cost | :- | Rs. 174.00 Lakhs |
| 3. | Period of completion | :- | 06 (Six) Calendar Months |
| 4. | Date and Time of availability of Bid document in the portal | :- | From 11.00 hours of 13.06.2019 to 16.00 Hours of 28.06.2019 |
| 5. | Last date / Time for receipt of bids in the portal | :- | 16.00 hours of 28.06.2019 |
| 6. | Date of opening of Bid from Portal | :- | 12.00 hours on 29.06.2019 |
| 7. | Name and address of the officer inviting Bid | :- | Superintending Engineer, Keonjhar (R&B) Circle, Keonjhar-758001. |

Further details can be seen from the e-procurement portal **"http://tendersodisha.gov.in"**

**Sd./- Superintending Engineer**
34033/11/0003/1920 **Keonjhar (R&B) Circle, Keonjhar**

---

## OFFICE OF THE EXECUTIVE ENGINEER

**Rayagada (R&B) Division No-I, Rayagada, Pin – 765001 .**
**Phone/Fax:(06856)222149, e-Mail: eepwd765001@gmail.com**

**Quotation Call Notice No. RC(R&B) RGD :**
No.16-B:- **01/2019-20 Dated 07.06.2019**

**No.3129** **Dated: 07.06.2019**

1. The Executive Engineer, Rayagada (R&B) Division No-I, Rayagada on behalf of Governor of Odisha invites Sealed quotation in prescribed schedule from the interested reputed Travel Agencies/ Tour Operators or private individuals having valid GSTIN and PAN in the name of the firm for providing 1(One) No. AC / Non-AC Bolero or a similar type Diesel driven vehicle having sitting capacity not more than ten including driver, which shall conform to the Terms and conditions of Detailed Quotation Call Notice for the use in the office of the Assistant Executive Engineer, Kashipur (R&B) Sub-Division, Kashipur on monthly rent basis.
2. The Detailed quotation call notice containing specifications, all other term and conditions can be obtained from the office of the Executive Engineer, Rayagada (R&B) Division on payment of Rs. 100/- (Rupees One hundred) only from 11.00 hours of dt 22.06.2019 to 16.30 hours of dt. 06.07.2019.
3. The quotation completed in all respect should be delivered in the tender box having quotation No. RC(R&B)RGD-01/2019-20.
4. The quotation received shall be opened at 11.00 AM of 08.07.2019 in the office of the Executive Engineer, Rayagada (R&B) Division No-I at Rayagada.
5. A sum of Rs 5000/- (Rupees five thousand ) only shall be deposited by the intending bidders in shape of Term Deposit Receipt drawn in favour of the Executive Engineer, Rayagada (R&B) Division No-I, Rayagada payable at Rayagada and submitted along with the quotation as security deposit. After completion of tender process, the amount will be refunded to unsuccessful bidders.
6. The other details can be seen in the Detailed Quotation call notice.
7. The authority reserves the right to accept or cancel the above quotation without assigning any reason thereof.

**Sd./- (P.M.Mishra), Executive Engineer**
34040/11/0001/1920 **Rayagada (R&B) Division No-I**

---

See Career Appointment on every Wednesday & Saturday

# ପୁଣି ବାଜିବ ଆଶୁତୋଷଙ୍କ ସାହାନାଇ


ଆଶୁତୋଷ


ଝିଲିକ୍


ଅମ୍ଲାନ

ଥରେ ମନେ ପକାନ୍ତୁ ନା ଗୌରୀ ଗଣନାଟ୍ୟ ପରିବେଷିତ ଅପେରା ନାଟକ 'ବାଜିବ ଲୋ ସାହାନାଇ'କୁ। ସେହି ସମୟରେ ଆଶୁତୋଷ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକଟି ଯାତ୍ରାପ୍ରେମୀଙ୍କୁ ଫୁଲ୍ ଏଣ୍ଟରଟେନମେଣ୍ଟ କରିଥିଲା। ହେଲେ ଏବେ ଆଶୁତୋଷଙ୍କ ସାହାନାଇ ପୁଣି ଥରେ ବାଜିବାକୁ ଯାଉଛି। ହେଲେ ଏଥର ଯାତ୍ରା ମଞ୍ଚରେ ନୁହେଁ ବଡ ପରଦାରେ। ଅର୍ଥାତ୍,

ଏହି କାହାଣୀକୁ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦେବାକୁ ଯାଉଛନ୍ତି ନବାଗତ ପ୍ରଯୋଜକ ଜନ୍ମେଜୟ ଡଗରା। ଏହାର ଟାଇଟଲ ରହିଛି 'ବାଜିବ ଲୋ ସାହାନାଇ'। ତା'ସହ ଏହାକୁ କିପରି ଏକ ସୁନ୍ଦର ସିନେମାଟିଏ କରାଯାଇପାରିବ ସେ ନେଇ ପୂରା ଦମ୍‌ରେ ଅଣ୍ଟା ଭିଡିଛନ୍ତି ଆତୁତୋଷ। ଶୁଭ ବିବାହରେ ସାହାନାଇଟିଏ ଲୋଡା ପଡ଼େ। ଏହାକୁ ପେସା କରି ଚଳୁଥିବା ଲୋକଟିର ଜୀବନରେ କେମିତି କଳା ଅନ୍ଧାର ଘୋଟି ଆସେ ଆଉ ତା'ପରେ କ'ଣ ହୁଏ ତାହାକୁ ନେଇ କାହାଣୀ ଗତିଶୀଳ। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରହିଛନ୍ତି ସମ୍ଭିତ, ଅମ୍ଲାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ (ଟିଟନ)। ଚଳଚ୍ଚିତ୍ରର ବୈଷୟିକ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ସୁରେଶ ଦାସ।


ସମ୍ଭିତ


କ୍ରିତି ସାନନ୍

## ବଲିଉଡ୍ ହାଲ୍‌ଚାଲ୍

❖ରିଲିଜ ଅପେକ୍ଷାରେ ଥିବା 'ଅର୍ଜୁନ ପାତିଆଲା', 'ହାଉସଫୁଲ-୪' ଏବଂ 'ପାନିପଥ'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି କ୍ରିତି ସାନନ୍।

❖ତୁଷାର ହୀରାନନ୍ଦିନୀଙ୍କ ନିର୍ଦ୍ଦେଶିତ 'ସାନ୍ଦ କି ଆଁଖ୍' ଚଳିତବର୍ଷ ଅକ୍ଟୋବର ୨୫ରେ ରିଲିଜ ହେବାକୁ ଯାଉଛି। ଏଥିରେ ତାପସୀ ପାନ୍ନୁ ଜଣେ ବୟସ୍କା ମହିଳା ଭୂମିକାରେ ଅଭିନୟ କରିଛନ୍ତି।

❖ପାରିଶ୍ରମିକ ପାଇଁ ସାରା ଅଲ୍ଲୀ ଖାଁ ଏକ ଭଲ ଅଫରକୁ ହାତଛଡା କରି ଅନୁତାପ କରୁଛନ୍ତି।

❖ଅକ୍ଷୟ କୁମାର ଏବେ ଥାଇଲାଣ୍ଡରେ ଡେରା ପକାଇଛନ୍ତି। କାରଣ ସେ ଅଭିନୟ କରୁଥିବା ରୋହିତ ସେଟ୍ଟିଙ୍କ 'ସୂର୍ଯ୍ୟବଂଶୀ'ର ଶୁଟିଂ ସେଠାରେ ଚାଲିଛି।

❖କପିଳ ଦେବଙ୍କ ଜୀବନୀକୁ ନେଇ ନିର୍ମିତ ହେବାକୁ ଯାଉଥିବା ହିନ୍ଦୀ ସିନେମା '୮୩'ରେ ଦୀପିକା ପାଦୁକୋନ ଅଭିନୟ କରିବେ। ଏଥିରେ ସେ କପିଳଙ୍କ ପତ୍ନୀ ରୋମି ଭୂମିକାରେ ଅବତୀର୍ଣ୍ଣ ହେବେ। ଫିଲ୍ମଟିର ନିର୍ଦ୍ଦେଶନା ଦେବେ କବୀର ଖାଁ। ଏଥିରେ କପିଳ ଚରିତ୍ରରେ ଦେଖାଦେବେ ରଣବୀର ସିଂ।

# ସ୍ମୃତିରେ ରଜ

**ଓଡ଼ିଆ ପର୍ବପର୍ବାଣି ମଧ୍ୟରେ ରଜ ସବୁବେଳେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ। ତିନି ଦିନର ମାହୋଲର ପ୍ରତିଟି ମୁହୂର୍ତ୍ତରେ କେବଳ ମଜା ହିଁ ଭରି ରହିଥାଏ । ଦୋଳି, ତାସ ଖେଳକୁ ବାଦ୍ ଦେଲେ ପିଠାପଣାର ଆସର ଏହି ପର୍ବକୁ ଆହୁରି ରଙ୍ଗିନ କରିଦିଏ। ଏହି ସମୟରେ ପ୍ରାୟ ଅନେକେ ପ୍ରେକ୍ଷାଳୟ ଭିତରେ ଓଡ଼ିଆ ସିନେମାର ମଜା ନେଇ ଥାଆନ୍ତି। ଓଡ଼ିଆ ଚଳଚ୍ଚିତ୍ର ଜଗତ ସହ ଜଡିତ ବ୍ୟକ୍ତିବିଶେଷଙ୍କ ପାଇଁ ଏହି ପର୍ବ କେତେ ସ୍ମରଣୀୟ ହୋଇଥାଏ ସେ ସମ୍ପର୍କରେ କେତେ ଜଣ ଯାହା କହନ୍ତି...**



**ଅଶୋକ ପତି (ନିର୍ଦ୍ଦେଶକ) :** ରଜରେ ମଉଜମସ୍ତି କରିବାକୁ ଓଡ଼ିଶାବାସୀ ବେଶ୍ ପୂର୍ବରୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଥାଆନ୍ତି। କାରଣ ଏହା ହେଉଛି ଏଣ୍ଟରଟେନମେଣ୍ଟର ଏକ ବଡ ଉତ୍ସବ। ରଜ ତିନି ଦିନ ଛୁଟି ଥାଏ। ଏହି ପର୍ବର ମଜା କିପରି ନେବେ ସେଥିପାଇଁ ଅନେକ ପୂର୍ବରୁ ଯୋଜନା କରିସାରିଥାଆନ୍ତି। ପିଠାପଣା, ଦୋଳିଖେଳକୁ ବାଦ୍ ଦେଇ ଅନେକ ଓଡ଼ିଆ ସିନେମାଟିଏ ଦେଖିବାକୁ ଯାଇଥାଆନ୍ତି। ସେହି ସମୟରେ ସ୍କୁଲ କଲେଜ ଛୁଟି ଥାଏ। ତେଣୁ ଯୁବପିଢ଼ିଙ୍କ ମନରେ ଓଡ଼ିଆ ସିନେମାକୁ ନେଇ ଏକ ସ୍ୱତନ୍ତ୍ର ଭାବନାଥାଏ। ଅନେକ ସପରିବାର ସିନେମା ଦେଖିବାକୁ ଯାଆନ୍ତି, କାରଣ ଏକାଠି ଏହି ପର୍ବର ମଜା ଉଠାଇବାର ଅନୁଭୂତି ନିଆରା। ମୋ ମତରେ ଓଡ଼ିଆ ସିନେମାଟିଏ ରିଲିଜ କରି କିଛି ବିଜ୍‌ନେସ କରିବାର ବେଷ୍ଟ ସମୟ ହେଉଛି ରଜ। ତେଣୁ ରଜ ସମୟରେ ଓଡ଼ିଆ ଫିଲ୍ମ ଯେତେବେଳେ ବଡ ପରଦା ଉପରକୁ ଆସେ ସେତେବେଳେ ତାହାର ସଫଳତାକୁ ନେଇ କେବଳ ସେଥିରେ ଅଭିନୟ କରୁଥିବା କଳାକାର ନୁହନ୍ତି, ପ୍ରଯୋଜକ, ନିର୍ଦ୍ଦେଶକ ଅନେକ ଆଶା ବାନ୍ଧିଥାଆନ୍ତି। ମୋ ନିର୍ଦ୍ଦେଶିତ 'ମୁଁ ତତେ ଲଭ୍ କରୁଛି' ରଜରେ ରିଲିଜ ହୋଇ ହିଟ୍ ହୋଇଥିଲା। ଏହାବ୍ୟତୀତ ମୋ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ସଞ୍ଜୁ ଆଉ ସଞ୍ଜନା', 'ସୁପର ମିଛୁଆ', 'ଲଭ୍ ଷ୍ଟେଶନ', 'ସିଷ୍ଟର ଶ୍ରୀଦେବୀ', 'ସୁନ୍ଦରଗଡର ସଲମାନ ଖାଁ' ରଜରେ ରିଲିଜ ହୋଇ ଭଲ ବିଜ୍‌ନେସ କରିଥିଲା। ଏହି ଫିଲ୍ମଗୁଡ଼ିକ ପାଇଁ ଯେଉଁ ପରିଶ୍ରମ ହୋଇଥିଲା ତାହାର ଉପଯୁକ୍ତ ମୂଲ୍ୟ ମିଳିଥିଲା ଏବଂ ତାହା ସବୁ ମୋ ମନରେ ଏବେ ବି ସ୍ମୃତି ହୋଇ ରହିଛି।

**ପ୍ରଶାନ୍ତ ପାଢ଼ୀ (ସ୍ୱର ସଂଯୋଜକ) :** ରଜ ସମୟରେ ଓଡ଼ିଆ ସିନେପ୍ରେମୀଙ୍କର ଏକ ପାର୍ବଣ ମୁଡ୍ ଥାଏ। ତେଣୁ ତାହାକୁ ଆଖି ଆଗରେ ରଖି ସିନେମା ନିର୍ମାଣ କରାଯାଏ। ମୋ ସ୍ୱର ସଂଯୋଜନାରେ ରଜରେ ରିଲିଜ ହୋଇଥିଲା 'ସଞ୍ଜୁ ଆଉ ସଞ୍ଜନା' ଏବଂ 'ମୁଁ ପ୍ରେମୀ ମୁଁ ପାଗଳ'।



ଫିଲ୍ମଦ୍ୱୟର ଗୀତଗୁଡିକ ସେ ସମୟରେ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା, ଯାହା ମୋ ପାଇଁ ସ୍ମୃତି ହୋଇ ରହିଥିବ।

**ସଞ୍ଜୟ ନାୟକ (ଟୁଟୁ, ପ୍ରଯୋଜକ) :** ମୋ ମତରେ ସବୁ ପର୍ବ ଭିତରେ ରଜ ବେଷ୍ଟ। ଆମ ପରମ୍ପରାରେ ଏହି ପର୍ବର ମଜା ନିଆରା। ବିଶେଷଭାବରେ ଝିଅମାନେ ଏହି ସମୟରେ ନୂଆ ଡ୍ରେସ ପିନ୍ଧି ବୁଲାବୁଲି କରି ଏହାର ମଜା ଉଠାନ୍ତି। ରଜରେ ପରିବାର ସଦସ୍ୟଙ୍କ ସହ ଓଡ଼ିଆ ସିନେମାଟିଏ ଦେଖିବାକୁ କିଏ ବା ପସନ୍ଦ ନ କରେ କହିଲେ ? ତେଣୁ ଏହି ସମୟରେ ଅଧିକାଂଶ ପ୍ରଯୋଜକ



ଓଡ଼ିଆ ଫିଲ୍ମଟିଏ ରିଲିଜ କରି ଭଲ ବିଜ୍‌ନେସ ଟାର୍ଗେଟରେ ଥାଆନ୍ତି। ମୋର ମନେ ଅଛି ଆମ ବ୍ୟାନର-ବ୍ରଜରାଜ ମୁଭିଜରେ ନିର୍ମିତ 'ପକା କମ୍ବଳ ପୋତ ଛତା' ରଜରେ ରିଲିଜ ହୋଇଥିଲା। ସେ ସମୟରେ ମୁଁ ଦେଖିଛି ଓଡ଼ିଆ ସିନେମା ଦେଖିବାକୁ ଲୋକମାନେ କିପରି ପାଗଳ ପରି ହେଉଥିଲେ। ଯଦି ଗୋଟିଏ ଶୋ' ପାଇଁ ଟିକେଟ ନ ମିଳିଲା ପରବର୍ତ୍ତୀ ଶୋ ଦେଖିବାକୁ ସେମାନେ ଅପେକ୍ଷା କରୁଥିଲେ। କାରଣ ସେତେବେଳେ ଭଲ ଓଡ଼ିଆ ଫିଲ୍ମ ପ୍ରସ୍ତୁତ ହେଉଥିଲା ଏବଂ ଦର୍ଶକ ସେଗୁଡିକୁ ବାରମ୍ବାର ଦେଖୁଥିଲେ। ଏବେ ସେ ମାହୋଲ ଆଉ ନାହିଁ। ଆମ ବ୍ୟାନରରେ 'ମୋ କୋଳ ତୋ ଝୁଲଣା', 'ପ୍ରେମୀ ନମ୍ବର ୱାନ' ପରି ସିନେମା ରଜରେ ରିଲିଜ ହୋଇ ଦର୍ଶକାଦୃତ ହୋଇଛି, ଯାହା ମୋ ପାଇଁ ସବୁବେଳେ ସ୍ମୃତି ହୋଇ ରହିବ।

**ଡ. ରଜନୀ ରଞ୍ଜନ (ସଂଳାପକାର) :** ରଜରେ ସିନେମାଟି ରିଲିଜ ହେବା ଏବଂ ତାହା ଦର୍ଶକଙ୍କୁ ପ୍ରଭାବିତ କରିବା ସବୁଠାରୁ ବଡ଼ କଥା। କାରଣ ଏଥିପାଇଁ କେବଳ କାହାଣୀ କିମ୍ବା ଦୃଶ୍ୟାୟନ ନୁହେଁ, ଚଳଚ୍ଚିତ୍ରର ସଂଳାପ, ଚିତ୍ରନାଟ୍ୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ମୋର ମନେ ପଡୁଛି ଲୁଟୁ ମହାନ୍ତିଙ୍କ ପ୍ରଯୋଜିତ ତଥା ବାବୁସାନ୍



ଅଭିନୀତ 'ସଞ୍ଜୁ ଆଉ ସଞ୍ଜନା' ରଜରେ ରିଲିଜ ହୋଇଥିଲା। ଏହାର ପ୍ରିମିୟମ ପରେ କେତେକ ଦର୍ଶକ ଏହି ସିନେମାର ପ୍ରତିଟି ବିଭାଗକୁ ବେଶ୍ ପ୍ରଶଂସା କରିଥିଲେ। ଏହା ତ ମୋ ପାଇଁ ଏକ ସ୍ମୃତି, ତା' ବ୍ୟତୀତ 'ମୁଁ ପ୍ରେମୀ ମୁଁ ପାଗଳ' ମଧ୍ୟ ରଜରେ ପରଦା ଉପରକୁ ଆସିଥିଲା। ଏହି ଫିଲ୍ମର ସଂଳାପ ମଧ୍ୟ ମୋ ଓଡ଼ିଆ ସିନେମା କ୍ୟାରିୟରରେ ସ୍ମରଣୀୟ ହୋଇ ରହିଛି। ବାକି ରହିଲା ରଜ କଥା। ରଜର ମାହୋଲ ଯେମିତି ନିଆରା ଠିକ୍ ସେମିତି ଏହି ସମୟରେ ରିଲିଜ ହେଉଥିବା ସିନେମାରୁ ଭରପୂର ମନୋରଞ୍ଜନ ପାଇବାକୁ ଦର୍ଶକ ଚାହିଁ ବସିଥାଆନ୍ତି। ମୋର ଏହି ଫିଲ୍ମଦ୍ୱୟ ସେ ସମୟରେ ଦର୍ଶକଙ୍କୁ ଯେମିତି ପ୍ରଭାବିତ କରିଥିଲା ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।


'ତୁ ମୋ ଲଭ୍ ଷ୍ଟୋରି-୨' ଚଳଚ୍ଚିତ୍ରରେ ସ୍ୱରାଜ-ଭୂମିକା

# ଏଥର ରଜରେ..

ଚଳିତବର୍ଷ ରଜରେ ଦୁଇଟି ସିନେମା- 'ତୁ ମୋ ଲଭ୍ ଷ୍ଟୋରି-୨' ଏବଂ 'ଗୋଲମାଲ୍ ଲଭ୍' ପରଦା ଉପରକୁ ଆସୁଛି। ଖାସ୍ କଥା ହେଲା ଏହି ଫିଲ୍ମଦ୍ୱୟ ଗୋଟିଏ ବ୍ୟାନର (ତରଙ୍ଗ ସିନେ ପ୍ରଡକ୍ସନ)ରେ ନିର୍ମିତ ହୋଇଛି। ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ତୁ ମୋ ଲଭ୍ ଷ୍ଟୋରି'ରେ ସ୍ୱରାଜ-ଭୂମିକା ଯୋଡିକୁ ରିପିଟ୍ କରାଯାଇଛି। ଲଭ୍,ଇମୋଶନକୁ ନେଇ ପ୍ରସ୍ତୁତ ଏହି ସିନେମାରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଏହି ଯୋଡି ବ୍ୟତୀତ ସିଦ୍ଧାନ୍ତ ମହାପାତ୍ର, ଅନୁ ଚୌଧୁରୀଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ ଏହି ବ୍ୟାନରରେ ତଥା ତାପସଙ୍କ ନିର୍ଦ୍ଦେଶନାରେ ପୂର୍ବରୁ ନିର୍ମିତ ହୋଇଥିଲା ଟିନ୍ ଏଜ ପ୍ରେମ କାହାଣୀକୁ ଆଧାର କରି ସିନେମା 'ତୁ ମୋ ଲଭ୍ ଷ୍ଟୋରି'। ଏଥିରେ ପୂର୍ବରୁ ଶିଶୁ କଳାକାର ଭାବରେ ଅଭିନୟ କରିଥିବା ସ୍ୱରାଜ ବାରିକ ଏବଂ ଭୂମିକା ଦାଶଙ୍କୁ ନାୟକ-ନାୟିକା ଭାବରେ ବ୍ରେକ୍ ମିଳିଥିଲା।

ଅନ୍ୟପକ୍ଷରେ ରଜ ମଇଦାନରେ ପୁଣି ଥରେ ଅବତୀର୍ଣ୍ଣ ହେଉଛନ୍ତି ଓଲିଉଡ୍‌ର ଫେଭରାଇଟ୍ ଯୋଡି 'ଅଶୋକ ପତି ଏବଂ ବାବୁସାନ୍'। ଫିଲ୍ମଟି ହେଲା 'ଗୋଲମାଲ ଲଭ୍'। କମେଡିର ଫୁଲ୍ ତଡକା ଏଥିରେ ଦର୍ଶକ ପାଇବେ ବୋଲି କହନ୍ତି ନିର୍ଦ୍ଦେଶକ। ଏହି ଫିଲ୍ମରେ ବାବୁସାନ୍‌ଙ୍କ ନାୟିକା ସାଜିଛନ୍ତି ତମନ୍ନା। ଏମାନଙ୍କ ବ୍ୟତୀତ ବିଜୟ ମହାନ୍ତି, ଇଲୁ ବାନାର୍ଜୀ, ଶ୍ରୀତମ ଦାସ, ଜୀବନ ପଣ୍ଡା ଏବଂ ନିକଟରେ ପରଲୋକଗତ ହାସ୍ୟ ଅଭିନେତା ସଲିଲ ମିତ୍ର ମଧ୍ୟ ଅଭିନୟ କରିଛନ୍ତି। ସ୍ୱର ସଂଯୋଜକ ଅଭିଜିତ ମଜୁମଦାର ମଧ୍ୟ ନିଜ ଗୀତଗୁଡ଼ିକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି।

ଏହି ଫିଲ୍ମ ଦ୍ୱୟ ବ୍ୟତୀତ ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜିତ ଏବଂ ପପୁ ପମପମଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଚିରକୁଟ୍' ରିଲିଜ ହେବାର ଯୋଜନା ରହିଛି। ଏଥିରେ ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ନବାଗତ ଯୋଡି 'ଅରୋଜିତ-ଅନନ୍ୟା'।


'ଗୋଲମାଲ୍ ଲଭ୍' ଚଳଚ୍ଚିତ୍ରରେ ବାବୁସାନ୍-ତମନ୍ନା